# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୧୪/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, June 14/2024 | Page 16 | ₹ 7.00 | BALASORE

୫୦ଶ ଭାଗ ୨୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 200 | ମୂଲ୍ୟ ₹୭/-








KP
GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।



# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୧୪/୨୦୨୪ | Bhubaneswar, Friday, June 14/2024 | ପୃଷ୍ଠା-୧



## ଦିବ୍ୟାଙ୍କୁ ବିଶ୍ୱ ଟାଇଟଲ

ଭାରତର ଦିବ୍ୟା ଦେଶମୁଖ ବିଶ୍ୱ ଜୁନିୟର ବାଳିକା ଚେସ୍ ଚାମ୍ପିୟନଶିପ୍ ଟାଇଟଲ ଜିତିଛନ୍ତି।

୧୩ ୧୦

## ଆସୁଛି 'ବର୍ଡର ୨'

୧୯୯୭ରେ ମୁକ୍ତିଲାଭ କରିଥିବା ଲୋକପ୍ରିୟ 'ବର୍ଡର' ଚଳଚ୍ଚିତ୍ରର ସିକ୍ୱେଲ 'ବର୍ଡର ୨' ଖୁବ୍‌ଶୀଘ୍ର ପରଦାକୁ ଆସୁଥିବା ଅଭିନେତା ସନି ଦେଓଲ ଘୋଷଣା କରିଛନ୍ତି।



# ଏନ୍‌ଇଇଟି ବିଭ୍ରାଟ ଭୁଲ୍ ମାନିଲା କେନ୍ଦ୍ର

## ୧,୫୬୩ ପିଲାଙ୍କ ଗ୍ରେସ୍ ମାର୍କ ରଦ୍ଦ, ୨୩ରେ ପୁଣି ପରୀକ୍ଷା ଦେବେ

**ଦେଶରେ ଡାକ୍ତରୀ ପଢ଼ିବା ପାଇଁ ଏନ୍‌ଇଇଟି-ୟୁଜି ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କୁ ୯ ଦିନର ଲଢ଼େଇ ପରେ ସଫଳତା ମିଳିଛି। ଜୁନ୍ ୪ରେ ପ୍ରକାଶିତ ପରୀକ୍ଷା ଫଳକୁ ଯଥାର୍ଥ ଦର୍ଶାଇ ଆସୁଥିବା କେନ୍ଦ୍ର ସରକାର ଶେଷରେ ଏହା ତ୍ରୁଟିପୂର୍ଣ୍ଣ ଥିଲା ବୋଲି ସୁପ୍ରିମକୋର୍ଟରେ ମାନିଛନ୍ତି। ୧,୫୬୩ ପିଲା ପାଇଥିବା ଗ୍ରେସ୍ ମାର୍କକୁ ଫେରାଇ ନିଆଯିବ। ଏହି ଛାତ୍ରୀଛାତ୍ର ଚାହିଁଲେ ଜୁନ୍ ୨୩ରେ ପୁଣି ପରୀକ୍ଷା ଦେଇପାରିବେ, ଯାହାର ରେଜଲ୍ଟ ୩୦ ତାରିଖରେ ପ୍ରକାଶ ପାଇବ ବୋଲି ଗୁରୁବାର ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦୁଇଜଣିଆ ଖଣ୍ଡପୀଠଙ୍କୁ ଅବଗତ କରାଇଛି।**

ନୂଆଦିଲ୍ଲୀ,୧୩।୬

ମେଡିକାଲ କଲେଜରେ ନାମଲେଖା ଲାଗି ଚଳିତ ବର୍ଷର ଏନ୍‌ଇଇଟି-ୟୁଜି ପରୀକ୍ଷା ମେ' ୫ରେ ଅନୁଷ୍ଠିତ ହୋଇଥିଲା। ପରୀକ୍ଷା ଫଳ ଜୁନ୍ ୪ ତାରିଖରେ ପ୍ରକାଶ ପାଇଥିଲା। ୬୭ ଜଣ ପିଲା ୧୦୦ ପ୍ରତିଶତ ମାର୍କ ରଖି ସର୍ବଭାରତୀୟ ସ୍ତରରେ ପ୍ରଥମ ର୍ୟାଙ୍କ୍‌ରେ ସ୍ଥାନିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୬ ପିଲା ଗୋଟିଏ ପରୀକ୍ଷା କେନ୍ଦ୍ରର ଥିଲେ। ପ୍ରଶ୍ନପତ୍ର ଲିକ୍, ଅସାଧୁ ଉପାୟ ଅବଲମ୍ବନ ସହ ଅନିୟମିତତା ନେଇ ଅଭିଯୋଗ ଆନ୍ଦୋଳନ ଜୋର୍‌ଦାର ହେବା ସହ ପରୀକ୍ଷା ଫଳ ରଦ୍ଦ କରି ସାନି ପରୀକ୍ଷା ପାଇଁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ଜୁଲାଇ ୬ରେ ହେବାକୁ ଥିବା ଏନ୍‌ଇଇଟି କାଉନସେଲିଂକୁ ସ୍ଥଗିତ ରଖିବା ନିମନ୍ତେ ଆବେଦନ ହୋଇଥିଲେ ମଧ୍ୟ ସୁପ୍ରିମକୋର୍ଟ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ପୁନଃ ପରୀକ୍ଷା କରାଇବା ନେଇ ଅଦାଲତ କେନ୍ଦ୍ର ସରକାର ଏବଂ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ଜବାବ ମାଗିଥିଲେ। ଅଭିଯୋଗର ତଦନ୍ତ ପାଇଁ ଗଠିତ ୪ଜଣିଆ କମିଟିର ସୁପାରିସ ଆଧାରରେ ଗ୍ରେସ୍‌ମାର୍କ ପାଇଥିବା ଛାତ୍ରୀଛାତ୍ରଙ୍କ ସ୍କୋରକାର୍ଡ ରଦ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ତଦନୁଯାୟୀ ପରୀକ୍ଷାରେ ଭୁଲ୍ ପ୍ରଶ୍ନ ପାଇଁ ଗ୍ରେସ୍ ମାର୍କ ପାଇଥିବା ୧,୫୬୩ ଛାତ୍ରୀଛାତ୍ରଙ୍କ ସ୍କୋରକାର୍ଡ ରଦ୍ଦ ହେବ। କେନ୍ଦ୍ର ସରକାର ଗୁରୁବାର ସୁପ୍ରିମକୋର୍ଟଙ୍କୁ ଏହା ଜଣାଇଛନ୍ତି। ଏହି ଛାତ୍ରୀଛାତ୍ର ଚାହିଁଲେ ଜୁନ୍ ୨୩ରେ ପୁନର୍ବାର ପରୀକ୍ଷା ଦେଇପାରିବେ ଏବଂ ଫଳାଫଳ ଜୁନ୍ ୩୦ରେ ଘୋଷଣା କରାଯିବ। ଯଦି ସେମାନେ ପୁନର୍ବାର ପରୀକ୍ଷା ଦେବାକୁ ନ ଚାହାନ୍ତି, ତେବେ ଗ୍ରେସ୍‌ମାର୍କକୁ ବାଦ୍‌ଦେବା ପରେ ଅବଶିଷ୍ଟ ମାର୍କକୁ ସେମାନଙ୍କ ରେଜଲ୍ଟ ବିବେଚନା କରାଯିବ ବୋଲି ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠଙ୍କୁ କେନ୍ଦ୍ର ଅବଗତ କରାଇଛି।

ଏନ୍‌ଇଇଟି ଅନିୟମିତତାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ମୋଦି ସରକାରଙ୍କ ଭୁଲ୍ କାର୍ଯ୍ୟ ପାଇଁ ଚଳିତ ବର୍ଷ ଏନ୍‌ଇଇଟି-ୟୁଜି ପରୀକ୍ଷା ଦେଇଥିବା ୨୪ ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ବିପଦରେ। ଗତ ୧୦ ବର୍ଷର ମୋଦି ସରକାରରେ ପ୍ରଶ୍ନପତ୍ର ଲିକ୍, ରିଗିଂ ଆଦି ଯୋଗୁ କୋଟି କୋଟି ଯୁବବର୍ଗଙ୍କ ଭବିଷ୍ୟତ ବରବାଦ ହେଲାଣି ବୋଲି ଖାର୍ଗେ ସମାଲୋଚନା କରିଛନ୍ତି। ଏନ୍‌ଇଇଟି ପରୀକ୍ଷାରେ କେବଳ ଗ୍ରେସ୍‌ମାର୍କ ସମସ୍ୟା ସୃଷ୍ଟି କରିଛି, ତାହା ନୁହେଁ, ପ୍ରଶ୍ନପତ୍ର ଲିକ୍ ହେବା ସହ ପରୀକ୍ଷାରେ ଦୁର୍ନୀତି ହୋଇଥିବା ସେ ଅଭିଯୋଗ କରିଛନ୍ତି। ☞ପୃଷ୍ଠା-୨



ରଜ ପୂର୍ବରୁ ଗୁରୁବାର ରାଜଧାନୀ ଭୁବନେଶ୍ୱରରେ ଦୀର୍ଘ ସମୟ ଧରି ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ସନ୍ଧ୍ୟାରେ ରସୁଲଗଡ଼ ଛକର ଦୃଶ୍ୟ। (ଫଟୋ: ମନୋରଞ୍ଜନ ମିଶ୍ର)

**ଆଜିର ସମ୍ପାଦକୀୟ**

**ଅନ୍ତର୍ଜାତୀୟ ସହଯୋଗ ଲୋଡ଼ା**

# ପି.କେ. ମିଶ୍ର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ରହିଲେ



ଡ. ପ୍ରମୋଦ କୁମାର ମିଶ୍ର

ନୂଆଦିଲ୍ଲୀ,୧୩।୬(ପି.ଟି.)

ପୂର୍ବତନ ଆଇଏଏସ୍ ଅଫିସର ଡ. ପି.କେ. ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଭାବେ ପୁନଃ ନିଯୁକ୍ତ ହୋଇଛନ୍ତି। ଏହି ନିଯୁକ୍ତି ଜୁନ୍ ୧୦ରୁ କାର୍ଯ୍ୟକାରୀ ହେବ ବୋଲି କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶନାମାରେ କୁହାଯାଇଛି। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ତାଙ୍କ ନିଯୁକ୍ତିକୁ ଅନୁମୋଦନ କରିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଡ. ମିଶ୍ର ଏହି ପଦବୀରେ ରହିବେ। ମୋଦିଙ୍କ ଅତ୍ୟନ୍ତ ବିଶ୍ୱସ୍ତ ☞ପୃଷ୍ଠା-୨

**ଅଜିତ ଡୋଭାଲ ଏନ୍‌ଏସ୍‌ଏ ପୁନଃ ନିଯୁକ୍ତ**

# ଶ୍ରୀମନ୍ଦିର ୪ ଦ୍ୱାର ଖୋଲିଲା


## ମହାପ୍ରଭୁଙ୍କ ଦର୍ଶନକଲେ ମୁଖ୍ୟମନ୍ତ୍ରୀ, ତାଙ୍କ ଟିମ୍


ପୁରୀ,୧୩।୬
(ଅଜିତ୍ କୁମାର ମହାନ୍ତି)



୨୦୨୦ କୋଭିଡ୍ ସମୟରୁ ଭକ୍ତମାନଙ୍କ ନିମନ୍ତେ ବନ୍ଦ ରହିଥିବା ଶ୍ରୀମନ୍ଦିର ଚାରିଦ୍ୱାର ଗୁରୁବାର ଖୋଲିଛି। ରାଜ୍ୟରେ ନୂତନ ସରକାର ଗଠନ ହେବାର ୧୨ଘଣ୍ଟା ଭିତରେ ଏହି ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ନୂତନ ମନ୍ତ୍ରୀ ପରିଷଦର ସମସ୍ତ ସଦସ୍ୟଙ୍କ ସହ ଭାଜପାର ବିଧାୟକ, ଏମ୍‌ପିଙ୍କ ଉପସ୍ଥିତିରେ ଶ୍ରୀମନ୍ଦିରର ୪ଦ୍ୱାର ଖୋଲିଛି। ଦୀର୍ଘଦିନ ଧରି ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ପ୍ରତିବନ୍ଧକ ହଟିଛି। ଭକ୍ତମାନେ ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଖୁସିବ୍ୟକ୍ତ କରିଛନ୍ତି।

ଚଳିତ ନିର୍ବାଚନରେ ଭାଜପା ପୂର୍ଣ୍ଣ ବହୁମତ ପାଇ ରାଜ୍ୟରେ ସରକାର ଗଠନ କରିଛି। ବୁଧବାର ମୋହନ ମାଝି ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବା ପରେ ଭକ୍ତମାନଙ୍କ ନିମନ୍ତେ ଚାରିଦ୍ୱାର ଖୋଲିବା ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ହେଲ୍ଥଏକ୍ ଇଣ୍ଡିଆର ଆଲୋଚନାଚକ୍ର, ସ୍ଥାନ: ସିଭିଲ୍ ଏସ୍‌ଡି ବିଲ୍ଡିଂ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏକାମ୍ର ଗ୍ରାମୀଣ ସାଂସ୍କୃତିକ ପରିଷଦ ପକ୍ଷରୁ ଧଉଳି ରଜ ମହୋତ୍ସବ, ସ୍ଥାନ: ଧଉଳି, ଭୌରଙ୍ଗେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ନୟାପଲ୍ଲୀ କଳିଙ୍ଗ କ୍ରୀଡ଼ା ବିକାଶ ପରିଷଦ ପକ୍ଷରୁ ନୟାପଲ୍ଲୀ ରଜ ମହୋତ୍ସବ, ସ୍ଥାନ: ନୟାପଲ୍ଲୀ କସ୍ତୁରବା ପଡ଼ିଆ/ ରାବଣ ପୋଡ଼ି ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ନେଚର ଏଜୁକେଶନ ଆଣ୍ଡ ହେଲ୍ଥ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ନେଚର ଏଜୁକେଶନ ଆଣ୍ଡ ହେଲ୍ଥର ଟ୍ରେନିଂ ସେଣ୍ଟର, ସମୟ: ଅପରାହ୍ନ ୪ଟା।
- ନ୍ୟୁ ବ୍ରାଉଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସଜିବିଶନ 'ବଏ ଡ୍ୟାନ୍ସର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦।
- ବାଙ୍କବିହାରୀ ପରିବେଶ ସମ୍ମାନ ୨୦୨୪, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।

## କଟକ

- ରେଡ଼କ୍ରସ୍ ରକ୍ତଭଣ୍ଡାର ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ପାଳନ, ସ୍ଥାନ: ରେଡ଼କ୍ରସ୍ ରକ୍ତଭଣ୍ଡାର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଆକାଶବାଣୀର ଅପା ବୀଣାପାଣି ମହାନ୍ତିଙ୍କ ୯୭ତମ ଜୟନ୍ତୀ ଉତ୍ସବ, ସ୍ଥାନ: କଟକ ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।
- ସାରସ୍ୱତ ସାଧକ ଅନ୍ନଦା ପ୍ରସାଦ ରାୟଙ୍କ ଅଷ୍ଟମ ବାର୍ଷିକ ସ୍ମୃତିସଭା, କଟକ ବଙ୍ଗାଳୀସାହିସ୍ଥିତ ରାମକୃଷ୍ଣ କୁଟୀର, ସମୟ: ସନ୍ଧ୍ୟା ୬ଟା।
- ସୁର ମନ୍ଦିର ପକ୍ଷରୁ ୨୬ତମ ରଜ ମହୋତ୍ସବ ଉଦ୍‌ଘାଟନୀ ସମାରୋହ, ସ୍ଥାନ: କଟକ କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ରଜ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଗୋପମଥୁରା ଖେଳ ପଡ଼ିଆ, ବଡ଼ମ୍ବା, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଭିଲିଗ୍ରାମ ଗ୍ରାମପଞ୍ଚାୟତସ୍ତରୀୟ ୭ମ ରଜ ମହୋତ୍ସବ – ୨୦୨୪ ଉଦ୍‌ଘାଟନ, ସ୍ଥାନ: ବିଷ୍ଣୁପୁର ନୋଡାଲ ଉଚ୍ଚବିଦ୍ୟାଳୟ ପରିସର, ନିମାପଡ଼ା, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା

- ଉତ୍ତରାୟଣୀ କ୍ଲବର ରଜ ମଉଜ, ସ୍ଥାନ: ମା'ଡମଣେଇ ମନ୍ଦିର ପ୍ରାଙ୍ଗଣ, ଜଟଣୀ, ସମୟ: ସକାଳ ୭ଟା।
- ରଜ ପିଠାପଣା ମହୋତ୍ସବ, ସ୍ଥାନ: ବଡ଼କୁଳ ପାନ୍ଥନିବାସ, ବାଲୁଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ରଜକୁମାରୀ ଉତ୍ସବ, ସ୍ଥାନ: ଓଡ଼ିଆଇ ଆର୍ଟ ସଂଗ୍ରହାଳୟ,ବଡ଼କୁଳ, ବାଲୁଗାଁ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ଓଡ଼ିଶା ରକ୍ତଦାତା ସଂଘ ଆନୁକୂଲ୍ୟରେ ବିଶ୍ୱ ରକ୍ତଦାତା ଦିବସ ପାଳନ, ସ୍ଥାନ: ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ରୂପସା, ସମୟ: ସକାଳ ୯ଟା।
- ରଜପର୍ବ ଉପଲକ୍ଷେ ନିଆଁପାଟ ପର୍ବ, ସ୍ଥାନ: ମା' ଭୂଧାରଚଣ୍ଡୀଙ୍କ ପୀଠ ସମ୍ମୁଖ, ସଜନାଗଡ଼, ନୀଳଗିରି, ସମୟ: ପୂର୍ବାହ୍ନ ୧୧ଟା।
- ରୋଟାରୀ କ୍ଲବ ପକ୍ଷରୁ ବିଶ୍ୱ ରକ୍ତଦାନ ଦିବସ, ସ୍ଥାନ: ମୂରଲୀ କଲ୍ୟାଣମଣ୍ଡପ, ସ୍ଥାନ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ମହିଳା ଓ ପୁରୁଷ ଫୁଟବଲ ସେମିଫାଇନାଲ ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ରାସଗୋବିନ୍ଦପୁର, ସମୟ: ସକାଳ ୯ଟା।
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ସମୀକ୍ଷା ବୈଠକ, ସ୍ଥାନ: ମୋରଡା ବ୍ଲକ ଅଧୀନ କଲରାପୁଲିଆ କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରଜ ଉପଲକ୍ଷେ ୨ ଦିନିଆ ଛଉନୃତ୍ୟ, ସ୍ଥାନ: ଛଉ ପଡ଼ିଆ, ପାଞ୍ଚଭାୟା, ମୋରଡ଼ା, ସମୟ: ରାତି ୮ଟା।

## ଭଦ୍ରକ

- ରଜ ମହୋତ୍ସବ ଉଦ୍‌ଘାଟନ,ସ୍ଥାନ: ରାମଗଡ଼ ମେଳଣ ପଡ଼ିଆ, ଆଗରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ, ସ୍ଥାନ: ଟିକିରା, ଆଗରପଡ଼ା, ସମୟ: ଅପରାହ୍ନ ୪ଟା।
- ରଜ ମହୋତ୍ସବ ପାଳନ, ସ୍ଥାନ: ନିମପଡ଼ା, ବନ୍ତ, ସମୟ: ଅପରାହ୍ନ ୪ଟା।
- ରଜ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଗଣିଜାଙ୍ଗ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ବାର୍ଷିକ ହରିହାଟ ଉତ୍ସବ ଘଟ ସ୍ଥାପନ, ପୂଜାର୍ଚ୍ଚନା, ସ୍ଥାନ: କପୁଣ୍ଡି ହରିହାଟ ପଡ଼ିଆ, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ରଜ ଉତ୍ସବ ଏବଂ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଡେଙ୍ଗାଚୁଆ, ଅଁରା, ନୂଆ ରମ୍ଭାସ, ମୋଟରାଗଡିଆ, ପଞ୍ଚୁଗୋଛିଆ, ହାଟଡ଼ିହୀ, ସମୟ: ସକାଳ ୮ ଟା।
- ମା' ଥାନପତି ମନ୍ଦିରରେ ବାର୍ଷିକ ଉତ୍ସବ ଏବଂ ଯଜ୍ଞ, ସ୍ଥାନ: ଆମ୍ବଗଡ଼ିଆ, ହାଟଡ଼ିହୀ, ସମୟ: ସକାଳ ୮ ଟା।
- ବାର୍ଷିକ ନାମଯଜ୍ଞ ଓ ରଜ ଉତ୍ସବ ପାଳନ, ସ୍ଥାନ: ଆମ୍ବଗଡ଼ିଆ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୦ ଟା।
- ରଜ ଉତ୍ସବ ପାଳନ, ସ୍ଥାନ: ନୀଳାଦ୍ରି କାର୍ଯ୍ୟାଳୟ, ବଡ଼ବିଲ, ସମୟ: ପୂର୍ବାହ୍ନ୧୨ଟା।
- ଜିଲାସ୍ତରୀୟ ଲୋକକଳା ଉତ୍ସବ ଓ ରଜ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ସଦର ବ୍ଲକ୍ ସେଣ୍ଡକାପ, ସମୟ: ଅପରାହ୍ନ ୨ଟା୩୦।
- ରଜ ଉତ୍ସବ, ସ୍ଥାନ: ଆନନ୍ଦପୁର ବଡ଼ଦାଣ୍ଡ, କେନ୍ଦୁଝର, ସମୟ: ଅପରାହ୍ନ ୪ଟା।
- ରଜ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: କେନ୍ଦେଇ ପଶି ଦୋଳି ପଡ଼ିଆ, ପାଟଣା, ସମୟ: ସନ୍ଧ୍ୟା ୭ ଟା।
- ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଗୀତା କର୍ତ୍ତବ୍ୟ ଶୀର୍ଷକ ପାଠଚକ୍ର, ସ୍ଥାନ: କେନ୍ଦୁଝର , ସମୟ: ସନ୍ଧ୍ୟା ୭ ଟା।

## ବ୍ରହ୍ମପୁର

- ରଜ ମହୋତ୍ସବ ପାଳନ, ସ୍ଥାନ:ଚନ୍ଦନ ନଗର,ସମୟ: ସକାଳ ୯ଟା।
- ବେଦ ପ୍ରଚାର ସମିତିର ବେଦ ପ୍ରବଚନ, ସ୍ଥାନ: ଗିରି ରୋଡ, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ବିଶ୍ୱ ରକ୍ତଦାତା ଦିବସ ପାଳନ, ସ୍ଥାନ: ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ରାମଚରିତ ମାନସ ପାରାୟଣ, ପ୍ରବଚନ ସପ୍ତମ ଦିନ, ସ୍ଥାନ: ନୂଆଗାଁ ମାନସ ପଡିଆ, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଜିଲାସ୍ତରୀୟ ଲୋକ କଳା ଦିବସ–୨୦୨୪ ପାଳନ, ସ୍ଥାନ: କଲ୍ୟାଣସିଂପୁରସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ସକାଳ ୭ରୁ ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର ପରିସର, କଲ୍ୟାଣସିଂପୁର, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀଙ୍କୁ ପ୍ରଶିକ୍ଷଣ, ସ୍ଥାନ: କୁନ୍ଦୁରା ବ୍ଲକ ସର୍ଗିଗୁଡ଼ା ଗାଁ, ସମୟ: ପୂର୍ବାହ୍ନ ୧୦ ଟା।
- ସୁନାବେଡ଼ାର ହାଲ ଶିଳ୍ପାଞ୍ଚଳରେ ପହିଲି ରଜ ଉତ୍ସବ ପାଳନ, ସ୍ଥାନ: ସୁନାବେଡ଼ାସ୍ଥିତ ଭଞ୍ଜ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ ଟା।
- ରଜ ମହୋତ୍ସବ ପାଇଁ ମହିଳାଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା, ସ୍ଥାନ: ସଂସ୍କୃତି ମହିଳା କ୍ଲବ, ରାୟଗଡା, ସମୟ: ଅପରାହ୍ନ ୪ ଟା।

## କୋରାପୁଟ

- ବିଶ୍ୱ ରକ୍ତଦାନ ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜୟପୁର ରଜାନଅର ଛକ, ସମୟ: ସକାଳ ୭ଟା।
- ବିଶ୍ୱ ରକ୍ତଦାନ ଦିବସ ଉପଲକ୍ଷେ ବୈଠକ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟର କନ୍‌ଫରେନ୍ସ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ଲକ୍ଷ୍ମୀପୁର ବ୍ଲକ ଚମ୍ପି ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ନବରଙ୍ଗପୁର ରକ୍ତ ଭଣ୍ଡାର ପକ୍ଷରୁ ରକ୍ତଦାନ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ମାଲକାନଗିରି

- ରକ୍ତଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ମାଲକାନଗିରି, ସମୟ : ସକାଳ ୮ଟା।
- କୋୟା ସମାଜ ବାର୍ଷିକ ଉତ୍ସବ, ସ୍ଥାନ: ମାଲକାନଗିରି ସଦର ଗୋରାଖୁଣ୍ଟା ପଞ୍ଚାୟତ, ସମୟ: ସକାଳ ୯ଟା।

## ସମ୍ବଲପୁର

- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୭ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ନକ୍ ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ରଜ ମଉଜ ଉତ୍ସବ, ସ୍ଥାନ : ପାନ୍ଥ ନିବାସ, ସମୟ : ଅପରାହ୍ନ ୪ଟା ୩୦।

## ବଲାଙ୍ଗୀର

- ବିଶ୍ୱ ରକ୍ତଦାନ ଦିବସ ଅବସରରେ ବିଜୁ ପଟ୍ଟନାୟକ ରେଡକ୍ରସ ରକ୍ତ ଭଣ୍ଡାର ପକ୍ଷରୁ ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ସରକାରୀ ଡାକ୍ତରଖାନା,କଣ୍ଟାବାଞ୍ଜି, ସମୟ: ପୂର୍ବାହ୍ନ ୧୦ଟା।
- ରୋଟାରୀ କ୍ଲବ ଅଫ ଇଲିଟ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା୪୫ ।

## ସୁବର୍ଣ୍ଣପୁର

- ମାରୱାଡି ଯୁବାମଞ୍ଚ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଡୁଙ୍ଗୁରିପାଲି ଡାକ୍ତରଖାନା ପରିସର, ସମୟ: ସକାଳ୮ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ଝାରସୁଗୁଡ଼ା ସହର ସନ୍ତୋଷୀ ମନ୍ଦିର, ସମୟ: ସକାଳ ୭ଟା।
- ମୁସଲିମ ସମ୍ପ୍ରଦାୟର ସାମୂହିକ ନମାଜ ପାଠ, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ ମଙ୍ଗଳ ବଜାର ମସଜିଦ ଓ ହଟଲିପଡ଼ା ମସ୍‌ଜିଦ, ସମୟ: ଅପରାହ୍ନ ୧ଟା ୩୦।
- ଶ୍ରୀମଦ୍ ଭାଗବତ କଥାମୃତ ଉଦ୍‌ଯାପନ ଉତ୍ସବ, ସ୍ଥାନ: ଝାରସୁଗୁଡା ଟିବ୍ରିୱାଲ ଧର୍ମଶାଳା, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନିଷ୍ଠା ଭବନ, ଖଣ୍ଡହଥା ବରଗଡ଼, ସମୟ: ସକାଳ ୯ଟା ଓ ଅପରାହ୍ନ ୫ଟା।
- ନିଷ୍ଠା ପରିବାରର ବାର୍ଷିକ ଉତ୍ସବ, ସ୍ଥାନ: ଆନ୍ଧ୍ରକ୍ୟାମ୍ପ, ଖଣ୍ଡହଥା, ବରଗଡ଼, ସମୟ: ସନ୍ଧ୍ୟା ୬ଟା।
- ମାର୍ଜିନା ଫୋକ ଥିଏଟର ମହୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ଢୋଲବନ୍ଧ, ପଦ୍ମପୁର, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ବିଶ୍ୱ ରକ୍ତଦାତା ଦିବସ ଅବସରରେ ଦର୍ଲିପାଲି ଯୁବକ ସଂଘ,ଜିଲା ସ୍ୱାସ୍ଥ୍ୟ ସମିତି ଏବଂ ଓଡିଶା ରକ୍ତ ଭଣ୍ଡାର ପକ୍ଷରୁ ରକ୍ତ ଦାନ ଶିବିର,ସ୍ଥାନ: ଦର୍ଲିପାଲି ବସଷ୍ଟାଣ୍ଡ,ସମୟ:ସକାଳ ୯ ଟା।

## ରାଉରକେଲା

- ବିଶ୍ୱ ରକ୍ତଦାତା ଦିବସ,ସ୍ଥାନ: ଆଇଜିଏଚ୍, ସମୟ: ସକାଳ ୮ଟା।
- ସାଗରିକା ୱେଲ ଫେୟାର କମିଟି ପକ୍ଷରୁ ରଜ ଉତ୍ସବ, ସ୍ଥାନ: ଭଞ୍ଜଭବନ, ସେକ୍ଟର– –୫ ସମୟ: ସକାଳ ୯ଟା।
- ମ୍ୟୁଜିକ୍ ସର୍କଲ ପକ୍ଷରୁ ରଜ ପ୍ରତିଯୋଗିତା, ସ୍ଥାନ: ଛେଣ୍ଡ, ସମୟ : ସକାଳ ୯ଟା।
- ଶକ୍ତିକ୍ଲବ ପକ୍ଷରୁ ପ୍ରଥମ ରଜ ପାଳନ, ସ୍ଥାନ: ଶକ୍ତିନଗର, ସମୟ: ସନ୍ଧ୍ୟା ୬ଟା।
- ଆର୍‌ଏସ୍‌ପି ପକ୍ଷରୁ ମେଘ ମହ୍ଲାର, ସ୍ଥାନ: ସେକ୍ଟର–୨୦ ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା।
- ମାସିକ ସାହିତ୍ୟ କବିତା ଆସର, ସ୍ଥାନ: ସାଂସ୍କୃତିକ ପରିଷଦ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ରକ୍ତଦାତା ଦିବସ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏକତା ଛକ, ସମୟ: ସକାଳ ୮ଟା।
- ବିଶ୍ୱ ରକ୍ତଦାତା ଦିବସ, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ସକାଳ ୯ଟା ୩୦।
- ଷ୍ଟୁଡେଣ୍ଟ ରକ୍ତଦାତା ସଂଘ ୩ୟ ବାର୍ଷିକ ଉତ୍ସବ, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଢେଙ୍କାନାଳ

- ୧୪ତମ ରଜ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଆଲତୁମା ରଜ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ମାଳପୁରା ରଜ ମହୋତ୍ସବ ଉଦଘାଟନୀ ଉତ୍ସବ, ସ୍ଥାନ: ମାଳପୁରା ଦୋଳଯାତ୍ରା ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ପକ୍ଷରୁ ରଜ ଉତ୍ସବ, ସ୍ଥାନ:ଗୋବିନ୍ଦପୁର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନ ଏନ୍‌ଏସି ଅଷ୍ଟଶମ୍ଭୁ ମନ୍ଦିର ପରିସରରେ ୩ଦିନ ଧରି ରଜ ମହୋତ୍ସବ, ସ୍ଥାନ: ଅଷ୍ଟଶମ୍ଭୁ ମନ୍ଦିର ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଭୁବନ ବିଷ୍ଣୁପ୍ରିୟା ଜୁଏଲାରୀ ଏବଂ ପ୍ରସକ୍ସ ମିଳିତ ଆନୁକୂଲ୍ୟରେ ୩ଦିନ ରଜ ମହୋତ୍ସବ ଓ ପ୍ରତିଭା ସମ୍ମାନ, ସ୍ଥାନ: ଭୁବନ ବ୍ଲକ ମାର୍ଥାପୁର, ଗଁଦିଆ ବ୍ଲକ ଷଡଙ୍ଗୀ, ଗଁଦିଆ ବ୍ଲକ ପିଙ୍ଗୁଆ ଗ୍ରାମ, ସମୟ: ମଧ୍ୟାହ୍ନ ୧୨ଟା।

## ଅନୁଗୋଳ

- ରଜ ମହୋତ୍ସବର ଉଦ୍‌ଘାଟନ, ସ୍ଥାନ: ଚନ୍ଦ୍ରବାହଳ, ଅନୁଗୋଳ ,ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ଜଗନ୍ନାଥ ଲଳିତ କଳାସଂସଦ ପକ୍ଷରୁ ରଜ ମହୋତ୍ସବ ୨୦୨୪ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।

## ନୟାଗଡ଼

- ଓଡ଼ଗାଁ କ୍ରିକେଟ ଲିଗ୍‌ର ଚତୁର୍ଥ ଦିବସ ମ୍ୟାଚ, ସ୍ଥାନ:ଓଡ଼ଗାଁ ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା।
- ରୁକ୍ମଣୀ ବିବାହ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ମଧୁବାବା ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ଶ୍ରୀଜଗନ୍ନାଥ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ସଚେତନତା ସଭା, ସ୍ଥାନ: କେଶପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୭ଟା।
- ପୁର୍ନବାସ ପକ୍ଷରୁ ରଜ ପାଇଁ ସୃଜନର ସଜବାଜ, ସ୍ଥାନ: ମାଧପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ନାମ ଯଜ୍ଞ, ସ୍ଥାନ: ମା' ସାହାଡା ସୁନ୍ଦରୀ ମନ୍ଦିର, ମେଣ୍ଟପୁର, ଆଳି, ସମୟ: ଅପରାହ୍ନ ୫ଟା।
- ମା'ପାଟକୁମାରୀ କଳାବିକାଶ ଯୁବ ସଙ୍ଗଠନ ପକ୍ଷରୁ ମେଘ ମହ୍ଲାର, ନାଟକ ଯିଏ ବାହାହେବ ସିଏ ମରିବ, ସ୍ଥାନ: ଏଣ୍ଡୁଳାପୁର, ରାଜନଗର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ୬୯ତମ ସର୍ବଭାରତୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା ଆରମ୍ଭ, ସ୍ଥାନ: ରସୁଲପୁର ବ୍ଲକ୍‌ର ଖଣ୍ଡିତର କବାଡି ଷ୍ଟାଡିୟମ, ସମୟ: ସକାଳ ୮ଟା।
- ରଜ ମହୋତ୍ସବ, ସ୍ଥାନ: ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଚି ପଞ୍ଚାୟତର ମଧୁବନ ଓ ରସୁଲପୁର ପଞ୍ଚାୟତର ଖୋସାଲିପୁର ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ରଜ ଉପଲକ୍ଷେ ମାନସିକ ବିକୃତ ଭାଇଭଉଣୀମାନଙ୍କୁ ନୂତନ ପୋଷାକ ବଣ୍ଟନ,ସ୍ଥାନ : ଯାଜପୁର ରୋଡ ସଂଘ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ ଓ ରଜ କୁଇନ ପ୍ରତିଯୋଗିତା, ସ୍ଥାନ: ଜାରକା କଳ୍ପତରୁ ଦାସ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୯ଟା।
- ରଜ ମହୋତ୍ସବ ପାଳନ, ସ୍ଥାନ: ଧର୍ମଶାଳା ବ୍ଲକ କଦମପାଳ ହାଇସ୍କୁଲ ପଡ଼ିଆ,ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ ଉପଲକ୍ଷେ ଯଜ୍ଞ ଓ ମେଳା କାର୍ଯ୍ୟକ୍ରମ, ସ୍ଥାନ : କୋରେଇ ବ୍ଲକ ରଗଡି ମା' କାମୁଡେଇ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଗୌରୀ ଶଙ୍କର ଯୁବକ ସଂଘ ଆନୁକୂଲ୍ୟରେ ରଜ ମହୋତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ୍‌ର୍ ଛତିଆ, ସମୟ: ଅପରାହ୍ନ ୨ଟା।
- ଓଡ଼ିଶା ନାଭାଲ ଟାଟା ହକି ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା, ସ୍ଥାନ: ଯାଜପୁର ହକି ପ୍ରଶିକ୍ଷଣ କେନ୍ଦ୍ର, ସମୟ : ଅପରାହ୍ନ ୩ଟା।
- ଚଣ୍ଡିଖୋଲ ନାଗରିକ କମିଟି ପକ୍ଷରୁ ବିଧାୟକ ଅମର ନାୟକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ : ଚଣ୍ଡିଖୋଲ ବସ୍‌ଷ୍ଟାଣ୍ଡ,ସମୟ : ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜି କର୍ମସ୍ଥ ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରେ ଚନ୍ଦ୍ର ଥିବାରୁ କାର୍ଯ୍ୟସିଦ୍ଧି ହେଲେ ମଧ୍ୟ ଟେନ୍‌ସନ ଲାଗିରହିବ। ପାରିବାରିକ ସମସ୍ୟା ସମାଧାନ, ଲୋକସମ୍ପର୍କ ବୃଦ୍ଧି, ସାମାଜିକ ସମ୍ମାନ୍‌ପ୍ରାପ୍ତ କରାଇବେ। ବନ୍ଧୁମିଳନ ସାଙ୍ଗକୁ ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ମନ୍ଦ ହେବନି। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସମ୍ମାନିତ ହୋଇପାରନ୍ତି।

**ବୃଷ**
ଧନସ୍ଥାନରେ ଶୁକ୍ର ଥିବାରୁ ଅଭାବବୋଧ ରହିବନି ଏବଂ ବିଳାସବ୍ୟସନାଦି ଦିଗ ପ୍ରତି ଆକର୍ଷିତ ହୋଇପାରନ୍ତି। ଦୂରଯାତ୍ରାରେ ଲକ୍ଷ୍ୟ ପୂରଣ, ବନ୍ଧୁ ମିଳନଜନିତ ଆନନ୍ଦ ଅନୁଭବ କରିବେ। ଆତ୍ମୀୟଙ୍କ କଟୁବଚନ ମନରେ ଦୁଃଖ ଦେଇପାରେ। କୌଣସି କଥା ନ ବୁଝି ବିବାଦୀୟ ଘଟଣାରେ ପକ୍ଷଭୁକ୍ତ ହେବା ଠିକ୍ ହେବନାହିଁ।

**ମିଥୁନ**
ଭାଗ୍ୟସ୍ଥାନକୁ ଧନାଧିପଙ୍କ ଦୃଷ୍ଟି ଆର୍ଥିକ ଅଭିବୃଦ୍ଧି ସହିତ ସ୍ଥାନକୁ ଦେଖୁଥିବାରୁ କାର୍ଯ୍ୟସିଦ୍ଧି ନିଶ୍ଚିତ ଘଟିବ। ସ୍ତ୍ରୀଙ୍କ ସହଯୋଗ ଦ୍ୱାରା କିମ୍ବା ଦୂରାଗତ ବନ୍ଧୁଙ୍କ ସାହାଯ୍ୟରେ ଅପ୍ରୀତିକର ପରିସ୍ଥିତିରୁ ରକ୍ଷାପାଇବେ। ପିଲାଙ୍କ କଥାକୁ ସତ୍ୟମଣି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। କଳା, ସାହିତ୍ୟ, ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ।

**କର୍କଟ**
ଶନିଙ୍କ ପ୍ରଭାବରୁ ମାନସିକସ୍ତରରେ ନିରୁତ୍ସାହିତ ରହିବେ ଫଳରେ କୌଣସି କାମ ଲାଗି ଆଗ୍ରହ ପ୍ରକାଶ କରିବେନାହିଁ। ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି କାରଣରୁ ଆନନ୍ଦ ଅନୁଭବ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ପ୍ରବଚନ ତଥା ରଚନାତ୍ମକ କାର୍ଯ୍ୟରେ ସମ୍ମାନିତ ହୋଇପାରନ୍ତି।

**ସିଂହ**
ରବିଙ୍କ ଶୁଭ ପ୍ରଭାବରୁ ସମସ୍ୟାର ସମାଧାନ, ଆର୍ଥିକ ଅଭିବୃଦ୍ଧି ସହ ବନ୍ଧୁଙ୍କୁ ମନେଇ କାମ ହାସଲ କରିପାରିବେ। ପରିବାର ଖର୍ଚ୍ଚ ପରିମାଣ ବଢ଼ିଯିବାରୁ ସମସ୍ୟା ସୃଷ୍ଟି ହୋଇପାରେ। ବ୍ୟବସାୟରେ ଲାଭବାନ୍ ହେବେ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ରାଦି ତଥା ରାଜନୀତି ଓ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା**
ବୁଧ ଭାଗ୍ୟସ୍ଥାନରେ ଗୁରୁଯୁକ୍ତ ହେତୁ ଆଜିର ଗ୍ରହଯୋଗର ସୁଫଳ ହାତେ ହାତେ ପାଇଯିବେ। ଅଟକି ରହିଥିବା କାମ, ଫାଇଲପତ୍ର, ସରକାରୀ ଋଣ, ବିବାଦୀୟ ନିଷ୍ପତ୍ତି ସବୁକିଛିର ଶ୍ରେୟ ଆପଣଙ୍କ ସପକ୍ଷରେ ଯିବ। କିନ୍ତୁ କଥା ଦେଇଥିବା ବନ୍ଧୁ କୌଣସି କଥାକୁ ଭୁଲ୍ ରୂପେ ପରିବେଷଣ କରିବେ କିମ୍ବା ଅସ୍ୱୀକାର କରିପାରନ୍ତି।

**ତୁଳା**
ମଙ୍ଗଳ ରାଶିକୁ ଦେଖୁଥିବାରୁ ମନ ଉତ୍ତେଜିତ ରହିବ କିନ୍ତୁ ଆର୍ଥିକ ସ୍ଥିତିରେ ଉନ୍ନତି ହେବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ହାସଲ କରିବା ସାଙ୍ଗକୁ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ଯେଉଁ କାମରେ ହାତ ଦେଇଛନ୍ତି ତାହା ସୁବିଧାରେ ହୋଇଯିବ। ପରିସ୍ଥିତିରେ ପଡ଼ି ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ।

**ବିଛା**
ସ୍ୱଗୃହୀ ଶନି ଯୋଗୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନ କରିବା ସକାଶେ ମନ ବଳାଇପାରନ୍ତି। ଆକସ୍ମିକ ଭାବେ ଚିନ୍ତା କରି ନ ଥିବା କୌଣସି ବିବାଦୀୟ ପରିସ୍ଥିତିରୁ ସହସା ମୁକ୍ତି ମିଳିପାରିବ। ଅଭାବ ପୂରଣ ଲାଗି ଧାରସୂତ୍ରରେ ଅର୍ଥ ଆଣିବା ପାଇଁ ଆଲୋଚନା କରିପାରନ୍ତି। ଶିଳ୍ପ, ପରିବହନ ଓ ବ୍ୟବସାୟରେ ପରିସ୍ଥିତି ପୂର୍ବପରି ରହିବ।

**ଧନୁ**
ରାହୁଙ୍କ ପ୍ରଭାବରେ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ କୌଣସି ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ର କିମ୍ବା ସାମାଜିକ କ୍ଷେତ୍ରରେ ତଥା ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହୋଇପାରନ୍ତି ଏବଂ ଭ୍ରମଣ ପାଇଁ ଯୋଜନା ବନେଇ ପାରନ୍ତି।

**ମକର**
ଅନୁକୂଳ ଗ୍ରହଙ୍କ ପ୍ରଭାବରୁ ଶାରୀରିକ, ମାନସିକ, ପାରିବାରିକ କ୍ଷେତ୍ରରେ ଶୁଭଫଳ ପାଇବେ। ସହଜରେ କାମ ହାସଲ ପାଇଁ ଚେଷ୍ଟାକଲେ ମଧ୍ୟ ସାମାନ୍ୟ ଅସୁବିଧା ଅନୁଭବ କରିବେ। ବୃତ୍ତିଗତ ଧନ୍ଦାରେ ପ୍ରତିବନ୍ଧକ ଦେଖାଦେଲେ ମଧ୍ୟ କାମ ଅଟକିବ ନାହିଁ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗିରହିବାର ସୂଚନା ରହିଛି।

**କୁମ୍ଭ**
କର୍ମାଧିପ ମଙ୍ଗଳ ସ୍ୱଗୃହକୁ ଦୃଷ୍ଟି ଦେଉଥିବାରୁ ସ୍ଥଗିତ କାମକୁ ପୁନରାୟ ଆରମ୍ଭ କରିପାରନ୍ତି। ଖର୍ଚ୍ଚାନ୍ତ ହେଲେ ମଧ୍ୟ ଋଣ ପରିଶୋଧ, ବିବାଦୀୟ ଘଟଣାର ସମାଧାନ ସହ ଆକସ୍ମିକ ଦୂରଯାତ୍ରା କରିବାକୁ ପଡ଼ିପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରୁ କ୍ଷୁବ୍ଧ ହେବେ କିନ୍ତୁ କିଛି ବି ପଦକ୍ଷେପ ନେଇପାରିବେ ନାହିଁ।

**ମୀନ**
ଅଷ୍ଟମାଧିପତି ଶୁକ୍ର ଚତୁର୍ଥସ୍ଥ ହେତୁ ପରିବାରରେ କିଛି ସମସ୍ୟା ଲାଗିରହିବା ହେତୁ ଟେନ୍‌ସନ ବଢ଼ିଯିବ। କିନ୍ତୁ ଆପଣ ବ୍ୟସ୍ତବିବ୍ରତ ନ ହୋଇ ସହଯୋଗ ଭିତ୍ତିରେ କାମକଲେ ଉପକାର ପାଇବେ। ନିର୍ମାଣାଧୀନ କାମରେ ଶେଷ ସ୍ପର୍ଶ ପ୍ରଦାନକରି ଶାନ୍ତିରେ ନିଃଶ୍ୱାସ ମାରିବେ। ଦୋକାନ, ହୋଟେଲ ମାଲିକମାନେ ଆଜି ବିଶେଷ ଲାଭବାନ୍ ହୋଇପାରନ୍ତି।

ଆଜି ଜୁନ୍ ୧୪ ତାରିଖ, ବିଶ୍ୱ ରକ୍ତଦାତା ଦିବସ, ବ୍ୟାସକବି ଫକୀର ମୋହନଙ୍କ ମହାପ୍ରୟାଣ ଦିବସ, ମାସାନ୍ତ, ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ ଶୁକ୍ରବାର, ରାଶି ନକ୍ଷତ୍ର–ଉତ୍ତରା ଫାଲ୍‌ଗୁନୀ/ସିଂହ, ଦିବା ଘ.୧୧।୫୪ ମି. ଗତେ କନ୍ୟାଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୪ମି. ଗତେ ଘ.୦୬।୫୬ମି. ମଧ୍ୟେ, ଘ.୧୨।୧୩ମି. ଗତେ ଘ.୦୨।୫୧ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୮ମି. ଗତେ ଘ.୧୧।୪୭ମି. ମଧ୍ୟେ ରାହୁକାଳ।

## ଭୁଲ୍ ମାନିଲା...

ପ୍ରଥମ ପୃଷ୍ଠାରୁ...

ପରୀକ୍ଷା କେନ୍ଦ୍ର ଏବଂ କୋଚିଂ ସେଣ୍ଟରଗୁଡ଼ିକ ମଧ୍ୟରେ ଅସାଧୁ ମେଣ୍ଟରୁ ଟଙ୍କା ବଦଳରେ ପ୍ରଶ୍ନପତ୍ର ଲିକ୍ କରାଯାଇଥିଲା ବୋଲି କଂଗ୍ରେସ ଅଧ୍ୟକ୍ଷ ଏକ୍ସ'ରେ ଲେଖିଛନ୍ତି। ଏଥିପାଇଁ ସରକାର ଏନ୍‌ଟିଏ ଉପରେ ଦୋଷ ଲଦି ଖସିଯାଇପାରିବେ ନାହିଁ। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ ଏନ୍‌ଇଇଟି ଦୁର୍ନୀତିର ତଦନ୍ତ କରାଯିବାକୁ ଖାର୍ଗେ ଦାବି କରିଛନ୍ତି। ଏନ୍‌ଇଇଟି ରେଜଲ୍ଟ ବିଭ୍ରାଟକୁ ନେଇ ସାରା ଦେଶରେ ଦେଖାଦେଇଥିବା ଉତ୍ତେଜନା ପାର୍ଲାମେଣ୍ଟରେ ପ୍ରତିଧ୍ୱନିତ ହେବ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

ଅନ୍ୟପକ୍ଷରେ ମେଡିକାଲ ଏଣ୍ଟ୍ରାନ୍ସ ପରୀକ୍ଷାରେ ପେପର ଲିକ୍ ଅଭିଯୋଗକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଖଣ୍ଡନ କରିଛନ୍ତି। ପେପର ଲିକ୍ ହୋଇଥିବାର କୌଣସି ପ୍ରମାଣ ନାହିଁ। କୌଣସି ଛାତ୍ରୀଛାତ୍ର ଯେପରି କ୍ଷତିର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏନ୍‌ଟିଏ ଅତ୍ୟନ୍ତ ବିଶ୍ୱସନୀୟ ସଂସ୍ଥା। ସେଠାରେ କୌଣସି ଦୁର୍ନୀତି ହୋଇଥିବା ଜଣାପଡ଼ିନାହିଁ ବୋଲି ଧର୍ମେନ୍ଦ୍ର ଦ୍ୱିତୀୟ ଥର ପାଇଁ ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଖବରଦାତାମାନଙ୍କୁ କହିଛନ୍ତି।

## ପି.କେ. ମିଶ୍ର ପ୍ରଧାନମନ୍ତ୍ରୀଙ୍କ...

ଭାବେ ଜଣାଶୁଣା ପି.କେ. ମିଶ୍ର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ପ୍ରଶାସନିକ କାର୍ଯ୍ୟ ଓ ନିଯୁକ୍ତିକୁ ପରିଚାଳନା କରିବେ। ୧୯୭୨ ବ୍ୟାଚ୍‌ର ଏହି ଆଇଏଏସ୍ ଅଫିସର ୧୦ ବର୍ଷ ହେଲା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ରହିଆସିଛନ୍ତି। ଏହା ପୂର୍ବରୁ ସେ କେନ୍ଦ୍ର ସରକାରରେ କୃଷି ସଚିବ ଭାବେ ଅବସର ନେଇଥିଲେ।

ସେହିପରି ସ୍ପାଏମାଷ୍ଟର ଭାବେ ଜଣାଶୁଣା ପୂର୍ବତନ ଆଇପିଏସ୍ ଅଫିସର ଅଜିତ ଡୋଭାଲଙ୍କୁ କେନ୍ଦ୍ର ସରକାର ଜାତୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଭାବେ ଗୁରୁବାର ପୁନଃ ନିଯୁକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିବେ। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ତାଙ୍କର ପୁନଃ ନିଯୁକ୍ତି ପ୍ରସ୍ତାବକୁ ଅନୁମୋଦନ କରିଥିବା କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏନ୍‌ଏସ୍‌ଏ ଭାବେ ତାଙ୍କୁ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ସୁବିଧା ମିଳିବ। ସେ ଜାତୀୟ ସୁରକ୍ଷା, ସାମରିକ ବ୍ୟାପାର ଏବଂ ଗୋଇନ୍ଦାକୁ ପରିଚାଳନା କରିବେ। ୧୯୬୮ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସର ଆତଙ୍କବାଦ ନିରୋଧୀ ବିଶେଷଜ୍ଞ ହୋଇଥିବାବେଳେ ଆଣବିକ ପ୍ରସଙ୍ଗରେ ମଧ୍ୟ ତାଙ୍କର ଅଭିଜ୍ଞତା ରହିଛି। ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଏବଂ ୨୦୧୪ ପୂର୍ବରୁ ତାଙ୍କ ସହ ଜଡ଼ିତ ହୋଇ ରହିଆସିଛନ୍ତି।

## ଶ୍ରୀମନ୍ଦିର ୪ ଦ୍ୱାର...

ନେଇ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନେଇଥିଲେ। ମୁଖ୍ୟମନ୍ତ୍ରୀ ଓ ସମସ୍ତ ମନ୍ତ୍ରୀଙ୍କ ଉପସ୍ଥିତିରେ ଗୁରୁବାର ସକାଳେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ପରେ ସମସ୍ତ ୪ଦ୍ୱାର ଭକ୍ତଙ୍କ ନିମନ୍ତେ ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିଲା। ସେହି ଅନୁସାରେ ବୁଧବାର ରାତିରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳ ଓ ଭାଜପାର ନେତାମାନେ ରାତିରେ ଆସି ପୁରୀରେ ଅବସ୍ଥାନ କରିଥିଲେ। ସକାଳୁ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦର ଉପସ୍ଥିତିରେ ମଙ୍ଗଳଆଳତି ପରେ ଭକ୍ତଙ୍କ ନିମନ୍ତେ ଚାରିଦ୍ୱାର ଖୋଲିଥିଲା। ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ମନ୍ତ୍ରିମଣ୍ଡଳ କଡ଼ା ସୁରକ୍ଷାବଳୟ ମଧ୍ୟରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ, ସେବାୟତ ଏବଂ ଦଳୀୟ କର୍ମୀମାନେ ନେତାଙ୍କୁ ସ୍ୱାଗତ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳ ଅରୁଣସ୍ତମ୍ଭକୁ ମୁଣ୍ଡିଆ ମାରିବା ସହ ସିଂହଦ୍ୱାର ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣାମ କରି ବାଇଶି ପାହାଚ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳ ଶ୍ରୀମନ୍ଦିର ଭିତର କାଠ ନିକଟକୁ ଯାଇ ମହାପ୍ରଭୁଙ୍କ ମଙ୍ଗଳ ଆଳତୀ ଦର୍ଶନ କରିଥିଲେ। ରତ୍ନସିଂହାସନାରୂଢ଼ ଶ୍ରୀବିଗ୍ରହଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ପରେ ଶ୍ରୀମନ୍ଦିର ଭିତର ବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରି କିଛି ସମୟ ଶ୍ରୀମନ୍ଦିର ପରିସରରେ ବିତାଇଥିଲେ। ଏପରି କି ବାଇଶି ପାହାଚରେ ମୁଖ୍ୟମନ୍ତ୍ରୀ ମାଝି କିଛି ସମୟ ବସି ଥିଲେ। ପରେ ବାଇଶି ପାହାଚଦେଇ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହାପରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ମୁଖ୍ୟମନ୍ତ୍ରୀ ମୋହନ ମାଝି ବୁଲି ଶ୍ରୀମନ୍ଦିରକୁ ପଦକ୍ଷିଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇ କହିଥିଲେ, ମହାପ୍ରଭୁଙ୍କ ଅପାର କରୁଣାରୁ ଭାଜପା ରାଜ୍ୟରେ ସରକାର ଗଠନ କରିଛି। ଏପରି କି ନୂତନ ସରକାର ଶପଥ ଗ୍ରହଣ କରିଛି। ଶପଥ ଗ୍ରହଣ ପରେ ନୂତନ ସରକାରଙ୍କ ପ୍ରଥମ କ୍ୟାବିନେଟ୍ ମିଟିଂ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଚାରିଗୋଟି ପ୍ରସ୍ତାବ ଗୃହୀତ ହୋଇଥିଲା। ଭକ୍ତଙ୍କ ଭାବାବେଗକୁ ନେଇ ଭକ୍ତଙ୍କ ନିମନ୍ତେ ଚାରିଦ୍ୱାର ଖୋଲାଯାଇଛି। ସମସ୍ତ ଦ୍ୱାର ଦେଇ ଭକ୍ତମାନଙ୍କୁ ଛଡ଼ା ଯାଉ ନ ଥିବାରୁ ଭକ୍ତମାନଙ୍କ ମଧ୍ୟରେ ଆକ୍ରୋଶ ରହିଥିଲା। ତେଣୁ ଭକ୍ତଙ୍କ ଭାବାବେଗକୁ ଦେଖି ଶପଥପାଠ ଗ୍ରହଣର ୨୪ ଘଣ୍ଟା ଭିତରେ ଚାରିଦ୍ୱାର ଖୋଲାଯାଇଛି। ଭକ୍ତମାନଙ୍କ ଦର୍ଶନରେ ଯେପରି କୌଣସି ସମସ୍ୟା ନ ହେବ ସେଥିପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ମହାପ୍ରଭୁଙ୍କ ଆଶୀର୍ବାଦ କାରଣରୁ ଏହା ସମ୍ଭବ ହୋଇଥିବାରୁ ମହାପ୍ରଭୁଙ୍କୁ ପ୍ରଣାମ ଜଣାଉଛି। ଆଗାମୀ ଦିନରେ କିଭଳି ସବୁକିଛି ସୁଚାରୁରୂପେ କାର୍ଯ୍ୟ ହୋଇପାରିବ ସେନେଇ ପ୍ରାର୍ଥନା କରିଛି। ତେବେ ଚାରିଦ୍ୱାର ଖୋଲିବା ପରେ ଅଧିକ ସଂଖ୍ୟାରେ ଭକ୍ତଙ୍କ ଆଗମନ ହେବ, ତେଣୁ ଭକ୍ତଙ୍କ ଯେପରି ସମସ୍ୟା ନ ହେବ ସେଥିପାଇଁ ବ୍ୟବସ୍ଥା କରାଯିବ। ପ୍ରଥମ ଦିନ ସ୍ଥିତିରେ ଅନୁଧ୍ୟାନ କରାଯାଇଛି। ପ୍ରଶାସନ ସହ ଆଲୋଚନା କରାଯାଇ ଆଗାମୀ ଦିନରେ ପଦକ୍ଷପ ଗ୍ରହଣ କରାଯିବ। ମହାପ୍ରଭୁଙ୍କ ନୀତିକ୍ରାନ୍ତି ଠାରୁ ଆରମ୍ଭ କରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଯାହା ଯାହା ପଦକ୍ଷପ ଗ୍ରହଣ କରିବାକୁ ପଡ଼ିବ ସେ ସମସ୍ତ ପଦକ୍ଷପ ଗ୍ରହଣ କରାଯିବ। ସେହିପରି ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣା ପାଇଁ ୫୦୦ କୋଟି କର୍ପସ ଫଣ୍ଡ ଗଠନ କରାଯାଇଛି। ଯାହା ସବୁ ସମସ୍ୟା ରହିଛି ଆଗାମୀ ଦିନରେ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମାଝି ସୂଚନା ଦେଇ କହିଥିଲେ। ଏହି ଅବସରରେ ପୋଲିସ ବିଭାଗ ଏବଂ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମଉଜ ମଜ୍‌ଲିସ୍‌ରେ ଉଡ଼ାଉଥିଲେ ଲୁଟ୍ ଟଙ୍କା

## ଆୟୁଷ୍ମାନ ଗ୍ୟାଙ୍ଗ୍ ଧରାପଡ଼ିଲା

ଭୁବନେଶ୍ୱର,୧୩।୬(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରରୁ ଭଦ୍ରକ, ବ୍ରହ୍ମପୁର, ଅନୁଗୋଳ ଏବଂ ପୁରୀ ଦେଇ ଯାଇଥିବା ଜାତୀୟ ରାଜପଥ ଓ ମୁଖ୍ୟରାସ୍ତାରେ ସ୍ପିଡ୍ ବାଇକ୍ ସାହାଯ୍ୟରେ ଆତଙ୍କରାଜ କରି ସୁନାଚେନ ଛିନତାଇ କରୁଥିବା ଏକ ଆନ୍ତଃ ଜିଲା ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିବାରେ ସଫଳ ହୋଇଛି। ଗତ ୬ମାସ ଧରି ପଥଚାରୀଙ୍କ ନିଦ ହଜାଇ ଦେଇଥିବା ଏହି ୫ ହାଇୱେ ଲୁଟେରା ତଥା ଆୟୁଷ୍ମାନ ଗ୍ୟାଙ୍ଗ୍‌ର ସଦସ୍ୟ ହେଲେ ଜଟଣୀର ଅୟଜ ମହମ୍ମଦ, ଦେବାଶିଷ ବାରିକ ଏବଂ ଶିବପ୍ରସାଦ ବାରିକ। ସେହିପରି ଗ୍ୟାଙ୍ଗ୍‌ର ମୁଖ୍ୟ ରାଉରକେଲାରେ ରହୁଥିବା ପୁରୀର ଆୟୁଷ୍ମାନ ତ୍ରିପାଠୀ ହୋଇଥିବାବେଳେ ଅନ୍ୟ ଜଣେ ଡେଲାଙ୍ଗର ରଜତ କୁମାର ନନ୍ଦ। ସେମାନଙ୍କଠାରୁ ୪୦ଟି ସୁନାଚେନ, ନଗଦ ୨ଲକ୍ଷ ଟଙ୍କା, ୪ଟି ଦାମୀ ବାଇକ୍ ଓ ୫ଟି ମୋବାଇଲ ଜବତ କରାଯାଇଛି। ଏ ସମ୍ପର୍କରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଭୁବନେଶ୍ୱରରେ ଥିବା ପୋଲିସ ସେବା ଭବନରେ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ଲୁଟ ଟଙ୍କାକୁ ପାଣି ପରି ଖର୍ଚ୍ଚ କରି ବିଳାସପୂର୍ଣ୍ଣ ଜୀବନ ବିତାଉଥିଲେ। ହୋଟେଲରେ ସୁନ୍ଦରୀ ଯୁବତୀଙ୍କ ସହ ରାତି ବିତାଉଥିଲେ। ଲୁଟ ଟଙ୍କାରେ ବ୍ରାଣ୍ଡେଡ ପ୍ୟାଣ୍ଟ ଶାର୍ଟ ସହ ଜୋତା ପିନ୍ଧୁଥିଲେ। ପ୍ରତିଟି ଲୁଟ ପରେ ଧରାପଡ଼ିବା ଭୟରେ ଗାଡ଼ି ସହ ନମ୍ବର ପ୍ଲେଟ ମଧ୍ୟ ବଦଳାଇ ଦେଉଥିଲେ। ପ୍ରତିଟି ଲୁଟ ପୂର୍ବରୁ ଜଟଣୀରେ ରହି ସେମାନେ ପ୍ରଥମେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ।

**୨ଲକ୍ଷ ଟଙ୍କା, ୪୦ ସୁନାଚେନ୍, ୪ ବାଇକ୍, ୫ ମୋବାଇଲ ଜବତ**

# ୬୭ ସ୍ଥାନରେ ସିବିଆଇ ଚଢ଼ାଉ

**ଡାକ ବିଭାଗରେ ଗ୍ରାମୀଣ ଡାକ ସେବକ ନିଯୁକ୍ତିରେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଦୁର୍ନୀତି ମାମଲାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଖୋଳତାଡ଼ ଆରମ୍ଭ କରିଛି। କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ରାୟଗଡ଼ା, ନବରଙ୍ଗପୁର, ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦୁଝର ଜିଲାର ପ୍ରାୟ ୬୭ଟି ସ୍ଥାନରେ ଗୁରୁବାର ସିବିଆଇ ଚଢ଼ାଉ କରିଛି। ଏହି ଚଢ଼ାଉରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଅଧିକାରୀ ସାମିଲ ହୋଇଛନ୍ତି। ସିବିଆଇ ବହୁ ବ୍ୟକ୍ତିଙ୍କୁ ପଚରାଉଚରା କରିବା ସହ ସନ୍ଦେହଜନକ ଦସ୍ତାବିଜ୍ ମଧ୍ୟ ଜବତ କରିଥିବା ସୂଚନା ମିଳିଛି। ରାଜ୍ୟରେ ନୂଆ ସରକାର ଶପଥ ନେବାର ଦିନକ ପରେ ଏହି ଚଢ଼ାଉ କରାଯାଇଥିବାରୁ ବିଭିନ୍ନ ମହଲରେ ଏହାକୁ ସ୍ୱାଗତ କରାଯାଉଛି।**

**ଗ୍ରାମୀଣ ଡାକ ସେବକ ନିଯୁକ୍ତିରେ ଜାଲ୍ ସାର୍ଟିଫିକେଟ**


- **ବହୁ ବ୍ୟକ୍ତିଙ୍କୁ ପଚରାଉଚରା, ସନ୍ଦେହଜନକ ଦସ୍ତାବିଜ୍ ଜବତ**
- **ତଦନ୍ତ ପାଇଁ ୨୦୨୩ ଏପ୍ରିଲ ୧୦ରେ ସିବିଆଇକୁ ଚିଠି ଲେଖିଥିଲେ ମହାଡାକପାଳ**

**ଭୁବନେଶ୍ୱର,୧୩।୬ (ସତ୍ୟଜିତ୍ ରାଉତ)**

ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିବା ଘଟଣାର ତଦନ୍ତ କରୁଥିବା ସିବିଆଇର ୧୨୨ଜଣ ଅଧିକାରୀଙ୍କ ସମେତ ୨୦୪ଜଣ ଅଧିକାରୀ ରାଜ୍ୟର ଏକାଧିକ ଜିଲାର ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛନ୍ତି। ନୂଆପଡା ଜିଲା ଧରମବନ୍ଧା ଥାନା ଓ ବେଲଟୁକୁରି ଥାନା ଅଞ୍ଚଳର ବହୁ ଗାଁରେ ସିବିଆଇ ଚଢ଼ାଉ କରିଛି। ସେହିପରି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଓ ନର୍ଲା ବ୍ଲକର ବିଭିନ୍ନ ସ୍ଥାନ ସହ ନର୍ଲା ଚାରିଛକସ୍ଥିତ ଶ୍ରୀୟା କମ୍ପ୍ୟୁଟର ଅନ୍‌ଲାଇନ ମାଲିକଙ୍କ ଘର, ଭଦ୍ରକ ଜିଲା ବନ୍ତ ବଜାରସ୍ଥିତ ପଦ୍ମାବତୀ ଏକାଡେମୀରେ ଓ ଭଣ୍ଡାରଗଡିଆସ୍ଥିତ ମାଲିକଙ୍କ ଘର, ନବରଙ୍ଗପୁର ଜିଲା ରାଇଘରସ୍ଥିତ ଜଣେ ଅଭିଯୁକ୍ତଙ୍କ ଘର ଉପରେ ସିବିଆଇ ଚଢ଼ାଉ କରିବା ସହ ନବରଙ୍ଗପୁର ଜିଲା ରାଇଘର ବ୍ଲକ ଏବଂ ରାୟଗଡା ଜିଲା ରାମନାଗୁଡ଼ା, ବିଷମକଟକ ଓ କଲ୍ୟାଣସିଂହପୁର ବ୍ଲକରେ ଥିବା ବିଭିନ୍ନ ଡାକ କାର୍ଯ୍ୟାଳୟକୁ ସିବିଆଇ ଅଧିକାରୀମାନେ ଯାଞ୍ଚ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଏକାଧିକ ସ୍ଥାନରେ ସିବିଆଇ ପକ୍ଷରୁ ଯାଞ୍ଚ ଜାରି ରହିଥିବାବେଳେ ବହୁ କାଗଜାଦି ଜବତ କରାଯାଇଛି। ଏପରିକି ଏକାଧିକ ବ୍ୟକ୍ତିଙ୍କୁ ପଚରାଉଚରା ମଧ୍ୟ କରାଯାଇଥିବା ଜଣାପଡିଛି। ଏହି ଖୋଳତାଡ଼ ଶୁକ୍ରବାର ମଧ୍ୟ କରାଯିବ ବୋଲି ବିଶେଷସୂତ୍ରରୁ ଜାଣିବାକୁ ମିଳିଛି।

ପ୍ରକାଶ ଯେ, ଡାକ ବିଭାଗ ପକ୍ଷରୁ ୨୦୨୩ ଜାନୁଆରୀ ୨୭ରେ ଗ୍ରାମୀଣ ଡାକ ସେବକ (ଡିଡିଏସ୍) ପଦବୀ ଅନ୍ତର୍ଗତ ବ୍ରାଞ୍ଚ ପୋଷ୍ଟ ମାଷ୍ଟର (ବିପିଏମ୍), ଆସିଷ୍ଟାଣ୍ଟ ବ୍ରାଞ୍ଚ ପୋଷ୍ଟ ମାଷ୍ଟର (ଏବିପିଏମ୍) ଓ ଡାକ ସେବକ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପଦବୀ ପାଇଁ କୌଣସି ବ୍ୟକ୍ତିଗତ ସାକ୍ଷାତ୍‌କାର ପରୀକ୍ଷା ନ ଥିଲା। କେବଳ ମାଟ୍ରିକ ମାର୍କ ଆଧାରରେ ପଦବୀ ପୂରଣ ପାଇଁ ବିଜ୍ଞପ୍ତିରେ ଦର୍ଶାଯାଇଥିଲା। ଏହାର ଫାଇଦା ନେଇ ଅଭିଯୁକ୍ତମାନେ ଜାଲ୍ ସାର୍ଟିଫିକେଟ୍ ପ୍ରସ୍ତୁତ କରି ପଦବୀ ପାଇଁ ଆବେଦନ କରିଥିଲେ। ବଲାଙ୍ଗୀର ଜିଲାରୁ ହିଁ ଏହି କାରବାରର ପର୍ଦ୍ଦାଫାଶ ହୋଇଥିଲା। ପରେ ଏହି ଲିଙ୍କ୍ ଅନ୍ୟ ଜିଲାକୁ ମଧ୍ୟ ବ୍ୟାପିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ବଲାଙ୍ଗୀର ଡାକ ମଣ୍ଡଳରେ ଚୟନ ହୋଇଥିବା ପ୍ରାୟ ୩୭ଜଣ ଆବେଦନକାରୀ ଦଶମରେ ୯୮ ପ୍ରତିଶତ ମାର୍କ ରଖିଥିଲେ। ସେମାନେ ଉତ୍ତରପ୍ରଦେଶ ବୋର୍ଡରୁ ଉତ୍ତୀର୍ଣ୍ଣ ହୋଇଥିବା ସାର୍ଟିଫିକେଟ୍ ଦେଇଥିଲେ। ତେବେ ଚୁକ୍ତିନାମା ଲେଖିବାବେଳେ ସେମାନେ ଠିକ୍‌ରେ ଇଂରାଜୀ ଲେଖି କି ପଢ଼ିପାରୁ ନ ଥିବା ଜଣାପଡ଼ିଥିଲା। ଏହାକୁ ନେଇ ସନ୍ଦେହ ହେବା ପରେ ୨୦୨୩ ମାର୍ଚ୍ଚରେ ବଲାଙ୍ଗୀର ଡାକ ଅଧୀକ୍ଷକଙ୍କ ପକ୍ଷରୁ ପ୍ରଥମେ ବଲାଙ୍ଗୀର ଟାଉନ ଥାନାରେ ଏତଲା ହେବା ପରେ ଜିଲା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ବଲାଙ୍ଗୀର ପୋଲିସ ସ୍ଥାନୀୟ ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସ ମାଲିକ ତଥା ମାଷ୍ଟରମାଇଣ୍ଡ ମନୋଜ ମିଶ୍ରଙ୍କ ସମେତ ୧୯ ଆବେଦନକାରୀଙ୍କ ସହ ୨୧ ଜଣଙ୍କୁ ଗିରଫ କରିଥିଲା। ମନୋଜଙ୍କ ପାଖରୁ ଦେଶର ୪୧ଟି ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ୫ହଜାରରୁ ଊର୍ଦ୍ଧ୍ୱ ଜାଲ ସାର୍ଟିଫିକେଟ୍ ଜବତ କରାଯାଇଥିଲା। ସାର୍ଟିଫିକେଟ୍ ପାଇଁ ୫୦ହଜାରରୁ ୫ ଲକ୍ଷ ଯାଏ କାରବାର ହେଉଥିଲା। ୨୦୨୩ ମାର୍ଚ୍ଚ ୩୧ରେ ପୋଲିସ ଡିଜି ଏନେଇ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦେଇଥିଲେ। କ୍ରାଇମବ୍ରାଞ୍ଚ ବହୁ ବୋର୍ଡ ଓ ୟୁନିଭର୍ସିଟିର ୧୫୦୦ ସାର୍ଟିଫିକେଟ୍ ଜବତ କରିବା ସହ ୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ତେବେ ଏହି ଜାଲ୍ ସାର୍ଟିଫିକେଟ୍ ମାମଲାରେ ଏକାଧିକ ରାଜ୍ୟ ସାମିଲ ଥିବାରୁ ତଦନ୍ତ ପାଇଁ ୨୦୨୩ ଏପ୍ରିଲ ୧୦ରେ ଓଡିଶା ସର୍କଲ ଡାକ ବିଭାଗ ପକ୍ଷରୁ ମହାଡାକପାଳ ସିବିଆଇକୁ ଚିଠି ଲେଖିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ନାଁରେ ଫେକ୍ ଆକାଉଣ୍ଟ




ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ 'ଏକ୍ସ'ରେ ଜାରି କରାଯାଇଥିବା ଫଟୋ।

**ଭୁବନେଶ୍ୱର,୧୩।୬(ଅନିଲ ଦାସ)**

ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝି ଶପଥ ନେବାର ଦିନକ ପରେ ତାଙ୍କ ନାମରେ ଫେକ୍(ଜାଲ୍) ଆଇଡି ଖୋଲାହୋଇଛି। ତାଙ୍କ ନାମରେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ଫେକ୍ ଆକାଉଣ୍ଟ ଖୋଲାଯାଇ ଫେକ୍ ନ୍ୟୁଜ୍ ପୋଷ୍ଟ ହେଉଛି। ସେଥିରୁ ଅନେକଗୁଡ଼ିଏ ଇଲେକ୍ଟ୍ରୋନିକ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏଭଳି ଘଟଣା ସମ୍ପର୍କରେ ଜାଣିବା ପରେ ସରକାରଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପୋଷ୍ଟ କରିଥିବା ପେଜ୍‌ରୁ ଦେଖିବାକୁ ମିଳିଛି ଦୁଇଟି(ଫେକ୍ ଓ ପ୍ରକୃତ)ର ମାଷ୍ଟହେଡ୍ ସମାନ ରହିଥିଲା ବେଳେ ଫେକ୍ ଆକାଉଣ୍ଟ @mohan-majhi_BJP ଲେଖାଯାଇଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୃତ 'ଏକ୍ସ' ଆକାଉଣ୍ଟ ହେଉଛି @MohanModisha। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଫେସ୍‌ବୁକ୍ ଆକାଉଣ୍ଟ https://facebook.com/MohanMOdisha ରହିଥିବା ବେଳେ Instagram https://instagram.com/mohanmodisha ରହିଛି।

ଗୁରୁବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଫେକ୍ 'ଏକ୍ସ' ଆକାଉଣ୍ଟରେ ୫ଟି ଓ ମୋ ସରକାର ହଟାଗଲା ବୋଲି ଏକ ପୋଷ୍ଟ ଲେଖାଯାଇଥିଲା। ଏହି ପୋଷ୍ଟ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ମଧ୍ୟ ହୋଇଥିଲା। ଏହାକୁ ନେଇ ଚର୍ଚ୍ଚା ମଧ୍ୟ ହୋଇଥିଲା। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ୫-ଟି ଓ ମୋ ସରକାର ସମ୍ପର୍କିତ ଖବର ପ୍ରକାଶ ପାଇଥିବା 'ଏକ୍ସ' ଆକାଉଣ୍ଟଟି ମୁଖ୍ୟମନ୍ତ୍ରୀଙ୍କର ନୁହେଁ ବୋଲି ଓଡ଼ିଶା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଗସ୍ତଠାରୁ ଆରମ୍ଭ କରି ବିଭିନ୍ନ ପ୍ରସ୍ତାବ ମଞ୍ଜୁରୀକୁ ନେଇ ମଧ୍ୟ ଲଗାତର ପୋଷ୍ଟ ଫେକ୍ ଆକାଉଣ୍ଟରୁ ଆସୁଛି। ଏପରି କି ସିଏମ୍‌ଓ ଓଡ଼ିଶା ଓ ଭାଜପା ଓଡ଼ିଶା ଏକ୍ସ ହ୍ୟାଣ୍ଡେଲ ମଧ୍ୟ ଭିନ୍ନ ଭିନ୍ନ ଆଇଡିକୁ ଟ୍ୟାଗ୍ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରକୃତ ସରକାରୀ ଟୁଇଟର ହ୍ୟାଣ୍ଡେଲ ଜଣାପଡୁ ନ ଥିବାବେଳେ ୨୦ରୁ ଅଧିକ ଫେକ୍ ଆକାଉଣ୍ଟ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ ସାଇଟ୍‌କୁ ଅନୁସରଣ କରିବା ପାଇଁ ୟୁଜର୍ସମାନଙ୍କୁ ଅନୁରୋଧ କରିଛନ୍ତି।

# ଅତିଥି ଭବନରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟ ଆରମ୍ଭ

**ଭୁବନେଶ୍ୱର,୧୩।୬(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରାଜ୍ୟ ସରକାରଙ୍କ ଅତିଥି ଭବନ(ଗେଷ୍ଟ ହାଉସ)ରୁ ଗୁରୁବାର ସରକାରୀ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥିସହିତ ଭାଜପା ସରକାରର ୧୦୦ ଦିନ କାର୍ଯ୍ୟକ୍ରମ ପାଇଁ କସରତ ଆରମ୍ଭ ହୋଇଛି। ପ୍ରଥମ ୧୦୦ ଦିନ ମଧ୍ୟରେ ସରକାର କେଉଁସବୁ ନିଷ୍ପତ୍ତି ନେବେ ଓ କ'ଣ କ'ଣ କାର୍ଯ୍ୟ କରାଯିବ ସେ ନେଇ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ଅଫିସରମାନଙ୍କ ସହ ପ୍ରାରମ୍ଭିକ ଆଲୋଚନା କରିଛନ୍ତି। ଏହାଛଡ଼ା ବିଧାନସଭାରେ ନୂଆ ବିଧାୟକମାନଙ୍କ ଶପଥ ଗ୍ରହଣ ଓ ଆସନ୍ତା ଅଧିବେଶନ କେବେ ଆରମ୍ଭ କରିହେବ ସେ ନେଇ ସଂସଦୀୟ ବ୍ୟାପାର ବିଭାଗ ସଚିବ ଜି. ମାଥିଭାଥାନନ୍ ଓ ବିଧାନସଭା ସଚିବ ଦାଶରଥି ଶତପଥୀଙ୍କ ସହ ବିଚାର ବିମର୍ଶ କରିଛନ୍ତି। ସେହିପରି ବିଭିନ୍ନ କର୍ମଚାରୀ ସଙ୍ଗଠନ ଓ ସାଧାରଣ ଲୋକେ ମଧ୍ୟ ସେଠାରେ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି। କିଛିଦିନ ପାଇଁ ରାଜ୍ୟ ଅତିଥି ଭବନର ପ୍ରଥମ ମହଲାକୁ ଅସ୍ଥାୟୀ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଭାବେ ଉପଯୋଗ କରାଯିବ। ଭାଜପାର ସଂକଳ୍ପପତ୍ର ଆଧାରରେ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି, ଯାହାକୁ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରସ୍ତୁତି ହେଉଥିବାରୁ ମୁଖ୍ୟମନ୍ତ୍ରୀ ଏବେ ଅସ୍ଥାୟୀ ଭାବେ ରାଜ୍ୟ ଅତିଥି ଭବନର ପ୍ରଥମ ମହଲାରୁ ନିଜର କାର୍ଯ୍ୟ ଜାରି ରଖିବେ ବୋଲି ସୂଚନା ମିଳିଛି। ଗୁରୁବାର ଭୋରରୁ ପୁରୀରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ସେ ରାଜ୍ୟ ଅତିଥି ଭବନ କାର୍ଯ୍ୟ ଆରମ୍ଭ କରିଛନ୍ତି।

# 'ସବୁ ହାଇସ୍କୁଲରୁ ହଟାଅ ୫-ଟି ଚାର୍ଟର ବୋର୍ଡ'

**ଭୁବନେଶ୍ୱର, ୧୩।୬(ସୁନିତ୍ ମିଶ୍ର)**

**ଡିଇଓମାନଙ୍କୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଚିଠି**

ରାଜ୍ୟର ସମସ୍ତ ହାଇସ୍କୁଲରେ ଆଉ ୫-ଟି ଚାର୍ଟର ବୋର୍ଡ ରହିବ ନାହିଁ। ସେଗୁଡ଼ିକୁ ତୁରନ୍ତ ଖୋଲି ଦିଆଯିବ। ଏନେଇ ଗୁରୁବାର ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ପାରୁଲ ପଟୱାରୀ ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ଚିଠି ଲେଖି ଏ ବାବଦରେ ଅବଗତ କରାଇଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ ତୁରନ୍ତ ସମସ୍ତ ହାଇସ୍କୁଲରୁ ୫-ଟି ଚାର୍ଟର ବୋର୍ଡ ହଟାଇ ଦିଆଯାଉ। ସୂଚନାଯୋଗ୍ୟ, ରାଜ୍ୟରେ ଶାସନ କ୍ଷମତାରେ ଥିବାବେଳେ ବିଜେଡି ସରକାର ୫-ଟି ଅଧୀନରେ ଓଡ଼ିଶାର ପ୍ରାୟ ସମସ୍ତ କାର୍ଯ୍ୟକ୍ରମ କରୁଥିଲା। ସ୍କୁଲ, କଲେଜଠାରୁ ଆରମ୍ଭକରି ବିଭିନ୍ନ କାର୍ଯ୍ୟକ୍ରମରେ ୫-ଟିର ବହୁଳ ପ୍ରଚାରପ୍ରସାର କରାଯାଉଥିଲା। ଏହାକୁ ସେତେବେଳେ ବିରୋଧୀ ପ୍ରବଳ ନିନ୍ଦା କରୁଥିଲେ। ଶାସନକୁ ଆସିବା କ୍ଷଣି ଭାଜପା ସରକାର ହାଇସ୍କୁଲରୁ ୫-ଟି ଚାର୍ଟର ବୋର୍ଡ ହଟାଇଛନ୍ତି।




Angul: Ph: 9078084953 / 7008847991 | Balangir: Ph: 7008120335 | Baragarh: Ph: 7991081172/7978165008 | Behrampur (Odisha): Ph: 6372909471 / 0680-2250017/18
Bhubaneswar: Janpath, Ph: 7008218533 / 9835924332 / 0674-2570035/64, Chandrasekharpur, Ph: 7894455782/9861207889/0674-2303541 | Bhadrak: Ph: 9078000357 / 8249081489
Cuttack: Ph: 7682848136 / 0671-2520011 | Dhenkanal: Ph: 9348432641 | Jajpur: Ph: 7008995399 / 9938615673 | Jharsuguda: Ph: 6645291740 / 9861925764 / 7846885578
Keonjhar: Ph: 7008752980 | Rourkela: Ph: 9583420586 / 7978049373 | Sambalpur: Ph: 6372909946

ଗଣତନ୍ତ୍ରର ସୁଫଳ ହେଲା- ଜଣେ ଯଥେଚ୍ଛାଚାରୀ ଅଥବା କେତେଜଣ ସ୍ୱାର୍ଥପରଙ୍କ ଖିଆଲ କବଳରୁ ବ୍ୟକ୍ତିର ଜୀବନ, ସ୍ୱାଧୀନତା ଓ ଧନସମ୍ପତ୍ତି ରକ୍ଷାପାଏ। ଗଣତନ୍ତ୍ରର କୁଫଳ ହେଲା- ମାନବଜାତି ମଧ୍ୟରେ ବ୍ୟକ୍ତିତ୍ୱର ମହତ୍ତ୍ୱ ହ୍ରାସ ପାଏ। -ଶ୍ରୀଅରବିନ୍ଦ



# ଅନ୍ତର୍ଜାତୀୟ ସହଯୋଗ ଲୋଡ଼ା





ଇନ୍ଦରମିତ୍ ଗିଲ୍
ମୁଖ୍ୟ ଅର୍ଥନୀତିଜ୍ଞ (ଡେଭଲପମେଣ୍ଟ ଇକୋନୋମିକ୍ସ), ବିଶ୍ୱ ବ୍ୟାଙ୍କ

ଏମ୍. ଆହ୍ୟାନ୍ କୋଜେ
ଉପମୁଖ୍ୟ ଅର୍ଥନୀତିଜ୍ଞ (ବିଶ୍ୱବ୍ୟାଙ୍କ)

ତିନିବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ବୈଶ୍ୱିକ ଅଭିବୃଦ୍ଧି ସ୍ଥିର ରହିବା, ୩ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତି ନିମ୍ନରେ ପହଞ୍ଚିବା ଏବଂ ବିତ୍ତୀୟ ଅବସ୍ଥା ଅଧିକ ଭଲ ହେଉଥିବାବେଳେ ବୈଶ୍ୱିକ ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ଶେଷ ହେବାର ଅନ୍ତିମ ପର୍ଯ୍ୟାୟରେ ରହିଥିବା ଭଳି ମନେହେଉଛି। କିନ୍ତୁ ଏହା ଏକ ସକାରାତ୍ମକ ଖବର । ଏହା ଗମ୍ଭୀର ବାସ୍ତବତାକୁ ଲୁଚାଇ ପାରିବ ନାହିଁ। ଅର୍ଥାତ୍ କୋଭିଡ୍-୧୯ ମହାମାରୀ ଆରମ୍ଭ ହେବାର ୪ବର୍ଷରୁ ଅଧିକ ସମୟ ପରେ ବିଶ୍ୱ ବିଶେଷକରି ବିକାଶଶୀଳ ଅର୍ଥନୀତଗୁଡ଼ିକ ସମୃଦ୍ଧି ପାଇଁ ଭରସାଯୋଗ୍ୟ ଉପାୟ ଆପଣାଇ ନାହାନ୍ତି। ବିଶ୍ୱ ବ୍ୟାଙ୍କର ଏକ ନୂଆ ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୨୬ ଯାଏ ହାରାହାରି ବାର୍ଷିକ ଅଭିବୃଦ୍ଧି ହାର ୨.୭%ରେ ସ୍ଥିର ରହିବ, ଯାହା ମହାମାରୀ ପୂର୍ବ ଦଶନ୍ଧିରେ ଥିବା ହାରାହାରି ୩.୧% ଠାରୁ ବହୁତ କମ୍। ପ୍ରମୁଖ ବିକାଶ ଲକ୍ଷ୍ୟରେ ଅଗ୍ରସର ହେବା ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ। ଚଳିତ ବର୍ଷ ଶେଷ ସୁଦ୍ଧା ଏକଚତୁର୍ଥାଂଶ ବିକାଶଶୀଳ ଅର୍ଥବ୍ୟବସ୍ଥାଗୁଡ଼ିକ ମହାମାରୀ ପୂର୍ବରୁ ଯେଉଁ ସ୍ଥିତିରେ ଥିଲେ ତାହା ତୁଳନାରେ ଦରିଦ୍ର ହୋଇଯିବେ। ୨୦୨୪-୨୫ରେ ବିଶ୍ୱର ଅଧିକାଂଶ ଅର୍ଥ ବ୍ୟବସ୍ଥା କୋଭିଡ୍-୧୯ ପୂର୍ବ ଦଶନ୍ଧିରେ ଯେଭଳି ଅଭିବୃଦ୍ଧି କରିଥିଲେ ତାହା ତୁଳନାରେ ମାନ୍ଦା ସ୍ଥିତି ଆରମ୍ଭ ହୋଇଯିବ। ୨୦୨୬ ପର୍ଯ୍ୟନ୍ତ ବୈଶ୍ୱିକ ସୁଧ ହାର ୪% ରହିବ ବୋଲି ଅନୁମାନ କରାଯାଉଛି। ଏହା ଗତ ୨ ଦଶନ୍ଧି ତୁଳନାରେ ୨ଗୁଣ ଅଧିକ ଓ ଏହି ସ୍ଥିତି ପରିବର୍ତ୍ତନ ହେବା ସମ୍ଭାବନା ନାହିଁ। ଏହା ପରିବର୍ତ୍ତେ ହଠାତ୍ କିଛି ଭଲ ଆଶା କରିବା ପାଇଁ ସରକାରଗୁଡ଼ିକ ଏକ ନିବିଡ଼ ଅନ୍ତର୍ଜାତୀୟ ସହଯୋଗ ସ୍ଥିର କରିବା ଦରକାର। ଏଥିପାଇଁ ଉତ୍ପାଦକତା, ଉଦ୍ୟମିତା ଏବଂ ନୂତନତ୍ୱକୁ ଆପାଣାଇବା ଆବଶ୍ୟକ। ବର୍ଲିନ୍ ପାଚେରି ପତନ ପରେ ଏହି ମଡେଲ ବୃଦ୍ଧି ପାଇଲା। ଦେଶ ମଧ୍ୟରେ ସାମଗ୍ରୀ, ପୁଞ୍ଜି ଏବଂ ବିଚାରଧାରାର ପ୍ରବାହକୁ ଉତ୍ସାହିତ କଲା ଏବଂ ପାଖାପାଖି ୨୫ ବର୍ଷ ଧରି ବ୍ୟାପକ ବୈଶ୍ୱିକ ସମୃଦ୍ଧି ସମ୍ଭବ ହୋଇଥିଲା। ଫଳରେ ବିଶ୍ୱର ଗରିବ ଏବଂ ଧନୀ ଦେଶଗୁଡ଼ିକରେ ମୁଣ୍ଡ ପିଛା ଆୟ ପାର୍ଥକ୍ୟ ଯଥେଷ୍ଟ ହ୍ରାସ ପାଇଥିଲା। ଫଳରେ ମହାମାରୀ ପୂର୍ବରୁ ଚରମ ଦାରିଦ୍ର୍ୟର ଅନ୍ତ ସମ୍ଭବ ହୋଇଥିଲା।

କିନ୍ତୁ ନିକଟ ଅତୀତରେ ଅନ୍ତର୍ଜାତୀୟ ସହଯୋଗ ତୁଟିଯାଉଛି। ସୀମାପାର ବାଣିଜ୍ୟିକ କାରବାରକୁ ରୋକବା ଲାଗି ଅଧିକ ପଦକ୍ଷେପ ନିଆଯାଉଛି। ବିଶ୍ୱର ପ୍ରମୁଖ



ଦେଶଗୁଡ଼ିକରେ ନିର୍ବାଚନ ହେବାକୁ ଯାଉଥିବାବେଳେ ଅନ୍ୟ ସମୟ ତୁଳନାରେ ଚଳିତ ଶତାବ୍ଦୀରେ ବାଣିଜ୍ୟ ନୀତି ଉପରେ ଅନିଶ୍ଚିତତା ଅଧିକ ରହିଛି। କ୍ରମାଗତ ଭାବେ ଦୁର୍ବଳ ପୁଞ୍ଜିନିବେଶ ଯୋଗୁ ଏହା ଘଟୁଛି। ଦେଖିବାକୁ ଗଲେ ୨୦୧୩-୨୩ରେ ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ନିବେଶ ଅଭିବୃଦ୍ଧି ୨୦୦୦ ଦଶନ୍ଧିର ପ୍ରତିଶତ ତୁଳନାରେ ଅଧାରୁ କମ୍ ହୋଇଯାଇଥିଲା। ୨୦୨୬ ପର୍ଯ୍ୟନ୍ତ ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକର ମୁଣ୍ଡ ପିଛା ଆୟ ଅଭିବୃଦ୍ଧି କେବଳ ୩% ରହିବ ବୋଲି ଆକଳନ କରାଯାଇଛି। ଅନେକ ବିକାଶଶୀଳ ଦେଶ ନିକଟ ଭବିଷ୍ୟତରେ ସେମାନଙ୍କର ବିକଶିତ-ଅର୍ଥନୀତି ପ୍ରତିପକ୍ଷଙ୍କ ସହ ଆୟ ବ୍ୟବଧାନ ଦୂରକରିବାରେ କୌଣସି ଅଗ୍ରଗତି କରିବେ ନାହିଁ ଏବଂ ଏଭଳି ବ୍ୟବଧାନ ଏହି ଦଶନ୍ଧିର ପ୍ରଥମ ୫ବର୍ଷରେ ପ୍ରାୟ ଅଧା ବୃଦ୍ଧି ପାଇବ। ତେବେ ବୈଶ୍ୱିକ ଅର୍ଥ ବ୍ୟବସ୍ଥାରେ ନକାରାତ୍ମକ ସ୍ଥିତିରେ ଅନେକ କିଛି ଭଲ ବିଷୟ ଘଟିବାର ସୁଯୋଗ ଅଛି । ବିଶେଷକରି ଆମେରିକା ୪ ଦଶନ୍ଧି ମଧ୍ୟରେ ଅଧିକ ମୁଦ୍ରାନୀତି କଟକଣା ମଧ୍ୟରେ ତାହାର ଅଭିବୃଦ୍ଧି ବଢ଼ିବାରେ ଲାଗିଛି । ଆମେରିକାର ଗତିଶୀଳତା ହେଉଛି ଏକ ପ୍ରମୁଖ କାରଣ ଯେଉଁଥିରେ ଆସନ୍ତା ୨ ବର୍ଷ ମଧ୍ୟରେ ବିଶ୍ୱ ଅର୍ଥନୀତିରେ କିଛି ବୃଦ୍ଧିର ସମ୍ଭାବନା ରହିଛି।

ବିକାଶଶୀଳ ବଜାରଗୁଡ଼ିକ ମଧ୍ୟରେ ଭାରତ ଓ ଇଣ୍ଡୋନେସିଆ ସେମାନଙ୍କ ପ୍ରଦର୍ଶନ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଦୃଢ଼ ଘରୋଇ ଚାହିଦା, ନିବେଶ ବୃଦ୍ଧି ଏବଂ ଏକ ଗତିଶୀଳ ସର୍ଭିସ୍ ସେକ୍ଟର ଦ୍ୱାରା ଏମାନଙ୍କ ଆତ୍ମବିଶ୍ୱାସ ବଢ଼ିଛି। ଭାରତର ଅର୍ଥ ବ୍ୟବସ୍ଥା ୨୦୨୬ ଯାଏ ପ୍ରତି ବିତ୍ତୀୟ ବର୍ଷରେ ହାରାହାରି ୬.୭% ରହିବ ବୋଲି ଆକଳନ କରାଯାଇଛି( ଦକ୍ଷିଣ ଏସିଆ ଏବେ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅଞ୍ଚଳ)। ଇଣ୍ଡୋନେସିଆରେ ଆସନ୍ତା ୨ ବର୍ଷ ମଧ୍ୟରେ ୫.୧% ଅଭିବୃଦ୍ଧି ହେବ ବୋଲି ଅନୁମାନ କରାଯାଉଛି। ବୃଦ୍ଧି ପାଉଥିବା ଏକ ମଧ୍ୟମ ବର୍ଗ ଏବଂ ଯୁକ୍ତିସଙ୍ଗତ ଆର୍ଥିକ ନୀତିଗୁଡ଼ିକ ପାଇଁ ଏହା ସମ୍ଭବ ହେଉଛି। ଏହିସବୁ ଅର୍ଥ ବ୍ୟବସ୍ଥା ପ୍ରମାଣକରେ ଯେ, କଠିନ ପରିସ୍ଥିତିରେ ଉଚ୍ଚ ଅଭିବୃଦ୍ଧି ହାର ସ୍ଥାୟୀ ରହିପାରିବ। ଯଦି ଅନ୍ୟମାନେ ସମାନ ସଫଳତା ହାସଲ କରିବାକୁ ଏବଂ ନିଜର ଦୀର୍ଘକାଳୀନ ଅଭିବୃଦ୍ଧି ସମ୍ଭାବନାକୁ ବଢ଼ାଇବାକୁ ଚାହାନ୍ତି, ତେବେ ସେମାନେ ମାନବ ପୁଞ୍ଜିକୁ ମଜଭୁତ କରିବା ଲାଗି ନୀତି ପ୍ରଣୟନ କରିବା ଜରୁରୀ। ଏହା ବ୍ୟତୀତ ଉତ୍ପାଦକତା ବୃଦ୍ଧି କରିବା ସହ ଅଧିକ ମହିଳାଙ୍କୁ ଶ୍ରମ ଶକ୍ତିରେ ପ୍ରବେଶ କରିବାକୁ ଉତ୍ସାହିତ କରିବାକୁ ପଡ଼ିବ। ଏଥିପାଇଁ ପ୍ରଭାବଶାଳୀ ତଥା ଉତ୍ତମ ଲକ୍ଷ୍ୟଭିତ୍ତିକ ସାର୍ବଜନୀନ ନିବେଶ ଗୁରୁତ୍ୱପୂର୍ଣ୍ଣ ।

ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ସରକାରୀ ନିବେଶ ହାରାହାରି ଭାବେ ମୋଟ ବୈଶ୍ୱିକ ନିବେଶର ଏକଚତୁର୍ଥାଂଶ। ଗବେଷଣାରୁ ଜଣାପଡ଼ିଛି ଯେ, ଏହାକୁ ଜିଡିପିର ମାତ୍ର ୧% ବୃଦ୍ଧି କରାଗଲେ ମଧ୍ୟମ ଅବଧି ମଧ୍ୟରେ ଏହା ମୋଟ ଜିଡିପିକୁ ୧.୫%ରୁ ଅଧିକ ବୃଦ୍ଧି କରିପାରିବ। ଏହାସହ ପ୍ରାୟ ୫ ବର୍ଷ ମଧ୍ୟରେ ଘରୋଇ ନିବେଶ ୨%ରୁ ଅଧିକ ବଢ଼ିବ। ପ୍ରଭାବଶାଳୀ ସରକାରୀ ନିବେଶରେ ସଫଳତା ହାସଲ କରିଥିବା ଏବଂ ବିଶେଷକରି ବ୍ୟୟ ବୃଦ୍ଧି କରିବା ପାଇଁ ପର୍ଯ୍ୟାପ୍ତ ବିତ୍ତୀୟ ସୁଯୋଗ ଥିବା ଦେଶଗୁଡ଼ିକ ପାଇଁ ଏଥିରେ ଅଧିକ ଲାଭ ରହିଛି। କେତେକ କ୍ଷୁଦ୍ର ବିକାଶଶୀଳ ଦେଶଗୁଡ଼ିକ ( ଯେଉଁମାନଙ୍କର ଜନସଂଖ୍ୟା ୧.୫ ମିଲିୟନରୁ କମ୍) ପାଇଁ ଏହା ହେଉଛି ଏକ କଠିନ ଆହ୍ୱାନ। ମାତ୍ର ୧୭ ମିଲିୟନ ଜନସଂଖ୍ୟା ବିଶିଷ୍ଟ କ୍ଷୁଦ୍ର ବିକାଶଶୀଳ ଦେଶସବୁ ଅନ୍ୟ ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ତୁଳନାରେ ହାରାହାରି ୮ଗୁଣ ଅଧିକ ଜଳବାୟୁଜନିତ ପ୍ରାକୃତିକ ବିପର୍ଯ୍ୟୟ ସାମ୍ନା କରୁଛନ୍ତି। ବଡ଼ କଥା ହେଉଛି, ଏହି ଦେଶଗୁଡିକର ଦୁଇ-ପଞ୍ଚମାଂଶ ଋଣ କଷ୍ଟରେ ଅଛନ୍ତି କିମ୍ବା ଅଧିକ ବିପଦରେ ଅଛନ୍ତି। ଏହାର ଅର୍ଥ ନୁହେଁ ଯେ, କ୍ଷୁଦ୍ର ଦେଶର ସରକାରମାନେ ସେମାନଙ୍କର ଅର୍ଥନୀତିକୁ ଏକ ସ୍ଥିର, ସମୃଦ୍ଧ ପଥରେ ଚଳାଇପାରିବେ ନାହିଁ। ଅପରପକ୍ଷେ, ଘରୋଇ ଉତ୍ସରୁ ଅଧିକ ରାଜସ୍ୱ ପାଇବାକୁ ସେମାନଙ୍କର ଯଥେଷ୍ଟ ସୁଯୋଗ ଅଛି, ଯାହା ବିଦେଶୀ ନିବେଶ ଅପେକ୍ଷା ଏକ ଅଧିକ ବିଶ୍ୱାସଯୋଗ୍ୟ ଆର୍ଥିକ ଆଧାର ପ୍ରଦାନକରେ। ସେମାନେ ବିତ୍ତୀୟ ଢାଞ୍ଚା ମଧ୍ୟ ସୃଷ୍ଟି କରିପାରିବେ। ଲଗାତର ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ବାଧା ସହ ମୁକାବିଲା କରିବାରେ ସକ୍ଷମ ହେବେ । ଏହା ବ୍ୟତୀତ ସରକାରୀ ବ୍ୟୟ ଦକ୍ଷତା ବିଶେଷକରି ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଭିତ୍ତିଭୂମିରେ ଉନ୍ନତି କରିପାରିବେ। ଏହିସବୁ ପ୍ରୟାସକୁ ଅନ୍ତର୍ଜାତୀୟ ନୀତି ସମନ୍ୱୟ ଏବଂ ବିତ୍ତୀୟ ସହଯୋଗ ହିଁ ପୂରଣ କରିପାରିବ।

ନୀତି ନିର୍ଦ୍ଧାରକମାନେ ଯାହାକୁ ନେଇ ଆନନ୍ଦିତ ତାହା ହେଲା, ୧୯୮୦ ଦଶକରୁ ବିଶ୍ୱର ସୁଧ ହାରରେ ସର୍ବାଧିକ ବୃଦ୍ଧି ସତ୍ତ୍ୱେ ବିଶ୍ୱ ଅର୍ଥନୀତି ମାନ୍ଦାବସ୍ଥାକୁ ଏଡ଼ାଇ ଦେଇପାରିଛି। କିନ୍ତୁ ସେମାନେ ଏହା ମଧ୍ୟ ସ୍ୱୀକାର କରିବା ଉଚିତ ଯେ, ବିଶ୍ୱର ଅଧିକାଂଶ କ୍ଷେତ୍ରରେ ବିକାଶରେ ଅଗ୍ରଗତି ଏବଂ ଦାରିଦ୍ର୍ୟ ହ୍ରାସକୁ ସମର୍ଥନ କରିବାକୁ ଅଭିବୃଦ୍ଧି ଅତ୍ୟଧିକ ମାନ୍ଦା ରହିଛି। ଭାଗୀଦାରି ସମୃଦ୍ଧିକୁ ଆଗକୁ ବଢ଼ାଉଥିବା ଦୃଢ଼ ଅନ୍ତର୍ଜାତୀୟ ସହଯୋଗ ବିନା ବିଶ୍ୱ ଅର୍ଥନୀତି ମାନ୍ଦା ଅବସ୍ଥାରେ ଅଟକିରହିଯିବ।

## ଏଇ ଭାରତରେ

ମହିଳା ସରପଞ୍ଚ ଗଡ୍‌ଜେ ମୀନାକ୍ଷୀଙ୍କ କାର୍ଯ୍ୟ ତାଙ୍କୁ ସମାଜରେ ପ୍ରତିଷ୍ଠିତ କରିଛି। ତାଙ୍କ ଉଦ୍ୟମରେ ତେଲଙ୍ଗାନାର ମୁଖରା ଗାଁ ସୌରଶକ୍ତି ଗାଁ ଭାବେ ପରିଚିତ ହାସଲ କରିପାରିଛି। କେବଳ ଏତିକି ନୁହେଁ, ସେ ଏହି ଗାଁକୁ ମଳମୁକ୍ତ ଗାଁ କରିବା ସହ ତା'ଚାରିପାଖରେ ଜଙ୍ଗଲ ସୃଷ୍ଟି କରିଛନ୍ତି। ଏହାବ୍ୟତୀତ ମୀନାକ୍ଷୀ ପ୍ରତ୍ୟେକ ଘରୁ ମିଳୁଥିବା ବର୍ଜ୍ୟରୁ ଖତ ତିଆରି କରି ତାହାକୁ ବିକ୍ରି କରୁଛନ୍ତି ଓ ସେଥିରୁ ମିଳୁଥିବା ଅର୍ଥକୁ ପଞ୍ଚାୟତ ବିକାଶରେ ଲଗାଉଛନ୍ତି। ମୀନାକ୍ଷୀ ପ୍ରାରମ୍ଭିକ ଜୀବନରେ ବହୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିଥିଲେ। ସେ ସ୍କୁଲକୁ ପଢିବାକୁ ୧୧ କି.ମି. ଯାଉଥିଲେ । ଶିକ୍ଷା ଶେଷ କରିବା ପରେ ଗାଁର ଦୁର୍ବଳ ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ଅଭାବ ଆଦି ସମସ୍ୟା ତାଙ୍କୁ ପ୍ରଭାବିତ କରିଥିଲା। ସେ ଏଥିରେ ସୁଧାର ଆଣିବା ଲାଗି ସରପଞ୍ଚ ହେବାକୁ ଚେଷ୍ଟା କରି ସଫଳ ହୋଇଥିଲେ। ୨୦୧୯ରେ ସରପଞ୍ଚ ହେବା ପରେ ସେ ଗାଁର ପ୍ରତିଘର ଉପରେ ସୋଲାର ପ୍ୟାନେଲ ଲଗାଇ ବିଦ୍ୟୁତ୍ ଉତ୍ପାଦନ ବ୍ୟବସ୍ଥା କରିଛନ୍ତି। ସୋଲାର ବିଦ୍ୟୁତ୍‌ରେ ମୀନାକ୍ଷୀ ଷ୍ଟ୍ରିଟ୍‌ଲାଇଟ ମଧ୍ୟ ଲଗାଇଛନ୍ତି। ପ୍ରତ୍ୟେକ ଘରେ ସକ୍‌ପିଟ ନିର୍ମାଣ କରାଇଛନ୍ତି, ଯାହାଫଳରେ ମଶା ପ୍ରାଦୁର୍ଭାବ କମିଯାଇଛି। ସେ ପ୍ରତ୍ୟେକ ଘରୁ ମିଳୁଥିବା ବର୍ଜ୍ୟରୁ ଖତ ତିଆରି କରି ତାହାକୁ ବିକ୍ରି କରୁଛନ୍ତି ଓ ସେଥିରୁ ମିଳୁଥିବା ଅର୍ଥକୁ ପଞ୍ଚାୟତ ବିକାଶରେ ଲଗାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଜୁନ୍ ୧୯୭୫

- ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକାଶ ଉଦ୍ଦେଶ୍ୟରେ ଦିଲ୍ଲୀ ବସ୍ କଣ୍ଡକ୍ଟର ଓ ଡ୍ରାଇଭରମାନଙ୍କ ଶୋଭାଯାତ୍ରା।
- ରିହାଣ୍ଡ ଶକ୍ତିକେନ୍ଦ୍ରରେ ୪୦୦ ମେଗାୱାଟ୍ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ବନ୍ଦ ହୋଇଯିବା ଫଳରେ ଉତ୍ତରପ୍ରଦେଶ ଗୁରୁତର ବିଦ୍ୟୁତ୍ ସଙ୍କଟର ସମ୍ମୁଖୀନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | 3 | | 8 | | |
| | 5 | 9 | | | 6 | | 1 | 7 |
| | 8 | | | | | | | |
| | | | 3 | 7 | | | | |
| | 7 | | | | | 9 | | 8 |
| 1 | | 6 | | 9 | | | 5 | |
| | 9 | | 8 | | | | | |
| | | 2 | | | | 6 | | |
| 3 | | | | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 4 | 1 | 7 | 8 | 6 | 9 | 3 |
| 3 | 6 | 9 | 5 | 2 | 4 | 7 | 1 | 8 |
| 7 | 8 | 1 | 9 | 6 | 3 | 5 | 2 | 4 |
| 4 | 5 | 2 | 3 | 1 | 6 | 8 | 7 | 9 |
| 8 | 9 | 7 | 4 | 5 | 2 | 3 | 6 | 1 |
| 1 | 3 | 6 | 8 | 9 | 7 | 4 | 5 | 2 |
| 9 | 1 | 3 | 6 | 8 | 5 | 2 | 4 | 7 |
| 6 | 7 | 8 | 2 | 4 | 1 | 9 | 3 | 5 |
| 2 | 4 | 5 | 7 | 3 | 9 | 1 | 8 | 6 |

ଗତକାଲିର ଉତ୍ତର

# କନ୍ୟା ଦାନ ମହାପୁଣ୍ୟ



ଅକ୍ଷୟ କୁମାର ମିଶ୍ର

ଏକମାତ୍ର ଝିଅର ବାହାଘର ସ୍ଥିର ହୋଇଯାଇଥାଏ। ତାହା ପୁଣି ଅକ୍ଷୟ ତୃତୀୟା ଦିନ। ବୟୋଜ୍ୟେଷ୍ଠ ଲୋକମାନେ କହିଲେ, 'ଅକ୍ଷୟ ତୃତୀୟାରେ ଝିଅ ବାହାଘର ଭାଗ୍ୟରେ ଥିଲେ ହୁଏ। ଶହେ କେଜି ସୁବର୍ଣ୍ଣ ଦାନ କଲେ ଯେତିକି ପୁଣ୍ୟ ଅର୍ଜନ ହେବ ନାହିଁ ଏଭଳି ପବିତ୍ର ଦିବସରେ କନ୍ୟା ଦାନ କଲେ ତାହାଠାରୁ ଅଧିକ ପୁଣ୍ୟ ପ୍ରାପ୍ତ ହୁଏ। 'କନ୍ୟା ଦାନ ମହାପୁଣ୍ୟ'। ଏହି କଥାଗୁଡ଼ିକ ମୋ ଶରୀରରେ କଣ୍ଟା ଫୋଡ଼ିଲା ଭଳି ମନେ ହେଉଥିଲା। ଝିଅ ବାହାଘର ସ୍ଥିର ହୋଇଗଲା ପରେ ଝିଅକୁ ଦୂରରେ ଦେବା ଯେତିକି ମୋତେ ଭାରାକ୍ରାନ୍ତ କରୁଥିଲା ସେହି ସମୟରେ ଏହି କଥାଗୁଡ଼ିକ କାନରେ ପଡ଼ିବା କ୍ଷଣି ଶହେ ଗୁଣ ବଢ଼ିଗଲା ମାନସିକ ଯନ୍ତ୍ରଣା। ଅନେକ ଗୁଡ଼ାଏ ପ୍ରଶ୍ନ ମନରେ ଉଙ୍କି ମାରିଲା ପ୍ରଚଳିତ ସମାଜ ବ୍ୟବସ୍ଥାକୁ ନେଇ। ସତରେ ଝିଅ କ'ଣ ମା'ବାପା ପାଇଁ ବଡ଼ ବୋଝ? ବାଇଶ ପଚିଶ ବର୍ଷ ଧରି ସ୍ନେହ ମମତା ଅଜାଡ଼ି ଦେଇଥିବା ଝିଅଟିକୁ କ'ଣ ଦାନ ଦିଆଯାଇ ପାରେ?

ସମାଜ ଓ ସଭ୍ୟତା ବଦଳୁଛି। କିନ୍ତୁ ନାରୀ ଓ ପୁରୁଷ ମଧ୍ୟରେ ବୈଷମ୍ୟର ପ୍ରାଚୀର ସମ୍ପୂର୍ଣ୍ଣ ଧ୍ୱଂସ ପାଉନାହିଁ। ଏବେ ବି ପୁରୁଷର ପ୍ରାଧାନ୍ୟ ପରିବାର ଭିତରେ ବଳବତ୍ତର ରହିଛି। ହୁଏତ ସ୍ଥଳ ବିଶେଷରେ ନାରୀମାନଙ୍କର ଗୁରୁତ୍ୱ ବଢ଼ିଲାଣି। ହେଲେ ଅଧିକାଂଶ ପରିବାରରେ ଝିଅଟିଏ ହେଉ ଅଥବା ବୋହୂ ସମାନ ଅଧିକାର ପାଆନ୍ତି ନାହିଁ, ଯେମିତି ପୁଅଟି ପାଇଥାଏ।

ଆଧୁନିକତାର ସ୍ପର୍ଶରେ ଆମେ ରୋମାଞ୍ଚିତ। କିନ୍ତୁ ଝିଅଟି ଆଧୁନିକା ହେଲେ ଆମେ ତାକୁ ଉଚ୍ଛୃଙ୍ଖଳ ଆଖ୍ୟା ଦେଉ। ସେ ସଂସ୍କାର ପାଇ ନାହିଁ ବୋଲି ଅପବାଦ ଦେଉ। ତାର ଚାଲିଚଳଣ, ବେଶ ପୋଷାକ, କଥା ଭାଷା ସବୁଥିରେ ଟିକା ଟିପ୍ପଣୀ ଦିଆଯାଏ। ପୁଅଟିଏ ଜନ୍ମ ହେଲେ ଆନନ୍ଦର ଲହରି ଖେଳିଯାଏ। ସ୍ଥାନ ବିଶେଷରେ ମାଆ ଓ ଶିଶୁ ପୁତ୍ରକୁ ସ୍ୱାଗତ କରାଯାଏ। ମିଠେଇ ବଣ୍ଟା ହୁଏ, ଶଙ୍ଖ ଧ୍ୱନି ହୁଏ। ଆଉ କନ୍ୟା ସନ୍ତାନଟିଏ ଜନ୍ମ ହେଲେ ଅଧିକାଂଶ ପରିବାରରେ କ'ଣ ହୁଏ, କେମିତି ପ୍ରତିକ୍ରିୟା ପ୍ରକାଶ କରନ୍ତି ପରିବାରର ସଦସ୍ୟାସଦସ୍ୟମାନେ ତାହା ବର୍ଣ୍ଣନା କରିବା ଆବଶ୍ୟକ ନାହିଁ। ଯତ୍ନ ନେବା କ୍ଷେତ୍ରରେ ମଧ୍ୟ ସେହି ପାତରଅନ୍ତର ଲାଗି ରହେ। ପାଠପଢ଼ା ସମୟରେ ଅନେକ କହନ୍ତି 'ଝିଅ ପିଲାଟା ବେଶି ପାଠ ପଢ଼ି କରିବ କ'ଣ। ଯାହା ହେଲେ ବି ପର ଘରକୁ ଯିବାକୁ ପଡ଼ିବ।'

ସଂସ୍କାର ନାମରେ କଟକଣା। କଥା କହିବା, ହସିବା ସବୁଥିରେ ମାପଚୁପ୍। ଏମିତି କରିବା ମନା, ସେମିତି କରିବା ଉଚିତ - ଉପଦେଶ ପରେ ଉପଦେଶ। ସାମାନ୍ୟ ପାଦ ଖସିଗଲେ ମା'ବାପାଙ୍କ କୁଆଡ଼େ ନାଁ ପଡ଼ିବ। ମୁଣ୍ଡ ଟେକି ଚାଲିବା ମୁସ୍କିଲ ହୋଇଯିବ। ଶେଷ କଥାଟି ହେଲା ସେ ଝିଅ ପିଲା। ଦୁହିତା ଦୁଇ କୁଳକୁ ହିତା, ନ ହେଲେ ପିତା। ଅନେକ ସାମାଜିକ ବନ୍ଧନ, ପରମ୍ପରାର ଶିକୁଳି ସେମାନଙ୍କ ସ୍ୱାଭାବିକ ଜୀବନ ଧାରାକୁ ବଦଳାଇ ଦିଏ। ପିଞ୍ଜରା ଭିତରେ ଶାରୀଟିଏ ପରି ସେ କେତେବେଳେ ଝିଅରୁ ନାରୀ ବନିଯାଏ ନିଜେ ମଧ୍ୟ ଜାଣିପାରେ ନାହିଁ। ବୟସ ଅଠର ଟପିଲେ ଅଠର କଥା ଚାଲେ। ଆରମ୍ଭ ହୋଇଯାଏ ଝିଅ ଦେଖା ପର୍ବ। ଅଜଣା ଅଶୁଣା ଲୋକଙ୍କ ସମ୍ମୁଖରେ ସାକ୍ଷାତକାର ଦେବାକୁ ବସିବାକୁ ପଡ଼େ। ଅନେକ ସରଳ ପ୍ରଶ୍ନ। ସାକ୍ଷାତକାରରେ ପାସ୍ ନିଶ୍ଚୟ ବୋଲି ସେ ଧରିନିଏ। କିନ୍ତୁ ପରୀକ୍ଷା ଫଳ ଆସେ ଫେଲ୍। କିଏ କହେ ଝିଅଟି ଶୁଖିଲା ମୁହିଁ। କିଏ କହେ ଝିଅ ଦେହର ରଙ୍ଗ ଶ୍ୟାମଳ। ଏମିତି କେତେ କ'ଣ ଦୋଷ କାଢ଼ି ପ୍ରତ୍ୟାଖ୍ୟାନ କରିଦିଅନ୍ତି। ଝିଅଟି ସବୁ କଥା ଶୁଣେ। କଷ୍ଟ ପାଏ। କିନ୍ତୁ ସବୁ ସହିଯାଇ ପୁଣି ନିଜକୁ ପ୍ରଦର୍ଶିତ କରେ ଆଉ କାହା ଆଗରେ। କେତେବେଳେ ହୁଏତ ସାକ୍ଷାତକାରର ଅନ୍ତ ଘଟେ। ପୁଅ ଏବଂ ପୁଅ ଘରର ଲୋକେ ପସନ୍ଦ କରନ୍ତି। କିନ୍ତୁ ଝିଅର ଇଚ୍ଛା ଅନିଚ୍ଛା, ପସନ୍ଦ ଅପସନ୍ଦ ଜାଣିବାକୁ ଚେଷ୍ଟା କରାଯାଏ ନାହିଁ। ମା'ବାପାମାନେ ସ୍ୱୀକୃତି ପ୍ରଦାନ କରିଦିଅନ୍ତି ଝିଅର ବାହାଘର ନିମନ୍ତେ।

ଆରମ୍ଭ ହୋଇଯାଏ କନ୍ୟାଦାନର ପ୍ରସ୍ତୁତି ପର୍ବ। ଦାନ ସହିତ ଦକ୍ଷିଣା ଦେବା ପାଇଁ ଆୟୋଜନ ଚାଲେ। ଅଳଙ୍କାର ସାଙ୍ଗକୁ ଜାନି ଯୌତୁକ। ସମ୍ବଳ ଥାଉ ବା ନ ଥାଉ। ଧାର ଉଧାର କରି ଦେବାକୁ ହେବ। ବାହାଘର କାର୍ଯ୍ୟ ସମ୍ପନ୍ନ ହୁଏ। ଝିଅକୁ ବିଦାୟ ଦେବାର ସମୟ ଉପନୀତ ହୁଏ। ପଚିଶ ସତେଇଶ ବର୍ଷର ଏକ ରକ୍ତଗତ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଏ। ସମସ୍ତ ଦୁଃଖ ଯନ୍ତ୍ରଣାକୁ ବୁକୁରେ ଚାପିରଖି ମା'ବାପା ଏକ ଅନିଶ୍ଚିତତାର ଦୁନିଆକୁ ଝିଅକୁ ପଠାଇ ଦେବାକୁ ବାଧ ହୁଅନ୍ତି। ଟିକି ଟିକି ପାଦରେ ନାଲି ଅଳତା ଲଗାଇ, କପାଳରେ ଚନ୍ଦନ, ସିନ୍ଥିରେ ସିନ୍ଦୂର ନାଇ, ମଥାରେ ନାଲି ଓଢ଼ଣି ପକାଇ, ଛଳଛଳ ଆଖିରେ ଯେତେବେଳେ ଝିଅଟି ବାପଘରୁ ଶାଶୁଘର ଆଡ଼କୁ ଗୋଡ଼ କାଢ଼େ ଦୁନିଆରେ ଏମିତି କୌଣସି ମା'ବାପା ନାହାନ୍ତି ଯେଉଁମାନେ କନ୍ୟାଦାନ ମହାପୁଣ୍ୟ ବୋଲି ବିଚାର କରୁଥିବେ।



ଏହା ସତ୍ତ୍ୱେ ଭାରତୀୟ ଦର୍ଶନରେ ଏହା ଏକ ଶୃଙ୍ଖଳିତ ବନ୍ଧନ। କାହାର ଇଚ୍ଛା ବିରୋଧରେ ଏହା ହେଲେ ବୈବାହିକ ଜୀବନ ସମସ୍ୟା ଜର୍ଜରିତ ହେବ, ସଦାସର୍ବଦା ଅଶାନ୍ତି ଲାଗି ରହିବ। ଏ କ୍ଷେତ୍ରରେ ଉଭୟ ଝିଅ ଓ ପୁଅକୁ ପୂର୍ଣ୍ଣ ସ୍ୱାଧୀନତା ଦେବା ଉଚିତ। ଭାବିବା ଉଚିତ ନୁହେଁ ନାରୀ ଏକ ବସ୍ତୁ ଯାହାକୁ ଦାନ କରି ପୁଣ୍ୟ ଅର୍ଜନ କରାଯିବ। ଝିଅ ଏକ ବୋଝ ନୁହେଁ ଯାହାକୁ ମୁଣ୍ଡରୁ ଓହ୍ଲାଇ ଦେଇ ମା'ବାପା ଆଶ୍ୱସ୍ତ ହେବେ। ପ୍ରତ୍ୟେକଟି ମଣିଷକୁ ଯଦି ସମ୍ବଳ ବୋଲି ବିଚାର କରାଯାଏ ତେବେ ନାରୀ ହେଉଛି ଶ୍ରେଷ୍ଠ ସମ୍ବଳ। ସମାଜ, ସଭ୍ୟତା ଓ ସଂସ୍କୃତିର ବିକାଶରେ ଏମାନଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଅପରପକ୍ଷେ ଏହି ସମ୍ପଦକୁ ଯେଉଁ ଜାତି, ଯେଉଁ ଦେଶ, ଯେଉଁ ଗୋଷ୍ଠୀ ଏପରି କି ଯେଉଁ ବ୍ୟକ୍ତିବିଶେଷ ହେୟ ମଣିଛି, ଅବହେଳା କରିଛି ତା'ର ବିକାଶ ନୁହେଁ ବରଂ ବିନାଶ ଘଟିଛି। ଏହାର ଅସଂଖ୍ୟ ଉଦାହରଣ ଆମ ସମାଜରେ ଜାଜ୍ୱଲ୍ୟମାନ ହୋଇ ସତର୍କର ବାର୍ତ୍ତା ପ୍ରଦାନ କରୁଛି।

ମୋ:୭୦୦୮୦୭୩୫୯୯

# 'ବାଉଁଶ ଅଗରେ ଧାନ...'



ଡ. ଅରୁନ୍ଧତୀ ଦେବୀ

ପାନ ହେଉଛି ଓଡ଼ିଆର ପ୍ରାଣ। ପ୍ରାଚୀନ ଓଡ଼ିଶାରୁ ପାନର ସୃଷ୍ଟି ଆଉ ଏହା ଆମ ସଂସ୍କୃତି ସହ ନିବିଡ଼ ହୋଇ ରହିଛି- କାହିଁ କେଉଁକାଳରୁ। ଏମିତି କି ଓଡ଼ିଶାର ଦେବତା ଜଗନ୍ନାଥଙ୍କର ମଧ୍ୟ ବିଡ଼ିଆ ପାନ ଖଣ୍ଡେ ନ ହେଲେ ନ ଚଳେ। ପାନ କାହାର ପ୍ରିୟ ନୁହେଁ ଯେ! ନ ଖାଇଲା ଲୋକଙ୍କୁ ସାଦା ଖିଲିପାନ ଖଣ୍ଡେ ଦେଲେ ସେ ଖୁସିରେ ଖାଇଦେବ । ଆଉ ରଜ କଥା ପୂରା ଅଲଗା। ପୁଣି ରଜପାନର ସ୍ୱାଦ ଖୁବ୍ ରୁଚିକର। ପ୍ରେମ, ପ୍ରୀତି ଓ ପ୍ରଣୟର ପ୍ରତୀକ ଏଇ ପାନ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନାରେ ଏମିତି ବି ବର୍ଣ୍ଣନା ରହିଛି -'ସେ ଯେବେ କରିବେ ମାନ, ଭାଙ୍ଗି ଭୁଞ୍ଜାଇବି ପାନ, ଗଣ୍ଡେ ଦେଇଣ ଚୁମ୍ବନ, ହରଷ ମୁଁ କରାଇବି, ମଲ୍ଲୀମାଳ ଶ୍ୟାମକୁ ଦେବି ମନ ତୋଷିବି।'

ପାନ ଖାଉଥିବା ଝିଅଙ୍କ ଓଷ୍ଠାଧାରର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ। ପାନ ଦିଆନିଆରେ ସମ୍ପର୍କ ବଢ଼େ, ପ୍ରେମରେ ପୂର୍ଣ୍ଣତା ଆଣେ ପାନ। ନୂଆ ବୋହୂଟିଏ ଘରକୁ ଆସିଲେ ତା'ର ଶାଶୁ, ସାଇପଡ଼ିଶା ପ୍ରଥମେ ପାନଭଙ୍ଗାର ପରୀକ୍ଷା ନେଉଥିଲେ। ଗୁରୁଜନମାନଙ୍କୁ ନିଜ ହାତଭଙ୍ଗା ପାନ ପରଷିଦେଇ ବୋହୂଟି ମଥାନୁଆଁଇ ପ୍ରଣାମ କରୁଥିଲା। ତେଣୁ ପାନ ଓଡ଼ିଶା ସଂସ୍କୃତିର ଛତ୍ରେ ଛତ୍ରେ ରହିଛି । ରଜପର୍ବରେ ସହୀ ସଙ୍ଗାତ, ମକର, ବଉଳଙ୍କ ସହିତ ପାନଭଙ୍ଗା ଓ ପରସ୍ପର ଆଦାନପ୍ରଦାନ ଓଡ଼ିଆ ଘରର ଚଳଣିରେ ଗ୍ରାମୀଣ ଜୀବନର ଧାରାକୁ ଏବେ ଉଜ୍ଜୀବିତ କରି ରଖିଛି। ପାନ ଖାଇ ରଜଦୋଳିରେ ବସି ଝିଅମାନେ ରଜପାନର ଗୀତ ବୋଲିବା ପରିବେଶକୁ ଖୁବ୍ ଆମୋଦିତ କରିଥାଏ।

'ବାଉଁଶ ଅଗରେ ଧାନ
ମୁଁ ଦେବି ପଇସା ଖାଇବୁ ପାନ
ମୋ ବଉଳ ମିତଲୋ
ଏବେ ଚାଲିଯିବା ବୃନ୍ଦାବନ।
ଉଇଁ ଆସେ ନୂଆ ଜହ୍ନ
ଚାଲ ଯିବା ମିଶି ଗୁଆଖାଦାନ
ମୋ କାଇଁଚମାଳାଲୋ
ଆମେ ସେଇଠି ଖାଇବା ପାନ।'

ପାନ ଖଣ୍ଡକରେ କିଣି ହୋଇଯାଏ ମନ। ମୁଖର ସୌନ୍ଦର୍ଯ୍ୟ ଓ ବାସ ବୃଦ୍ଧି କରିଥାଏ ବୋଲି ପାନର ଅନ୍ୟ ନାମ ମୁଖବାସ। ପୁଣି ରଜ ଖେଳ ଭିତରକୁ ବି ପାନ ପଶିଆସିଛି। ବୟସ୍କ ଓ ମହିଳାଙ୍କ ତାସ୍‌ଖେଳରେ କଳାପାନ ଓ ନାଲିପାନର ଆଡ୍ଡା ଖୁବ୍ ଜମେ। ଏବେ ଘରେ ଘରେ ରଜପାନ। ଆଉ ରାଜଧାନୀର ଲୋକଙ୍କୁ ରଜପାନ ଦେବାକୁ ଶହ ଶହ ପାନ ଦୋକାନୀ ପସରା ମେଲାଇ ବସିଛନ୍ତି। ସେମାନେ ଖାସ୍ ରଜପାନ ତିଆରି କରୁଛନ୍ତି। ପାନରେ ଗୁଆ, ଚୂନ, ଖଇର ସହ ଅନ୍ୟାନ୍ୟ ବ୍ୟବହୃତ ମସଲା ସବୁର ଖୁବ୍ ଔଷଧୀୟ ଗୁଣ ରହିଛି । ଚରକ ସଂହିତାରେ ପାନରେ ଗୁଆ, କର୍ପୂର, ଜାଇଫଳ, ଲବଙ୍ଗ, କଙ୍କୋଳ ଓ ଗୁଜୁରାତି ଦିଆଯାଇଥିବା ପାନ କଥା କୁହାଯାଇଛି। ଏ ସବୁ ମସଲା ପାନର ସ୍ୱାଦ, ସୁଗୁଣ ଓ ସୁବାସ ନେଇ ଆସିଥାଏ। ପାନର ମୁଖ୍ୟ ଉପାଦାନଗୁଡ଼ିକ ହେଲା- ପାନ, ଚୂନ, ଗୁଆ, ଖଇର, ଲବଙ୍ଗ, ଗୁଜୁରାତି, ଅଳେଇଚ, ଜାଇତ୍ରୀ, ଜାଇଫଳ, ଖୁରୁଡ଼ି ନଡ଼ିଆ, ବାଦାମ, କର୍ପୂର, କବାବ୍‌ଚିନି, କେଶର, ଡାଲ୍‌ଚିନି, କସ୍ତୁରୀ, ସୁନା ତବକ, ରୁପା ତବକ, ଶୁଣ୍ଠି, ଅଦା, ଚନ୍ଦନ, ମାତୁଲୁଙ୍ଗ, ପିପରମେଣ୍ଟ, ଲବଲୀ, ନଖ ଓ ମୁରାମାଂସ । ଏ ସବୁ ପାନ ମସଲା ଦେଇ ଖୁବ୍ କୌଶଳରେ ମୋଡ଼ାଯାଏ ପାନ, ଆଉ ଏଥିରେ ଲବଙ୍ଗ ଗୁଞ୍ଚି ବଢ଼େଇ ଦିଆଯାଏ ଆତ୍ମୀୟସ୍ୱଜନଙ୍କୁ। ଏମିତି ଲୋକ ଅଛନ୍ତି, ଯେଉଁମାନେ ପାନଖଣ୍ଡେ ନ ହେଲେ କାମ କରିପାରନ୍ତିନି। ତେବେ କଡ଼ାପାନ ନିଶ୍ଚୟ ସ୍ୱାସ୍ଥ୍ୟପକ୍ଷେ ଖୁବ୍ କ୍ଷତିକାରକ। ପାନ ଖର୍ଚ୍ଚ ଅନେକ ସମୟରେ ଅଣ୍ଟାରୁ ପଇସା ସାରିଦିଏ। ତଥାପି ପାନର ମହତ୍ତ୍ୱ ଖୁବ୍ ବେଶି, ଯେତେବେଳେ ଏହା ମନରେ ସଂପ୍ରୀତି ଓ ପ୍ରେମଭାବ ଆଣି ଆବେଗକୁ ଉଦ୍‌ବେଳିତ କରେ। ପାନ ଏବେ ଦଶଟଙ୍କାରୁ ଆରମ୍ଭକରି ଦେଢ଼ଶହ ଟଙ୍କା ପର୍ଯ୍ୟନ୍ତ ମିଳୁଛି ସବୁଆଡ଼େ । ନିଆଳି, କାକଟପୁର ଅଞ୍ଚଳରୁ ଏଠାକୁ ଆସୁଛି ପାନ, ପୁଣି ପାନମସଲା ଆସୁଛି ଦିଲ୍ଲୀ ଓ କଲିକତାରୁ । ବନାରସ ଓ ରାଞ୍ଚିର ପାନ ବି ଏଠାକୁ ଆସୁଛି ବିକ୍ରି ପାଇଁ। ଜାଫ୍ରାନ ଓ ଗୁଲକନ୍ଦର ଚାହିଦା ଓଡ଼ିଶା ବଜାରରେ ଖୁବ୍। ରାଜଧାନୀରେ ପାନ ଦୋକାନ କରି ହଜାର ହଜାର ଲୋକ ପେଟପାଟଣା ଦେଖୁଥିବାବେଳେ- ଏବେ ସେମାନଙ୍କ ରଜବଜାର ବେଶ୍ ଜମିଛି। ଦୋକାନୀମାନେ ଢେର୍ ମିଠା ମସଲା ଭର୍ତ୍ତିକରି ରଖିଛନ୍ତି। ଘରେ ଘରେ ବୟସ୍କ ଲୋକ ପାନ ଭାଙ୍ଗି ଅତିଥି ଚର୍ଚ୍ଚା କରୁଛନ୍ତି । ଝିଅଙ୍କର ଏବେ ପାନଖିଆର ବେଳ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦

## ଚିରନ୍ତନୀ

ପବନ ସେ ରଣରଣି ବହଇ
କାନେ କାନେ କାହା କଥା କହଇ
ପୀଡ଼ିତ ଉଦାସ ମୋର ମରମ
ଚଞ୍ଚଳି ଉଠେ ତେଜି ସରମ
ଉପୁଜାଇ ବିଶ୍ୱର ଭରମ
କେଉଁ ଫୁଲ ବାସି ଉଠି ମୋହଇ।
-(ଫଗୁଣ ଜ୍ୟୋତ୍ସ୍ନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟୟବହୁଳ ନିର୍ବାଚନ

ମହାଶୟ,

ପୃଥିବୀର ସର୍ବବୃହତ୍ ବ୍ୟୟବହୁଳ ଗଣତନ୍ତ୍ରର ତ୍ରୁଟିଯୁକ୍ତ, ଅଯୁକ୍ତିକର ଅଥବା ପ୍ରଶ୍ନବାଚକପୂର୍ଣ୍ଣ ନିର୍ବାଚନଯୁକ୍ତ ବ୍ୟୟ, ଯାହାକି ଦେଶର ନିର୍ବାଚନ ବ୍ୟୟର ପରିମାଣ ଏକ ଲକ୍ଷ ଏବଂ କିଛି ହଜାର କୋଟିରୁ ଅଧିକ, ଯାହାକି ମୁଣ୍ଡପିଛା ବ୍ୟୟ ୧୪୦୦ ଟଙ୍କା। ଏହା ନିର୍ବାଚନର ଭୋଟରମାନଙ୍କର ଭୋଟଦେବା ନିମିତ୍ତ ଉଦ୍ଦିଷ୍ଟ। କିନ୍ତୁ ବିଡ଼ମ୍ବନାର ବିଷୟ, ସାରା ଦେଶର ଲକ୍ଷାଧିକ ଭୋଟରଙ୍କ ଭୋଟବର୍ଜନ ଉକ୍ତ ନିର୍ବାଚନର ବ୍ୟବସ୍ଥାପକ ବ୍ୟୟର ଅପବ୍ୟବହାର ଅଥବା ଉକ୍ତ ବ୍ୟୟର କ୍ଷତି ପରିମାଣର ଅନୁସରଣ ଅଥବା ଉକ୍ତ ପରିଶୋଧ ବିସ୍ମୟକର। ଏଣୁ ଏଠାରେ ପ୍ରଶ୍ନ ଉଠେକି ଉପରୋକ୍ତ ନିର୍ବାଚନର ବ୍ୟୟ ଭୋଟରମାନଙ୍କର ଅନୁମତିଯୁକ୍ତ କି? ଅଥବା ଉପରୋକ୍ତ ବ୍ୟୟ ନିମିତ୍ତ ଭୋଟରମାନଙ୍କର ଭୋଟଦେବା ଅଧିକାର ବାଧ୍ୟତାମୂଳକ କିମ୍ବା ଉପଯୁକ୍ତ ସାମ୍ବିଧାନିକ ମୌଳିକ ଅଧିକାର କି ? ଫଳସ୍ୱରୂପ ସର୍ବବୃହତ୍ ବ୍ୟୟବହୁଳ ଉପରୋକ୍ତ ନିର୍ବାଚନର କ୍ଷତିର ପରିମାଣ ଅଥବା ତାହାର ପରିଶୋଧ ନିମିତ୍ତ ଅନୁଶାସନ ସାମ୍ବିଧାନିକ ବ୍ୟବସ୍ଥା କ'ଣ ? ଯାହାର ଉତ୍କୃଷ୍ଟ ଉଦାହରଣ ପୃଥିବୀର ସର୍ବବୃହତ୍ ଅଭିବ୍ୟକ୍ତ ଗଣତନ୍ତ୍ର ରାଷ୍ଟ୍ରର ଅଣଗଣତାନ୍ତ୍ରିକ ଅଥବା ପ୍ରଶ୍ନବାଚକ ସାମ୍ବିଧାନିକ ନିୟମର ପ୍ରଣୟନ ବ୍ୟବସ୍ଥା।

– ନରେନ୍ କୁମାର ମହାନ୍ତି, ମାଟିମଣ୍ଡପ ସାହି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆସିଛି ରଜ

ଭୁବନେଶ୍ୱର,୧୩।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ଗଣପର୍ବ 'ରଜ' ପାଇଁ ରାଜଧାନୀ ଉତ୍ସବ ମୁଖରିତ। ଏଥିପାଇଁ ସମସ୍ତଙ୍କ ମନରେ ଉଲ୍ଲାସ ଓ ଉତ୍ସାହ ଭରିଯାଇଛି। ସବୁଠି ପୋଡ଼ପିଠା, ପାନଭଙ୍ଗା ପ୍ରସ୍ତୁତି ସାଙ୍ଗକୁ ଦୋଳି ଲାଗିସରିଲାଣି। ଗୁରୁବାର ଝିଅବୋହୂମାନେ ରଜ ସଜବାଜ ବେଶ୍ ଉତ୍ସାହର ସହିତ ପାଳନ କରିଛନ୍ତି। ଶୁକ୍ରବାର ପ୍ରଥମ ରଜ। ଉଭୟ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ରଜ ଉତ୍ସବ ପାଳନ ପାଇଁ ବିଭିନ୍ନ ପ୍ରକାର ଆୟୋଜନ କରାଯାଇଛି। ଭୁବନେଶ୍ୱର ପାନ୍ଥନିବାସରେ ରଜ ସଜବାଜ ପାଇଁ ବ୍ୟବସ୍ଥା ହୋଇଛି। ବିଭିନ୍ନ ଶପିଂମଲ୍ ସାମ୍ନାରେ ଦୋଳି, ରାସ୍ତା ପାର୍ଶ୍ୱରେ ପିଠା ଷ୍ଟଲ, ରଜ ପାନ ଷ୍ଟଲ୍ ଦେଖିବାକୁ ମିଳୁଛି। ପାତ୍ରପଡ଼ା, ନୟାପଲ୍ଲୀ, ଶହୀଦନଗର ଭଳି ଅନେକ ସ୍ଥାନରେ ଦୋଳି ଲଗାଯାଇଛି। ରାଜଧାନୀରେ ରଜ ପାଇଁ ଆୟୋଜନ ନେଇ ଧରିତ୍ରୀ ପକ୍ଷରୁ ସ୍ୱତନ୍ତ୍ର ଉପସ୍ଥାପନା।

### ରାଜ୍ୟ ସଂଗ୍ରହାଳୟରେ ରଜ ମଉଜ

ରଜ ପାଇଁ ରାଜ୍ୟ ସଂଗ୍ରହାଳୟର ଉଦ୍ୟାନ ପରିସରରେ ଆୟୋଜନ ହୋଇଛି ଆକର୍ଷଣୀୟ କାର୍ଯ୍ୟକ୍ରମ 'କୁମାରୀ କନ୍ୟା'। ମହିଳାଙ୍କ ପାଇଁ ରଜଦୋଳି, ପୁରୁଷଙ୍କ ପାଇଁ ତାସ୍ ଓ ଲୁଡୁ ଖେଳର ବ୍ୟବସ୍ଥା କରାଯାଇଛି। ପିଠା, ପାନ ଓ ଖାଦ୍ୟ ସାମଗ୍ରୀର ବିଭିନ୍ନ ପସରା ସହ ପରିବେଶକୁ ଉତ୍ସବମୁଖର କରିବା ପାଇଁ ଘୋଡ଼ାନାଚ ଓ ପାନର କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି। ରଜ ଉତ୍ସବ ଉପଲକ୍ଷେ ରାଜ୍ୟ ସଂଗ୍ରହାଳୟ ଓ ନିଉ ବ୍ରିଜ ଇଣ୍ଡିଆ ସହଯୋଗରେ ଏକ ପ୍ରଦର୍ଶନୀ 'ବଏ ଡ୍ୟାନ୍ସର' ଅନୁଷ୍ଠିତ ହେଉଛି। ଏଥିସହ ଗୋଟିପୁଅ ନୃତ୍ୟ ମଧ୍ୟ ଉନ୍ମୁକ୍ତ ଉଦ୍ୟାନରେ ପ୍ରଦର୍ଶନ ହେବ। ଏହା ଅପରାହ୍ନ ୪ଟା ୩୦ରେ ଆରମ୍ଭ ହେବ। ଗୋଟିପୁଅ ନୃତ୍ୟର ଚମତ୍କାର ଅଭିବ୍ୟକ୍ତି ହେଉଛି ବନ୍ଧନୃତ୍ୟ। ବିଶେଷକରି ଲୋକକଳା, ଲୋକ ମହୋତ୍ସବ ଓ ଗୋଟିପୁଅ ଭଳି ପାରମ୍ପରିକ ବ୍ୟବସ୍ଥାରେ ରାଜ୍ୟ ସଂଗ୍ରହାଳୟରେ ଲୋକେ ରଜ ମଉଜ କରିବେ।

### ନୟାପଲ୍ଲୀ ରଜ ମହୋତ୍ସବ

ନୟାପଲ୍ଲୀ କଳିଙ୍ଗ କ୍ରୀଡ଼ା ବିକାଶ ପରିଷଦ ପକ୍ଷରୁ ନୟାପଲ୍ଲୀ ରଜ ମହୋତ୍ସବ-୨୦୨୪ ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି। ଆସନ୍ତା ରବିବାର ପର୍ଯ୍ୟନ୍ତ ଏହା ଚାଲିବ। ବିଭିନ୍ନ ପ୍ରକାର ଦୋଳି ପଡ଼ିଥିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ଖାଦ୍ୟ ପସରା, ପାନ ଷ୍ଟଲର ଆୟୋଜନ କରାଯାଇଛି। ଛୋଟ ପିଲାଙ୍କ ମଧ୍ୟରେ ରଜରେ ଖେଳାଯାଉଥିବା ବିଭିନ୍ନ ଖେଳକୁ ନେଇ ପ୍ରତିଯୋଗିତା ଆୟୋଜନ ହେଉଛି। ପ୍ରଥମ ଦିନରେ ଅତିଥି ଭାବେ ମୀରା ପରିଡ଼ା ଯୋଗଦେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି।

### ଏମାନେ କୁହନ୍ତି

ରଜ ପାଇଁ ମୁଁ ଖୁବ୍ ଉତ୍ସାହିତ। ସଜବାଜ ସବୁ ସରିଲାଣି। ମୁଁ ଓ ମୋ' ସାଙ୍ଗମାନେ ମିଶିକି ମେହେନ୍ଦୀ ଲଗାଇ ସାରିଲୁଣି। ନିକଟସ୍ଥ ଏକ ସ୍ଥାନରେ ରଜଦୋଳି ଲଗାଯାଇଛି। ସମସ୍ତେ ସାଙ୍ଗ ହୋଇ ସେଠାକୁ ଖେଳିବାକୁ ଯିବୁ। ସେହିପରି ପିଠା, ପାନ ଖାଇ ରଜକୁ ଭଲ ଭାବେ ପାଳନ କରିବୁ।

**- ବନିତାରାଣୀ ପଣ୍ଡା**

ଏଥର ରଜ ପାଳନ କରିବାକୁ ମୁଁ ଚାହିଁବସିଛି। ପ୍ରାୟ ଓଡ଼ିଆ ପର୍ବରେ ଆମେ ଘରେ ସମସ୍ତେ ଏକତ୍ରିତ ହେଉ, ସେ ମଜା ଆଉ କେଉଁଠି ନାହିଁ। ତାସ୍, ଲୁଡୋ ସବୁ ପ୍ରକାର ଖେଳର ଆୟୋଜନ କରାଯାଏ। ଏଥର ମଉଜର ସହ ରଜ ପାଳନ କରିବାକୁ ଆଗୁଆ ଯୋଜନା ସରିଛି।

**- ଜୟଶ୍ରୀ ରାଉତ**

ଏବେ ରଜ ପାଇଁ ଏତେ ଆଉ ଆଗ୍ରହ ନାହିଁ, ଯାହା ପିଲାବେଳେ ଥିଲା। ଗୋଟିଏ ଦୋଳିରେ ଖେଳିବାକୁ ମାରପିଟ, ପିଠା ଖାଇବାକୁ ଆଗ୍ରହ, ଅଳତା ଲଗାଇବା, ସଜ ହେବା ସବୁକିଛି ଥିଲା ନିଆରା। କିନ୍ତୁ ସମୟ ବଦଳିବା ସହ ସାଙ୍ଗମାନେ କିଏ କେଉଁଠି ରହିଲେ। ଘରେ ମଧ୍ୟ ଆଗ ଭଳି ରଜ ପାଳନ ହେଉନି। ଏବେ ଯେମିତି ସେମିତି ପାଳନ କରିଦେବା କଥା।

**- ନିହାରିକା ମହାନ୍ତି**

### ଶହୀଦନଗରରେ ୫ଦିନିଆ ରଜ

ଶହୀଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ରଜ ମହୋତ୍ସବ ଧୁମଧାମ୍‌ରେ ପାଳନ କରାଯାଉଛି। ବୁଧବାରଠାରୁ ୫ଦିନିଆ ରଜ ଉତ୍ସବ ଆରମ୍ଭ ହୋଇଛି। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ସମିତି ପକ୍ଷରୁ ୨୫ଟି ବିଭିନ୍ନ ପ୍ରକାର ପାରମ୍ପରିକ, ନିରାମିଷ ଓ ଆମିଷ ଖାଦ୍ୟଷ୍ଟଲର ବ୍ୟବସ୍ଥା କରାଯାଇଛି। ପିଠା, ମିଠା, ପାନ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀକୁ ନେଇ ମଧ୍ୟ ଷ୍ଟଲ ପଡ଼ିଛି। ରଜକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଦୋଳି, ସେଲ୍‌ଫି ଜୋନ୍, ମୀନାବଜାର, ଖେଳ ସରଞ୍ଜାମ ଆୟୋଜନ ହୋଇଛି। ସନ୍ଧ୍ୟାରେ ପ୍ରସିଦ୍ଧ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।



## ପାନ୍ଥନିବାସରେ ରଜ ମହୋତ୍ସବ



### ରାଜଧାନୀରେ ବୁଲିବ ୩ 'ପିଠା ଅନ୍ ହୁଇଲ୍'

ଭୁବନେଶ୍ୱରସ୍ଥିତ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ(ଓଟିଡିସି) ମୁଖ୍ୟାଳୟରେ ଗୁରୁବାର ଗଣପର୍ବ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହିଳା ଓ ଯୁବତୀମାନଙ୍କ ପାଇଁ ରଜ ଦୋଳି, ଅଳତା ଏବଂ ମେହେନ୍ଦି ସମେତ ରଜ ପର୍ବ ସମୟରେ ଓଡ଼ିଆ ସୁସ୍ୱାଦୁ ଖାଦ୍ୟ, ପିଠାପଣାକୁ ପ୍ରୋତ୍ସାହିତ କରି ଏହି ରଜ ମହୋତ୍ସବ ପାଳନ କରାଯାଉଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଏକାମ୍ର ବିଧାୟକ ବାବୁ ସିଂ ଅତିଥି ଭାବେ ଯୋଗଦେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ତିନିଦିନିଆ ଉତ୍ସବର ଏକ ଅଂଶ ଭାବେ ଓଟିଡିସିର ସମସ୍ତ ଆତିଥ୍ୟ ୟୁନିଟଗୁଡ଼ିକରେ ରଜର ସ୍ୱତନ୍ତ୍ର ସୁସ୍ୱାଦୁ ଖାଦ୍ୟ ଏବଂ ମିଠା ବିକ୍ରୟକୁ ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିସହ ପାନ୍ଥନିବାସରେ ପାରମ୍ପରିକ ରଜଦୋଳି ଏବଂ ମହିଳାଙ୍କ ହାତକୁ ମାଗଣାରେ ମେହେନ୍ଦିରେ ସଜାଇବା ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି। ଉତ୍ସବକୁ ମହନୀୟ କରିବା ତଥା ରଜର ସୁସ୍ୱାଦୁ ପିଠା ଓ ମିଠା ବିକ୍ରୟ ପାଇଁ ତିନୋଟି 'ପିଠା ଅନ୍ ହୁଇଲ' ଭ୍ୟାନ୍ ଉଦ୍‌ଘାଟିତ ହୋଇଛି। ମାଷ୍ଟରକ୍ୟାଣ୍ଟିନ, କିଟ୍ ସ୍କୋୟାର, ଆଇଟିଆର୍- ଖଣ୍ଡଗିରିରେ ସକାଳ ୮ଟାରୁ ମଧ୍ୟାହ୍ନ ୧୨ ଘଟିକା ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏହି ଭ୍ୟାନଗୁଡ଼ିକ ଉପଲବ୍ଧ ହେବ। ଏହି ଭ୍ୟାନଗୁଡ଼ିକ ରଜପିଠା ଏବଂ ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟ ପ୍ରଦାନ କରିବ। 'ପିଠା ଅନ୍ ହୁଇଲ' ମଧ୍ୟ ସମ୍ବଲପୁରରେ ଉପଲବ୍ଧ ହେବ। ସିଲଭରସିଟି ବୋଟ କ୍ଲବ, ଆଇଏସ୍‌ବିଟି କାଫେ ଏବଂ ଭୁବନେଶ୍ୱରସ୍ଥିତ ନିମନ୍ତ୍ରଣ ରେସ୍ତୋରାଁରେ ଜୁନ୍ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ରଜ ପିଠା କାଉଣ୍ଟର ସ୍ଥାପନ କରାଯିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିଗମର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ମହାପ୍ରବନ୍ଧକ ଡ. ଲଲାଟେନ୍ଦୁ ସାହୁ, ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ କାର୍ଯ୍ୟକାରୀ ସଭାପତି ବେଣୁଧର ପାତ୍ର ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଏକାମ୍ର ବିଧାୟକ ବାବୁ ସିଂ 'ପିଠା ଅନ୍ ହୁଇଲ୍'କୁ ଉଦ୍‌ଘାଟନ କରୁଛନ୍ତି।



## ଅଜଣା ରୋଗରେ ଆଉ ଜଣେ ଶିଶୁର ଜୀବନ ଗଲା

### ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି, ସ୍ଥିତି ଗମ୍ଭୀର

ରାୟଗଡ଼ା,୧୩।୬ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ ଥମୁନି ଅଜଣା ରୋଗ ଆତଙ୍କ। ଡଙ୍ଗାସିଲ ପଞ୍ଚାୟତ ମୁନୁଷପଦର ଗ୍ରାମରେ ଅଜଣା ରୋଗରେ ଗୁରୁବାର ଆଉ ଜଣେ ଶିଶୁର ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ପଲାସି ମାଝି। ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସପ୍ତାହକ ମଧ୍ୟରେ ୫ ଶିଶୁଙ୍କ ମୃତ୍ୟୁ ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି। ଦିନକୁ ଦିନ ମୃତ୍ୟୁ ଓ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ମୁନୁଷପଦର ଗ୍ରାମରେ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଅନ୍ୟପକ୍ଷରେ ଆକ୍ରାନ୍ତ ଥିବା ପବିତ୍ର ମାଝି (୮) ଓ ଜୟରାମ ମାଝି (୫)ଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁବାର ଆଉ ୨ ଭାଇ ବିଜୟ ମାଝି (୩) ଓ ମୋହନ ମାଝି (୫) ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡିଛି। ସେହିପରି କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ଜଣ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଅନ୍ୟପଟେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଶିଶୁ ରୋଗ ବିଭାଗର ସହକାରୀ ପ୍ରଫେସର ଡାକ୍ତର ଶିବଶଙ୍କର ବେରିଆ ଓ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଡାକ୍ତରୀ ଟିମ୍ ଗାଁରେ ଚିକିତ୍ସା ଆରମ୍ଭ କରିଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଟିମ୍ ପକ୍ଷରୁ ସଂଗ୍ରହ କରାଯାଇଥିବା ନମୁନାର ପରୀକ୍ଷଣ ଆରମ୍ଭ ହୋଇଛି। ତେବେ ଏହା କେଉଁ ରୋଗ, ତାହା ଆଜି ସୁଦ୍ଧା ଜଣାପଡିନାହିଁ। ଡିପ୍‌ଥେରିଆ ନାମକ ରୋଗ ବ୍ୟାପିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଟିମ୍ ସନ୍ଦେହ କରୁଛନ୍ତି। ବୁଧବାର ଓ ଗୁରୁବାର ମୃତ୍ୟୁବରଣ କରିଥିବା ଶିଶୁଙ୍କ ଶରୀରରେ ସର୍ବାଧିକ ଡିପ୍‌ଥେରିଆ ଲକ୍ଷଣ ରହିଥିବା ତଦନ୍ତରୁ ଜଣାପଡ଼ିଥିବା ମେଡିକାଲ ଟିମ୍ କହିଛନ୍ତି। ଏହି ରୋଗ ନିକଟସ୍ଥ ଅନ୍ୟ ଗାଁକୁ ବ୍ୟାପୁଥିବା ମଧ୍ୟ ସୂଚନା ହସ୍ତଗତ ହୋଇଛି। ଫଳରେ ମାଇକଞ୍ଚ, ଡଙ୍ଗାସିଲ ଓ କୁଚେଇପଦରର ବିଭିନ୍ନ ଗାଁରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଅପରପକ୍ଷେ, ସ୍ୱାସ୍ଥ୍ୟ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି ଲୋକେ। ସ୍ୱାସ୍ଥ୍ୟ ବିଭାଗ ନିକଟରେ ଠିକ୍ ସୂଚନା ରହୁ ନ ଥିବା ବ୍ଲକ କଂଗ୍ରେସ ସଭାପତି ଅଙ୍ଗଦ ନାଏକ କହିଛନ୍ତି। ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଲାଲମୋହନ ରାଉତରାୟ କହିଛନ୍ତି, ଆକ୍ରାନ୍ତ ଠିକ୍ ସମୟରେ ମେଡିକାଲ ଆସୁ ନ ଥିବାରୁ ସ୍ଥିତି ବିଗୁଡୁଛି। ସ୍ୱତନ୍ତ୍ର ଡାକ୍ତରୀ ଦଳ ଗାଁରେ ସେବା ପ୍ରଦାନ କରୁଛନ୍ତି। ରୋଗକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଉଦ୍ୟମ ଜାରି ରଖିଥିବା ସେ କହିଛନ୍ତି।



ଡାକ୍ତରୀ ଟିମ୍ ମୁନୁଷପଦର ଗ୍ରାମରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ଘାଟିରେ ଓଲଟିଲା ଆମ୍ବ ଗାଡ଼ି, ୨ ମୃତ

ପାତ୍ରପୁର,୧୩।୬(ଉମା ଚରଣ ନେପାକ)

ଗଜପତି ଜିଲା କାନସୁକା ଘାଟିରେ ଗୁରୁବାର ସନ୍ଧ୍ୟାରେ ଆମ୍ବ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଗଞ୍ଜାମ ଜିଲା ଖାରିଆଗୁଡା ଫାଣ୍ଡି ନୀଳାଦ୍ରି ଚନ୍ଦ୍ରପୁର ଗ୍ରାମର ଲିଟୁ ସାହୁ(୩୫) ଓ କୁରେଶୁ ବାଉତ୍ୟା (୪୪)। ଗୁରୁତର ପ୍ରମୋଦ ସାହୁଙ୍କୁ ତୁରୁବୁଡି ଡାକ୍ତରଖାନାକୁ ପଠାଯାଇଛି। ନୀଳାଦ୍ରି ଚନ୍ଦ୍ରପୁର ଗ୍ରାମର ଲିଟୁ, କୁରେଶୁ ଓ ପ୍ରମୋଦ ପିକ୍‌ଅପ୍ ଭ୍ୟାନରେ ଆମ୍ବ ଧରି ଗଜପତି ଜିଲା ରାମଗିରିରୁ ଫେରୁଥିଲେ। ଗଜପତି ସୀମାନ୍ତ କାନକଟା ଘାଟି ନିକଟରେ ଗାଡିଟି ଭାରସାମ୍ୟ ହରାଇ ଖାଇକୁ ଓଲଟି ପଡିଥିଲା। ଘଟଣାସ୍ଥଳରେ ଲିଟୁ ଓ କୁରେଶୁଙ୍କ ମୃତ୍ୟୁ ହୋଇଥିଲା। ଖାରିଆଗୁଡା ଫାଣ୍ଡି ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ରାଜ୍ୟ ଖବର

## ବିଧାୟକ, ଏମ୍‌ପିଙ୍କ ବିରୋଧରେ ୪୩୪ ମାମଲା ବିଚାରାଧୀନ

### ହାଇକୋର୍ଟ ୱେବ୍‌ସାଇଟ୍‌ରେ ରିପୋର୍ଟ ପ୍ରକାଶିତ

■ ଆଗରେ ଖୋର୍ଦ୍ଧା ଜିଲା, କୋରାପୁଟ ୨ୟ, ଗଞ୍ଜାମ ୩ୟ

କଟକ,୧୩।୬ (କାର୍ତ୍ତିକ ସାହୁ)

ହାଇକୋର୍ଟ ୱେବ୍‌ସାଇଟ୍‌ରେ ସଦ୍ୟ ପ୍ରକାଶିତ ସୂଚନା ଅନୁସାରେ ଓଡ଼ିଶାର ବିଭିନ୍ନ କୋର୍ଟରେ ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ୪୩୪ଟି ମାମଲା ବିଚାରାଧୀନ ରହିଛି। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୮୨ଟି ମାମଲା ବିଚାରାଧୀନ ରହିଛି। ଏଥିସହ ଦ୍ୱିତୀୟ ସ୍ଥାନରେ କୋରାପୁଟ ଜିଲାରେ ୫୫ ଓ ତୃତୀୟ ସ୍ଥାନ ଗଞ୍ଜାମ ଜିଲାରେ ୪୯ଟି ମାମଲା ବିଚାରାଧୀନ ରହିଛି।

ପ୍ରକାଶ ଯେ, ରାଜ୍ୟର ୩୦ ଜିଲାରୁ ହାଇକୋର୍ଟକୁ ଆସିଥିବା ରିପୋର୍ଟ ଅନୁସାରେ ୨୦୨୪ ଜାନୁଆରୀ ୧ରୁ ମେ' ୩୧ ତାରିଖ ମଧ୍ୟରେ ୪୧ଟି ମାମଲା ରୁଜୁ ହୋଇଛି। ବିଚାରାଧୀନ ଥିବା ୪୩୪ଟି ମାମଲା ମଧ୍ୟରୁ ୬୯ଟି ମାମଲା ଟ୍ରାଏଲ ସ୍ଥିତିରେ ପହଞ୍ଚି ସାରିଛି। ଅନୁଗୋଳରେ ୨୭, ବଲାଙ୍ଗୀରରେ ୨୮, ବାଲେଶ୍ୱରରେ ୨୩, ବରଗଡ଼ରେ ଗୋଟିଏ, କଟକରେ ୩୯, କଳାହାଣ୍ଡିରେ ଗୋଟିଏ, କେନ୍ଦ୍ରାପଡ଼ାରେ ଗୋଟିଏ, କେନ୍ଦୁଝରରେ ଗୋଟିଏ, ମୟୂରଭଞ୍ଜରେ ୨୮, ନୟାଗଡ଼ରେ ୫, ପୁରୀରେ ୪, ସମ୍ବଲପୁରରେ ୫୦, ସୋନପୁରରେ ଗୋଟିଏ, ସୁନ୍ଦରଗଡ଼ ଜିଲାରେ ୩୯ଟି ମାମଲା ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ବିଚାରାଧୀନ ରହିଛି। ଅନ୍ୟପକ୍ଷରେ ଭଦ୍ରକ, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଜପତି, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡ଼ା, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ଫୁଲବାଣୀ, ରାୟଗଡ଼ା ଜିଲାରେ ଥିବା ଅଦାଲତରେ ଏମ୍‌ପି ଓ ବିଧାୟକଙ୍କ ବିରୋଧରେ କୌଣସି ଆପରାଧିକ ମାମଲା ବିଚାରାଧୀନ ନାହିଁ ବୋଲି ତଥ୍ୟରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ବିଧାୟକ ଓ ଏମ୍‌ପିଙ୍କ ମାମଲାର ଦ୍ରୁତ ଶୁଣାଣି ପାଇଁ ରାଜ୍ୟର କେତେକ ସ୍ଥାନରେ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରାଯାଇଛି। ସୁପ୍ରିମ୍‌କୋର୍ଟ ୨୦୨୦ ସେପ୍ଟେମ୍ବର ୧୬ରେ ଅଶ୍ୱିନୀ କୁମାର ଉପାଧ୍ୟାୟ ବନାମ କେନ୍ଦ୍ର ସରକାର ମାମଲାର ଶୁଣାଣି କରି ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ପ୍ରଦାନ କରିଥିଲେ। ନିର୍ବାଚିତ ପ୍ରତିନିଧିଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ଦ୍ରୁତ ଶୁଣାଣି ଓ ଫଇସଲା ପାଇଁ ସ୍ୱତନ୍ତ୍ର ଅଦାଲତ ଗଠନ ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଥିଲେ। ଏହାପରେ ହାଇକୋର୍ଟ ଏହି ପ୍ରସଙ୍ଗରେ ନିଜ ଆଡୁ ୨୦୨୦ରେ ମାମଲା ରୁଜୁ କରିଥିଲେ। ବିଧାୟକ ଏବଂ ଏମ୍‌ପିଙ୍କ ବିରୋଧରେ ଥିବା ଆପରାଧିକ ମାମଲାଗୁଡ଼ିକର ଦ୍ରୁତ ଶୁଣାଣି ପାଇଁ କେତେକ ସ୍ଥାନରେ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ରାଜ୍ୟ ସରକାର ହାଇକୋର୍ଟଙ୍କୁ ଅବଗତ କରିଥିଲେ। ଏମ୍‌ପି, ପୂର୍ବତନ ଏମ୍‌ପି, ବିଧାୟକ ଓ ପୂର୍ବତନ ବିଧାୟକଙ୍କ ବିରୋଧରେ ଥିବା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଟ୍ରାଏଲ ଯୋଗ୍ୟ ମାମଲା ଶୁଣାଣି ପାଇଁ ୧୧ଟି ସିଭିଲ ଜଜ୍ ଅଦାଲତଙ୍କୁ ସ୍ୱତନ୍ତ୍ର ଅଦାଲତର ମାନ୍ୟତା ଦିଆଯାଇଛି। ସେହିଭଳି ୨୦୨୧ ମାର୍ଚ୍ଚ ୧୭ର ବିଜ୍ଞପ୍ତି ଅନୁସାରେ ତିନୋଟି ଅତିରିକ୍ତ ଜିଲା ଓ ଦୌରା ଜଜ୍ ଅଦାଲତଙ୍କୁ ଏଭଳି ମାମଲାର ଶୁଣାଣି ପାଇଁ ସ୍ୱତନ୍ତ୍ର ଅଦାଲତ ମାନ୍ୟତା ଦିଆଯାଇଥିବା ନେଇ ୨୦୨୧ ଏପ୍ରିଲ ୫ରେ ହାଇକୋର୍ଟରେ ମାମଲା ଶୁଣାଣି ସମୟରେ ରାଜ୍ୟ ସରକାର ଅବଗତ କରିଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ଜିଲାର ଅଦାଲତରେ ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ବିଚାରାଧୀନ ମାମଲାଗୁଡ଼ିକ ସ୍ୱତନ୍ତ୍ର ଅଦାଲତକୁ ଶୁଣାଣି ପାଇଁ ସ୍ଥାନାନ୍ତର ହୋଇଥିଲା। ଏଥିସହ ନୂଆ କରି ରୁଜୁ ଏଭଳି ମାମଲାଗୁଡ଼ିକ ସ୍ୱତନ୍ତ୍ର ଅଦାଲତକୁ ବିଚାର ପାଇଁ ପଠାଯାଇଥିଲା।

## କଳବଳ କରିବ ଗୁଳୁଗୁଳି

ଭୁବନେଶ୍ୱର,୧୩।୬
(ଅନୁରାଧା ମହାରଣା)

ଜୁନ୍ ୮ରେ ମୌସୁମୀ ଓଡ଼ିଶା ଛୁଇଁଥିବାବେଳେ ଆଗକୁ ଅଗ୍ରସର ନ ହେବା ଫଳରେ ରାଜ୍ୟରେ ଗ୍ରୀଷ୍ମ ତାତି ତଥା ଗୁଳୁଗୁଳି ଜାରି ରହିଛି। ଗୁରୁବାର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରଜରେ ଲୋକଙ୍କୁ ଗୁଳୁଗୁଳି କଳବଳ କରିବ। ଏବେ ମାଲକାନଗିରି ଓ କୋରାପୁଟରେ ମୌସୁମୀ ବାୟୁ ପ୍ରବେଶ କରିଛି। ଅନ୍ୟ ଅଞ୍ଚଳକୁ ମୌସୁମୀ ୩ରୁ ୪ ଦିନ ଭିତରେ ଅଗ୍ରସର ହୋଇପାରେ। ଆଗାମୀ ୫ଦିନ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶା ସହ ଉତ୍ତର ଓଡ଼ିଶାର କେତେକ ଅଞ୍ଚଳରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ବୌଦ୍ଧ, ସୁବର୍ଣ୍ଣପୁରକୁ ଗ୍ରୀଷ୍ମ ପ୍ରବାହ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ରଜରେ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ଗୁଳୁଗୁଳି ହେବାର ସମ୍ଭାବନା ରହିଛି। ଶୁକ୍ରବାର ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର, ଅନୁଗୋଳ, କଟକ, ସୁନ୍ଦରଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା, ନୂଆପଡ଼ା, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଆଦି ଜିଲାରେ କାଳବୈଶାଖୀ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସମ୍ପୃକ୍ତ ଜିଲାଗୁଡ଼ିକରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସହ ଘଡ଼ଘଡ଼ି, ବିଜୁଳି ଓ ବର୍ଷାହେବାର ସମ୍ଭାବନା ରହିଛି। କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ୧୮ ତାରିଖ ପରେ ରାଜ୍ୟରେ ପାଣିପାଗ ପରିବର୍ତ୍ତନ ହୋଇପାରେ।

## ବନ୍ତରେ ସିବିଆଇ ରେଡ୍
### ଗ୍ରାମୀଣ ଡାକ ସେବକ ପରୀକ୍ଷାରେ ଜାଲ ସାର୍ଟିଫିକେଟ

ବନ୍ତ,୧୩।୬(ହରି ନାରାୟଣ ମହାନ୍ତି)

୨୦୨୩ ଜାନୁଆରୀ ୨୭ରେ ୧୩।୮୨ ଗ୍ରାମୀଣ ଡାକ ସେବକ ପଦବୀ ପାଇଁ ଡାକ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ମାଟ୍ରିକ ଯୋଗ୍ୟତା ଥିବା ପ୍ରାର୍ଥୀମାନେ ଅନଲାଇନ ମାଧ୍ୟମରେ ଆବେଦନ କରିଥିଲେ। ପରବର୍ତ୍ତୀ ସମୟରେ ଆବେଦନ କରିଥିବା ୬୩ ପ୍ରାର୍ଥୀ ଜାଲ ପ୍ରମାଣ ପତ୍ର ଦେଇଥିବା ନେଇ ଡାକ ବିଭାଗ ଜାଣିବାକୁ ପାଇବା ପରେ ଏସମ୍ପର୍କରେ ସିବିଆଇରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ, ଗୁରବାର ରାଜ୍ୟର ବିଭିନ୍ନ ଜିଲାର ୬୭ ସ୍ଥାନରେ ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି । ଏହି ଅବସରରେ ଭଦ୍ରକ ଜିଲା ବନ୍ତ ବଜାରରେ ଥିବା ପଦ୍ମାବତୀ କମ୍ପ୍ୟୁଟର ଏକାଡେମୀରେ ସିବିଆଇ ଚଢ଼ାଉ କରିଛି। ସକାଳେ ସିବିଆଇ ଟିମ୍ ୨ ଘଣ୍ଟା ଧରି ବନ୍ତସ୍ଥିତ କମ୍ପ୍ୟୁଟର ଏକାଡେମୀରେ ଚଢ଼ାଉ କରିଥିଲା। ପରେ ଏକାଡେମୀର ମାଲିକଙ୍କ ଭଣ୍ଡାରଗଡିଆ ଘର ସମେତ ବିଭିନ୍ନ ସ୍ଥାନରେ ଥିବା ପଦ୍ମାବତୀ ଏକାଡେମୀରେ ଚଢ଼ାଉ କରାଯାଇଥିଲା।

# ପିଠା, ମିଠା ବଦଳରେ ମଦ ମାଂସର ଆସର

ଭଦ୍ରକ,୧୩।୬(ସନାତନ ରାଉତ)

### ଆଧୁନିକତାର ଛାପରେ ବଦଳି ଗଲାଣି ରଜ ସଂସ୍କୃତି, ପରମ୍ପରା

ଓଡ଼ିଶାର ଗଣପର୍ବ ରଜ ପର୍ବ ଏକ କୃଷି ଭିତ୍ତିକ ପର୍ବ ହୋଇଥିବା ବେଳେ ଗ୍ରାମାଞ୍ଚଳର ଚାଷୀଘରର ଲୋକେ ଏହାକୁ ଧୁମ୍‌ଧାମରେ ପାଳନ କରିଆସୁଥିଲେ। ଏବେ ଆଧୁନିକତାର ଛାପରେ ରଜ ସଂସ୍କୃତି ଓ ପରମ୍ପରା ବଦଳି ଗଲାଣି। ପିଠା, ମିଠା ଓ ଦୋଳିର ପର୍ବ ରଜ ଏବେ ମଦ, ମାଂସରେ ପାଳନ କରାଯାଉଛି। ଆଗରୁ ଗ୍ରାମାଞ୍ଚଳରେ ରଜ ପର୍ବକୁ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଅପେକ୍ଷା କରିଥାନ୍ତି। ରଜ ପୂର୍ବରୁ ଜମିରେ ଧାନ ବୁଣା କାମ ଚାଷୀମାନେ ଶେଷ କରିଥାନ୍ତି। ରଜ ୩ ଦିନ କୌଣସି କାମ ନ କରି ଘର ଘର ବୁଲି ମିଠା, ପିଠା, ଆମ୍ବ, ପଣସ ଖାଇବା ସହ ଗାଁର ହରିହାଟ ଘରେ କିମ୍ବା ଗାଁମୁଣ୍ଡ ଛକରେ ସମସ୍ତେ ଏକତ୍ରିତ ହୋଇ ତାସ୍, ଲୁଡ୍ଡୁ, କବାଡ଼ି ଖେଳରେ ରଜ ମଉଜ କରିଥାନ୍ତି। ସମସ୍ତଙ୍କ ମଧ୍ୟରେ ସମ୍ପର୍କକୁ ନିବିଡ଼ କରିଥାଏ ରଜ ପର୍ବ। ଝିଅମାନେ ବିଭିନ୍ନ ପ୍ରକାର ଦୋଳି ଖେଳିବା ସହ ରଜ ଗୀତ ଗାଇ ରଜ ମନାଇଥାନ୍ତି। ରଜ ପରେ ମୌସୁମୀ ବର୍ଷା ଆସିଥାଏ। ଜମିରେ ପାଣି ଲାଗିବା ପରେ ପୁଣିଥରେ ଚାଷ କାମରେ ଲାଗିଥାନ୍ତି। ସେହିପରି ରଜ ପର୍ବରେ ଗ୍ରାମାଞ୍ଚଳରେ ଲୋକଙ୍କ ମନରେ ଆଗପରି ସଦ୍‌ଭାବ ନ ଥିବାରୁ ପଡ଼ୋଶୀ ଘରର ମିଠା, ପିଠା ଦିଆନିଆ ଧୀରେ ଧୀରେ ବନ୍ଦ ହୋଇଗଲାଣି। ଏବେ ଯୁବପିଢ଼ି ଏ ସଂସ୍କୃତିକୁ ବଦଳାଇ ରଜ ପର୍ବରେ ମଦ, ମାଂସକୁ ପସନ୍ଦ କରୁଛନ୍ତି। ଘରେ ମିଠା, ପିଠା ଅପେକ୍ଷା ବଜାରର ଫାଷ୍ଟଫୁଡ଼କୁ ବେଶୀ ପସନ୍ଦ କରୁଛନ୍ତି। ଆଗପରି ଗାଁରେ ଦୋଳି ଲାଗୁନାହିଁ କି ରଜ ଗୀତ ମଧ ଶୁଣିବାକୁ ମିଳୁନାହିଁ।

### ସେମାନେ ଯାହା କୁହନ୍ତି

“ ଲୋକଙ୍କ ମଧ୍ୟରେ ଆଗପରି ଭାତୃଭାବ ନାହିଁ। ଆଗରୁ ରଜରେ ସମସ୍ତେ ଏକାଠି ହେଉଥିଲେ, ଏକାଠି ରଜ ପାଳୁଥିଲେ। ଏବେ ସେହି ଏକତ୍ୱ ଭାବ ହ୍ରାସ ପାଇଛି। ଗ୍ରାମାଞ୍ଚଳରେ କିଛି ପରିମାଣରେ ରଜର ପ୍ରଭାବ ଥିବା ବେଳେ ସହରାଞ୍ଚଳରେ ରଜ ପର୍ବ ଉପରେ ବିଶେଷ ଗୁରୁତ୍ୱ ଦେଖାଯାଉନାହିଁ।

- ଜୟନ୍ତୀ କରଶର୍ମା, ଶିକ୍ଷୟିତ୍ରୀ

“ ଛୋଟବେଳେ ରଜରେ ଗାଁରେ ଆମ୍ବତୋଟାରେ ବହୁ ସଂଖ୍ୟାରେ ଦୋଳି ଲାଗୁଥିଲା। ଆମ୍ଭେମାନେ ସାଙ୍ଗ ମେଳରେ ଯାଇ ରଜ ଗୀତ ଗାଇ ଦୋଳି ଖେଳୁଥିଲୁ। ସାଙ୍ଗମାନଙ୍କ ଘରେ ବିଭିନ୍ନ ପ୍ରକାର ପିଠା, ମିଠା ଖାଇବାର ସୁଯୋଗ ମିଳୁଥିଲା। ଏବେ କାଁ ଭାଁ ଦୋଳି ଲାଗୁଥିବା ବେଳେ ସେମିତି ସଂଖ୍ୟାରେ ଦୋଳି ଦେଖିବାକୁ ମିଳୁନାହିଁ। ସେବେଳର ରଜ ପରମ୍ପରା ଏବେ ବଦଳି ଗଲାଣି।

- ମମତା ନାୟକ, ଛାତ୍ରୀ

“ ବିଶେଷ କରି ରଜ ଚାଷୀମାନଙ୍କର ପର୍ବ ଥିଲା। ଜମି ହଳ ସାରି ରଜ ବେଳକୁ ଧାନ ବୁଣା ସରିଯାଏ। ଏବେ ଆଉ ହଳ ନାହିଁ କି ବଳଦ ନାହିଁ, ବିଲବୁଣା ବି ହେଉନାହିଁ। ରଜ କେବଳ ନାଁକୁ ମାତ୍ର ଅଛି, କିନ୍ତୁ ସେ ରଜ ମଉଜ ଆଉ ଦେଖିବାକୁ ମିଳୁନାହିଁ। ବର୍ଷ ସାରା ଜମିରେ ପରିଶ୍ରମ କରୁଥିବା ଚାଷୀ ରଜ ପର୍ବରେ ବିଶ୍ରାମ ନେଇଥାଏ। ରଜ ୩ ଦିନ ସାହି ପଡ଼ିଶା ଓ ପରିବାରଙ୍କ ସହିତ ହସଖୁସିରେ ବିତାଇଥାନ୍ତି। ଏବେ ସବୁ ବଦଳିଗଲାଣି।

- ଚନ୍ଦ୍ରକାନ୍ତ ମଣ୍ଡଳ, ଅଗ୍ରଣୀ ଚାଷୀ

## ୬ ଜିଲାର ୪୫୦ ଏନ୍‌ସିସି କ୍ୟାଡେଟ୍ ନେଲେ ପ୍ରଶିକ୍ଷଣ



ଏନ୍‌ସିସି କ୍ୟାଡେଟ୍‌ଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

ତିହିଡ଼ି,୧୩।୬(ସଞ୍ଜିତ ବଳ)

### ସଡ଼କ ଦୁର୍ଘଟଣା ମୃତ୍ୟୁ ହ୍ରାସ ଲାଗି ପ୍ରୟାସ

ତିହିଡ଼ି ବ୍ଲକସ୍ଥିତ ଦହପାଣିଆ ହାଇସ୍କୁଲରେ ବୁଧବାର ପରିବହନ ବିଭାଗର ଜୁନିୟର ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ଡିଭିଜନର ୬ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ୪୫୦ ସିନିୟର୍ ଓ ଜୁନିୟର ଏନ୍‌ସିସି କ୍ୟାଡେଟ ସଡ଼କ ସୁରକ୍ଷା ଓ ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ ସମ୍ପର୍କରେ ପ୍ରଶିକ୍ଷଣ ନେଇଛନ୍ତି। କାର୍ଯ୍ୟକ୍ରମକୁ ପରିବହନ ବିଭାଗର ଡେପୁଟି କମିଶନର ରାମନିବାସ ସିରିକା ଓ ଏନ୍‌ସିସି ଲେଫ୍ଟନାଣ୍ଟ କର୍ଣ୍ଣେଲ ଶୈଳେଶ ଶର୍ମା ଉଦ୍‌ଘାଟନ କରିଥିଲେ। ମାଷ୍ଟର ଟ୍ରେନର ଲିଜା ଦାସ, ରୀତାଞ୍ଜଳି ପାରମାଣିକ, ଲକ୍ଷ୍ମୀଧର ବେହେରା ପ୍ରଶିକ୍ଷଣ ଦେଇଥିଲେ। ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ରକ୍ଷାରେ ଗୋଲ୍ଡେନ ଆୱାର ବା ଦୁର୍ଘଟଣା ଘଟିବାର ପରବର୍ତ୍ତୀ ଏକ ଘଂଟା ଗୁରୁତ୍ୱପୂର୍ଣ୍ଣ । ଏହି ସମୟ ମଧ୍ୟରେ କିଭଳି ପ୍ରାଥମିକ ଚିକିତ୍ସା ପ୍ରଦାନ କରିହେବ ଓ ତୁରନ୍ତ ହସ୍ପିଟାଲ ପହଁଚା ଯାଇପାରିବ ସେ ଦିଗରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାସହ ଜୁନିୟର ରକ୍ଷକମାନେ ସଡ଼କ ସୁରକ୍ଷାର ବ୍ରାଣ୍ଡ ଆମ୍ବାସଡର ସାଜିବେ। ସେମାନେ ନିଜେ ସମସ୍ତ ନିୟମ ମାନିବା ସହ ନିଜ ପରିବାର, ଆଖପାଖ ଲୋକ, ସାହିପଡ଼ିଶାରେ ମଧ ସଡ଼କ ସଚେତନତାର ବାର୍ତ୍ତା ବାଣ୍ଟିବେ। ସମସ୍ତ ପ୍ରଶିକ୍ଷିତ କ୍ୟାଡେଟଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭଦ୍ରକ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଓ ଏନ୍‌ସିସି ଅଫିସରଙ୍କମାନେ ଉପସ୍ଥିତ ଥିଲେ ।

## ‘ରଜ ସହ ସାହିତ୍ୟ, ସଂସ୍କୃତିର ସମ୍ପର୍କ ରହିଛି’

ତିହିଡ଼ି,୧୩।୬(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ବିନ୍ଧାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁବାର ସାହିତ୍ୟ ସଂସ୍କୃତି ବିକାଶ ପରିଷଦର ୯ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି କବି ଶୀତଳ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ବରିଷ୍ଠ ଶିକ୍ଷାବିତ୍ ନିରଞ୍ଜନ ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରାବନ୍ଧିକ ଡ. ଚିତରଞ୍ଜନ ବେହେରା ଯୋଗଦେଇ ରଜ ପର୍ବ ସହ ସାହିତ୍ୟ ସଂସ୍କୃତିର ନିବିଡ଼ ସମ୍ପର୍କ ଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ବରେଣ୍ୟ ଅତିଥି ପ୍ରାଧାପକ ବସନ୍ତ ଦାସ ଯୋଗଦେଇ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବାକୁ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ସ୍ତମ୍ଭକାର ଦ୍ୱିବେଦୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ବେହେରାଙ୍କ କବିତା ପୁସ୍ତକ ସ୍ମୃତି ଫଗୁଆକୁ ଅତିଥି ମାନେ ଲୋକାର୍ପଣ କରିଥିଲେ। ଅଧାପିକା ସଂଯୁକ୍ତା ଭାରତୀ କବିତା ପୁସ୍ତକର ସମୀକ୍ଷା କରିଥିଲେ। ପରିଷଦର ସମ୍ପାଦକ ମଥୁରା ମୋହନ ବେହେରା ବିବରଣୀ ପାଠ କରିଥିଲେ। କବି ରଞ୍ଜୁଲତା ଗାହାଣ ଅତିଥି ପରିଚୟ ଦେଇଥିଲେ। ପ୍ରଥମ ଅଧିବେଶନରେ କବି ଡ. ଅରୁଣ ପଣ୍ଡା ଓ କୃପାସିନ୍ଧୁ ମହାନ୍ତିଙ୍କ ସଂଯୋଜନାରେ କବି ବସନ୍ତ ଦାସ, ଆଶୁତୋଷ କରଣ, ବିଶ୍ୱମୈତ୍ରୀ ନାୟକ, ଗୋଲକ ପ୍ରସାଦ ବୈିୟାରୀ, ଜୟନ୍ତ ମହାନ୍ତି, ମନୋରଞ୍ଜନ ମୁଦୁଲି, ନିର୍ମଳ ଦଳାଇ, ସୁବାସ ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। କବି ମୁକୁନ୍ଦଦେବ ନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଥାକାର ଉମାକାନ୍ତ ମିଶ୍ର, ମୁକ୍ତିକାନ୍ତ ନାୟକ, କିଶୋର ନାୟକ, ପ୍ରଫୁଲ୍ଲ ପାଢ଼ୀ, ନୀଳମାଧବ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।





ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କୁ ସମ୍ବର୍ଦ୍ଧନା।

## କୋଇଲା ବ୍ୟବସାୟୀଙ୍କ ବିରୋଧରେ ଅଭିଯୋଗ



ଆଇଆଇସିଙ୍କୁ ଭେଟୁଛନ୍ତି ଅଭିଯୋଗକାରୀ।

ଚାନ୍ଦବାଲି,୧୩।୬(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ନାଲୁଗୁଣ୍ଡା ପଞ୍ଚାୟତର ଯୁବନେତା ଦିଲ୍ଲୀପ ଭୋଇ କୋଇଲା ବ୍ୟବସାୟୀଙ୍କ ବିରୋଧରେ ବୁଧବାର ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ମଙ୍ଗଳବାର ବିଳମ୍ବିତ ରାତିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲୋକ ଦିଲ୍ଲୀପଙ୍କ ଘର ଓ ତାଙ୍କ ଦୋକାନ ଗୃହକୁ ଟେକା ପଥର ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ସେ ଭୁବନେଶ୍ୱର ଯାଇଥିବା ବେଳେ ଦୋକାନ ଘରେ ତାଙ୍କ ବୁଢ଼ାବାପା ଥିଲେ। କୋଇଲା ଚୋରା ଚାଲାଣକୁ ସେ ବିରୋଧ କରୁଥିବାରୁ କୋଇଲା ବ୍ୟବସାୟୀ ଏଭଳି କାଣ୍ଡ ଭିଆଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଚାନ୍ଦବାଲି ଆଇଆଇସି ପଞ୍ଚାନନ ମହାନ୍ତି ଓ ଚାନ୍ଦବାଲି ଉପଖଣ୍ଡ ଅଧିକାରୀଙ୍କୁ ମଧ ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି। ଏ ନେଇ ଚାନ୍ଦବାଲି ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ତାଙ୍କ ସହ ବରିଷ୍ଠ ଭାଜପା ନେତା ଉପେନ୍ଦ୍ର ରାଉଳ, ନାଲୁଗୁଣ୍ଡା ସମିତି ସଭ୍ୟ ଅଭୟ ବଳ, ଜ୍ଞାନରଞ୍ଜନ ଦାସ, ସିକାନ୍ତ ଦାସ, ଅମନ ଜେନା, ହରିହର ବାରିକ, ସୁକାନ୍ତ ବାରିକ, ଭାଗୀ ସେଠୀ, ପତିତପାବନ ପଣ୍ଡା, ପଞ୍ଚଯାତ ପ୍ରମୁଖ ହେମେନ୍ଦ୍ର ବାରିକ, ବସନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ମୃତିଚାରଣ ସଭା



ଅତିଥିମାନେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ଧାମନଗର,୧୩।୬
(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତସ୍ଥିତ ମହାପାତ୍ର ସାହିର ଧର୍ମ ପରାୟଣା ମହିଳା ସ୍ୱର୍ଗତ ଚମ୍ପାମଣୀ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବୁଧବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରତିନିଧି କପିଳେନ୍ଦ୍ର ବଳ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପାତ୍ର, ଜିଲା ବିଜେଡ଼ି ଯୁବ ସଭାପତି ସୁବ୍ରତ କୁମାର ମଲ୍ଲିକ, ସେବା ନିବୃତ୍ତ ଭାରତୀୟ ସେନା ଅଧିକାରୀ ମନୋରଞ୍ଜନ ମିଶ୍ର, ଶିକ୍ଷାବିତ ରବୀନ୍ଦ୍ର କୁମାର ପଣ୍ଡା, ପୂର୍ବତନ ବିବିସିସିବି ଅଧିକାରୀ ଅଜିତ କୁମାର ହୋତା, ମହେଶ୍ୱର ସ୍ୱାଇଁ, ସୋମନାଥ ଶଙ୍ଖୁଆ, ଦିଲ୍ଲୀପ ଦାଶ, ଗୋବର୍ଦ୍ଧନ ପ୍ରଧାନ, ବିଜୟ ଖଟୁଆ, ନାରାୟଣ ସାମଲ, ଖବରଦାତା ସୁଧାକର ଦାଶ, ସୁଶାନ୍ତ କୁମାର ରାଉତ, ସେକ ଜାଫର ଅଲ୍ଲୀ, କୁମାରେଶ ଖିଲାର, ମନ୍ମଥ କୁମାର ରାଉତ, ବିଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଚମ୍ପାମଣୀ ମହାପାତ୍ରଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ବଡ଼ ପୁଅ ବରିଷ୍ଠ ଆଇନଜୀବୀ ନାରାୟଣ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମଧ୍ୟମ ପୁତ୍ର ଗଦାଧର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଶିବ ବିବାହରେ ଯୋଗଦେଲା ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି

ଭଦ୍ରକ,୧୩।୬(ସନାତନ ରାଉତ)

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ମଙ୍ଗଳବାର ରାତିରେ ସମ୍ପନ୍ନ ହୋଇଥିବା ବିବାହ ଉତ୍ସବରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ସେବକବୃନ୍ଦ ଯୋଗଦାନ କରିଥିଲେ। ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଆବାହକ ସେବକ ଶରତ ସାହୁଙ୍କ ସହ ଆବାହକ ବାବୁଲାଲ ଦାସ, ପ୍ରବକ୍ତା ବିଶ୍ୱମୈତ୍ରୀ ନାୟକ, ଅନ୍ନପୂର୍ଣ୍ଣା ଦେବୀ ପ୍ରମୁଖ ଦଶାବତାରସ୍ତୁତ୍ର ଓ ଗୀତ ଗୋବିନ୍ଦର ସ୍ତୁତିପାଠ କରିଥିଲେ। ଶ୍ରଦ୍ଧାଳୁମାନଙ୍କୁ ଶ୍ରୀ ଜଗନ୍ନାଥଙ୍କ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ।

## ଇଦ୍-ଉଲ୍-ଜୁହା ପାଇଁ ଶାନ୍ତି କମିଟି ବୈଠକ

ଧାମନଗର,୧୩।୬(ଦେବେନ୍ଦ୍ର ଆନ୍ଦିଆ)

ପବିତ୍ର ଇଦ୍-ଉଲ୍-ଜୁହା ପାଳନ ପାଇଁ ଧାମନଗର ଶାନ୍ତି କମିଟିର ଏକ ବୈଠକ ଗୁରୁବାର ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି କମିଟି ଆବାହକ ଧାମନଗର ତହସିଲଦାର ଦୀପକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ମାସ ୧୭,୧୮ ଓ ୧୯ ତାରିଖ ୩ ଦିନ ଧରି ଇଦ୍-ଉଲ୍-ଜୁହା ପର୍ବ କିପରି ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ପର୍ବର ପ୍ରଥମ ଦିନ ୧୭ ତାରିଖ ସକାଳ ୮ଟାରେ ଧାମନଗର ଇଦ୍‌ଗା ମୈଦାନରେ ମୁସଲମାନ ଭାଇମାନେ ଉପସ୍ଥିତ ହୋଇ ସମୂହ ନମାଜ ପାଠରେ ଅଂଶଗ୍ରହଣ କରିବେ। ଖାନକାସରିଫର ମତୱଲି ସୟଦ ଗୋଲାମ ମହମ୍ମଦ ହବିବି ମୁସଲମାନ ଭାଇମାନଙ୍କୁ ନମାଜପାଠ କରାଇବେ। ଏହାପରେ ସାହି ବସ୍ତିରେ କୁର୍ବାନି କରାଯିବ। ଏହା ଲୁକ୍କାୟିତ ଭାବେ କରାଯିବାସହ ବର୍ଜ୍ୟବସ୍ତୁକୁ ତୁରନ୍ତ ନଷ୍ଟ କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପର୍ବକୁ ଅଧିକ ଶୃଙ୍ଖଳିତ କରିବାପାଇଁ ଧାମନଗର ପୋଲିସ ପ୍ରଶାସନ ସଜାଗ ରହିବାକୁ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ବିଡିଓ ବନବିହାରୀ ଦିଣ୍ଡା, ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ଏମ୍‌ଡି ଇସ୍ରାଇଲ, ରାମଚନ୍ଦ୍ରଜେନା, ଅବଦୁଲ ହକିମ, ବିରେନ୍ଦ୍ର କୁମାର ଜେନା, ଗୋଲାମ ଜିଲାନି ହବିବି, ଏମ୍‌ଡି ହବିବୁର ରହେମାନ, ଅନିଲ କୁମାର ବାରିକ, ସେକ୍ ତାଜୁଦ୍ଦିନ ପ୍ରମୁଖ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଧାମନଗର ଥାନା ଆଇଆଇସି ଫନିନ୍ଦ୍ର ଭୂଷଣ ନାୟକ ଧନ୍ୟବାଦ ଦେଇଥିଲେ।

## ଭାଇଚାରା ବଜାୟ ରଖିବାକୁ ଗୁରୁତ୍ୱ



ଭଦ୍ରକ,୧୩।୬ (ସନାତନ ରାଉତ)

### ଇଦ୍-ଉଲ-ଅଜହା ପାଳନ ପ୍ରସ୍ତୁତି ବୈଠକ

ଭାଇଚାରା ଓ ସଦ୍‌ଭାବନାର ପର୍ବ ପବିତ୍ର ଇଦ୍-ଉଲ୍-ଅଜହା ପାଳନ ଉପଲକ୍ଷେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ଗଡ଼ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ମନୋଜ ପାତ୍ର, ଡେପୁଟି କଲେକ୍ଟର ଜୁଡିସିଆଲ କାର୍ତ୍ତିକନାଥ ମଣ୍ଡଳ, ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ପୌର ନିର୍ବାହୀ ଅଧିକାରୀ ଦେବୀଦତ୍ତ ମହାନ୍ତି, ଭଦ୍ରକ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ। ୧୪ ମହଲା ମୁସଲିମ୍ ଜମାତର ସମ୍ପାଦକ ଆବଦୁଲ୍ ମୋକିତ ଖାଁ ଇଦ୍ ପର୍ବ ପାଳନର କାର୍ଯ୍ୟସୂଚୀ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଜୁନ୍ ୧୭ରୁ ଏହି ପର୍ବ ପାଳନ ଆରମ୍ଭ ହୋଇ ୧୯ରେ ଶେଷ ହେବ। ପର୍ବ ପାଳନର ୧ମ ଦିନରେ ସକାଳ ୮ଟାରୁ ୧୦ଟା ମଧ୍ୟରେ ସମସ୍ତ ମସଜିଦ୍‌ମାନଙ୍କରେ ସମୂହ ପ୍ରାର୍ଥନା ଅନୁଷ୍ଠିତ ହେବ। ୩୬ଟି ମସଜିଦ୍‌ରେ ଏହି ପ୍ରାର୍ଥନା ଅନୁଷ୍ଠିତ ହେବ। ସକାଳ ୯ଟାରେ ଇଦ୍‌ଗାଠାରେ ସାମୂହିକ ପ୍ରାର୍ଥନା ଅନୁଷ୍ଠିତ ହେବ। ୧୦ଟା ମଧ୍ୟରେ ସମସ୍ତ ସାମୂହିକ ପ୍ରାର୍ଥନା କାର୍ଯ୍ୟକ୍ରମ ସମାପ୍ତ ହେବା ନେଇ ସେ ପ୍ରକାଶ କରିଥିଲେ। ଇଦ୍‌ଗା ପରିସର ସଫେଇଠାରୁ ଆରମ୍ଭ କରି ଟ୍ରାଫିକ ନିୟନ୍ତ୍ରଣ, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ, ପାନୀୟ ଜଳ ବ୍ୟବସ୍ଥା, ରାସ୍ତାରେ ଆଲୋକ ବ୍ୟବସ୍ଥା ଦିଗରେ ପଦକ୍ଷେପ ପାଇଁ ଜିଲାପାଳ ବୈଠକରେ ଉପସ୍ଥିତ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

ଶାନ୍ତି, ସଦ୍‌ଭାବନା ଭଙ୍ଗ ନ ହେବା, ଭାଇଚାରା ପରମ୍ପରା ବ୍ୟାହତ ନ ହେଲା ଭଳି କୌଣସି ବାର୍ତ୍ତା ପ୍ରେରଣ ନେଇ ସାମାଜିକ ଗଣମାଧ୍ୟମରେ ଦୂରୁପଯୋଗ ନ କରିବାକୁ ଏସ୍‌ପି ଗୁଣ୍ଟୁପାଲି ପରାମର୍ଶ ଦେଇଥିଲେ। ଶାନ୍ତି କମିଟିର ସଦସ୍ୟ ବିଦ୍ୟାଧର ସାହୁ, ଅତିସ୍ କୁମାର ବେହେରା, ଗୌରାଙ୍ଗ ପଣ୍ଡା, ସୁଧାକର ରାଉତ, ସେକ୍ ମହମ୍ମଦ ଫାରୁକ୍ ପ୍ରମୁଖ ବୈଠକରେ ମତ ରଖିଥିଲେ। ମୁସଲିମ୍ ଜମାତର କର୍ମକର୍ତ୍ତା ଭାବେ ସେକ୍ ମହମ୍ମଦ ଜକାଉଲା ଖାଁ, ସେକ୍ ସିରାଜୁଦ୍ଦିନ୍, କଏମ୍ ଶାହା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## କାର୍ଯ୍ୟକ୍ଷମ ହୋଇପାରୁନି ଚାନ୍ଦବାଲି ବସ୍‌ଷ୍ଟାଣ୍ଡ

- ଉଦ୍‌ଘାଟନକୁ ୩ ମାସ ବିତିଲା
- ରାଜପଥ କଡ଼ରେ ଠିଆ ହେଉଛି ବସ୍

ଚାନ୍ଦବାଲି,୧୩।୬(କିଷାନ ପାତ୍ର)



ନିର୍ମାଣ ଚାଲିଥିବା ବସ୍‌ଷ୍ଟାଣ୍ଡ।

ଭଦ୍ରକ ଜିଲା ଚାନ୍ଦବାଲି ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନକୁ ତିନି ମାସ ବିତିଗଲାଣି। ମାତ୍ର ଏବେ ବି ମନ୍ଥର ଗତିରେ କାର୍ଯ୍ୟ ଚାଲୁଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ବସ୍‌ଷ୍ଟାଣ୍ଡ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଯାତ୍ରୀବାହୀ ବସଗୁଡ଼ିକ ରାସ୍ତାକଡ଼ରେ ଠିଆ ହେଉଛି। ଭଦ୍ରକ ଜିଲାର ବନ୍ଦର ନଗରୀ ଚାନ୍ଦବାଲି ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ। ଚାନ୍ଦବାଲିରେ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡର ଆବଶ୍ୟକତା ବହୁ ଦିନରୁ ଦାବି ହେଉଛି। ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ରହୁନାହିଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଉଛି।

ସୂଚନା ମୁତାବକ, ଗତ ୬ ମାର୍ଚ୍ଚ ୨୦୨୪ରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କରିଥିଲେ। ୨୦୧୫ ରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରିଲାନାହିଁ। ବ୍ଲକ୍ ପ୍ରଶାସନ, ପୂର୍ତ୍ତ ବିଭାଗ ଓ ଚାନ୍ଦବାଲି ଏନ୍‌ଏସି ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ ଚାଲିଛି। ପ୍ରଥମେ ବ୍ଲକ୍ ଅନୁଦାନରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରେ ଏମ୍‌ପି ପାଣ୍ଠିରୁ ୪୫ ଲକ୍ଷ ଅନୁଦାନ ମିଳିଥିଲା। ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଷ୍ଟାଣ୍ଡ ପଡ଼ିରହିବା ପରେ ପୁନଶ୍ଚ ରାଜ୍ୟ ସରକାରଙ୍କ ମୋ ବସଷ୍ଟାଣ୍ଡ ଯୋଜନାରେ ୨.୫୬ କୋଟି ଟଙ୍କା ଅନୁଦାନରେ ପୂର୍ତ୍ତ ବିଭାଗ ଅଧୀନରେ ନିର୍ମାଣ କାର୍ଯ୍ୟ କରାଗଲା। ୨୦୨୩ ଜାନୁଆରୀରେ ନିର୍ମାଣ ଆରମ୍ଭ ହୋଇ ଅକ୍ଟୋବରରେ ଶେଷ କରିବାର ଅବଧି ଥିଲା। ଏତେ ସବୁ ଅନୁଦାନ ପରେ ବି ଷ୍ଟାଣ୍ଡ ନିର୍ମାଣ କାମ ସରିଲା ନାହିଁ। ପୁଣି ଚାନ୍ଦବାଲି ଏନ୍‌ଏସି ପକ୍ଷରୁ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବସ୍‌ଷ୍ଟାଣ୍ଡର ଅର୍ଦ୍ଧନିର୍ମିତ ୨ ଫାଟକ ପୂର୍ଣ୍ଣାଙ୍ଗ ହେଉଛି। ବସ୍‌ଷ୍ଟାଣ୍ଡ ନ ଥିବାରୁ ସହରକୁ ଆସୁଥିବା ଗାଡ଼ି ରାସ୍ତାକଡ଼ରେ ପାର୍କିଂ କରୁଥିବାରୁ ଦିନକୁ ଦିନ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ଏଥି ସହ ବହୁ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଷ୍ଟାଣ୍ଡ କାର୍ଯ୍ୟକାରୀ ନ ହେବାରୁ ଯାତ୍ରୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ତ୍ତ ବିଭାଗ ଯନ୍ତ୍ରୀ ଚରଣ ସିଂ କହିଛନ୍ତି, ଉଦ୍‌ଘାଟନ ସରି ଯାଇଥିଲା, କିନ୍ତୁ ଭିତରେ କିଛି କାର୍ଯ୍ୟ ଚାଲୁ ରହିଛି। ବିଭାଗ ପକ୍ଷରୁ ଠିକାଦାରଙ୍କୁ ବାରମ୍ବାର ତାଗିଦ୍ କରାଯାଉଛି। ଆଉ ବାହାର କିଛି କାର୍ଯ୍ୟ ବଢ଼ାଇବା ପରେ କାର୍ଯ୍ୟ ଚାଲୁ ରହିଛି। ଅଳ୍ପ ଦିନ ମଧ୍ୟରେ କାର୍ଯ୍ୟ ଶେଷ ହୋଇଯିବ। ଚାନ୍ଦବାଲି ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ କହିଛନ୍ତି, ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି, ଆମକୁ ହସ୍ତାନ୍ତର ହେଲେ କାର୍ଯ୍ୟକ୍ଷମ କରାଯିବ।

**୪ ବଖରା ଜଳିଗଲା**

ହାଟଡିହୀ/ବଉଳା,(ଶୁଭକାନ୍ତ ନାୟକ/ଦୁର୍ଗା ପ୍ରସାଦ ଆୟଚ)୧୩।୬: କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବଣିଆପଙ୍କ ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ଶଙ୍କର୍ଷଣ ନାଇକଙ୍କ ୪ ବଖରା ଘର ଜଳିଯାଇଛି। ଘରର ସମସ୍ତ ଆସବାବପତ୍ର ଜଳିଯିବା ସହିତ ଧାନ, ଚାଉଳ ପୋଡ଼ିଯାଇଛି। ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।



**କେନ୍ଦୁଝର**

## ସଂକ୍ଷେପରେ

### ୨ ଗୋରୁବୋଝେଇ ଗାଡ଼ି ଜବତ

ଆନନ୍ଦପୁର,୧୩।୬(ଉମେଶ ଚନ୍ଦ୍ର ପାଢ଼ୀ): କେନ୍ଦୁଝର ଜିଲା ଆନନ୍ଦପୁର ତରତରା ଛକରୁ ପୋଲିସ ଗୋରୁ ବୋଝେଇ ଟ୍ରକ୍, ବୋଲେରୋ ଜବତ କରିଛି। ସେଥିରୁ ୨୮ ଗୋରୁ ଉଦ୍ଧାର କରିଥିବା ଜଣାପଡ଼ିଛି। ଚାଲାଣକାରୀ ଓ ଗାଡ଼ି ଡ୍ରାଇଭର ଖସି ପଳାଇଥିଲେ। ପୋଲିସ ଜବତ ଗାଡିକୁ ଥାନାକୁ ଅଣି ଏକ ମାମଲ(ନଂ. ୧୯୫/୨୪) ରୁଜୁ କରିଛି। ଉଦ୍ଧାର ଗୋରୁ ଗୋଶାଳାରେ ରଖାଯାଇଥିବା ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

### ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ

ରାମଚନ୍ଦ୍ରପୁର,୧୩।୬(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ମଦନପୁର ପଞ୍ଚାୟତ ବାଙ୍ଗିଡି ଗ୍ରାମର ଗୋଡ଼ିସାହିସ୍ଥିତ ଓଁକାର ସେବାଶ୍ରମରେ ସ୍ୱେଚ୍ଛାସେବୀ ସଂଗଠନ ପଭର୍ଟି ଫ୍ରୀ ଇଣ୍ଡିଆ ଟ୍ରଷ୍ଟ ପକ୍ଷରୁ ପାଠ୍ୟ ଉପକରଣ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ସୌମ୍ୟଦର୍ଶୀ ସାସ୍ୱତ ମହାପାତ୍ର, ସିଦ୍ଧାର୍ଥ ଜେନା, ମନୋରଞ୍ଜନ ମହାକୁଡ଼ଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସେବାଶ୍ରମର ମ୍ୟାନେଜିଂ ଟ୍ରଷ୍ଟି ଗୋବର୍ଦ୍ଧନ ବେହେରା ସହଯୋଗ ପ୍ରଦାନ କରିଥିଲେ।

### ମାମୁରିଖିଆରେ ୱାଚ୍ ଟାୱାର ଉଦ୍‌ଘାଟିତ

କେନ୍ଦୁଝର,୧୩।୬ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ଆନନ୍ଦପୁର ଅଧୀନସ୍ଥ ଦେଓଗାଁ ରେଞ୍ଜର ମାମୁରିଖିଆ ଗ୍ରାମ ନିକଟରେ ୱାଚ୍ ଟାୱାର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇ ଏହାର ଉଦ୍‌ଘାଟନ କରିଥିବା ବେଳେ. ଦେଓଗାଁ ରେଞ୍ଜ ଦାୟିତ୍ୱରେ ଥିବା ଅତିରିକ୍ତ ବନସଂରକ୍ଷକ ଉମାକାନ୍ତ ଦାସ ସମେତ ଅନ୍ୟ ବନକର୍ମଚାରୀ ଉପସ୍ଥିତ ଥିଲେ। ରେବଣା ସଂରକ୍ଷିତ ଜଙ୍ଗଲାଞ୍ଚଳରେ ଏହି ଟାୱାର ନିର୍ମାଣ ହୋଇଛି। ଏହା ସହିତ ଏକ ଫରେଷ୍ଟ ବିଟ୍ ହାଉସ ମଧ୍ୟ ନିର୍ମାଣ ହୋଇଛି। ୱାଚ୍ ଟାୱାରରୁ ଉକ୍ତ ବନାଞ୍ଚଳ ଉପରେ ବନ୍ୟପ୍ରାଣୀଙ୍କ ଚଳପ୍ରଚଳ, ଅନୁପ୍ରବେଶକାରୀଙ୍କୁ ଠାବ କରାଯାଇ ପାରିବ। ସେହିପରି ବିଟ୍ ହାଉସରେ ବନ କର୍ମଚାରୀ ରହି ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା କରିପାରିବେ ବୋଲି ଜଣାପଡ଼ିଛି।

### କାରଖାନାରେ ଅଗ୍ନିକାଣ୍ଡ

ଯୋଡ଼ା,୧୩।୬(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ର ଦେଓଝର୍ ଅଞ୍ଚଳରେ ଥିବା ଏକ କାରଖାନାରେ ଅଗ୍ନିକାଣ୍ଡ ଘଟିଛି। କାରଖାନାର ପମ୍ପ ହାଉସରେ ସର୍ଟସର୍କିଟ କିମ୍ବା ଅନ୍ୟ କୌଣସି କାରଣରୁ ନିଆଁ ଲାଗିଥିବା କୁହାଯାଉଛି। କାରଖାନାର ନିଜସ୍ୱ ଅଗ୍ନି ନିର୍ବାପନ ଯନ୍ତ୍ର ଏବଂ ଦମକଳ ରହିଛି। ଏହା ଦ୍ୱାରା ନିଆଁକୁ ତୁରନ୍ତ ନିୟନ୍ତ୍ରଣ କରାଯାଇଥିଲା। କିଛି ଦିନ ପୂର୍ବରୁ ଏକ କାରଖାନାରେ ଇଣ୍ଡକ୍ସନ ଫର୍ଣେସରେ ବ୍ଲାଷ୍ଟ ହେତୁ ଏକାଧିକ ଲୋକଙ୍କ ଜୀବନହାନୀ ହୋଇଥିଲା। ଏହାକୁ ସ୍ମୃତିରେ ରଖି ଦେଓଝର, ଆନନ୍ଦ ବଜାର, କିତାବେଡ଼ା ପ୍ରଭୃତି ଅଞ୍ଚଳର ଲୋକେ ଆତଙ୍କିତ ହୋଇ ଯାଇଛନ୍ତି। କାରଖାନା କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ସରିଲା ପାଣିବୁହା, ଆଜି ପହିଲି ରଜ

କେନ୍ଦୁଝର,୧୩।୬(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଓ ପଡ଼ୋଶୀ ମୟୂରଭଞ୍ଜ ଜିଲାର ମକର ପରେ ରଜ ଅନ୍ୟତମ ମହାନ ପର୍ବ। ଭାଇଚାରାର ଉତ୍ସବ ୩ ଦିନ ଧରି ଅନୁଷ୍ଠିତ ହୋଇଥାଏ। କେତେକ ସ୍ଥାନରେ ଏହା ୭ ଦିନ ପର୍ଯ୍ୟନ୍ତ ପାଳନ କରାଯାଏ। ଏ ନେଇ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ଯାଏ ଉତ୍ସବ ମୁଖର ହୋଇପଡ଼ିଛି। ଏ ନେଇ ଗୁରୁବାର ପାଣିବୁହା ସରିଥିବା ବେଳେ ଶୁକ୍ରବାର ପହିଲି ରଜ ବିଭିନ୍ନ ଗ୍ରାମରେ ପାଳନ କରାଯିବ। ଏହି ଦିନରେ ପରିବାର ଲୋକମାନେ ଏକାଠି ହୋଇଥାନ୍ତି ଓ ବେଶ ଖୁସିରେ ପର୍ବ ପାଳନ କରିଥାନ୍ତି ବୋଲି ବରିଷ୍ଠ ସାହିତ୍ୟିକ କରୁଣାକର ବାରିକ କୁହନ୍ତି।

ଶୁକ୍ରବାର ଦିନ ପହିଲି ରଜ, ଶନିବାର ମଝି ରଜ ଏବଂ ରବିବାର ଶେଷ ରଜ। ଶେଷ ଦିନ ମାଟିରେ ତିଆରି ରଜବତୀଙ୍କ ବିବାହ ଅନୁଷ୍ଠିତ ହୋଇଥାଏ। ମହିଳାମାନେ ନାଚଗୀତ କରି ରଜବତୀଙ୍କୁ ଗାଁ ମୁଣ୍ଡ ଜଳାଶୟରେ ବିସର୍ଜନ ଦେଇଥାନ୍ତି ଯାହାକୁ ରଜ ବାଟେଇବା କୁହନ୍ତି। ପ୍ରଚଳିତ ପ୍ରଥା ଅନୁଯାୟୀ, ଏହି ସମୟରେ ଧରିତ୍ରୀ ମାତା ରଜସ୍ୱାଳା ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ଏଣୁ ଏହି ଦିନରେ ମାଟି ମା'କୁ ବିଶ୍ରାମ ଦିଆଯାଇଥାଏ। ମାଟି ଖୋଳା ଯାଏନାହିଁ ଏବଂ ଚାଷ କାମ ତଥା ଅନ୍ୟାନ୍ୟ କାମ ବନ୍ଦ କରାଯାଇଥାଏ। କୁମାରୀମାନେ ଖାଲି ପାଦରେ ଚାଲିବା ମନା। ଏଣୁ ଆଗ କାଳରେ ତାଳପତ୍ର, କଦଳୀପତ୍ର ପାଦରେ ବାନ୍ଧି ଚଲାବୁଲା କରିଥାନ୍ତି। ଏବେ ଏସବୁ ପ୍ରଥାକୁ କାଁ ଭାଁ ମାନୁଛନ୍ତି। ଏଣୁ ଏଥିପାଇଁ ପୂର୍ବରୁ ପିଠାପଣା ଆଦିର ବ୍ୟବସ୍ଥା କରିଥାନ୍ତି। ନୂଆ ଲୁଗା ପିନ୍ଧି ଗୋଡରେ ଅଳତା ମାରି ଓ ଓଠକୁ ଲାଲ କରିବା ପାଇଁ ଖିଲି ପାନ ଖାଇ ପୁଚି, ବାଗୁଡି ଆଦି ଖେଳ ସାଙ୍ଗକୁ, ନୃତ୍ୟଗୀତ ଗାଇ ଦୋଳି ଖେଳରେ ମଜିଯାଆନ୍ତି ବୋଲି ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଗବେଷକ ଡକ୍ଟର ବିଦ୍ୟାଧର ବେହେରା କହିଛନ୍ତି। ସୂଚନାଯୋଗ୍ୟ, ଗ୍ରାମମାନଙ୍କରେ ଆଉ ଆମ୍ବ ତୋଟା ନାହିଁ। ଯେଉଁଠି ଏକଦା ଗ୍ରାମର ମହିଳା ଓ ପୁରୁଷମାନେ ଏକାଠି ହୋଇ ଆମ୍ବ ଗଛର ଛାଇ ତଳେ ଦୋଳି ଖେଳୁଥିଲେ। ଏଣୁ ଏହି ପରମ୍ପରାକୁ ବଜାୟୀ ରଖିବା ପାଇଁ ଜିଲାରେ ସେଣ୍ଡକାପ, ବୀଣାଝରୀ, ବିସ୍ତାପାଳ, ଜଳବଙ୍ଗ, ସୀତାବିଞ୍ଜି, ପୁଟୁଳିଆ ଭଳି କେତେକ ଗ୍ରାମରେ ତଥା ଆନନ୍ଦପୁର ଅଞ୍ଚଳରେ ସ୍ଥାନୀୟ ଲୋକ, ସଂଗଠନ ଉଦ୍ୟମରେ ମେଳା ଆୟୋଜନ କରାଯାଉଛି। ସେହିପରି ଜିଲାର ଗୋବର୍ଦ୍ଧନ, ଜାମୁଜୋଡ଼ି, ପଟିଲୋ, ବଲାଣୀପଶି, ଜଘିଂରା, ଚମ୍ପୁଆ, ଉଖୁଣ୍ଡା, ଜାଲି, ତେଲକୋଇ, ଘୁଟୁରୁ ଆଦି ଅଞ୍ଚଳରେ ରଜ ପର୍ବ ପାଳନ ହେଉଛି। ଘଟଗାଁ ବ୍ଲକ ପୌରାଣିକ ପୀଠ ସୀତାବିଞ୍ଜିରେ ଏହି ମହୋତ୍ସବ ଦେଖିବାକୁ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମେ।

## ସେଣ୍ଡକାପ୍ ରଜ ମହୋତ୍ସବ ଉଦ୍‌ଘାଟନ କରିବେ ରାଜା, ରାଣୀ

କେନ୍ଦୁଝର,୧୩।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ଗ୍ରାମରେ ରଜ ମହୋତ୍ସବ ଓ ଜିଲାସ୍ତରୀୟ ଲୋକକଳା ଦିବସ ୨୦୨୪ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେଣ୍ଡକାପ ପୋଇତୋଟାଠାରେ ଦୋଳି ନିର୍ମାଣ ସରିଛି। ସମୁଦାୟ ୪ ଟି ପଟା ଦୋଳି ସମେତ ୮ କାଠ ଦୋଳି ବନ୍ଧା ଯାଇଛି। ଜୁନ ୧୪ ପ୍ରଥମ ରଜ ହୋଇଥିବା ବେଳେ ରଜ ମହୋତ୍ସବ ଓ ଲୋକକଳା ଦିବସକୁ କେନ୍ଦୁଝର ମହାରାଜା ଶ୍ରୀ ଶ୍ରୀ ରାଜା ସାହେବ ଧନଞ୍ଜୟ ନାରାୟଣ ଭଞ୍ଜଦେଓ ଓ ରାଜମାତା କେନ୍ଦୁଝର ମହାରାଣୀ ସୁନନ୍ଦିନୀ ଭଞ୍ଜଦେଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ସବରେ ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ, ବ୍ଲକ୍ ଚେୟାରମ୍ୟାନ ଜ୍ୟୋତିର୍ମୟୀ ନାଏକ, ୪ ନମ୍ବର ଜିଲାପରିଷଦ ଲୀଳାବତୀ ମହାନ୍ତ, ୫ ନମ୍ବର ଜିଲାପରିଷଦ ସଦସ୍ୟ ରଥ ମୁଣ୍ଡା, ଚକ୍ରଧର ପରିଡ଼ା, ଗୋବର୍ଦ୍ଧନ ପଞ୍ଚାୟତ ସରପଞ୍ଚ ସଞ୍ଜୟ ମୁଣ୍ଡା ପ୍ରମୁଖ ଉପସ୍ଥିତ ରହିବେ ବୋଲି ରଜ ପରିଚାଳନା କମିଟିର ସଭାପତି ସରୋଜିନୀ ନାଏକ, ସମ୍ପାଦିକା ସୁମିତ୍ରା ଦଣ୍ଡପାଟ ସୂଚନା ଦେଇଛନ୍ତି। ଲୋକକଳା ଦିବସକୁ ଆକର୍ଷଣୀୟ କରିବା ପାଇଁ ରଜ ଦୋଳିଗୀତ, ଶଙ୍ଖ ଫୁଙ୍କା, ବାଗୁଡ଼ି, ମ୍ୟୁଜିକ ଚେୟାର, ଝୋଟି, ସଙ୍ଗୀତ, ନାଚ, ପୁଚି, ଚକୋଲେଟ୍ ରେସ, ଦଉଡ଼ି ଟଣା, ଗଣିତ ରେସ, ଅନ୍ଧ ପୁଟୁଳି, ମାଟି ହାଣ୍ଡି ପିଟା ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରାଯିବ। ବହୁ ସଂଖ୍ୟାରେ ଯୋଗଦାନ ପୂର୍ବକ ମହୋତ୍ସବକୁ ସଫଳ କରିବାକୁ କମିଟି ତରଫରୁ ନିବେଦନ କରାଯାଇଛି।

## ଉଠା ଜଳସେଚନ ପ୍ରକଳ୍ପ ପରିଦର୍ଶନକଲେ କେନ୍ଦ୍ରୀୟ ଜଳ ଆୟୁକ୍ତ



କେନ୍ଦ୍ରୀୟ ଜଳ ଆୟୁକ୍ତ କମିଟି ପରିଦର୍ଶନ କରୁଛନ୍ତି।

ଚମ୍ପୁଆ,୧୩।୬(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଉଠା ଜଳସେଚନ ବିଭାଗ ଅଧୀନରେ ଥିବା କଙ୍କଡ଼ା ଓ ନୁଆଗାଁ ଉଠଜଳସେଚନ ପ୍ରକଳ୍ପକୁ କେନ୍ଦ୍ରୀୟ ଜଳ ଆୟୁକ୍ତ ଦଳ ଗୁରୁବାର ପରିଦର୍ଶନ କରଛନ୍ତି। ପ୍ରକଳ୍ପ ଦ୍ୱାରା ସଫଳ ହୋଇଥିବା ଚାଷୀମାନଙ୍କ ସହିତ ଚାଷ ଓ ଜଳ ଯୋଗାଣ ସମ୍ବନ୍ଧୀୟ ଆଲୋଚନା କରିଥିଲେ। ସୂଚନା ଅନୁଯାୟୀ, ଓଡ଼ିଶାରେ ମୌସୁମୀ ଛୁଇଁଥିଲେ ମଧ୍ୟ ଚାଷ ଉପଯୋଗୀ ବର୍ଷା ଅଦ୍ୟାବଧି ହୋଇପାରିନାହିଁ। ଫଳରେ ଚାଷୀ ଚାଷ କାର୍ଯ୍ୟ ଆରମ୍ଭକୁ ନେଇ ଆଶା ଆଶଙ୍କାରେ ରହିଥିବା ବେଳେ ଉଠା ଜଳସେଚନ ଏକ ମାତ୍ର ସାହାରା ପାଲଟିଛି। ଏ ନେଇ କେନ୍ଦ୍ରୀୟ ଜଳ ଆୟୁକ୍ତ ଦଳ ତଥା ସୁପରିଣ୍ଟେଣ୍ଡେଣ୍ଟ ଇଂ. ବିକ୍ରମ ଆଦିତ୍ୟ ପାଣିଗ୍ରାହୀ, ଜି. ଅନାଥ ସାଇ, କେ.ସି ସ୍ୱାଇଁ, ବିନୟ ବେହେରା, ପ୍ରତାପ ପଣ୍ଡା, ବାଦଲ ଚନ୍ଦ୍ର ଚୌଧୁରୀ, ନିର୍ବାହୀ ଯନ୍ତ୍ରୀ ସହଦେବ ସେଠୀ, ଚମ୍ପୁଆ ସହକାରୀ ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ନାଏକ ପ୍ରମୁଖ ଉଠା ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିବା ସହିତ ଚାଷୀମାନଙ୍କୁ ଚାଷ ବିଷୟରେ ପଚାରି ବୁଝିଥିଲେ। ଚାଷୀମାନେ ଯେପରି ଉଠା ଜଳସେଚନ ଦ୍ୱାରା ଅଧିକ ଲାଭବାନ ହୋଇପାରିବେ ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାଇଥିଲେ।

## ଅର୍ଥ ଅଭାବରୁ ଫେରିପାରିଲାନି ମୃତଦେହ

**ଦାଦନ ଦୁଃଖ**

ପାଟଣା,୧୩।୬(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୁଳି ପଞ୍ଚାୟତ ଦାଶରଥୀପୁର ଗ୍ରାମର ରମାକାନ୍ତ ତନ୍ତୀଙ୍କ ପୁଅ ଟଙ୍କଧର(୩୬) ବେଙ୍ଗାଲୁରୁରେ ଏକ ସିକ୍ୟୁରିଟି ସଂସ୍ଥାରେ କାର୍ଯ୍ୟ କରୁଥିଲେ। ରବିବାର ଅସୁସ୍ଥ ଅନୁଭବ କରିବାରୁ ସାଙ୍ଗମାନେ ସ୍ଥାନୀୟ ତୁମକୁର ସରକାରୀ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସଠାରୁ ଖବର ପାଇ ସାନ ଭାଇ ସୁବାସ ବେଙ୍ଗାଲୁରୁ ଯାଇ ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମାତ୍ର ଅର୍ଥ ଅଭାବରୁ ମୃତଦେହ ଗାଁକୁ ଆଣିବାକୁ ପରିବାର ଲୋକେ ଅସମର୍ଥ ହେବାରୁ ସେଠାରେ ସତ୍କାର କରାଯାଇଥିବା ସୁବାସ କହିଛନ୍ତି। ପରିବାର ଲୋକଙ୍କ ସହ ବିଧବା ସ୍ତ୍ରୀ ଏବଂ ୭ ବର୍ଷର ପୁଅ ଶେଷ ଥର ଦେଖି ନ ପାରି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

## ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି

ବଉଳା,୧୩।୬(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଓ ବାଲେଶ୍ୱର ଜିଲା ସୀମାନ୍ତ ମହୁଲପଙ୍କା(ହରିପୁର)ଗ୍ରାମର ନୂତନ ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୧ ଜୁନ୍ ୨୦୨୪ ରେ କଳସ ଶୋଭାଯାତ୍ରା ଓ ୨୨ରେ ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଗାଁ ଗଣ୍ଡାରେ ଉତ୍ସବର ମାହୋଲ

ବଉଳା,୧୩।୬(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ସଦର ବିଧାୟକ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଜିଲାରୁ ପ୍ରଥମ ଥର ମୁଖ୍ୟମନ୍ତ୍ରୀ ହୋଇଥିବାରୁ ସବୁଆଡ଼େ ଉତ୍ସବର ମାହୋଲ ଦେଖାଯାଇଛି। ଲୋକେ ବାଣ ଫୁଟାଇ, ମିଠା ବାଣ୍ଟି ଖୁସ ମନାଉଛନ୍ତି। ହାଟଡିହୀ ବ୍ଲକ୍‌ର ଧନୁର୍ଜୟପୁର, ପଢ଼ିଆରିପଲ୍ଲି, ବାଙ୍ଗୋର ଆଦି ପଞ୍ଚାୟତର ବିଭିନ୍ନ ଗାଁରେ ସାଧାରଣ ଲୋକଙ୍କ ସମେତ, ଭାଜପା କର୍ମୀମାନେ ବାଣ ଫୁଟାଇ, ଢୋଲ ପିଟି, ମିଷ୍ଟାନ ବଣ୍ଟନ କରିଥିଲେ।

## ପ୍ରଶିକ୍ଷଣ ନେଲେ ୬୦୦ ଏନ୍‌ସିସି କ୍ୟାଡେଟ୍

କେନ୍ଦୁଝର,୧୩।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ପରିସରରେ ୧୪ ଓଡ଼ିଶା ବାଟାଲିୟନ ପକ୍ଷରୁ ଆୟୋଜିତ ପ୍ରଥମ ପର୍ଯ୍ୟାୟ ୧୦ ଦିନିଆ ଏନସିସି ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କମାଣ୍ଡିଂ ଅଫିସର କର୍ଣ୍ଣେଲ ଏମ୍ ଚନ୍ଦ୍ର ଶେଖର ରାଓ, ସୁବେଦାର୍ ମେଜର ଲକ୍ଷ୍ମୀ ନାରାୟଣ ଏବଂ ମେଜର ପ୍ରଣବ କିଶୋର ମହାପାତ୍ର ଯୋଗଦେଇ କ୍ୟାଡେଟମାନଙ୍କୁ ଉତ୍ସାହିତ କରିଥିଲେ। ଜୁନ୍ ୫ରୁ ଆରମ୍ଭ ହୋଇଥିବା ଶିବିରରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ୬୦୦ କ୍ୟାଡେଟ ଯୋଗଦେଇ ଶାରୀରିକ ଶିକ୍ଷା, ଡ୍ରିଲ, ମ୍ୟାପ ରିଡ଼ିଂ, ଜାତୀୟ ସଂହତି, ସ୍ୱାସ୍ଥ୍ୟ ସୁରକ୍ଷା, ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା, ଦକ୍ଷତା ବିକାଶ, ଫାୟାରିଂ, ସାଇବର ଅପରାଧ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। କମାଣ୍ଡିଂ ଅଫିସର କର୍ଣ୍ଣେଲ ଏମ.ଚନ୍ଦ୍ର ଶେଖର ରାଓଙ୍କ ନେତୃତ୍ୱରେ ୮ ଏଏନଓ, ୬ ପିଆଇ ଷ୍ଟାଫ କ୍ୟାଡେଟମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କ୍ୟାଡେଟଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନ୍‌ସିସି ଅଫିସର ମେଜର ପ୍ରଣବ କିଶୋର ମହାପାତ୍ରଙ୍କୁ ୧୪ ଓଡ଼ିଶା ବାଟାଲିୟନ ଏବଂ ସମସ୍ତ ଏନସିସି ଅଫିସରଙ୍କ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅବସର ଗ୍ରହଣ କରିବାକୁ ଯାଉଥିବା ୧୪ ଓଡ଼ିଶା ବାଟାଲିୟନର କମାଣ୍ଡିଂ ଅଫିସର କର୍ଣ୍ଣେଲ ଏମ.ଚନ୍ଦ୍ର ଶେଖର ରାଓଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ମେଜର ଉପେନ୍ଦ୍ର ନାଥ ମହାନ୍ତ, ଲେଫ୍ଟନାଣ୍ଟ ଜୟଦେବ ଦାଶ, ଲେଫ୍ଟନାଣ୍ଟ ଅରୁଣ ଜେନା, ଲେଫ୍ଟନାଣ୍ଟ ଉମାକାନ୍ତ ବେହେରା, ଏନସିସି ଅଫିସର ବିଜୟ ବେହେରା ପ୍ରମୁଖ ଶିବିର ପରିଚାଳନାରେ ଅଂଶ ଗ୍ରହଣ କରିଥିଲେ।

# ବାଣଫୁଟାକୁ କେନ୍ଦ୍ରକରି ତୁମୁଳକାଣ୍ଡ, ୬ ଆହତ

ହାଟଡ଼ିହୀ(ଶୁଭକାନ୍ତ ନାୟକ)/
ସୋସୋ(ସତ୍ୟବ୍ରତ ଜେନା),୧୩।୬

କେନ୍ଦୁଝର ଜିଲା ସୋସୋ ଥାନା ଅଧୀନ ଧନୁର୍ଜୟପୁରରେ ବାଣଫୁଟାଇବାକୁ କେନ୍ଦ୍ରକରି ତୁମୁଳକାଣ୍ଡ ଘଟିଛି। ଏଥିରେ ଗ୍ରାମର ବାପପୁଅଙ୍କ ସମେତ ୬ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଆନନ୍ଦପୁର ଡିଏସ୍‌ପି, ସୋସୋ ଥାନା ଅଧିକାରୀ ସ୍ଥିତି ଅନୁଧାନ କରୁଛନ୍ତି। ପୋଲିସ ୨ଜଣଙ୍କୁ ଗିରଫ କରି ତଦନ୍ତ କରୁଛି। ଗିରଫ ଅଭିଯୁକ୍ତ ହେଲେ ସୁଲେଇ ପୂର୍ତ୍ତି, ଚୁନାରାମ ପୂର୍ତ୍ତି ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଧନୁର୍ଜୟପୁରର ଭାଜପା କର୍ମକର୍ତ୍ତାମାନେ ରାଜ୍ୟରେ ଭାଜପା ସରକାର ଗଢ଼ୁଥିବା ଏବଂ ବୁଧବାର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବ ହୋଇଥିବାରୁ ଖୁସିରେ ଗାଁରେ ବାଣ ଫୁଟାଉଥିଲେ। ଏହି ସମୟରେ ଗ୍ରାମର ସୁଲେଇ ତାଙ୍କ ଘର ପାଖରେ ରାତିରେ ବାଣ ଫୁଟାଇବାକୁ ବାରଣ କରିଥିଲେ। ମନା କରିବା ପରେ ବି ପୁନର୍ବାର ବାଣ ଫୁଟାଯାଇଥିବାରୁ ସୁଲେଇ, ତାଙ୍କ ପୁଅ ଏବଂ ବାଣ ଫୁଟାଉଥିବା ଲୋକଙ୍କ ମଧ୍ୟରେ ବଚସା ହୋଇଥିଲା। ଆକ୍ରମଣ ପ୍ରତି ଆକ୍ରମଣରେ ତୀରମାଡ଼ ସହ ହଣାକଟା ହେବାରୁ ସୁଲେଇ, ତାଙ୍କ ପୁଅ, ଧନୁର୍ଜୟପୁର ପୂର୍ବତନ ସରପଞ୍ଚ ନିରୁପମା ରାଉତଙ୍କ ସ୍ୱାମୀ ବିଶ୍ୱଜିତ୍ ରାଉତ, ନାରାୟଣ ସାମଲ, ଅଶୋକ ଜେନା, ଗାଙ୍ଗୁଲି ବିରୁଆ ପ୍ରମୁଖ ଆହତ ହୋଇଥିଲେ। ନାରାୟଣ ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଥିବା ବେଳେ ଅନ୍ୟମାନେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ରାଜନୈତିକ ଦଳର ହସ୍ତକ୍ଷେପ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଏବଂ ଅସନ୍ତୋଷ ବଢ଼ୁଥିବା ଖବର ମିଳିଛି। ଆନନ୍ଦପୁର ଡିଏସ୍‌ପି ପ୍ରଶାନ୍ତ ବେହେରା, ସୋସୋ ଥାନା ଅଧିକାରୀ ବିଜୟ ବିହାରୀ କହିଛନ୍ତି, ରାତିରେ ଗାଁ ଭିତରେ ବାଣଫୁଟାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ସମସ୍ତ ଆହତ ଚିକିତ୍ସିତ ହେଉଛନ୍ତି। ସନ୍ଧ୍ୟାରାଣୀ ମିଶ୍ରଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ.୧୨୯/୨୪)ରୁଜୁ କରାଯାଇଛି। ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ପୋଲିସ ମୁତୟତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ବୟାନ ରେକର୍ଡ କରାଯାଇ ତଦନ୍ତ ଚାଲିଥିବା ସୂଚନା ଦେଇଥିଲେ।

## ଜିଲାସ୍ତରୀୟ କୃଷକ ସମ୍ମିଳନୀ



ଚାଷୀଙ୍କୁ ଅତିଥି ପାୱାରଟିଲର ଚାବି ପ୍ରଦାନ କରୁଛନ୍ତି।

ପାଟଣା,୧୩।୬(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟସ୍ଥିତ ସାଧୁପଡ଼ାଠାରେ ଗୁରୁବାର ସାଇ ଶକ୍ତି ଏଜେନ୍ସି ଆନୁକୂଲ୍ୟରେ ଗୁରୁବାର ଜିଲାସ୍ତରୀୟ କୃଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୃଷକ ସମ୍ମିଳନୀରେ ଜିଲାର ବିଭିନ୍ନ ବ୍ଲକ୍‌ରୁ ୫ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଚାଷୀ ଯୋଗ ଦେଇଥିଲେ। ଏଜେନ୍ସିର ପରିଚାଳକ ଲିପକ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଭିଏସ୍‌ଟି ଶକ୍ତିର ସର୍ବଭାରତୀୟ ସିଇଓ ଆଣ୍ଟନି ଚେରୁକୁରା, ସମ୍ମାନୀତ ଅତିଥିଭାବେ ଭିଏସଟିର ଜେନେରାଲ ମ୍ୟାନେଜର ସନ୍ଦୀପ ପଲ, ରାଜ୍ୟ ମୁଖ୍ୟ ତିନମୟ ଲେଙ୍କା, ପାଟଣା କୃଷି ଅଧିକାରୀ ପରେଶ ଦାଶ, ବର୍ଷା ବୈଶାଳୀ ପ୍ରମୁଖ ଯୋଗଦେଇ ଆଧୁନିକ ଯନ୍ତ୍ର ପାତିରେ ଚାଷ କଲେ କମ ଖର୍ଚ୍ଚରେ ଚାଷୀ ଆଧିକ ଲାଭ କରିପାରିବେ ବୋଲି କହିଥିଲେ। କୃଷି ଯନ୍ତ୍ରପାତି ପାୱାରଟିଲର, ରିପର, ବ୍ରସକଟର ଉଇଡର, ଆଦି ଯନ୍ତ୍ରପାତି ପ୍ରଦର୍ଶିତ କରିବା ସହିତ ଏହାର କାର୍ଯ୍ୟ ବିଷୟରେ ବିଶେଷଜ୍ଞମାନେ ବୁଝାଇଥିଲେ। ୫୦ ଚାଷୀଙ୍କୁ ସବ୍‌ସିଡ଼ି ଯୁକ୍ତ ପାୱାରଟିଲର ବଣ୍ଟନ କରାଯାଇଥିଲା। ପ୍ରିୟବ୍ରତ ମିଶ୍ର ସଂଯୋଜନା କରିଥିଲେ।

# ବିରିଡ଼ିହାରେ ସୁଧୁରୁନି ଜଳ ସମସ୍ୟା

ଆନନ୍ଦପୁର,୧୩।୬(ସୁଶାନ୍ତ କୁମାର ସାହୁ)



ପାଣି ସଂଗ୍ରହ କରିବାକୁ ମହିଳାମାନେ ନଳକୂପ ନିକଟରେ ଅପେକ୍ଷା କରିଛନ୍ତି।

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତ ବିରିଡ଼ିହା ଗ୍ରାମରେ ସୁଧୁରୁନି ଜଳ ସମସ୍ୟା। ଏହା ପଞ୍ଚାୟତର ସବୁଠାରୁ ବଡ଼ ଗ୍ରାମ ହୋଇଥିବା ବେଳେ ପାନୀୟ ଜଳ ସମସ୍ୟା ସମାଧାନ କରାଯାଉ ନ ଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଗ୍ରାମରେ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଲୋକଙ୍କ ପାଇଁ ଗ୍ରାମରେ ୪ ପୋଖରୀ, ୧୦ ନଳକୂପ ରହିଛି। ମାତ୍ର ୨ ନଳକୂପକୁ ଛାଡ଼ି ଦେଲେ ଅନ୍ୟ ଗୁଡ଼ିକରେ ନାଲିଆ ପାଣି ବାହାରୁଛି। ୩ ପୋଖରୀ ଶୁଖିଲା ପଡ଼ିଥିବାରୁ ଲୋକେ ନିତ୍ୟକ୍ରମ ବି କରିବାରେ ଅସୁବିଧା ଭୋଗୁଛନ୍ତି। ୩ ବର୍ଷ ପୂର୍ବେ ଏକ ଲକ୍ଷ୍ୟ ଜଳ ଧାରଣ ବିଶିଷ୍ଟ ଓଭରହେଡ୍ ପାଣିଟାଙ୍କୀ ନିର୍ମାଣ ହୋଇ ପାଇପ ଯୋଗେ ଗ୍ରାମକୁ ପାଣି ଯୋଗାଣ ହେଉଛି। ମାତ୍ର ୧୦ ମିନିଟ୍ ଯାଉନି ଟାଙ୍କିରୁ ପାଣି ସରିଯାଉଛି। ଫଳରେ ଗ୍ରାମବାସୀ ଆବଶ୍ୟକ ମୁତାବକ ପାଣି ରଖିପାରୁନାହାନ୍ତି। ବାଧ୍ୟ ହୋଇ ନଳକୂପରୁ ନାଲିଆ ପାଣି ବ୍ୟବହାର କରୁଥିବା ଗ୍ରାମବାସୀ କହିଛନ୍ତି। ଏ ବିଷୟରେ ଅନେକ ଥର ଗ୍ରାମର ଗେଡୀ ଜେନା, ବାସନ୍ତୀ ଜେନା, ସତ୍ୟ ଜେନା, ଝୁଲି ବେହେରା, ଭାରତୀ ବେହେରା, ବାସନ୍ତୀ ବେହେରା, ସୁମିତ୍ରା ବେହେରା ଅଭିଯୋଗକଲେ ସୁଦ୍ଧା କିଛି ସୁଫଳ ମିଳି ନ ଥିବା କହିଛନ୍ତି। ବିଭାଗୀୟ ଅଧିକାରୀ ସୁଧାଂଶୁ ଶେଖର ସ୍ୱାଇଁ ଯଥାଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି।

## ଗୋ ଚାଲାଣ ନେଇ ବଢ଼ୁଛି ଅସନ୍ତୋଷ

ବୈଶିଙ୍ଗା,୧୩।୬(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳରେ ବ୍ୟାପକ ମାତ୍ରାରେ ଗୋଚାଲାଣ ହେଉଥିବା ନେଇ ଅଭିଯୋଗ ହେଉଛି। ରଘୁପୁର ଗ୍ରାମର ଅପର୍ତ୍ତି ଦାସଙ୍କ ଗୁହାଳରୁ ଗତ ମାସ ୨୪ ତାରିଖ ବିଳମ୍ବିତ ରାତିରେ ଏକ ମୂଲ୍ୟବାନ ଗାଈ ଚୋରି ହୋଇଥିଲା। ପରଦିନ ବହୁ ଖୋଜାଖୋଜି ପରେ ଗ୍ରାମବାସୀଙ୍କ ପରାମର୍ଶକ୍ରମେ ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳର ମହଲାରେ ଥିବା ଏକ କଂସେଇଖାନାରେ ତାଙ୍କ ଗାଈକୁ ଠାବ କରି ପାଇଥିଲେ। ତେବେ ସେଠାରେ ଥାଇ ବୈଶିଙ୍ଗା ଥାନାଧିକାରୀ ତପନ କୁମାର ପ୍ରଧାନଙ୍କୁ ଫୋନ ଯୋଗେ ଘଟଣା ସମ୍ପର୍କରେ ଜଣାଇଥିଲେ। ଥାନାଧିକାରୀଙ୍କ ପରାମର୍ଶ କ୍ରମେ ସେ ବସ୍ତା ଥାନାକୁ ଯାଇ ଘଟଣା ବାବଦରେ ଜଣାଇବାରେ ଗୋରୁ କିଣିଥିବା ବ୍ୟକ୍ତି ତାଙ୍କ ଗାଈକୁ ଫେରାଇ ଦେଇଥିଲେ। ଉକ୍ତ ଗାଈକୁ ରଘୁପୁର ଗ୍ରାମର ସନ୍ଦିପ ନାମକ ଜଣେ ବ୍ୟକ୍ତିଙ୍କଠାରୁ କିଣିଥିବା ସୂଚନା ଦେଇଥିଲେ। ମାଲିକ ଗାଈକୁ ନେଇ ଫେରିବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ଏହାର ବିଚାର ପାଇଁ ଗ୍ରାମରେ ବୈଠକ ଡାକିଥିଲେ। ତେବେ ସେଠାରେ ଅଭିଯୁକ୍ତଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିବା ନେଇ ବୈଶିଙ୍ଗା ଥାନାରେ ସନ୍ଦୀପ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଗତମାସ ୨୪ ତାରିଖରୁ ଘଟଣା ବାବଦରେ ଥାନାରେ ଅଭିଯୋଗ କରିଥିଲେ ହେଁ ଅଭିଯୁକ୍ତଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଦର୍ଶାଇଛନ୍ତି ଏତଲାକାରୀ। ଏ ବାବଦରେ ବୈଶିଙ୍ଗା ଥାନାଧିକାରୀଙ୍କୁ ପଚାରିବାରୁ ତଦନ୍ତ ଚାଲିଥିବା ବେଳେ ଆଇନକୁ ହାତକୁ ନେବା ଗ୍ରହଣୀୟ ନୁହେଁ ଏବଂ ଖୁବଶୀଘ୍ର ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

# ଅଧାରୁ କାମ ଛାଡ଼ିଦେଲେ ଠିକାଦାର

## ଚିନ୍ତାରେ ନଦୀକୂଳିଆ ୨ ଗ୍ରାମବାସୀ

ବାରିପଦା,୧୩।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଶିଆଳୀଘାଟୀ ପଞ୍ଚାୟତ ବୁଢ଼ାବଳଙ୍ଗ ନଦୀରେ ଆଡିବନ୍ଧ ନିର୍ମାଣ କରୁଥିବା ଠିକାଦାର ଅଧାରୁ କାମଛାଡ଼ି ଦେଇଛନ୍ତି। ଫଳରେ ଅଧାପଡ଼ିଥିବା କାର୍ଯ୍ୟ ପାଇଁ ଆଡିବନ୍ଧର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଅନେକ କୋଟି ଟଙ୍କାରେ ନିର୍ମିତ ଆଡିବନ୍ଧ ଏବେ ବନ୍ୟା ସୁଅରେ ଭାସିଯିବା ଆଶଙ୍କା ଉପୁଜିଛି। ବର୍ଷା ଦିନେ ବୁଢ଼ାବଳଙ୍ଗ ନଦୀର ଉଦବୃତ୍ତ ଜଳଆଶଙ୍କାରେ ପଞ୍ଚାୟତର ବାଘୁଆପାଳ ଓ ଭଞ୍ଜବାଟୀ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଜଳସେଚନ ବିଭାଗର ଅଧୀକ୍ଷଣଯନ୍ତ୍ରୀଙ୍କୁ ସାକ୍ଷାତ କରି ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ବୁଢ଼ାବଳଙ୍ଗ ନଦୀ ପଠାରେ ୨ ଗ୍ରାମର ପାଖାପାଖି ୨୦୦୦ ଲୋକ ବସବାସ କରୁଛନ୍ତି। ବର୍ଷାଦିନେ ଗାଁକୁ ଘେରି ରହିଥିବା ବୁଢ଼ାବଳଙ୍ଗ ଓ ନାଳର ଉଦବୃତ୍ତ ଜଳ ଯୋଗୁ ଉଭୟ ଗାଁଲୋକେ ଜଳବନ୍ଦୀ ହୋଇପଡ଼ନ୍ତି। ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାରଙ୍କ ପକ୍ଷରୁ ୪ବର୍ଷ ପୂର୍ବେ ଜଳସେଚନ ବିଭାଗ ପକ୍ଷରୁ ୧କୋଟି ୨୭ଲକ୍ଷ ୧୧ହଜାର ୬୦୭ଟଙ୍କା ବ୍ୟୟ ଅଟକଳରେ ଆଡିବନ୍ଧ ନିର୍ମାଣ କାର୍ଯ୍ୟ ଠିକାଦାରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏହିଟଙ୍କାରେ ସର୍ଭେଅନୁଯାୟୀ ନଦୀର ଆଡ଼ିରେ ୧୫୦୦ ମିଟର ପଥର ପ୍ୟାକିଂ, ଆଡିବନ୍ଧ, ୬ଟି ଲେ ଲେଭୁଲ ସ୍ଲର ନିର୍ମାଣ କାର୍ଯ୍ୟ କରାଯାଇଥିଲା। ଟେଣ୍ଡର ହେବାର ଏକ ବର୍ଷ ପରେ କାର୍ଯ୍ୟାରମ୍ଭ ହୋଇଥିଲା। ଠିକାଦାର ତରବରିଆ ଭାବେ କାର୍ଯ୍ୟ କରି ଅସମ୍ପୂର୍ଣ୍ଣ ଅବସ୍ଥାରେ ପକାଇ ରଖିଛନ୍ତି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଥିବା ବେଳେ ୪ବର୍ଷ ବିତିଯାଇଥିଲେ ମଧ୍ୟ ଠିକାଦାରଙ୍କ ଅବହେଳା ଯୋଗୁ ଗାଁ ଲୋକେ ଚିନ୍ତାରେ ପଡ଼ିଛନ୍ତି। ଏପରିକି ଠିକାଦାର ଜଣକ ସମସ୍ତ ମେସିନ ଓ ନିର୍ମାଣ ସାମଗ୍ରୀ ନେଇ ରାତାରାତି ଚମ୍ପଟ ମାରିଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ନଦୀ ଗର୍ଭରୁ ପଥର ପ୍ୟାକିଂ କରି ଉପରକୁ ଆଡିବନ୍ଧ ବାନ୍ଧିବାର ବ୍ୟବସ୍ଥା ଥିବା ସତ୍ତ୍ୱେ ତାହା ଠିକ୍ ଭାବେ କରାଯାଇ ନାହିଁ। କେବଳ ଉପରେ ମାଟିକୁ କାଟି ପଥର ପ୍ୟାକିଂ କରାଯାଇଛି। ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ବନ୍ୟାଜଳରେ ତାହା ଧୋଇହୋଇ ନଦୀରେ ଲୀନ ହୋଇଯିବ ବୋଲି ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ଏହା ବ୍ୟତିତ ଆଡିବନ୍ଧ ଓ ରାସ୍ତା ମଝିରେ ସୃଷ୍ଟି ହୋଇଥିବା ଖାଲଗୁଡ଼ିକୁ ମଧ୍ୟ ଠିକାଦାର ପୋତି ନ ଥିବାରୁ ବର୍ଷା ଜଳ ଜମା ହୋଇ ପୋଖରୀ ଭ୍ରମ ସୃଷ୍ଟି କରିବ। ସେହିପରି ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ଆଡ଼ିବନ୍ଧ ସମ୍ପୂର୍ଣ୍ଣ କରିବା ଏବଂ ଭଞ୍ଜବାଟୀ ତଳ ବଗିଚାରୁ ଅଶ୍ୱତ୍ଥ ଛକ ପର୍ଯ୍ୟନ୍ତ ଖାଲଢିପକୁ ସମତୁଲ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ଗ୍ରାମର ଶିରିଶ ଚନ୍ଦ୍ର ଗିରି, ଅକ୍ଷୟ କୁମାର ପାତ୍ର ଓ ତ୍ରିଲୋଚନ ଗିରି ପ୍ରକାଶ କରିଛନ୍ତି। ଲୋକଙ୍କ ସୁରକ୍ଷା ଦିଗରେ ଖର୍ଚ୍ଚ ହେଉଥିବା ଅର୍ଥକୁ ବାଟମାରଣା ହେବା ଦ୍ୱାରା ପ୍ରକୃତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧିତ ହେବାରେ ବାଧା ଉପୁଜିଛି। ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ମୁଣ୍ଡାପୁର, ନୀଳକଣ୍ଠପୁର ଓ କୁଆପାଳ ଗାଁ ନଦୀଗର୍ଭରେ ନିଶ୍ଚିହ୍ନ ହୋଇଯିବା ସହ କେବଳ ମାନଚିତ୍ରରେ ସ୍ଥାନିତ ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।


ଅଧାପଡ଼ିଆ ହୋଇ ପଡ଼ିଥିବା ବୁଢ଼ାବଳଙ୍ଗ ଆଡ଼ିବନ୍ଧ।

## ବିଦ୍ୟାଳୟ ଗୃହ ଭାଙ୍ଗି ଚାଉଳ ଖାଇଲା ହାତୀ

ମୋରଡ଼ା,୧୩।୬(ସ୍ମାରକ ମାଝୀ)– ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ତଥା ବେଟନଟୀ ରେଞ୍ଜରେ ହାତୀ ଉପଦ୍ରବ ଜାରି ରହିଥିବା ବେଳେ ବନ ବିଭାଗ ଏଥିରେ ରୋକ୍ ଲଗାଇବାରେ ବିଫଳ ହୋଇଛି। ବୁଧବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ଏହି ରେଞ୍ଜ ଅଧୀନ ଦାନ୍ତିଆମୁଁହା ପଞ୍ଚାୟତର କରମଶୋଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ପାଚେରି ଭାଙ୍ଗିବା ସହିତ ଲୁହା ଗେଟ ଓ ବିଦ୍ୟାଳୟ ଗୃହ କବାଟ ଭାଙ୍ଗି ଚାଉଳ ଖାଇ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ତେବେ ଗ୍ରାମରେ ହାତୀ ପ୍ରବେଶ ସମ୍ପର୍କରେ ବନ ବିଭାଗ ଠିକ୍ ସମୟରେ ଗ୍ରାମବାସୀଙ୍କୁ ଜଣାଉ ନ ଥିବାରୁ ଅଙ୍କରେ ଅସନ୍ତୋଷ ବୃଦ୍ଧି ପାଉଛି। ଆଗାମୀ ଦିନରେ ହାତୀ ଉପଦ୍ରବ ରୋକା ନ ଗଲେ ବେଟନଟୀ ରେଞ୍ଜ ଅଫିସ ଘେରାଉ କରିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।




**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**TENDER NOTICE**

Sealed quotations in prescribed format are invited for misc. repair works for campus and misc. repair works for hostels at NLUO Cuttack. Last date & time of receipt is 19.06.24 at 11.00AM. For details please visit website: www.nluo.ac.in".

Sd/- Registrar


# ସରିଲା ସ୍ୱରତାଳ ମହୋତ୍ସବ



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ମୋରଡ଼ା,୧୩।୬(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ନିଜୁଆପଦା ଛଉ ନୃତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା ସ୍ୱରତାଳ ମହୋତ୍ସବ-୨୦୨୪ ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଶେଷ ରାତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଛଉ ନୃତ୍ୟ ଗୁରୁ ତ୍ରିଲୋଚନ ମହାନ୍ତ, ଛୋଟେଲାଲ ମହାନ୍ତ ଯୋଗଦେଇଥିଲେ। ଆଦିବାସୀ ଗାୟକ ମଙ୍ଗଳ ହାଁସଦାଙ୍କୁ ଗୁରୁଶ୍ରୀ ରମଣୀ ରଞ୍ଜନ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଛାତ୍ରୀ ଡିମ୍ପଲ ମହାନ୍ତଙ୍କୁ ଶ୍ରେଷ୍ଠ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ପୁରୁଲିଆ ଛଉ ନୃତ୍ୟ ପ୍ରତିଷ୍ଠାନକୁ ମଧ୍ୟ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁ ତ୍ରିଲୋଚନ ମହାନ୍ତ ଅନୁଷ୍ଠାନକୁ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ଏହାପରେ ନିଜୁଆପଦାର ଉଭରସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଦ୍ୱାରା ଅର୍ପଣ ନୃତ୍ୟ, ପୁରୁଲିଆ ଛଉ ନୃତ୍ୟ ପ୍ରତିଷ୍ଠାନ ଦ୍ୱାରା ମହିଷା ମର୍ଦ୍ଦିନୀ, ବଲାଙ୍ଗୀର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ଝାଡଖଣ୍ଡ କଳାକାରଙ୍କ ଦ୍ୱାରା ଝୁମର ନୃତ୍ୟ ପରିବେଷଣ କରାଯାଇଥିଲା।


**ବିଜ୍ଞାପନ**

ଭଦ୍ରକ ମୁକାମ ସିଭିଲଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତ, ଭଦ୍ରକ

ସି.ଏସ.ନଂ.-୬୭୯/୨୦୨୧ (ଦେୱାନୀ କାର୍ଯ୍ୟବିଧି ଆଇନର ଆଦେଶ-୫, ରୁଲ-୨୦)

ଶ୍ରୀ ମାର୍କଣ୍ଡ ନାୟକ.............. ଓଗେର.................ବାଦୀ

ବନାମ

ଶ୍ରୀ ସର୍ବେଶ୍ୱର ନାୟକ........... ଓଗେର............ବିବାଦୀମାନେ

ପ୍ରାପ୍ତେଷୁ:(୧) ଶ୍ରୀ ସର୍ବେଶ୍ୱର ନାୟକ, ବୟଃ୫୪, ପିଃ-କେଶବ ନାୟକ (୨) ଶ୍ରୀକାନ୍ତ ନାୟକ, ବୟଃ୪୫, ପିଃ ଯଦୁମଣି ନାୟକ, (୩) ଶ୍ରୀ ବିଜୟ ନାୟକ, ବୟଃ୪୨, ପିଃ ଯଦୁମଣି ନାୟକ, (୪) ଶ୍ରୀ ପ୍ରକାଶ ନାୟକ, ବୟଃ୪୦, ପିଃ ଯଦୁମଣି ନାୟକ, (୫) ଶ୍ରୀ ପ୍ରଶାନ୍ତ ନାୟକ ବୟଃ୩୮, ପିଃ ଯଦୁମଣି ନାୟକ ଏ ସମସ୍ତଙ୍କର ନଂ.୧ ଠାରୁ ୫ ଘର ବିବାଦୀ ମାନଙ୍କର ସାଃ-ରଘୁନାଥପୁର... ହାଃସାଃ/ପୋ ସାମିଲ ନାରଗଡ଼ା, ପୋ- ଉଗ୍ରତାରା, ଥା-ଚାନ୍ଦବାଲି, ଜି-ଭଦ୍ରକ, ରାମକ୍ରିଷ୍ଣାଗଡ଼, ଥା/ଜି-ରାୟଗଡ଼ା, ପିନ୍- ୭୬୫୦୦୧, (୬) ମନଜନୀ ଓରଫ ମିନାଜନୀ ସାହୁ, ସ୍ୱାମୀ-ବସନ୍ତ ସାହୁ, ସାଃନାରଗଡ଼ା, ପୋ- ଉଗ୍ରତାରା, ଥା- ଚାନ୍ଦବାଲି, ଜି-ଭଦ୍ରକ... ବିବାଦୀ



**ଏସ୍‌ଏଲ୍‌ଆର/ଏଲ୍‌ପିଏଚ୍‌ର ଲିଜ୍ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୦୭ ତାରିଖ: ୧୩।୦୬।୨୦୨୪

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ନିମ୍ନଲିଖିତ ପାର୍ସଲ ସ୍ପେସର ଲିଜ୍ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in ୱେବ୍‌ସାଇଟରେ ଅଧିସୂଚିତ ହୋଇଛି।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୨୦୨୪-୦୭ | ୨୭।୦୬।୨୪ | ୧୧.୦୦ ଘ. | ୧୨.୦୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟେଣ୍ଡରଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ସଉକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-251) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ ଖଡ଼ଗପୁର

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ



E-Mail : eerbpuri@yahoo.co.in
Tel./Fax No. : 06752-296839

**OFFICE OF THE SUPERINTENDING ENGINEER PURI (R&B) DIVISION, PURI**

REQUEST FOR PROPOSAL FOR PROVIDING COMPREHENSIVE FACILITY MANAGEMENT SERVICES (CFMS) FOR NEWLY CONSTRUCTED COURT GUEST HOUSE AT PURI

No. 03 / Dtd. 10/06/2024

No.B-17 : Offers are invited from specialized agencies to providing Comprehensive Facility Management Services (CFMS) for newly Constructed Court Guest House at Puri. The offers must reach the Superintending Engineer, Puri (R&B) Division, Puri on or before 24.06.2024 at 5.00 PM through Registered Post / Speed Post only and will be opened on 25.06.2024 at 12.00 Noon in the Office of the Superintending Engineer, Puri (R&B) Division, Puri. For further details please see our website www.tenders.gov.in.

Sd./- Superintending Engineer,
OIPR-34064/11/0001/2425 Puri (R&B) Division, Puri



GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER, HEAD WORKS DIVISION, SAMAL**
INVITATION FOR BIDS (IFB)
Email ID - ee.hwd.samal@gmail.com
'e'-Procurement Notice No. SE HWD-01/2024-25

No.A-37: The Superintending Engineer, Head Works Division, Samal on behalf of Governor of Odisha invites Percentage Rate bid in single cover system to be received in ONLINE MODE from eligible contractors registered with the state Government, Contractors of equivalent Grade/Class Registered with Central Government / MES / Railways/CPWD for execution of civil works mentioned as detailed below :

| | | |
|---|---|---|
| 1 | No. of works | 09 (Nine) No. of work |
| 2 | Estimated Cost | Approximately 4.59 lakhs to 35.40 lakhs |
| 3 | Cost of tender paper | Rs. 2000 to 6000.00 (Non-refundable) |
| 4 | EMD/Bid Security | Rs. 5,000.00 to Rs. 35,500.00 (Refundable) |
| 5 | Class of contractor | 'D' & 'C' class and 'C' & 'B' Class and Authorised dealer / Manufacturer |
| 6 | Period of Completion of work | days |
| 7 | Date and time of availability of bid Document in the website | From 10.00 A.M of Dt. 20.06.2024 to 5.00 P.M. of Dt.04.07.2024 in the website (www.tendersodisha.gov.in) |
| 8 | Date, time and place of opening of online tender | Dt.05.07.2024 at 11.30 A.M. in O/o the Superintending Engineer, Head Works Division, Samal |
| 9 | Date, time and place for finalization of tender through Transparent Lottery System (if required) | Dt.10.07.2024 (if any) at 3.00 PM onwards in O/o the Superintending Engineer, Head Works Division, Samal |
| 10 | Digital Signature Certificate (DSC) | The bidders must poses compatible Digital Signature Certificate (DSC) of class II or Class III |
| 11 | Name and Address of Officer inviting Tender | Superintending Engineer, Head Works Division, Samal, AT/P.O. Samal Barrage Township Dist. : Angul, Odisha, PIN - 759037 Email ID - ee.hwd.samal@gmail.com |

The bidders have to participate in ONLINE bidding only. Further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Superintending Engineer
OIPR-32020/11/0001/2425 head Works Division, Samal


# ଚୋରି ଅଭିଯୋଗରେ ୪ ଗିରଫ

ମୋରଡ଼ା,୧୩।୬(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଞ୍ଚଳରେ ସୋଲାର ପ୍ଲେଟ ଚୋରି ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ କଙ୍କଡାଡେଲିଆ ଗ୍ରାମର ପପୁ ମୁଖୀ, ଅଭିରାମ ଦାସ, ହିମାଂଶୁ ଦାସ । ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରୁ ସୋଲାର ପ୍ଲେଟ ଚୋରି ହୋଇଥିବାରୁ ଶୁଳିଆପଦା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୫୪/୨୪) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ଗିରଫ ଅଭିଯୁକ୍ତ ୩ ଜଣ ବାରିପଦା ସଦର ଥାନା ଅଧୀନ ମେଘମାରୀ ଗ୍ରାମର ଭରତ ଟୁଡୁଙ୍କୁ ଉକ୍ତ ଚୋରି ସୋଲାର ପ୍ଲେଟ ବିକ୍ରି କରିଥିବାରୁ ଭରତଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ୩ଟି ସୋଲାର ପ୍ଲେଟକୁ ପୋଲିସ ଜବତ କରିଛି।

# ସୁରକ୍ଷା ଲୋଡ଼ିଲେ ଗ୍ରାମବାସୀ


ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

## ହାତୀ ଉପଦ୍ରବ ଥମୁନି



ବାରିପଦା,୧୩।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଆତଙ୍କ ସୃଷ୍ଟି କରୁଥିବା ହାତୀଙ୍କ କବଳରୁ ସୁରକ୍ଷା ଯୋଗାଇଦେବାକୁ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବନ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଧନଜୀବନ ହାନି ହେବାରେ ଲାଗିଛି। ଏନେଇ ଗ୍ରାମବାସୀ ବାରିପଦା ବନଖଣ୍ଡ ଅଧିକାରୀ, ଜଙ୍ଗଲ,ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ବିଭାଗ ଓ ଫରେଷ୍ଟ ରେଞ୍ଜ ଅଧିକାରୀଙ୍କୁ ଅବଗତ କରିଛନ୍ତି। ହାତୀ କବଳରୁ ସୁରକ୍ଷା ପ୍ରଦାନ କରା ନ ଗଲେ ଆତଙ୍କିତ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ବ୍ଲକର ଶିଆଳିଘାଟୀ ଓ ପାଉଁଶିଆ ଗ୍ରାମ ପଞ୍ଚାୟତରେ ଥିବା ଗ୍ରାମଗୁଡ଼ିକ ରିଜର୍ଭ ଫରେଷ୍ଟ ସଂଲଗ୍ନ ଅଞ୍ଚଳରେ ରହିଛି। କିଛି ଦିନ ପୂର୍ବେ ଶିମିଳିପାଳ ହାତୀ ଖାଦ୍ୟ ଅନ୍ୱେଷଣରେ ଆସି ଏହି ଜଙ୍ଗଲରେ ଅଟକି ରହିଛନ୍ତି। ସନ୍ଧ୍ୟା ସମୟରେ ହାତୀ ଚଳପ୍ରଚଳ କରି ଗାଁଗଣ୍ଡାରେ ପ୍ରବେଶ କରି ଘରଦ୍ୱାର ଭାଙ୍ଗୁଛନ୍ତି। ବ୍ୟାପକ ଫସଲ ମଧ୍ୟ ନଷ୍ଟ କରୁଛନ୍ତି। ହାତୀ ଆକ୍ରମଣରେ ଜୀବନହାନୀ ମଧ୍ୟ ଘଟିଛି। ରାତି ହେଲେ ହାତୀ ଚିନ୍ତା ବଢ଼ୁଛି। ହାତୀ ଉପଦ୍ରବ ନେଇ ଗାଁ ଗଣ୍ଡା ଅନ୍ଧାର ମଧ୍ୟରେ ରହୁଛି। ସମସ୍ତେ ଅସୁରକ୍ଷିତ ମଣୁଥିବାରୁ ସନ୍ଧ୍ୟା ହେଲେ ଲୋକେ ପିଲାଛୁଆଙ୍କୁ ଧରି ଗାଁ ଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାଇ ଯାଉଛନ୍ତି। ହାତୀର ଗତିବିଧି ଉପରେ ବନ ବିଭାଗ ନଜର ଦେଉ ନ ଥିବା ବେଳେ ଲୋକଙ୍କୁ ସଚେତନ କରାଯାଉନାହିଁ। ଏପରିକି ହାତୀ ପାଇଁ ରାତି ଅନିଦ୍ରା ହେବାକୁ ପଡୁଛି ବୋଲି ଗ୍ରାମର ବିଦ୍ୟାଜ୍ୟୋତି ମାଝୀ, ପିଥ ମାଝୀ ଓ ଲକ୍ଷଣ ମାଝୀ ପ୍ରକାଶ କରିଛନ୍ତି। ସେହିପରି ଗାଁରେ ହାତୀ ପ୍ରବେଶ କରିବା ପରେ ଲୋକେ ନିଆଁହୁଳା ଧରି ଓ ବାଜାବଜାଇ ହାତୀର ଗତିପଥକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଥିବା ବେଳେ ବନ କର୍ମଚାରୀଙ୍କ ଅନୁପସ୍ଥିତି ସମସ୍ତଙ୍କୁ ବ୍ୟଥିତ କରିଛି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ମିଥୁନ ନାଏକ, କରୁଣାକର ମାଝୀ, ଦେବାଶିଷ ମାଝୀ, ତିଲକ ମାଝୀ, ଶଙ୍କର ମାଝୀ, ଦିଲୀପ କୁମାର ନାଏକ, ଶାନ୍ତନୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


**OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH**
(District Child Protection Unit)
Odisha State Child Protection Society, W&CD Department, Govt. of Odisha
Phone: 06622-273343

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନେ ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସାରଭିସନ୍ତୁ ହ୍ୟୁମାନିଟି ଫାଉଣ୍ଡେସନ, ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛନ୍ତି। ଏହି ଶିଶୁମାନଙ୍କର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁମାନଙ୍କୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼
ମୋ. ନଂ.: ୯୯୩୮୧୭୦୪୫୦ / ଅଫିସ୍: ୦୬୬୨୨-୨୭୩୩୪୩
ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼
ମୋ. ନଂ.: ୭୯୭୮୯୦୯୦୦୧ / ଅଫିସ୍: ୦୬୬୨୨-୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ/ ବୟସ | ଲିଙ୍ଗ | ରହୁଥିବା ଜାଗା | ଶିଶୁର ଫଟୋ |
|---|---|---|---|---|---|
| ୧ | ଦେବରାଜ ଇନ୍ଦର ସିଙ୍ଗ | ୧୦ ବର୍ଷ | ପୁଅ | ସାରଭିସନ୍ତୁ ହ୍ୟୁମାନିଟି ଫାଉଣ୍ଡେସନ |  |
| ୨ | ବିସାଲ ସିଙ୍ଗ | ୧୬ ବର୍ଷ | ପୁଅ | ସାରଭିସନ୍ତୁ ହ୍ୟୁମାନିଟି ଫାଉଣ୍ଡେସନ |  |

Sd./- District Child Protection Officer, Sundargarh



**DISTRICT PROJECT MANAGEMENT UNIT**
**PRADHAN MANTRI POSHAN SHAKTI NIRMAN (PM POSHAN)**
**DISTRICT EDUCATION OFFICE, JAJPUR**
Email- deojajpurtown13@gmail.com, dnojajpurmdm@gmail.com
No. 238/DPMU Date: 12.06.2024

**TENDER CALL NOTICE FOR APPOINTMENT OF TRANSPORTING AGENT FOR TRANSPORTATION OF FOODSTUFF UNDER PM POSHAN PROGRAMME**

Sealed tenders in the prescribed form are invited from the intending firms/individuals/companies/corporations/transporting agencies having valid transporting agent licence under Odisha motor vehicles (licensing of agent) rules, 1990 for transportation of foodstuff (Rice) under PM POSHAN Programmes of School & Mass Education Deptt. in Jajpur District during the year 2024-25. The tender papers along with details of terms and conditions of tender EMD, Capability Certificate and Statutory Requirements can be obtained by downloading from the district website i.e. http://www.jajpur.nic.in. The cost of tender paper is Rs.10,500/- (Rupees Ten thousand five hundred) only which is non-refundable and should be sumitted with the tender form in shape of Demand Draft made in favour of DISTRICT EDUCATION OFFICER, DPMU, MDM, JAJPUR payable at Punjab National Bank, Jajpur Town Branch. The tender paper complete in all respect alongwith other required documents may be sent in sealed cover superscripted as "SEALED TENDER FOR UNDERTAKING TRANSPORTATION WORK OF FOODGRAINS (RICE) UNDER PM POSHAN PROGRAMME" addressed to the "District Education Officer, Jajpur, District Project Management Unit (MDM), District Education Office, Jajpur, by Registered Post/Speed Post only so as to reach before 3 P.M. of 02.07.2024. The tender shall be opened at 4 P.M. on 03.07.2024 by the Collector, Jajpur or by any officer authorized by him in presence of tenderers or their authorized representatives and tender committee members. The undersigned reserves the right to reject/cancel any or all the tenders without assigning any reason thereof.

Sd./- Collector & District Magistrate, Jajpur



बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ କାର୍ଯ୍ୟାଳୟ : କଟକ**
୨ୟ ମହଲା, ଚନ୍ଦ୍ରିକା ଭବନ, ବକ୍ସିବଜାର, କଟକ, ଓଡ଼ିଶା-୭୫୩୦୦୧,
ମୋ: ୮୦୯୩୦୪୬୨୨୧, ଇମେଲ୍: legal.cuttack@bankofbaroda.com

**ଡିମାଣ୍ଡ ନୋଟିସ୍**
(ସରଫେସୀ ଆକ୍ଟ ୨୦୦୨ ଧାରା ୧୩ର ଉପଧାରା (୨) ଅନୁଯାୟୀ)

ଶାଖାର ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ ବ୍ୟାଙ୍କ ଅଫ୍ ବରୋଦା ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରାଗଲା।

| ଜଗତସିଂହପୁର ଶାଖା / ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ନୋଟିସ୍ ଫେରସ୍ତ କାରଣ | ପ୍ରକାର / ଋଣ ପରିମାଣ (ଟଙ୍କାରେ) | ସୁଧ ହାର | ବକେୟା ପରିମାଣ |
|---|---|---|---|---|
| ଋଣଗ୍ରହୀତାମାନେ: ୧) ମେସର୍ସ କ୍ରିଷା ମେଡିସିନ୍, ସ୍ୱତ୍ୱାଧିକାରୀ: ଅନ୍ତର୍ଯ୍ୟାମୀ ପାତ୍ର, ୨) ଶ୍ରୀ ମାଧବାନନ୍ଦ ପାତ୍ର / ଗ୍ୟାରେଣ୍ଟିଦାତା: ଶ୍ରୀ ମାଧବାନନ୍ଦ ପାତ୍ର, ସମସ୍ତଙ୍କ ଠିକଣା ସାଃ ରଘୁନାଥପୁର, ପୋଃ ଅଣ୍ଡିଆ ପାତଣା, ଥାନା: ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର, ପିନ୍ - ୭୫୪୧୦୪ | ୨୨.୦୪.୨୦୨୪ / ୦୮.୦୫.୨୦୨୪ / ଠିକଣାଧାରୀ ନାହାଁନ୍ତି | ୧) କ୍ୟାଶ୍ କ୍ରେଡିଟ୍ / ଟ.୧୦,୦୦,୦୦୦/- ୨) ମିଆଦୀ ଋଣ / ଟ.୩,୧୫,୦୦୦/- ୩) ମିଆଦୀ ଋଣ / ଟ.୧,୭୦,୦୦୦/- | ୧) ଏମସିଏଲଆର+ ଏସପି (ଫ୍ଲୋଟିଙ୍ଗ) ଉଭରେ ୧.୫% ୨) ୧ ବର୍ଷ ଏମସିଏଲଆର+ ଏସପି (ଫ୍ଲୋଟିଙ୍ଗ) ଉଭରେ ୧.୨୫% ୩) ୧ ବର୍ଷ ଏମସିଏଲଆର (ଫ୍ଲୋଟିଙ୍ଗ) | ୨୨.୦୪.୨୦୨୪ ସୁଦ୍ଧା ଟ.୧୯,୪୫,୦୮୮.୧୩ (୩୧.୦୧.୨୦୨୪ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) |

ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ: ଶ୍ରୀ ମାଧବାନନ୍ଦ ପାତ୍ର, ପିତା: ... ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ଜଗତପୁର, ତହସିଲ: ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର ...

ଉପର ସାରଣୀରେ ଦର୍ଶିତ ଆମ ଶାଖାରୁ ଋଣଗ୍ରହୀତାମାନେ ଋଣ ସୁବିଧା ନେଇଛନ୍ତି ... ଏହି ନୋଟିସ୍ ଆଇନତଃ ନିରାପତ୍ତା ଉପରେ ବ୍ୟାଙ୍କ ଦ୍ୱାରା ଆଗକୁ ହେବାକୁ ଥିବା ଆଇନଗତ ପଦକ୍ଷେପ ସମ୍ପୂର୍ଣ୍ଣ ପ୍ରତିହତ କରିବ ନାହିଁ।

ସ୍ଥାନ: କଟକ, ତାରିଖ: ୧୩.୦୬.୨୦୨୪ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ

# ୮୦ପ୍ରତିଶତ ସିସିଟିଭି ଅଚଳ

ବାଲେଶ୍ୱର, ୧୩।୬(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରୁ ନବଜାତ ଶିଶୁ ଚୋରି ହେବା ପରଠାରୁ ଏଠାକୁ ଆସୁଥିବା ରୋଗୀମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଅନେକ ସମୟରେ ମେଡିକାଲ ପରିସରରେ ଥିବା ସାଇକେଲ ଓ ବାଇକ୍ ଷ୍ଟାଣ୍ଡରେ ଗାଡି ରଖିବାକୁ ରୋଗୀଙ୍କ ସମ୍ପର୍କୀୟମାନେ ଭୟ କରୁଛନ୍ତି। ଏପରିକି ପ୍ରତି ୱାର୍ଡରେ ଦୁର୍ବୃତ୍ତମାନେ ଅନାୟାସରେ ପ୍ରବେଶ କରି ମୋବାଇଲ, ପର୍ସ, ଘଣ୍ଟା ଆଦି ଚୋରି କରୁଥିବା ଶୁଣିବାକୁ ମିଳୁଛି। ଏସବୁକୁ ରୋକିବା ଲାଗି ମୁଖ୍ୟ ଚିକିତ୍ସାଳୟ ପରିସରରେ ସିସିଟିଭି ଲଗାଯାଇଛି। ହେଲେ ସେଥିରୁ ୮୦ପ୍ରତିଶତ ସିସିଟିଭି ଅଚଳ ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟର ମ୍ୟାନେଜମେଣ୍ଟ ସିସିଟିଭିଗୁଡ଼ିକୁ ଖରାପ ହେବା ମାତ୍ରେ ନ ସଜାଡ଼ି ମାସ ମାସ ପକାଇ ରଖୁଛନ୍ତି। ଯାହାକି ଦୁର୍ବୃତ୍ତମାନଙ୍କୁ ବେଶ୍ ସୁହାଉଛି।

ଚିକିତ୍ସାଳୟ ପରିସରରେ ଥିବା ଏକ ଫାଣ୍ଡି ଦିବାରାତ୍ର ଖୋଲାଯାଉଥିଲେ ମଧ୍ୟ ଉକ୍ତ ଥାନାରେ ଅପମୃତ୍ୟୁ ମାମଲାଠାରୁ ଚୋରି ମାମଲା ଯଥେଷ୍ଟ ଅଧିକ। ଚୋର କିମ୍ବା ଚୋରି ସାମଗ୍ରୀର ଟେର ପାଉନି ପୋଲିସ। ଅସହାୟ ପରି ଚିକିତ୍ସାଳୟ ପରିସରରେ ଥିବା କାନ୍ଥ ଓ ପାଚେରିରେ 'ଗାଡ଼ି ଚୋର ପ୍ରତି ସାବଧାନ, ନିଜ ଗାଡ଼ି ନିଜ ଦାୟିତ୍ୱରେ ରଖନ୍ତୁ, ଗାଡ଼ିରେ ଚେନ୍ ଲକ୍ ମାରି ରଖନ୍ତୁ' ବୋଲି ବିଭିନ୍ନ ସ୍ଥାନରେ ଲେଖି ନିଜ ଦାୟିତ୍ୱ ସାରିଦେଇଥିବା ଜଣାପଡୁଛି। ଅନ୍ୟପକ୍ଷରେ କେତେକ ୱାର୍ଡ଼ରେ ଫାଙ୍କା ପଡିଥିବା ବେଡ୍‌ରେ ବାହାର ଲୋକ ମନଇଚ୍ଛା ରହୁଛନ୍ତି। ଏଥିପ୍ରତି ପୋଲିସର ନିଘା ନାହିଁ। ସିସି କ୍ୟାମେରାରେ ପ୍ରମାଣ ରହିଯାଉଥିବାରୁ ଦୁର୍ବୃତ୍ତମାନେ ଅପରାଧ ଘଟାଇବାକୁ ଭୟ କରିଥା'ନ୍ତି। ଏଠାରେ ଉନ୍ନତମାନର ସିସି କ୍ୟାମେରା ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲଗାଯିବାର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ଦାସ କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଲାଗିଥିବା ସିସିଟିଭି ପ୍ରାୟ ୮୦ ପ୍ରତିଶତ ଅଚଳ ଅବସ୍ଥାରେ ପଡ଼ିଛି। ହସ୍‌ପିଟାଲ ମ୍ୟାନେଜରଙ୍କୁ ବାରମ୍ବାର ଚିଠି ଲେଖାଯାଇଥିଲେ ମଧ୍ୟ ସେ କର୍ଣ୍ଣପାତ କରୁନାହାନ୍ତି। ସିସି କ୍ୟାମେରା ଅଚଳ ହୋଇଥିବାରୁ ବିଭିନ୍ନ ଚୋରି ମାମଲାରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହଜ ହେଉନାହିଁ ବୋଲି ପ୍ରକାଶ କରିଥିଲେ।

ହସ୍ପିଟାଲ ମ୍ୟାନେଜର ମୀରା ଲେଙ୍କା କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଅଚଳ ସିସିଟିଭି କ୍ୟାମେରାଗୁଡ଼ିକୁ ମରାମତି କରାଯାଉଛି। ଅଳ୍ପ କେତୋଟି ଅଚଳ ରହିଛି, ତାହା ଯଥାଶୀଘ୍ର କାମ ସରିବ ବୋଲି ପ୍ରକାଶ କରିଥିଲେ।



ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ।

## ସ୍ତ୍ରୀଙ୍କୁ ପିଟି ହତ୍ୟା

ଖଇରା, ୧୩।୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ନନ୍ଦୁର ପଞ୍ଚାୟତ ଅଧୀନ ଅସୁରିଆ ଗ୍ରାମରେ ରମାକାନ୍ତ ପରିଡା ନାମକ ବ୍ୟକ୍ତି ସ୍ତ୍ରୀ କାଞ୍ଚନ ପରିଡାଙ୍କୁ ବାଡିରେ ପିଟି ମାରିଦେଇଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। ଖଇରା ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କରିବା ସହ ଏକ ମାମଲା (ନଂ. ୧୧୮/୨୪) ରୁଜୁ କରି ସ୍ୱାମୀ ରମାକାନ୍ତଙ୍କୁ ଖଇରା ଥାନାରେ ଅଟକ ରଖିଛନ୍ତି। ପ୍ରତ୍ୟେକ ଦିନ ଭଳି ବୁଧବାର ରାତିରେ ରମାକାନ୍ତ ନିଶାସକ୍ତ ଅବସ୍ଥାରେ କାଞ୍ଚନଙ୍କୁ ଗାଳିଗୁଲଜ ମାରପିଟ କରିଥିଲେ। ଏହାର ପ୍ରତିବାଦ କରିବାରୁ ରମାକାନ୍ତ ଏକ ବାଉଁଶବାଡିରେ ପିଟି ପିଟି ଜୀବନରୁ ଶେଷ କରି ଦେଇଥିଲେ।

## ୪ ଟ୍ରାକ୍ଟର ଅଟକ ରଖି ପ୍ରଶାସନକୁ ହସ୍ତାନ୍ତର

### ବ୍ୟାପକ ଚୋରା ମାଟି ଚାଲାଣ

ଜଳେଶ୍ୱର, ୧୩।୬(ରବିନାରାୟଣ ପାତ୍ର)

ଜଳେଶ୍ୱର ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚୋରାରେ ବ୍ୟାପକ ମାଟି ଚାଲାଣ ହୋଇଆସୁଛି। ପ୍ରଶାସନ ଜାଣି ଅଜଣା ହେଉଥିବାରୁ ମାଟି ଚୋରାଚାଲାଣକାରୀମାନେ ଏହାର ସୁଯୋଗ ନେଉଛନ୍ତି।

ଜଳେଶ୍ୱର ବ୍ଲକ ଅଧୀନରେ ପ୍ରାୟ ୫୪ଟି ଇଟାଭାଟି କାର୍ଯ୍ୟ କରୁଛି। ଇଟାଭାଟି ଲାଗି ମାଟିର ଆବଶ୍ୟକତା ଥିବାରୁ କେତେକ ଚୋରାଚାଲାଣକାରୀ ସେମାନଙ୍କୁ ମାଟି ଯୋଗାଇଥାନ୍ତି। ବାଲି ଓ ମାଟି ଖଣି ଆଇନ୍‌ଭୁକ୍ତ ହୋଇଥିବାରୁ ଏହାର ପରିବହନ ବେନିୟମ ଅଟେ। ପୂର୍ବରୁ ରାଜସ୍ୱ ବିଭାଗ ବାଲି, ମାଟି ଓ ମୋରମ ନିଲାମ ଦେଇ ଆସୁଥିବା ବେଳେ ଏବେ ଖଣି ବିଭାଗ ଦେବା କଥା। କିନ୍ତୁ ଖଣି ବିଭାଗର ବିନା ନିର୍ଦ୍ଦେଶରେ ମାଟି ଚୋରାଚାଲାଣକାରୀମାନେ ମାଟି ବିକ୍ରି କରି ମାଳେମାଲ ହେଉଛନ୍ତି। ବିଭିନ୍ନ ସରକାରୀ ସ୍ଥାନ, ଚାଷ ଜମି, ନୟନଯୋରି ଓ ପୋଖରୀରୁ ମାଟି ଖୋଳି ଆଣୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ କାଁ ଭାଁ ଖଣି ବିଭାଗ ଆସି ବାଲି ଉପରେ ଚଢାଉ କରୁଥିବା ବେଳେ ମାଟି ଚାଲାଣକୁ ଅଣଦେଖା କରୁଛି। ୪ଟି ଟ୍ରାକ୍ଟର ଅନ୍ୟ ସ୍ଥାନରୁ ମାଟି ଆଣି ୬୦ନଂ. ଜାତୀୟ ରାଜପଥ ପାର୍ଶ୍ୱ ନନ୍ଦିକା ନିକଟରେ ଜମା କରୁଥିବା ବେଳେ କାଉନ୍‌ସିଲରଙ୍କ ପ୍ରତିନିଧି ଆଦିତ୍ୟ ପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ୪ଟି ଟ୍ରାକ୍ଟରକୁ ଅଟକ ରଖି ଜଳେଶ୍ୱର ତହସିଲଦାର ଓ ପୋଲିସ ଆଇଆଇସିଙ୍କୁ ଖବର ଦେଇଥିଲେ। ଜଳେଶ୍ୱର ଆଇଆଇସି ପହଞ୍ଚି ଗୋଟିଏ ଟ୍ରାକ୍ଟରକୁ ଥାନାକୁ ଆଣିଥିବା ବେଳେ ଅନ୍ୟ ୩ଟି ଟ୍ରାକ୍ଟର ଓଡି୩୪ଏନ୍-୪୬୦୫, ଓଡି୦୧ଏପି-୧୮୬୮ ଓ ଓଡି୦୧ଏନ୍-୩୬୨୩କୁ ଗ୍ରାମବାସୀ ଅଟକ ରଖି ଖଣି ବିଭାଗକୁ ଖବର ଦେଇଛନ୍ତି।



ମାଟି ବୋଝେଇ ଟ୍ରାକ୍ଟରକୁ ଗ୍ରାମବାସୀ ଅଟକାଉଛନ୍ତି।

## ୩ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ

### ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା ଟ୍ୟାଙ୍କର

ରୂପସା, ୧୩।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ୧୬ ନମ୍ବର ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ଗାନ୍ଧି ଛକସ୍ଥିତ ଓପିଟିସିଏଲ ପାୱାର ଗ୍ରୀଡ଼ ନିକଟରେ ଗୁରୁବାର ଏକ ଟ୍ୟାଙ୍କର ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଛି। ଓଲଟିବା ସମୟରେ ଏକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେବାରୁ ଗ୍ରୀଡ଼ରେ ୩ଘଣ୍ଟା ଧରି ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଥିଲା। ଦୁର୍ଘଟଣାରୁ ଟ୍ୟାଙ୍କର ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଛନ୍ତି।

ବୁଧବାର ଭୋର ସମୟରେ ଉକ୍ତ ରାଜପଥ ଦେଇ ଏକ ଟ୍ୟାଙ୍କର (ଜିଜେ୧୨ ବିଡ଼ବ୍ଲ୍ୟୁ-୮୨୮୯) ବାଲେଶ୍ୱରରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା। ବସ୍ତା ପାୱାର ଗ୍ରୀଡ ସମ୍ମୁଖ ନୟନଯୋରି ପାର୍ଶ୍ୱରେ ଥିବା ୪୪୦ ଭୋଲ୍ଟ ବିଦ୍ୟୁତ ଖୁଣ୍ଟ ଉପରେ ଓଲଟି ପଡ଼ିଥିଲା। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଥିଲା। ଜାତୀୟ ରାଜପଥ ପୋଲିସ ପହଞ୍ଚି ବିଦ୍ୟୁତ ସରବରାହକୁ ବିଚ୍ଛିନ୍ନ କରିବା ଲାଗି ବିଦ୍ୟୁତ ବିଭାଗକୁ ଜଣାଇବା ସହ ବସ୍ତା ପୋଲିସକୁ ଖବର ଦେଇଥିଲେ। ବସ୍ତା ଥାନା ପୋଲିସ ପହଞ୍ଚି କ୍ରେନ ଯୋଗେ ଟ୍ୟାଙ୍କରକୁ ନୟନଯୋରିରୁ ବାହାର କରିବା ପରେ ବିଦ୍ୟୁତ ବିଭାଗର କନିଷ୍ଠଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ପହଞ୍ଚିଥିଲେ। ଖୁଣ୍ଟ ମରାମତି ପରେ ବିଦ୍ୟୁତ୍ ସଂଯୋଗ କରି ୩ଘଣ୍ଟା ପରେ ବିଦ୍ୟୁତ ସେବା ଯୋଗାଇଥିଲେ। ମାତ୍ର ଏହି ଦୁର୍ଘଟଣାରେ ଟ୍ୟାଙ୍କର ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଥିଲେ। ବସ୍ତା ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## 'ସଂସ୍କୃତ ଭାଷା ଉଜ୍ଜୀବିତ ଲାଗି ଜନ ଆନ୍ଦୋଳନ ଜରୁରୀ'



ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବକ୍ତବ୍ୟ ଦେଉଛନ୍ତି।

ଭୋଗରାଇ, ୧୩।୬(ପ୍ରଦୀପ ଦାସ)

୫୦ ବର୍ଷର ଇତିହାସକୁ ରୋମନ୍ଥନ କରୁଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଗ୍ରଣୀ ସଂସ୍କୃତ ଶିକ୍ଷାନୁଷ୍ଠାନ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ। ଏହି ଶିକ୍ଷାନୁଷ୍ଠାନ ୧୯୭୭ ମସିହାରୁ ବହୁ ଘାତପ୍ରତିଘାତ ମଧ୍ୟରେ ଅଦ୍ୟାବଧି ଜ୍ଞାନର ପ୍ରଦୀପ ଜାଳି ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ଗୁରୁବାର ସୁବର୍ଣ୍ଣଜୟନ୍ତୀ ସମାରୋହର ୨ୟ ସନ୍ଧ୍ୟାରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି।

ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଭାପତି ନଟରଞ୍ଜନ ଘରାଇ ପୌରୋହିତ୍ୟ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା ଉତ୍ସବର ଲକ୍ଷ୍ୟ ସମ୍ପର୍କରେ ଅଭିମତ ଦେଇଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ସଂସ୍କୃତ ଭାଷା ଉଦ୍‌ଜୀବିତ ଲାଗି ଜନ ଆନ୍ଦୋଳନ ଜରୁରୀ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାରସ୍ୱତ ଜଗତର ସାଧକ କାଳିପଦ ପଣ୍ଡା, ସମ୍ମାନିତ ଅତିଥି ଡ. କୁମାର ଚନ୍ଦ୍ର ମିଶ୍ର, ଡ. ଜଗବନ୍ଧୁ ମିଶ୍ର, ଓଡ଼ିଶା ପ୍ରଶାସନିକ ସେବାର ଅଧିକାରୀ ତଥା ସାରସ୍ୱତ ସାଧକ ତରଙ୍ଗିଣୀ ମିଶ୍ର ଓ ସମିତିସଦସ୍ୟ ସୁଷମା କର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବୁଧବାର ଉଦ୍‌ଘାଟନୀ ସନ୍ଧ୍ୟାରେ ଅଧ୍ୟକ୍ଷତା କରିଥିଲେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା। ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ ଅଧ୍ୟାପକ ବ୍ରଜବିହାରୀ ପତି ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟଅତିଥି ତଥା ସୁବର୍ଣ୍ଣ ଜୟନ୍ତୀର ଉଦ୍‌ଘାଟକ ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ହରେକୃଷ୍ଣ ଶତପଥୀ ସଂସ୍କୃତ ଓ ସଂସ୍କୃତି ଭାରତୀୟ ଜନନୀ ଏବଂ ନୂତନ ଶିକ୍ଷାନୀତି ଭାରତୀୟ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ ଗଢ଼ି ତୋଳିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶାର ହାସ୍ୟ ଓ ବ୍ୟଙ୍ଗକବି ଜ୍ଞାନ ହୋତା ଓଡ଼ିଆ ଭାଷା, ସାହିତ୍ୟ, ଅସ୍ମିତା ପ୍ରତି ମମତା ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ସ୍ପନ୍ଦନ ହେବା ଉଚିତ୍ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରତଜ୍ୟୋତି ପୁରସ୍କାରପ୍ରାପ୍ତ ଡା. ଶ୍ରୀଶ କୁମାର ଦାଶ, ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ପ୍ରମୁଖ ଭାରତୀୟ ସଂସ୍କୃତି ଭାରତୀୟଙ୍କ ଆତ୍ମା ବୋଲି କହିଥିଲେ। ଲବ୍ଧ ପ୍ରତିଷ୍ଠିତ ପଣ୍ଡିତ ପ୍ରବର ସୁରଭାରତୀ ଶିରୋମଣି ସମ୍ମାନରେ ମୁଖ୍ୟଅତିଥି ପ୍ରାକ୍ତନ କୁଳପତି ଡ. ହରେକୃଷ୍ଣ ଶତପଥୀ, ଅଧ୍ୟାପକ ଡ. ପ୍ରଳୟ କୁମାର ନନ୍ଦ, ପଣ୍ଡିତ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଅଧ୍ୟାପକ ଅଞ୍ଜନ ଚନ୍ଦଙ୍କୁ ଶ୍ୟାମଶ୍ରୀ ସମ୍ମାନିତ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ଶ୍ୟାମଶ୍ରୀ ସ୍ମରଣିକା ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ରଚିତ ପୁସ୍ତକ କର୍ତ୍ତବ୍ୟ ହିଁ ଭଗବାନ ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ପ୍ରାକ୍ତନ ଛାତ୍ର ଦେବଶଙ୍କର ଦାଶ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୁଗ୍ଧ କରିଥିଲା।

## ବୈଦିକ ରୀତିନୀତିରେ ସରିଲା ଆଖଣ୍ଡଳେଶ୍ୱରଙ୍କ ବିବାହ

ଖଇରା, ୧୩।୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବଜାରସ୍ଥିତ ବାବା ଆଖଣ୍ଡଳେଶ୍ୱର ଶିବ ମନ୍ଦିରରେ ୧୮ତମ ଶିବପାର୍ବତୀ ବିବାହ ଉତ୍ସବ ମନ୍ଦିର ପୂଜକ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ପୌରୋହିତ୍ୟରେ ବୈଦିକ ରୀତିନୀତିରେ ପାଳନ ହୋଇଯାଇଛି। ମଙ୍ଗଳବାର ସକାଳେ ରୁଦ୍ରାଭିଷେକ ସହ ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟା ୮ଟାରେ ବରଯାତ୍ରୀ କୀର୍ତ୍ତନମଣ୍ଡଳୀ ସହ ଆଳଦା ଗ୍ରାମରୁ ଶୋଭାଯାତ୍ରାରେ ବାହାରି ଆଖଣ୍ଡଳେଶ୍ୱର ମନ୍ଦିରରେ ପହଞ୍ଚିବା ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇ ବିଳମ୍ବିତ ରାତିରେ ଶେଷ ହୋଇଥିଲା। କର୍ତ୍ତା ଭାବେ ଖଇରା ଥାନା ଆଇଆଇସି ଗୟାଧର ବେହେରା ଓ ପଦ୍ମଲୋଚନ ଧର ଦାୟିତ୍ୱ ତୁଲାଇଥିଲେ। ସେହିଭଳି ବର ପିତା ଓ ମାତା ଭାବେ ଯଥାକ୍ରମେ ମିହିରି ନାୟକ ଏବଂ ସୁକାନ୍ତି ଦାସ, କନ୍ୟା ମାତାପିତା ଭାବେ ଯଥାକ୍ରମେ ଜ୍ୟୋତ୍ସ୍ନାରାଣୀ ମହାନ୍ତି ଓ ବିକ୍ରମ କୁମାର ମହାନ୍ତି, କନ୍ୟା ଭାଇ ଭାବେ ଯୋଗେଶ ଶତପଥି ଏହି ବିବାହରେ ସାମିଲ ହୋଇଥିଲେ। ରଶ୍ମିତା ମହାପାତ୍ର ବରକନ୍ୟାଙ୍କ ହାତଗଣ୍ଠି ଫିଟାଇଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲା ସଭାପତି ଜ୍ୟାତିପ୍ରକାଶ ପାଣିଗ୍ରାହୀ ଶ୍ରଦ୍ଧାଳୁଙ୍କୁ ଭେଟିବା ସହ ଶିବପାର୍ବତୀଙ୍କଠାରୁ ଆଶୀର୍ବାଦ ନେଇଥିଲେ। କମିଟି ସଦସ୍ୟ ଜଗତାନନ୍ଦ ମହାନ୍ତି, ମଳୟ ମହାନ୍ତି, ତ୍ରୈଲୋକ୍ୟ ଲେଙ୍କା, ପ୍ରଶାନ୍ତ ବେହେରା, ସନ୍ତୋଷକୁମାର ଶତପଥି, କରୁଣାକର ମହାନ୍ତି, କମଳାକାନ୍ତ ନାୟକ, ରାଧାକାନ୍ତ ପାତ୍ର ଓ ଦିଲୀପ କର ପ୍ରମୁଖ ସହଯୋଗ କରିଥିଲେ।

## ରଥଯାତ୍ରା ସମୀକ୍ଷା ବୈଠକ

ରାଇରଙ୍ଗପୁର, ୧୩।୬
(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହ ପରିସରଠାରେ ଗୁରୁବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳ ସରୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟ ବ୍ୟୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ ଯୋଗ ଦେଇଥିଲେ। ଆଗାମୀ ରଥଯାତ୍ରା ପାଳନ ସକାଶେ ନଗରପାଳ ଅଭିଷେକ ପଟ୍ଟନାୟକଙ୍କୁ ପରିଚାଳନା କମିଟି ଅଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଏବଂ ଶ୍ରୀ ଜୀଉଙ୍କ ମୁଖ୍ୟ ପୂଜକ ଦେବବ୍ରତ ରଥ ଶର୍ମା ଏବଂ ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଯୋଗ ଦେଇଥିଲେ।

## ୩ ସ୍ଥାନରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ



ବାହାନଗା, ୧୩।୬(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକର ୩ଟି ସ୍ଥାନରେ ଦେବଦମ୍ପତିଙ୍କ ବିବାହ ମଙ୍ଗଳବାର ରାତିରେ ସମ୍ପନ୍ନ ହୋଇଛି। ଖନ୍ତାପଡା ପଞ୍ଚାୟତ ଚିତ୍ତାପଦା ଗ୍ରାମରେ ଥିବା ବାବା ଚିତ୍ରେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ନିର୍ଦ୍ଧାରିତ ସମୟରେ ବିଧି ଅନୁଯାୟୀ ଆରମ୍ଭ ହୋଇଥିଲା। ଏହି ବିବାହ କାର୍ଯ୍ୟକୁ ଗ୍ରାମର ଚିତ୍ରେଶ୍ୱର ମନ୍ଦିର କମିଟି ଆବାହକ ଦିଲୀପ କୁମାର ଦାସଙ୍କ ତତ୍ତ୍ୱାବଧାନରେ ସଫଳ ହୋଇଥିଲା। ବାବା ଚିତ୍ରେଶ୍ୱର ମହାଦେବଙ୍କ ପିତା ଭାବେ ଚିତ୍ତାପଦା ଗ୍ରାମର ବିଜୟ କୁମାର ଦାସ ଓ କନ୍ୟା ପିତା ଭାବେ ଖନ୍ତାପଡାର ଗଣେଶ ପରିଡା ଦାୟିତ୍ୱ ନିର୍ବାହ କରିଥିଲେ।

ଖନ୍ତାପଡାସ୍ଥିତ ରାମନଗରଠାରେ ଥିବା ବାବା ବିଶେଶ୍ୱର ମହାଦେବଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ବିବାହ କମିଟି ଆବାହକ ଚନ୍ଦନେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ବିବାହ କାର୍ଯ୍ୟ ସମାପନ ହୋଇଥିଲା। ବାବା ବିଶେଶ୍ୱର ମହାଦେବଙ୍କ ଶ୍ୱଶୁର ତଥା ପାର୍ବତୀଙ୍କ ବାପା ଗଡଭଙ୍ଗ ଗ୍ରାମର ତାରାକାନ୍ତ ଦାସ ମହାଦେବଙ୍କୁ ବରବେଶରେ ପ୍ରଶୋସନ କରି ନେଇଥିଲେ। ଏଥିରେ ଦେବାଦେବୀ ଓ ଅଘୁରୀ ନାଚ, ମେଲୋଡି, ଦୁଲୁଦୁଲି ବାଦ୍ୟ ସମେତ କୀର୍ତ୍ତନ ମଣ୍ଡଳୀ ଆଦି ହଜାର ହଜାର ଶ୍ରଦ୍ଧାଳୁ ବରଯାତ୍ରୀ ହୋଇ ପାର୍ବତୀଙ୍କ ଘରକୁ ଯାଇଥିଲେ। ସେଠାରେ ଦେବଦମ୍ପତିଙ୍କ ବିବାହର ସମସ୍ତ ଭକ୍ତ ସାକ୍ଷୀ ରହିଥିଲେ। ଏଥିରେ କନ୍ୟାଘର ପକ୍ଷରୁ ଯୌତୁକ ଭାବେ ଶ୍ମଶାନ ଜମି, ନାଗନାଗୁଣୀ, ବୃଷଭ ସମେତ ଟଙ୍କା ପ୍ରଦାନ କରିଥିଲେ। ଅଞ୍ଜି ପଞ୍ଚାୟତର ଖରିଦା ବିଶାଳ ପୋଖରୀ ଶକ୍ତିପୀଠର ବାବା ହରିହରେଶ୍ୱରଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲ। ବିବାହ ଉତ୍ସବ କମିଟି ଆବାହକ ପଣ୍ଡିତ ଗୟାଧର ଶତପଥିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମାପନ ହୋଇଛି। ବାବା ହରିହରେଶ୍ୱର ବରବେଶରେ ଶୋଭାଯାତ୍ରାରେ ଖରିଦା ଗ୍ରାମର ଘନଶ୍ୟାମ ଓଝାଙ୍କ ଘରୁ ବାହାରି ପାର୍ବତୀଙ୍କ ଘର ଜୟନଗର ଗ୍ରାମର ନରହରି ନାୟକଙ୍କ ଘରକୁ ଯାଇଥିଲେ। ସେଠାରେ ବିବାହ ଅନୁଷ୍ଠିତ ହୋଇଥିଲା।

## ସୁରକ୍ଷାକୁ ଟିପିଏନ୍‌ଓଡିଏଲ୍‌ର ସର୍ବୋଚ୍ଚ ପ୍ରାଥମିକତା

### ୨୨୨୯ ଟ୍ରାନ୍ସଫର୍ମରରେ ହୋଇଛି ସୁରକ୍ଷା ପାଚେରି

ବାଲେଶ୍ୱର, ୧୩।୬(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏନଓଡିଏଲ) ବିଦ୍ୟୁତ ସେବା ବିତରଣରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛି। ବିଭିନ୍ନ ସ୍ଥାନରେ ଅସୁରକ୍ଷିତ ତଥା ଅବ୍ୟବସ୍ଥିତ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମରଗୁଡ଼ିକୁ ଖୋଜି ବାହାର କରିବା ସହିତ ସେଗୁଡ଼ିକର ଫେନ୍ସିଂ ବା ସୁରକ୍ଷା ପାଚେରି ନିର୍ମାଣ କରୁଛି। ବିଗତ ୩ବର୍ଷ ମଧ୍ୟରେ ଟିପିଏନଓଡିଏଲ୍ ସମ୍ପୃକ୍ତ ଟ୍ରାନ୍ସଫର୍ମରଗୁଡ଼ିକୁ ଚିହ୍ନଟ କରି ଉଭୟ ମାନବ ଓ ଜୀବଜନ୍ତୁଙ୍କ ଜୀବନ ଏବଂ ସମ୍ପତିର ସୁରକ୍ଷାକୁ ସୁନିଶ୍ଚିତ କରିଛି।

ବାଲେଶ୍ୱର ଜିଲାରେ ୬୭୧ ଟ୍ରାନ୍ସଫର୍ମର ପରିସରକୁ ସୁରକ୍ଷା ପାଚେରି ନିର୍ମାଣ କରାଯାଇ ଆବଦ୍ଧ କରାଯାଇଥିବା ବେଳେ ବାରିପଦାରେ ୪୮୬, ଭଦ୍ରକରେ ୩୯୦, ଯାଜପୁରରେ ୩୭୬ ଏବଂ କେନ୍ଦୁଝରରେ ୩୦୬ କୁ ମିଶାଇ ସମୁଦାୟ ୨୨୨୯ ଟ୍ରାନ୍ସଫର୍ମର ପରିସରରେ ସୁରକ୍ଷା ପାଚେରି ନିର୍ମାଣ କରାଯାଇଛି। ସୁରକ୍ଷା ପାଚେରିରେ ଗୋରୁ କିମ୍ବା ଅନ୍ୟ ପ୍ରାଣୀମାନଙ୍କୁ ଆଦୌ ନ ବାନ୍ଧିବା ଅବା ଓଦା କପଡ଼ା ନ ଶୁଖାଇବା ପାଇଁ ଟିପିଏନଓଡିଏଲ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଅସୁରକ୍ଷିତ ଅବସ୍ଥାରେ ଥିବା ବୈଦ୍ୟୁତିକ ଟ୍ରାନ୍ସଫର୍ମର ସମ୍ପର୍କରେ ମଧ୍ୟ ଜନସାଧାରଣ ୧୮୦୦-୩୪୫-୬୭୧୮ କିମ୍ବା ୧୯୧୨ରେ ଅବଗତ କରିବା ପାଇଁ ଟିପିଏନଓଡିଏଲ କହିଛି। ସେହିଭଳି ଶିକ୍ଷାନୁଷ୍ଠାନଗୁଡ଼ିକରେ ପିଲାମାନଙ୍କ ନିରାପତ୍ତାକୁ ମଧ୍ୟ ଟିପିଏନଓଡିଏଲ ଗୁରୁତ୍ୱ ଦେଉଛି। ଟିପିଏନଓଡିଏଲ ଅଧୀନ ୧୬୨୩ରୁ ଅଧିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ନିରାପତ୍ତା ପାଇଁ ସୁରକ୍ଷା ପାଚେରି ମଧ୍ୟ ନିର୍ମାଣ କରାଯାଇଛି। ବାଲେଶ୍ୱର ଜିଲାରେ ୪୭୨ଟି ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ପରିସରରୁ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବାବେଳେ ଯାଜପୁରରେ ୪୨୩ଟି ଶିକ୍ଷାନୁଷ୍ଠାନ ପରିସରରୁ ଟ୍ରାନ୍ସଫର୍ମରଗୁଡ଼ିକୁ ସ୍ଥାନାନ୍ତର କରାଯାଇଛି। ସେହିପରି କେନ୍ଦୁଝରରେ ୩୮୫ଟି, ଭଦ୍ରକରେ ୨୧୭ ଏବଂ ମୟୂରଭଞ୍ଜର ୧୨୯ଟି ଶିକ୍ଷାନୁଷ୍ଠାନରୁ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡ଼ିକୁ ସ୍ଥାନାନ୍ତର କରାଯାଇଛି। ପିଲାମାନଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଟିପିଏନଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟେକଟି ଜୀବନ ମୂଲ୍ୟବାନ, ତେଣୁ କୌଣସି ବିପଦଜନକ କାର୍ଯ୍ୟରୁ ନିବୃତ୍ତ ରଖିବା ସହିତ ସଚେତନ ଓ ନିରାପଦ ରହିବା ପାଇଁ କମ୍ପାନୀ ଏହାର ସମସ୍ତ ଉପଭୋକ୍ତା ତଥା ଜନସାଧାରଣଙ୍କୁ ଅନୁରୋଧ କରିଛି। ସୁରକ୍ଷା ଦିଗରେ ଟାଟା ପାୱାର ପକ୍ଷରୁ ନିଆଯାଉଥିବା ଏଭଳି ପଦକ୍ଷେପ ଜନସାଧାରଣଙ୍କ ଦ୍ୱାରା ପ୍ରଶଂସିତ ହେଉଛି।




ସୁରକ୍ଷା ପାଚେରିରେ ଟ୍ରାନ୍ସଫର୍ମର।

## ଆରମ୍ଭ ହେଲା ରଜ ମହୋତ୍ସବ

ବାରିପଦା, ୧୩।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାରସ୍ଥିତ ଗୁରୁକୁଳ ଡ୍ୟାନ୍ସ ଆଣ୍ଡ ଭିଜୁଆଲ ଏକାଡେମୀ ପକ୍ଷରୁ ମା' ଅମ୍ବିକା ମନ୍ଦିର ନିକଟସ୍ଥ ଶିଶୁ ଉଦ୍ୟାନରେ ୩ ଦିନିଆ ରଜ ମଉଜ-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ରଜମଉଜ କାର୍ଯ୍ୟକ୍ରମର ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ଦିଗ୍‌ଦର୍ଶନରେ ଲକ୍ଷ୍ମୀକାନ୍ତ କଲେଜର ଅଧ୍ୟକ୍ଷା ଡ.ପୁଷ୍ପ ପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଲିଟନ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରିପଦା ପୌରପରିଷଦର ଉପାଧ୍ୟକ୍ଷା ସୀମା ଦାସ, ସୁଦର୍ଶନୀ ସାହୁ, ଅନନ୍ତ ଦାସ, ଦୀପ୍ତିଲତା ମିଶ୍ର, ପୂଜା ତରେଇ, ମୀନା ଗିରି, ଓଡ଼ିଆ ସିନେ ଜଗତର ଉପସ୍ଥାପିକା ଖୁସି କୁମାର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଗୁରୁକୂଳ ଡ୍ୟାନ୍ସ ଆଣ୍ଡ ଭିଜୁଆଲ ଏକାଡେମୀର ଛାତ୍ରୀଛାତ୍ରମାନେ ଛଉ ଓ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। ଏହା ପରେ ଆଧୁନିକ ରେକର୍ଡ ଡ୍ୟାନସ ଓ ରଜ କୁଇନର ପ୍ରାରମ୍ଭିକ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା। ଆଙ୍କର ଖୁସି କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଜମଉଜର ବିଭିନ୍ନ ପ୍ରତିଯୋଗିତାରେ ବହୁପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ।



ରଜ ମଉଜରେ ପୋଡ଼ ପିଠା କଟାଯାଉଛି।

# ଓଡ଼ିଶାରେ କାର୍ଯ୍ୟକାରୀ ହେବ ପିଏମ୍ ଶ୍ରୀ ସ୍କୁଲ, ପିଏମ୍ ଉଷା ଯୋଜନା: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୩।୬(ସୁନିତ୍ ମିଶ୍ର)

ଓଡ଼ିଶା ସମେତ ଭାରତବର୍ଷରେ ଜାତୀୟ ଶିକ୍ଷାନୀତିର କ୍ରିୟାନ୍ୱୟନକୁ ଗତି ଦିଆଯିବ। ବିଶେଷଭାବେ ଓଡ଼ିଶାରେ ନବଗଠିତ ଭାଜପା ସରକାର ସହଯୋଗରେ ଓଡ଼ିଶାରେ ପିଏମ୍ ଶ୍ରୀ ସ୍କୁଲ ଓ ପିଏମ୍ ଉଷାକୁ କାର୍ଯ୍ୟକାରୀ କରାଯିବ ସହ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମୋଦି ସରକାରଙ୍କ ୩ୟ ପାଳିରେ ବର୍ତ୍ତମାନ ବିଧିବଦ୍ଧ ଭାବେ ଶିକ୍ଷା ମନ୍ତ୍ରାଳୟର କାର୍ଯ୍ୟଭାର ଦାୟିତ୍ୱ ନେବାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଧର୍ମେନ୍ଦ୍ର ଏହା କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ତାଙ୍କ ଉପରେ ନିରନ୍ତର ବିଶ୍ୱାସ ଓ ଭରସା ରଖି ଶିକ୍ଷା ମନ୍ତ୍ରାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ। ଶିକ୍ଷାର ପ୍ରମୁଖ ଏଜେଣ୍ଡାରେ ମୂଳତଃ ଜାତୀୟ ଶିକ୍ଷାନୀତିକୁ ଅଧିକରୁ ଅଧିକ କ୍ରିୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯିବ। ସେ ଏବଂ ତାଙ୍କ ଟିମ୍ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଜାତୀୟ ଶିକ୍ଷାନୀତିକୁ କାର୍ଯ୍ୟକାରୀ କରିବା ପାଇଁ ନୂଆ ନୂଆ ମାର୍ଗ ପ୍ରସ୍ତୁତ କରିବେ। ଭାରତବର୍ଷର ନୂଆପିଢ଼ିଙ୍କୁ ବୈଶ୍ୱିକ ସ୍ତରରେ ପହଞ୍ଚାଇବା ପାଇଁ ଶିକ୍ଷା ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବାଲ୍ୟବାଟିକାରୁ ଆରମ୍ଭ କରି ଗବେଷଣା କ୍ଷେତ୍ରରେ ସବୁ କାମକୁ ତ୍ୱରାନ୍ୱିତ କରାଯିବ। ଜାତୀୟ ଶିକ୍ଷା ନୀତି ରୂପକ ଦାର୍ଶନିକ ଦସ୍ତାବିଜ ଆହୁରି ରୁଟେଡ୍ ହେବ। ଶିକ୍ଷା ଦୃଶ୍ୟପଟକୁ ଭବିଷ୍ୟତଗାମୀ କରାଯିବ। ଲୋକଙ୍କୁ ସଶକ୍ତ କରିବା ସହ ଭାରତକୁ ଏକବିଂଶ ଶତାବ୍ଦୀର ଜ୍ଞାନ ଅର୍ଥନୀତି ଭାବେ ପ୍ରତିଷ୍ଠିତ କରିବାର ଲକ୍ଷ୍ୟ ରଖାଯାଇଛି। ସେହିପରି ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଅନେକ ବିଷୟରେ ସ୍ଥାନୀୟ ସରକାରର ଅସହଯୋଗ କାରଣରୁ ହୋଇପାରୁ ନ ଥିଲା। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ(ପିଏମ୍-ଉଷା) ସମେତ ସରକାରୀ ସ୍କୁଲଗୁଡ଼ିକରେ ପିଏମ୍ ଶ୍ରୀ ସ୍କୁଲକୁ ପୂର୍ଣ୍ଣରୂପେ କାର୍ଯ୍ୟକାରୀ କରାଯାଇପାରୁ ନ ଥିଲା। ପିଏମ୍ ଶ୍ରୀ ଯୋଜନାରେ ପ୍ରାୟ ୮୦୦ଟି ସରକାରୀ ସ୍କୁଲ ପିଏମ୍ ଶ୍ରୀ ସ୍କୁଲରେ ବିକଶିତ ହେବା ସହ ୫ ବର୍ଷରେ ୧୬୦୦ କୋଟିରୁ ଅଧିକ ଟଙ୍କା ଆସିବ। ଓଡ଼ିଶାରେ ମାଟ୍ରିକ ପରୀକ୍ଷାରେ ଫର୍ମ ପୂରଣ କରି ପ୍ରାୟ ୫୦% ପିଲା ପରୀକ୍ଷା ଦେଉ ନ ଥିବାବେଳେ ତାହା ଉପରେ ଦୃଷ୍ଟି ଦିଆଯିବ। ଓଡ଼ିଶାରେ ନବଗଠିତ ରାଜ୍ୟ ଏବଂ କେନ୍ଦ୍ର ସରକାରର ମିଳିତ ଉଦ୍ୟମରେ ଶିକ୍ଷାକୁ ଅଗ୍ରାଧିକାର ଦିଆଯିବ। ଓଡ଼ିଆ ଅସ୍ମିତାର ମୂଳ ବିଷୟ ହେଲା ରାଜ୍ୟର ବୌଦ୍ଧିକ କ୍ଷମତା। ୨୦୩୬ ସୁଦ୍ଧା ଓଡ଼ିଶା ଭାଷାଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ ହେବ। ୨୦୪୭ ସୁଦ୍ଧା ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରିବ। ଏହି ସମୟ ସୀମା ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିରେ ଗୁଣାତ୍ମକ ଶିକ୍ଷା ଆଧାରରେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ସ୍ୱପ୍ନ ପୂରଣ ହେବ। ବୈଷୟିକ ଶିକ୍ଷା, ମେଡିକାଲ ଶିକ୍ଷା ଏବଂ ସ୍କିଲ୍ ଶିକ୍ଷା ଉପରେ ଜୋର୍ ଦିଆଯିବ। କେନ୍ଦ୍ରମନ୍ତ୍ରୀଙ୍କ ସହ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଭାବେ ଚୌଧୁରୀ ଜୟନ୍ତ ସିଂହ ଏବଂ ସୁକାନ୍ତ ମଜୁମଦାର୍ ମଧ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି।



କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର କାର୍ଯ୍ୟଭାର ଗ୍ରହଣ କରୁଛନ୍ତି।

# ୨୦ରେ ବାଚସ୍ପତି ନିର୍ବାଚନ

## ୧୮ରେ ବିଧାୟକଙ୍କ ଶପଥ
## ରଣେନ୍ଦ୍ର କାମଚଳା ବାଚସ୍ପତି

ଭୁବନେଶ୍ୱର, ୧୩।୬(ଅନିଲଦାସ)

ଆସନ୍ତା ୧୮ ଓ ୧୯ ତାରିଖରେ ନବନିର୍ବାଚିତ ବିଧାୟକମାନେ ଶପଥ ଗ୍ରହଣ କରିବେ। ସେହିପରି ୨୦ ତାରିଖରେ ବାଚସ୍ପତି ନିର୍ବାଚନ କରାଯିବ। ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଧାନସଭାର ବରିଷ୍ଠ ସଦସ୍ୟ ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ କାମଚଳା ବାଚସ୍ପତି(ପ୍ରୋ ଟେମ୍ ସ୍ପିକର) କରାଯାଇଛି। ସେ ୮ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର କାମଚଳା ବାଚସ୍ପତି ଶପଥ ନେବେ। ବିଧାନସଭା ସଚିବାଳୟ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ଚଳିତ ନିର୍ବାଚନରେ ଭାଜପାର ୭୮ ଜଣ ବିଧାୟକ ନିର୍ବାଚିତ ହୋଇଥିବା ବେଳେ ବିଜେଡିର ୫୧, କଂଗ୍ରେସର ୧୪, ସିପିଆଇ(ଏମ୍) ୧ ଓ ସ୍ୱାଧୀନ ଭାବେ ୩ ଜଣ ବିଜୟୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପ୍ରାୟ ୧୦୮ ଜଣ ନୂତନ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରୋ ଟେମ୍ ସ୍ପିକର ସମସ୍ତଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ।

ଅନ୍ୟପକ୍ଷରେ ଶପଥ ଗ୍ରହଣ ତାରିଖ ଘୋଷଣା ହୋଇଥିବା ବେଳେ ନୂଆ ବାଚସ୍ପତି କିଏ ହେବେ ସେ ନେଇ ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇ ନାହିଁ। ତେବେ ପୂର୍ବତନ ମନ୍ତ୍ରୀ ତଥା ରଣପୁର ବିଧାୟିକା ସୁରମା ପାଢ଼ୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ନାଁ ନେଇ ଚର୍ଚ୍ଚା ହେଉଛି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଏ ନେଇ ଚିତ୍ର ସ୍ପଷ୍ଟ ହୋଇଯିବ।

# ଦରଦାମ ନିୟନ୍ତ୍ରଣ କରନ୍ତୁ ସରକାର: କଂଗ୍ରେସ

## ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ସ୍ୱାଗତଯୋଗ୍ୟ

ଭୁବନେଶ୍ୱର, ୧୩।୬(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ନିଷ୍ପତ୍ତିକୁ କଂଗ୍ରେସ ସ୍ୱାଗତ କରିଛି। ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ଦୀର୍ଘଦିନ ଧରି କଂଗ୍ରେସ ପକ୍ଷରୁ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନିମନ୍ତେ ସରକାରଙ୍କ ନିକଟରେ ଦାବି କରିଆସୁଥିଲା। ଏଥିଲାଗି ବାରମ୍ବାର ଆନ୍ଦୋଳନ ମଧ୍ୟ କରାଯାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଗଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଥିପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ପୁରୀରେ ଏକ ବିଶାଳ ଆନ୍ଦୋଳନ କାର୍ଯ୍ୟକ୍ରମ ମାଧ୍ୟମରେ ଚାରିଦ୍ୱାର ଖୋଲିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ରାଜ୍ୟର ସମସ୍ତ ଜିଲାରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବା ସହ ପ୍ରତି ବ୍ଲକରୁ ତୁଳସୀ ସଂଗ୍ରହ କରାଯାଇ ଭୁବନେଶ୍ୱରରୁ ତୁଳସୀ ଯାତ୍ରା ପୁରୀ ଅଭିମୁଖେ ଯାଇ ମହାପ୍ରଭୁଙ୍କ ନିକଟରେ ସମର୍ପଣ କରାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର କଥା ରାଜ୍ୟରେ ଶାସନ କରୁଥିବା ତତ୍କାଳୀନ ସରକାର ଏହି ଦାବିକୁ ଭ୍ରୂକ୍ଷେପ ନ କରିବା କାରଣରୁ ଏ ସରକାରକୁ ମହାପ୍ରଭୁ ପତନ ଘଟାଇଲେ। ବର୍ତ୍ତମାନର ସରକାର ନେଇଥିବା ନିଷ୍ପତ୍ତି କଂଗ୍ରେସର ଦୀର୍ଘଦିନର ଆନ୍ଦୋଳନ ଓ ଦାବିର ପ୍ରତିଫଳନ। ଦେଶ ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ ସରକାର ଆସିବାପରେ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ଖାଉଟିଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ତେଲ, କ୍ଷୀର, ଡାଲି ଇତ୍ୟାଦି ଅନେକ ସାମଗ୍ରୀର ଦରବୃଦ୍ଧି କାରଣରୁ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି। ଦରଦାମ ନିୟନ୍ତ୍ରଣ କରିବାକୁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଶିବାନନ୍ଦ କହିଛନ୍ତି।

# ମନ୍ତ୍ରୀପଦ: ସିମୁଳିଆକୁ ମିଳିଲାନି ସୁଯୋଗ

## ଅସନ୍ତୋଷ ଜାହିର କଲେ ୫୯ ପଞ୍ଚାୟତବାସୀ

ଖଇରା, ୧୩।୬(ଉତ୍କଳବନ୍ଧୁ ପଣ୍ଡା)

ବୁଧବାର ରାଜ୍ୟରେ ନୂଆ ସରକାର ଗଠନ ପାଇଁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, କ୍ୟାବିନେଟ ମନ୍ତ୍ରୀ ଓ ରାଷ୍ଟ୍ରମନ୍ତ୍ରୀ ଭାବେ ୧୬ଜଣ ଶପଥ ନେଇଥିବା ବେଳେ ଏଥିରେ ବାଲେଶ୍ୱର ଜିଲାକୁ ସୁଯୋଗ ମିଳିନାହିଁ। ବାଲେଶ୍ୱର ଜିଲାରୁ ସର୍ବାଧିକ ଦାବିଦାର ଥିବା ସିମୁଳିଆକୁ ଏଥିରେ ସ୍ଥାନ ମିଳି ନ ଥିବାରୁ ସିମୁଳିଆର ୫୯ପଞ୍ଚାୟତର ଜନସାଧାରଣ, ସ୍ୱେଚ୍ଛାସେବୀ ସଙ୍ଗଠନ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। ଯଦି ପରବର୍ତ୍ତୀ ପର୍ଯ୍ୟାୟ ସମ୍ପ୍ରସାରଣରେ ସିମୁଳିଆକୁ ସୁଯୋଗ ନ ମିଳେ ତେବେ ଆଗାମୀ ଦିନରେ ଭାଜପାକୁ ଏହି ସିଟ ଭାରି ପଡିବ ବୋଲି ଚେତାବନୀରେ କୁହାଯାଇଛି।

ଚଳିତ ସାଧାରଣ ନିର୍ବାଚନରେ ବିଜେଡି ଗଡ ଭାବେ ପରିଚିତ ସିମୁଳିଆରେ ଭାଜପା ଖାତା ଖୋଲିଥିଲା। ଖାଲି ସେତିକି ନୁହେଁ ଭାଜପା ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା ବିଜେଡିର ସୁବାସିନୀ ସାହୁଙ୍କୁ ୧୩ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ପରାସ୍ତ କରି ସିମୁଳିଆରେ ନୂଆ ରେକର୍ଡ ସୃଷ୍ଟି କରିଥିଲେ। ପୂର୍ବରୁ କଂଗ୍ରେସ ଦଳରେ ରହି ୩ ଥର ବିଧାୟକ ହେବା ସହ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମନ୍ତ୍ରୀ ମଣ୍ଡଳରେ ମତ୍ସ୍ୟ ପ୍ରାଣୀସମ୍ପଦ ଓ ପଞ୍ଚାୟତିରାଜ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଦକ୍ଷତା ଦେଖାଇଥିବା ପଦ୍ମଲୋଚନଙ୍କୁ ଚଳିତ ନିର୍ବାଚନରେ ନିଶ୍ଚିତ ସ୍ଥାନ ମିଳିବ ବୋଲି ସିମୁଳିଆବାସୀ ବହୁ ଆଶା ବାନ୍ଧିଥିଲେ। ଏହା ପଛରେ କାରଣ ମଧ୍ୟ ଥିଲା। ବାଲେଶ୍ୱର ଜିଲାରେ ଚଳିତ ନିର୍ବାଚନରେ ସିମୁଳିଆ ସମେତ ରେମୁଣା, ନୀଳଗିରି, ବାଲେଶ୍ୱର ସଦର ଆସନ ଭାଜପା ଦଖଲକୁ ଯାଇଥିଲା। ନୀଳଗିରି ଓ ସଦରରେ ଜିତିଥିବା ବିଧାୟକମାନେ ନବାଗତ ହୋଇଥିବା ବେଳେ ରେମୁଣାରେ ବିଜୟୀ ପ୍ରାର୍ଥୀ ଦ୍ୱିତୀୟଥର ପାଇଁ ସିଟ ହାତେଇଛନ୍ତି। ଏଣୁ ଦେଖିବାକୁ ଗଲେ ସିମୁଳିଆରେ ବିଜୟୀ ପ୍ରାର୍ଥୀ ସବୁଠାରୁ ଅଭିଜ୍ଞ ଓ ଅନୁଭବୀ ହୋଇଥିବାରୁ ତାଙ୍କ ପାଇଁ ଦାବି ଉଠିବା ସ୍ୱାଭାବିକ ଥିଲା। ସିମୁଳିଆ ଭଳି ବିଜେଡି ଗଡ଼ରେ ପଦ୍ମ ଫୁଟିବା ଏବଂ ରେକର୍ଡ ସଂଖ୍ୟକ ଭୋଟରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିବାରୁ ତାଙ୍କୁ ପ୍ରାଥମିକତା ଭିତ୍ତିରେ ସୁଯୋଗ ମିଳିବା ଦରକାର ବୋଲି କୁପାରୀ ଜୋନର ବରିଷ୍ଠ ନେତା ଜୟନ୍ତ କୁମାର ରାଉତ, ମଣ୍ଡଳ ସଭାପତି ପତିତପାବନ କର ପ୍ରମୁଖ ରାଜ୍ୟ ନେତୃମଣ୍ଡଳୀଙ୍କ ନିକଟରେ ଦାବି ରଖିଛନ୍ତି। ଚଳିତଥର ୫୯ ପଞ୍ଚାୟତ ମଧ୍ୟରୁ ପ୍ରାୟ ୫୦ ପଞ୍ଚାୟତରେ ଭାଜପା ଅଧିକ ଭୋଟ ପାଇଥିବାରୁ ଭୋଟରଙ୍କ ମତକୁ ସମ୍ମାନ ଜଣାଇ ତାଙ୍କୁ ମନ୍ତ୍ରୀ ମଣ୍ଡଳରେ ସାମିଲ କରିବାକୁ ଖଇରା ପଞ୍ଚାୟତର ଯୁବନେତା ସୁଦର୍ଶନ ମହାରଥା, ମନୋଜ କୁମାର ସ୍ୱାଇଁ, ଶଶିଶେଖର ଦାସମହାପାତ୍ର, ଜୟନ୍ତ ସାହୁ, ନୟାଖଣ୍ଡି ପଞ୍ଚାୟତ ସରପଞ୍ଚ ପ୍ରତିନିଧି ହୃଦୟ କୁମାର ବେହେରା ପ୍ରମୁଖ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ନିଟ୍ ପରୀକ୍ଷାରେ ଜାଲିଆତି ନେଇ ଛାତ୍ର କଂଗ୍ରେସର ବିକ୍ଷୋଭ



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ।

## ଖବରଦାତା ସମ୍ମିଳନୀରେ ବିଚାରବିଭାଗୀୟ ତଦନ୍ତ କରିବାକୁ ଦାବି

ଭୁବନେଶ୍ୱର, ୧୩।୬(ସୁନିତ୍ ମିଶ୍ର)

ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜଙ୍କ ନେତୃତ୍ୱରେ ଗୁରୁବାର ମାଷ୍ଟରକ୍ୟାଣ୍ଟିନ ଛକଠାରେ ନିଟ୍ ୟୁଜି-୨୦୨୪ ପରୀକ୍ଷାରେ ଜାଲିଆତି ହୋଇଥିବା ଅଭିଯୋଗ ଆଣି ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ର କଂଗ୍ରେସ କର୍ମୀମାନେ କଂଗ୍ରେସ ଭବନଠାରୁ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ମାଷ୍ଟର କ୍ୟାଣ୍ଟିନ ଛକଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଥମେ ଏକ ଖବରଦାତା ସମ୍ମିଳନୀ କରି ୟାସିର କହିଥିଲେ ଯେ, ଏନ୍‌ଟିଏ ଦେଶର ମେଧାବୀ ଛାତ୍ରୀଛାତ୍ରଙ୍କ ସହ ଖେଳ ଖେଳୁଥିଲା ବେଳେ ମୋଦି ସରକାରଙ୍କ ନୀରବତା ଦୁର୍ଭାଗ୍ୟଜନକ। ପରୀକ୍ଷା ପରିଚାଳନାରେ ତ୍ରୁଟି ଓ ସାଧୁତା ଅବଲମ୍ବନ କରାଯାଇ ନାହିଁ ବୋଲି ସୁପ୍ରିମକୋର୍ଟ କହିସାରିଲେଣି। ଅପରପକ୍ଷରେ ପ୍ରଶ୍ନପତ୍ର ପ୍ରଘଟ ବାରମ୍ବାର ଘଟୁଥିବା ବେଳେ ମୋଦି ସରକାର ନିରବ ରହୁଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦଳର ଇସ୍ତାହାରରେ ପ୍ରଶ୍ନପତ୍ର ପ୍ରଘଟ କିପରି ନ ହେବ ସେନେଇ ବଳିଷ୍ଠ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୋଦି ସରକାର ଅମଳରେ ବାରମ୍ବାର ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟକୁ ଛାତ୍ର କଂଗ୍ରେସ ଦୃଢ଼ ବିରୋଧ କରିବ। ନିଟ୍ ସ୍କାମ୍ ଏ ରାଷ୍ଟ୍ରର ଛାତ୍ର ସମାଜ ପାଇଁ ଏକ ସାଂଘାତିକ ବିଶ୍ୱାସଘାତକତା। ପ୍ରାୟ ୧୫ ଶହ ପରୀକ୍ଷାର୍ଥୀଙ୍କୁ ଅନ୍ୟୂନ ୭୦ରୁ ୮୦ ନମ୍ବର ଗ୍ରେସ ନମ୍ବର ଭାବେ ଦିଆଯାଇଛି। ଏହି ସମ୍ପୂର୍ଣ୍ଣ ଦୁର୍ନୀତିରେ ଏନ୍‌ଟିଏ ସମ୍ପୃକ୍ତ। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ରକୁ ବାହାରେ ପ୍ରଘଟ କରିବାର ପ୍ରମାଣ ରହିଛି। ଏହାଦ୍ୱାରା ୨୪ ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ସହ ଖେଳାଯାଇଛି। ଜୁନ୍ ୧୪ରେ ଫଳାଫଳ ବାହାରିବା କଥା, ମାତ୍ର ଯେଉଁଦିନ ସାଧାରଣ ନିର୍ବାଚନ ଅର୍ଥାତ୍ ୧୦ ଦିନ ପୂର୍ବରୁ ନିଟ୍ ପରୀକ୍ଷାର ଫଳାଫଳ ପ୍ରକାଶ କରାଗଲା। ଏହା ମଧ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। କିପରି ସମସ୍ତଙ୍କ ଦୃଷ୍ଟିରୁ ଏହି ଫଳାଫଳ ଏଡ଼ାଇ ଦିଆଯାଇପାରିବ ସେଥିପାଇଁ ଉକ୍ତ ଷଡ଼ଯନ୍ତ୍ର କରାଯାଇଛି ବୋଲି ଅଭିଯୋଗ କରିବା ସହ ଏପରି ଘଟଣାରେ ବିଚାରବିଭାଗୀୟ ତଦନ୍ତ ହେବା ସଙ୍ଗେସଙ୍ଗେ ପୁନଃ ପରୀକ୍ଷା କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଓ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ସାକ୍ଷାତ୍ କରି ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଉଛନ୍ତି। ଏହି ସମୟରେ ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ ଉପସ୍ଥିତ ଥିଲେ।

# କଟକ ଜିଲା ପାଇଲାନି ମନ୍ତ୍ରୀପଦ

କଟକ, ୧୩।୬(ଶିଳ୍ପା ପ୍ରିୟଦର୍ଶିନୀ)

ଭାଜପା ସରକାର ହେବା ପରେ କଟକ ଜିଲାରୁ କିଏ ହେବେ ମନ୍ତ୍ରୀ ତାହାକୁ ନେଇ ବେଶ୍ କଳ୍ପନାଜଳ୍ପନା ଚାଲିଥିଲା। ହେଲେ ଏବେ ସମସ୍ତ ଆଶା ମଉଳି ଯାଇଛି। କଟକ ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ବଡମ୍ବା, ବାଙ୍କୀ, ଆଠଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ କଟକ ସଦରରେ ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇଥିବା ଇଂ. ପ୍ରକାଶ ଚନ୍ଦ୍ର ସେଠୀ ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କୁ ହରାଇ ବିଜୟୀ ହୋଇଛନ୍ତି। ସେହିପରି ଜଗତ୍‌ସିଂହପୁର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇଥିବା ଛବି ମଲ୍ଲିକ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ପୂର୍ବତନ ବିଧାୟକ ପ୍ରମୋଦ ମଲ୍ଲିକଙ୍କୁ ହରାଇ ବିଜୟୀ ହୋଇଛନ୍ତି। ସେହିପରି କେନ୍ଦ୍ରାପଡ଼ା ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ସାଲେପୁର ଓ ମାହାଙ୍ଗା ନିର୍ବାଚନମଣ୍ଡଳୀ ମଧ୍ୟରୁ ମାହାଙ୍ଗାର ସ୍ୱାଧୀନ ପ୍ରାର୍ଥୀ ସାରଦା ପ୍ରସାଦ ପ୍ରଧାନ ବିଜୟୀ ହୋଇଛନ୍ତି। ଚଳିତ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଭାଜପା ଓ ସ୍ୱାଧୀନ ପ୍ରାର୍ଥୀଙ୍କ ଉପରେ ସମସ୍ତଙ୍କ ନଜର ରହିଥିଲା। ବିଧାୟକଙ୍କ ମଧ୍ୟରୁ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବିଜୟ ଦଳବେହେରା ଓ ସାରଦା ପ୍ରଧାନଙ୍କ ନାଁ ବେଶ୍ ଚର୍ଚ୍ଚା ହେଉଥିଲା। କାରଣ ବିଜୟ ଓ ସାରଦା ସ୍ୱାଧୀନରୁ ଲଢ଼ିଥିଲେ ମଧ୍ୟ ଭାଜପା ଆଡ଼କୁ ଢଳିକି ରହିଛନ୍ତି। ପ୍ରକାଶ ସେଠୀ ମନ୍ତ୍ରିମଣ୍ଡଳରେ ସାମିଲ ହେବା ପାଇଁ ବହୁ ସୁଯୋଗ ରହିଥିଲା। ହେଲେ ତାଙ୍କୁ ସାମିଲ ନ କରାଯିବା କଟକବାସୀଙ୍କୁ ନିରାଶ କରିଛି। ଏନେଇ ପ୍ରକାଶଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ଅତୀତରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବହୁ ମନ୍ତ୍ରୀ ଦେଇଛି କଟକ। କଟକ ସହରରୁ ନିର୍ବାଚନ ଜିତି ନନ୍ଦିନୀ ଶତପଥୀ, ବୀରେନ୍ ମିତ୍ର ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିବାବେଳେ ଆଠଗଡ଼ରୁ ୨ ଥର ନିର୍ବାଚନ ଜିତି ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେହିପରି ଚୌଦ୍ୱାର ଅଞ୍ଚଳରୁ ନିର୍ବାଚନ ଜିତି ବିଜୁ ପଟ୍ଟନାୟକ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏପରି କି କଟକରୁ ନିର୍ବାଚନ ଜିତି ଗତ ୨୪ବର୍ଷ ମଧ୍ୟରେ ରାଜନେତା ମନ୍ତ୍ରୀ ହୋଇଛନ୍ତି। କିନ୍ତୁ ନୂଆ ସରକାର ଗଠନ ହେବା ନେଇ କଟକରୁ କିଏ ହେବ ମନ୍ତ୍ରୀ ସେ ଆଶା କଟକବାସୀଙ୍କ ମନରେ ଥିବାବେଳେ ତାହା ମଉଳି ଯାଇଛି।

# ଏମିତି ହେବ ଆଶା କରି ନ ଥିଲୁ: ଉଷା ଦେବୀ

## ନବୀନ ନିବାସରେ ବିଜେଡିର ବରିଷ୍ଠ ନେତାମାନେ

ଭୁବନେଶ୍ୱର, ୧୩।୬(ଅନିଲ ଦାସ)

ଗତ ନିର୍ବାଚନରେ ବିଜେଡିର ପରାଜୟ ପରେ ନବୀନ ନିବାସକୁ ବିଜେଡି ନେତାମାନେ ନିୟମିତ ବ୍ୟବଧାନରେ ଆସି ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରୁଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଉଭୟ ବିଜୟୀ ଓ ପରାଜିତ ଦଳୀୟ ପ୍ରାର୍ଥୀଙ୍କୁ ପୃଥକ୍ ପୃଥକ୍ ଭାବେ ଡାକି ନବୀନ ଆଲୋଚନା କରୁଛନ୍ତି। ବିଜେଡିର ଛାତ୍ର, ଯୁବ ଓ ମହିଳା ସଙ୍ଗଠନର କର୍ମକର୍ତ୍ତାମାନେ ମଧ୍ୟ ସଭାପତିଙ୍କୁ ଭେଟୁଛନ୍ତି।

ଗୁରୁବାର ବିଜେଡିର ବରିଷ୍ଠ ନେତା ପ୍ରଦୀପ ଅମାତ, ପ୍ରଫୁଲ୍ଲ ମଲ୍ଲିକ, ଉଷାଦେବୀ, ରଘୁନାଥ ମହାନ୍ତି ପ୍ରମୁଖ ନବୀନଙ୍କୁ ସାକ୍ଷାତ କରିଛନ୍ତି। ସାଙ୍ଗଠନିକ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିବା ଜଣାପଡିଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି ଯେ ଦଳର ସଭାପତିଙ୍କୁ ସାକ୍ଷାତ କରିବାକୁ ଆସିଥିଲୁ। ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଦଳ ବିରୋଧୀ ଦଳ ଭୂମିକା କିପରି ନିର୍ବାହ କରିବ, ଆଗାମୀ ଦିନରେ ସଙ୍ଗଠନକୁ କିପରି ମଜଭୁତ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଛି। ନବୀନଙ୍କୁ ସାକ୍ଷାତ କରିବା ପରେ ଉଷାଦେବୀ କହିଛନ୍ତି ଯେ ବିଜେଡିର ଏଭଳି ବିପର୍ଯ୍ୟୟ ହେବ ବୋଲି ସେ କେବେ ଆଶା କରି ନ ଥିଲେ। ବହୁତ ସମୟ ଧରି ଆମେ ସରକାରରେ ଥିଲୁ। ପରିବର୍ତ୍ତନ ତ ହେବ। ହେଲେ ପରିବର୍ତ୍ତନ ହଠାତ୍ ଆସିଗଲା, ଯାହା ସେ ଆଶା କରି ନ ଥିବା କହିଛନ୍ତି।

ଅନ୍ୟପକ୍ଷରେ ନବୀନ ନିବାସ ସମ୍ମୁଖରେ ଥିବା ସୁରକ୍ଷା ବ୍ୟବସ୍ଥାକୁ ହଟାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁରକ୍ଷା ପାଇଁ ତାଙ୍କ ବାସଭବନ ଆଗରେ କରାଯାଇଥିବା ବ୍ୟାରିକେଡ୍‌ଗୁଡ଼ିକୁ କାଢି ଦିଆଯାଇଛି। ଏଥିସହ ସେଠାରେ ମୁତୟନ ପୋଲିସ ଅଫିସରଙ୍କୁ ମଧ୍ୟ ଅପସାରଣ କରାଯାଇଛି। ନବୀନ ନିବାସର ଇନର କର୍ଡନ ସୁରକ୍ଷା ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀଙ୍କୁ ପ୍ରତ୍ୟାହାର କରି ନିଆଯାଇଛି। ଆଉଟର କର୍ଡନରେ କେତେକ ସୁରକ୍ଷାକର୍ମୀ ଅଛନ୍ତି। ବିରୋଧୀ ଦଳ ନେତା ଚୟନ ହେବା ପର୍ଯ୍ୟନ୍ତ ନବୀନ ନିବାସରେ କିଛି ସୁରକ୍ଷାକୁ ଅପରିବର୍ତ୍ତିତ ରଖାଯିବ ବୋଲି ଜଣାପଡ଼ିଛି।


ଉଷା ଦେବୀ

# ଜେଲ ମୋ ପାଇଁ ତୀର୍ଥକ୍ଷେତ୍ର: ପ୍ରଶାନ୍ତ ଜଗଦ୍ଦେବ

## ଖୋର୍ଦ୍ଧା କୋର୍ଟରୁ ନିୟମିତ ଜାମିନ ମିଳିଲା

ଖୋର୍ଦ୍ଧା, ୧୩।୬(ପ୍ରଭାତ ପାଣିଗ୍ରାହୀ)

ଇଭିଏମ୍ ଭଙ୍ଗାରୁଜା ମାମଲାରେ ନବନିର୍ବାଚିତ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ହାଇକୋର୍ଟ ବୁଧବାର ନିୟମିତ ଜାମିନ ପ୍ରଦାନ କରିଥିଲେ। ତେବେ ଜାମିନ ଉପରେ ନିମ୍ନ ଅଦାଲତ ସର୍ତ୍ତ ନିର୍ଦ୍ଧାରଣ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ଖୋର୍ଦ୍ଧା ଜେଏମ୍‌ଏଫ୍‌ସି କୋର୍ଟରେ ଜଗଦ୍ଦେବ ବ୍ୟକ୍ତିଗତ ଭାବେ ହାଜର ହେବା ପରେ ତାଙ୍କୁ ନିୟମିତ ଜାମିନ ମିଳିଛି। କୋର୍ଟରୁ ସେ ବାହାରିବା ପରେ ଭାଜପା ନେତା ଓ କର୍ମୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଜଗଦ୍ଦେବ କହିଛନ୍ତି, ତାଙ୍କ ଗିରଫଦାରି ଏକ ଚକ୍ରାନ୍ତ ଥିଲା। ନ୍ୟାୟାଳୟ ଉପରେ ବିଶ୍ୱାସ ଓ ଭରସା ଥିଲା, ସତ୍ୟର ଜୟ ହୋଇଛି। ଖୋର୍ଦ୍ଧାର ବିକାଶ ପାଇଁ ମହତ୍ କାର୍ଯ୍ୟରେ ଜେଲ ଯାଇଥିଲେ ଦୁଃଖ ଲାଗି ନ ଥାନ୍ତା, ଅନ୍ୟମାନେ ରାଗ ଶୁଖାଇବା ପାଇଁ ଜେଲ ଯିବାକୁ ପଡିଲା, ତାକୁ ସହଜରେ ଗ୍ରହଣ କରିପାରୁନାହିଁ। ଅନେକଥର ବିଭିନ୍ନ କାରଣରୁ ଜେଲ ଯାଇଛି। ଜେଲ ମୋ ପାଇଁ ଏକ ତୀର୍ଥକ୍ଷେତ୍ର। ସେଠାରେ ନିରୋଳାରେ ଆତ୍ମବିଶ୍ଳେଷଣ ସୁଯୋଗ ମିଳିଥାଏ ବୋଲି ସେ କହିଛନ୍ତି।

ସେ ଆହୁରି କହିଥିଲେ, ନିର୍ବାଚିତ ହେବା ପରେ କାର୍ଯ୍ୟ ଆରମ୍ଭ କରିଦେଇଛି। ଜେଲରେ ଅନ୍ତେବାସୀଙ୍କ ପାଇଁ ସ୍ଥାନ ପର୍ଯ୍ୟାପ୍ତ ନୁହଁ। ଜିଲା ଜେଲ ପାଇଁ ୨୫ ଏକର ଜମି ଆବଶ୍ୟକ। ଏନେଇ ଜିଲା ପ୍ରଶାସନ ସହ ଆଲୋଚନା କରିଛି। ସେହିପରି ଖୋର୍ଦ୍ଧା କୋର୍ଟ ପାଇଁ ଆବଶ୍ୟକ ୫ ଏକର ଜମି ପାଇଁ ସ୍ଥାନୀୟ ତହସିଲଦାରଙ୍କ ସହ ଆଲୋଚନା କରିଛି। ପାଇକ ସ୍ମାରକୀ ନିର୍ମାଣ ତ୍ୱରାନ୍ୱିତ ସହ ପାଇକ ଏକାଡ଼େମୀ ଏବଂ ଖୋର୍ଦ୍ଧାଗଡ଼ର ବିକାଶ ପାଇଁ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରକୁ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର, ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଖାଲିପଡିଥିବା ଜାଗାର ବ୍ୟବହାର କରାଯିବ। ଖୋର୍ଦ୍ଧା ସହରର ମାଷ୍ଟରପ୍ଲାନ କରାଯିବ। ଏଥିସହିତ ବିଶୁଦ୍ଧ ପାନୀୟଜଳ, ଜଳସେଚନ, ସ୍ୱାସ୍ଥ୍ୟର ବିକାଶ ପ୍ରତିବିଶେଷ ଗୁରୁତ୍ୱ ରହିବ ବୋଲି ଜଗଦ୍ଦେବ କହିଛନ୍ତି।


ଖୋର୍ଦ୍ଧା କୋର୍ଟରୁ ବାହାରକୁ ଆସୁଛନ୍ତି ବିଧାୟକ ପ୍ରଶାନ୍ତ ଜଗଦ୍ଦେବ।



# ଶପଥ ନେଲେ ପେମା ଖାଣ୍ଡୁ

**ଇଟାନଗର, ୧୩।୬(ପି.ଟି.)**

ଭାଜପା ନେତା ପେମା ଖାଣ୍ଡୁ କ୍ରମାଗତ ତୃତୀୟ ଥର ପାଇଁ ଅରୁଣାଚଳପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ମୁକ୍ତୋ ଆସନରୁ ନିର୍ଦ୍ୱନ୍ଦ୍ୱରେ ଜିତିଥିବା ଖାଣ୍ଡୁଙ୍କୁ ରାଜ୍ୟପାଳ କେ.ଟି. ପରନାଏକ ଶପଥପାଠ କରାଇଥିଲେ। ଏହି ଉତ୍ସବରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା ଏବଂ ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମସିଂ ତମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ୧୧ ଜଣ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ଚୋନା ମେଇନ୍, ବିଧାନସଭାର ପୂର୍ବତନ ବାଚସ୍ପତି ପି.ଡି. ସୋନା, ଭାଜପା ରାଜ୍ୟ ସଭାପତି ବିୟୁରାମ ୱାହଗେ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ କାଲିଖୋ ପୁଲ୍‌ଙ୍କ ବିଧବା ସ୍ତ୍ରୀ ଦସଙ୍ଗ୍‌ଲୁ ପୁଲ୍। ନୂଆ କ୍ୟାବିନେଟରେ ଦସଙ୍ଗ୍‌ଲୁ ଏକମାତ୍ର ମହିଳା ହୋଇଥିବାବେଳେ ୮ ଜଣ ନୂଆ ମୁହଁ। ୬୦ ଆସନ ବିଶିଷ୍ଟ ଅରୁଣାଚଳ ପ୍ରଦେଶ ବିଧାନସଭା ପାଇଁ ହୋଇଥିବା ନିର୍ବାଚନରେ ଭାଜପା ୪୬ ଆସନରେ ବିଜୟୀ ହୋଇଥିଲା।

# ୟେଦୁରପ୍ପାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ

**ବେଙ୍ଗାଲୁରୁ, ୧୩।୬**



ଏକ ପ୍ରୋଟେକ୍ସନ ଅଫ୍ ଚିଲ୍‌ଡ୍ରେନ ଫ୍ରମ୍ ସେକ୍ସୁଆଲ ଅଫେନ୍ସ(ପୋକ୍‌ସୋ) ମାମଲାରେ କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବି. ଏସ୍. ୟେଦୁରପ୍ପାଙ୍କ ବିରୋଧରେ ଗୁରୁବାର ବେଙ୍ଗାଲୁରୁର ସ୍ୱତନ୍ତ୍ର କୋର୍ଟ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି। ମାମଲାର ତଦନ୍ତ କରୁଥିବା କର୍ନାଟକ ପୋଲିସର ଅପରାଧ ତଦନ୍ତ ବିଭାଗ(ସିଆଇଡି) ୟେଦୁରପ୍ପାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିବା ପାଇଁ କୋର୍ଟଙ୍କ ନିକଟରେ ଦାବି କରିଥିଲା। ବୁଧବାର ଅଧିକ ପଚରାଉଚରା ପାଇଁ ହାଜର ହେବାକୁ ସିଆଇଡି ୟେଦୁରପ୍ପାଙ୍କୁ ସମନ କରିଥିବା ବେଳେ ସେ ହାଜର ହୋଇ ନ ଥିଲେ। ସୂଚନାଯୋଗ୍ୟ, ଗତ ଫେବୃୟାରୀ ୨ରେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଏକ ବୈଠକରେ ୟେଦୁରପ୍ପା ଯୌନ ଉତ୍ପୀଡ଼ନ କରିଥିବା ନେଇ ଅଭିଯୋଗ ଆସିଥିଲା। ଏନେଇ ନାବାଳିକାଙ୍କ ଅଭିଯୋଗ ଆଧାରରେ ସଦାଶିବନଗର ପୋଲିସ ୟେଦୁରପ୍ପାଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତାର ଧାରା ୩୫୪-ଏ ଅନ୍ତର୍ଗତ ମାମଲା ରୁଜୁ କରିଥିଲା।

## ୨୬ରେ ଲୋକ ସଭା ବାଚସ୍ପତି ନିର୍ବାଚନ

**ନୂଆଦିଲ୍ଲୀ, ୧୩।୬**

ଅଷ୍ଟାଦଶ ଲୋକ ସଭାର ପ୍ରଥମ ଅଧିବେଶନ ଜୁନ୍ ୨୪ରୁ ଆରମ୍ଭ ହେଉଥିବାବେଳେ ୨୬ ତାରିଖରେ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ବାଚସ୍ପତି ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇନାହିଁ। ଏନ୍‌ଡିଏ ସହଯୋଗୀ ଜେଡିୟୁ ଏବଂ ଟିଡିପିକୁ ଏହି ପଦବୀ ପାଇଁ ପ୍ରାର୍ଥୀ ଦେବା ନିମନ୍ତେ ବିରୋଧୀ ଦଳଗୁଡ଼ିକ ଚାପ ପକାଉଥିବା ଜଣାପଡ଼ିଛି। ଜୁଲାଇ ୩ରେ ଶେଷ ହେବାକୁ ଥିବା ଏହି ଅଧିବେଶନର ପ୍ରଥମ ଦୁଇଦିନରେ ନବନିର୍ବାଚିତ ଏମ୍‌ପିମାନେ ଶପଥ ଗ୍ରହଣ କରିବେ। ଜଣେ ପ୍ରୋଟେମ୍ ବାଚସ୍ପତି ସେମାନଙ୍କୁ ଶପଥ ପାଠ କାଇବେ। ନୂଆ ବାଚସ୍ପତି ନିର୍ବାଚିତ ହେବା ପରେ ୨୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକ ସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ।

## ଫ୍ୟାକ୍ଟ୍ରିରେ ବିସ୍ଫୋରଣ: ୬ ମୃତ

**ନାଗପୁର, ୧୩।୬:** ମହାରାଷ୍ଟ୍ରର ନାଗପୁରଠାରୁ ୨୫ କିଲୋମିଟର ଦୂର ଧାମନା ଗ୍ରାମଠାରେ ଥିବା ଏକ ବିସ୍ଫୋରକ ଉତ୍ପାଦନକାରୀ କାରଖାନାରେ ଗୁରୁବାର ବିସ୍ଫୋରଣ ଘଟି ୬ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଚାମୁଣ୍ଡି ଏକ୍ସପ୍ଲୋସିଭ୍ ପ୍ରା.ଲିଃ ନାମକ ଏହି କାରଖାନାରେ ଅପରାହ୍ନ ୧ଟା ବେଳେ ବିସ୍ଫୋରଣ ହୋଇଥିଲା। ସେହି ସମୟରେ ଶ୍ରମିକମାନେ କାରଖାନାରେ ବିସ୍ଫୋରକ ସାମଗ୍ରୀଗୁଡ଼ିକୁ ପ୍ୟାକ୍ କରୁଥିଲେ ବୋଲି ସ୍ଥାନୀୟ ପୋଲିସ କହିଛି।

# ଆତଙ୍କବାଦ ମୁକାବିଲା ସାମର୍ଥ୍ୟ ବଢ଼ାଅ

## କଶ୍ମୀର ସ୍ଥିତି ସମୀକ୍ଷା ପରେ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୩।୬(ପି.ଟି.)**

ଜମ୍ମୁ-କଶ୍ମୀରରେ ଗତ ୪ ଦିନ ଭିତରେ ଆତଙ୍କବାଦୀମାନେ ୪ ଥର ଆକ୍ରମଣ କଲେଣି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କଶ୍ମୀର ସ୍ଥିତିର ସମୀକ୍ଷା କରିବା ସହ ବ୍ୟାପକ ଆତଙ୍କବାଦ ନିରୋଧୀ ସାମର୍ଥ୍ୟକୁ ନିୟୋଜିତ କରିବା ନିମନ୍ତେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକ ସମୟରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୁରକ୍ଷା ବଳର ନିୟୋଜନ ଏବଂ ଆତଙ୍କବାଦ ନିରୋଧୀ ଅପରେଶନ ସମ୍ପର୍କରେ ପ୍ରଧାନମନ୍ତ୍ରୀ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ଆଲୋଚନା କରିଥିଲେ। ଏଥିସହ ସେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କଠାରୁ ମଧ୍ୟ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳର ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ।

ରବିବାର ସନ୍ଧ୍ୟାରେ ରେଆସି ଜିଲାରେ ଆତଙ୍କବାଦୀମାନେ ଏକ ତୀର୍ଥଯାତ୍ରୀ ବସ୍‌କୁ ଆକ୍ରମଣ କରିବାରୁ ଏହା ଖାଇକୁ ଖସିପଡ଼ି ୯ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୪୩ ଜଣ ଆହତ ହୋଇଥିଲେ। ଜମ୍ମୁ-କଶ୍ମୀରର କଠୁଆ ଓ ଡୋଡା ଜିଲାରେ ଆତଙ୍କବାଦୀମାନେ ମଙ୍ଗଳବାର ରାତିଅଧିଆ ଆକ୍ରମଣ କରିଛନ୍ତି। ଡୋଡାର ଚତ୍ତେରଗାଲାରେ ଥିବା କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ଏକ ଚେକ୍‌ପୋଷ୍ଟରେ ଆତଙ୍କବାଦୀ ଆଖିବୁଜା ଗୁଳି ଚଳାଇବାରୁ ୬ ସୁରକ୍ଷା କର୍ମୀ ଆହତ ହୋଇଛନ୍ତି।

## ଡୋଡା ଆକ୍ରମଣ: ୪ ଆତଙ୍କବାଦୀଙ୍କ ସ୍କେଚ୍ ଜାରି

**ଜମ୍ମୁ, ୧୩।୬(ପି.ଟି.)**

ଜମ୍ମୁ-କଶ୍ମୀରରେ ହୋଇଥିବା ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀମାନଙ୍କୁ ଧରିବା ପାଇଁ ସୁରକ୍ଷା ବଳ ପକ୍ଷରୁ ଗୁରୁବାର ତଲାସି ଅଭିଯାନକୁ ବ୍ୟାପକ କରାଯାଇଛି। ବିଭିନ୍ନ ଜିଲାର ଜଙ୍ଗଲ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଛି। ଏଥିରେ ପୋଲିସ ସମେତ ଅର୍ଦ୍ଧସାମରିକ ବାହିନୀର ଯବାନମାନେ ସାମିଲ ହୋଇଛନ୍ତି। ଡୋଡା ଜିଲାରେ ହୋଇଥିବା ଆକ୍ରମଣରେ ସମ୍ପୃକ୍ତ ୪ ଆତଙ୍କବାଦୀଙ୍କୁ ଧରିବା ପାଇଁ କଶ୍ମୀର ପୋଲିସ ପକ୍ଷରୁ ସେମାନଙ୍କ ସ୍କେଚ୍ ଜାରି କରାଯାଇଛି। ଏଥିସହ ସେମାନଙ୍କ ସମ୍ପର୍କରେ ସୂଚନା ଦେଲେ, ୨୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଛି। ମଙ୍ଗଳବାର ଆତଙ୍କବାଦୀମାନେ ଚତ୍ତେରଗାଲ୍ଲାଠାରେ ଥିବା ୪ ରାଷ୍ଟ୍ରୀୟ ରାଇଫଲ୍ସ ଏବଂ ପୋଲିସର ମିଳିତ ଚେକ୍‌ପୋଷ୍ଟ ଉପରେ ଆକ୍ରମଣ କରିଥିବାବେଳେ ବୁଧବାର ଗଣ୍ଡୋହରେ ଆକ୍ରମଣ କରିଥିଲେ। ଏଥିରେ ଜଣେ ପୋଲିସ ସମେତ ୭ ଜଣ ସୁରକ୍ଷା ଯବାନ ଆହତ ହୋଇଥିଲେ।

ସେହିପରି କଠୁଆ ଜିଲାର ସଇଦା ସୁଖାଲ ଗ୍ରାମରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ସିଆର୍‌ପିଏଫ୍ ଯବାନ କବୀର ଦାସ ଗୁରୁତର ହୋଇଥିଲେ। ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁରକ୍ଷାକର୍ମୀଙ୍କ ତଲାସି ଅଭିଯାନ ବେଳେ କଠୁଆରେ ଗୁଳିବିନିମୟ ଘଟି ୨ ସନ୍ଦିଗ୍ଧ ପାକିସ୍ତାନୀ ଆତଙ୍କବାଦୀ ନିହତ ହେବା ସହ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି।

# ଇୟୁ ଆଣିଲା ନୂଆ ଏଆଇ ଆଇନ

**ଲଣ୍ଡନ, ୧୩।୬**

## ଡେଟା ସ୍ୱଚ୍ଛତା ବଢ଼ାଇବ




କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ ୟୁରୋପୀୟ ୟୁନିୟନ (ଇୟୁ) କେତେକ ନୂଆ ଆଇନ ଆଣିଛି। ଫଳରେ କମ୍ପାନୀଗୁଡ଼ିକ ସେମାନଙ୍କ ସିଷ୍ଟମ୍‌କୁ ଇନ୍‌ଷ୍ଟ୍ରକ୍ସନ ଦେବାରେ ଡେଟା ବ୍ୟବହାର ଉପରେ ଅଧିକ ସ୍ୱଚ୍ଛ ହେବେ। ମାଇକ୍ରୋସଫ୍ଟର ଓପନ୍‌ଏଆଇ ସର୍ବସାଧାରଣରେ ଚାଟ୍‌ଜିପିଟି ଉନ୍ମୋଚନ କରିବାର ୧୮ ମାସ ମଧ୍ୟରେ ଜେନେରେଟିଭ୍ ଏଆଇରେ ଅନେକେ ନିୟୋଜିତ ହେବ ସହ ନିବେଶ ବଢ଼ିଛି। ବିଷୟବସ୍ତୁ, ଫଟୋ ଏବଂ ଅଡିଓ କଣ୍ଟେଣ୍ଟ ଦ୍ରୁତ ପ୍ରସ୍ତୁତ କରିବାରେ ଜେନେରେଟିଭ୍ ଏଆଇ ଆପ୍ଲିକେଶନ୍‌ର ବ୍ୟାପକ ବ୍ୟବହାର ହେଉଛି। ଏହି ଶିଳ୍ପ ବଢ଼ିଚାଲିଥିବାବେଳେ ଏଆଇ କମ୍ପାନୀଗୁଡ଼ିକ ସେମାନଙ୍କ ମଡେଲଗୁଡ଼ିକୁ ଇନ୍‌ଷ୍ଟ୍ରକ୍ସନ ଦେବାରେ ବ୍ୟବହାର କରୁଥିବା ଡେଟା କେଉଁଠୁ ପାଉଛନ୍ତି, ତାହାକୁ ନେଇ ପ୍ରଶ୍ନ ଉଠିଛି। ସେମାନେ ସ୍ୱତ୍ୱଲିପି ଅଧିକାରର ଉଲ୍ଲଂଘନ କରି ଲେଖକ ଏବଂ ନିର୍ମାତାଙ୍କ ବିନା ଅନୁମତିରେ ବେଷ୍ଟ ସେଲିଂ ପୁସ୍ତକ ଏବଂ ହଲିଉଡ୍ ଚଳଚ୍ଚିତ୍ରଗୁଡ଼ିକୁ ସେମାନଙ୍କ ମଡେଲରେ ଫିଡିଂ କରାଉଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଇୟୁରେ ନିକଟରେ ଗୃହୀତ ହୋଇଥିବା ଏଆଇ ଆଇନ ଆଗାମୀ ୨ ବର୍ଷରେ ପର୍ଯ୍ୟାୟକ୍ରମେ ଲାଗୁହେବ। ତେବେ ଏହି ନିୟମାବଳୀଗୁଡ଼ିକ ବାସ୍ତବରେ କେତେଦୂର କାର୍ଯ୍ୟ କରିବ ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଉକ୍ତ ଆଇନ ଅନୁଯାୟୀ ଚାଟ୍‌ଜିପିଟି ଭଳି ସାଧାରଣ ଉଦ୍ଦେଶ୍ୟ ଏଆଇ ମଡେଲକୁ ବ୍ୟବହାର କରୁଥିବା ସଂସ୍ଥାଗୁଡ଼ିକ ସେଗୁଡ଼ିକୁ ଇନ୍‌ଷ୍ଟ୍ରକ୍ଶନ ଦେବାରେ ଉପଯୋଗ କରୁଥିବା କଣ୍ଟେଣ୍ଟ ସମ୍ପର୍କିତ ସବିଶେଷ ବିବରଣୀ ଦେବେ। ୨୦୨୫ ପ୍ରଥମ ଭାଗରୁ ଏହିସବୁ ନିୟମାବଳୀ ଅନୁପାଳନ ନିମନ୍ତେ ଇୟୁର ଏଆଇ କାର୍ଯ୍ୟାଳୟ ପକ୍ଷରୁ ଗାଇଡ୍‌ଲାଇନ ବାହାର କରିବାକୁ ଯୋଜନା ହେଉଛି। ତେବେ ଏହା ପୂର୍ବରୁ ସମସ୍ତ ଷ୍ଟେକ୍‌ହୋଲ୍ଡରଙ୍କ ସହ ଏନେଇ ବିଚାର ବିମର୍ଶ କରାଯିବ ବୋଲି ଜଣାପଡ଼ିଛି। ଯଦିଓ ନୂଆ ଏଆଇ ଆଇନ ସମ୍ପର୍କରେ ସବିଶେଷ ତଥ୍ୟ ଜଣାପଡ଼ି ନ ଥିବାବେଳେ ଏଆଇ କମ୍ପାନୀଗୁଡ଼ିକ ସେମାନଙ୍କ ମଡେଲକୁ ଟ୍ରେନ୍‌ଡ କରାଇବା ପାଇଁ ବ୍ୟବହାର କରୁଥିବା ଡେଟା ସମ୍ପର୍କରେ ଜଣାଇବାକୁ ଜୋର୍‌ଦାର ବିରୋଧ କରୁଛନ୍ତି। ଏହା ଏକ ବ୍ୟବସାୟିକ ଗୋପନୀୟତା ହୋଇଥିବାରୁ ସର୍ବସାଧାରଣରେ ପ୍ରକାଶ କଲେ ପ୍ରତିଦ୍ୱନ୍ଦ୍ୱୀମାନେ ଅନୈତିକ ସୁବିଧା ଉଠାଇବେ ବୋଲି କମ୍ପାନୀଗୁଡ଼ିକ କହିଛନ୍ତି।

## ଚାଇନା, ପାକ୍ ମିଳିତ ବିବୃତିରେ ଜମ୍ମୁ-କଶ୍ମୀର

**ନୂଆଦିଲ୍ଲୀ, ୧୩।୬**

### ପ୍ରତ୍ୟାଖ୍ୟାନ କଲା ଭାରତ

ଚାଇନା ଓ ପାକିସ୍ତାନର ମିଳିତ ବିବୃତିରେ ଅବାଞ୍ଛିତ ଭାବେ ଜମ୍ମୁ-କଶ୍ମୀର ପ୍ରସଙ୍ଗ ଉଲ୍ଲେଖ କରାଯାଇଥିବାରୁ ଗୁରୁବାର ଭାରତ ଏହାକୁ ପ୍ରତ୍ୟାଖ୍ୟାନ କରିଛି। କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଏବଂ ଲଦାଖ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ରହିଛି ଓ ସବୁବେଳେ ରହିବ ବୋଲି ନୂଆଦିଲ୍ଲୀ କହିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଏବଂ ତାଙ୍କ ଚାଇନା ପ୍ରତିପକ୍ଷ ଲି କିଆଙ୍ଗ୍‌ଙ୍କ ମଧ୍ୟରେ ଆଲୋଚନା ପରେ ଗତ ୭ ତାରିଖରେ ମିଳିତ ବିବୃତି ଜାରି କରାଯାଇଥିଲା। ଏଥିରେ ଥିବା କଶ୍ମୀର ପ୍ରସଙ୍ଗକୁ ଆମେ ସ୍ପଷ୍ଟ ଭାବେ ପ୍ରତ୍ୟାଖ୍ୟାନ କରୁଛୁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

## ଜି୭ ସମିଟ୍: ମୋଦି, ବାଇଡେନ୍ ବୈଠକ ହୋଇପାରେ

**ନୂଆଦିଲ୍ଲୀ, ୧୩।୬**

ଇଟାଲୀରେ ଅନୁଷ୍ଠିତ ହେବାକୁ ଥିବା ଜି୭ ସମିଟ୍‌ରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଇଟାଲୀ ଗସ୍ତରେ ଯାଇଛନ୍ତି। ତୃତୀୟ ଥର ପାଇଁ ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଏହା ତାଙ୍କର ପ୍ରଥମ ଗସ୍ତ। ସମ୍ମିଳନୀରେ ଯୋଗଦେବା ପାଇଁ ମୋଦିଙ୍କୁ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପରସ୍ପରକୁ ଭେଟି ଆଲୋଚନା କରିପାରନ୍ତି। ଆମେରିକା ଜାତୀୟ ସୁରକ୍ଷା ଉପଦେଷ୍ଟା ଜାକ୍ ସୁଲିଭାନ୍ ଏହି ସୂଚନା ଦେଇଛନ୍ତି। ବାଇଡେନ୍ ମୋଦିଙ୍କୁ ଭେଟିବା ଆଶା କରାଯାଉଛି। ଜି୭ ସମିଟ୍‌ର ଆଉଟ୍‌ରିଚ୍ ସେସନ୍‌ରେ ଭାରତ କୃତ୍ରିମ ବୁଦ୍ଧିମତ୍ତା(ଏଆଇ), ଶକ୍ତି, ଦକ୍ଷିଣ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବ ବୋଲି ପ୍ରଧାନମନ୍ତ୍ରୀ ଗୁରୁବାର କହିଛନ୍ତି।




ଦିଲ୍ଲୀରେ ଉତ୍କଟ ଜଳ ସଙ୍କଟ: ବିବେକାନନ୍ଦ କ୍ୟାମ୍ପଠାରେ ଲୋକେ ପାଣି ସଂଗ୍ରହ କରିବା ପାଇଁ ଗରା, ବାଲ୍‌ଟି ରଖି ପାଣି ଟ୍ୟାଙ୍କରକୁ ଅପେକ୍ଷା କରିଛନ୍ତି।

# ମଣିଷ ବେଶରେ ରୁହନ୍ତି ଏଲିଅନ

**ଲଣ୍ଡନ, ୧୩।୬**

## ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଅଧ୍ୟୟନ

ସାରା ବିଶ୍ୱର ବୈଜ୍ଞାନିକମାନେ ଏଲିଅନଙ୍କ ରହସ୍ୟକୁ ନେଇ ଦଶନ୍ଧି ଦଶନ୍ଧି ଧରି ଗବେଷଣା କରୁଥିଲେ ମଧ୍ୟ ଏବେ ସୁଦ୍ଧା ଏହି ପ୍ରଶ୍ନର କୌଣସି ଠୋସ୍ ଉତ୍ତର ମିଳିପାରିନାହିଁ। ତେବେ ଏଲିଅନମାନେ ମଣିଷଙ୍କ ବେଶରେ ପୃଥିବୀ ପୃଷ୍ଠରେ ଲୁଚି ରହିଥିବା ନେଇ ବ୍ରିଟେନ୍‌ର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନ ସାମ୍ନାକୁ ଆସିଛି। ଭୂପୃଷ୍ଠରେ ଏଲିଅନଙ୍କ ରହିବା ପାଇଁ ଅନେକ ସ୍ଥାନ ଥିବା ଏହି ଅଧ୍ୟୟନରେ କୁହାଯାଇଛି। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ହ୍ୟୁମାନ ଫ୍ଲୋରିସିଂ ପ୍ରୋଗ୍ରାମର ଗବେଶକମାନେ ଏହି ଅଧ୍ୟୟନରେ କହିଛନ୍ତି, ‘‘ଏହା ଜରୁରି ନୁହେଁ ଯେ ଏଲିଅନ ଅନ୍ୟ କୌଣସି ଗ୍ରହରୁ ଆସିଛନ୍ତି। ସେମାନେ ହୁଏତ ଆରମ୍ଭରୁ ହିଁ ମଣିଷଙ୍କ ସହ ରହି ଆସୁଛନ୍ତି’’। ଏହି ଅଧ୍ୟୟନରେ ପ୍ରାଚୀନ ସଭ୍ୟତାର ଉଦାହରଣ ଦିଆଯାଇଛି। ଏହା କୌଣସି ଅଜଣା ସଭ୍ୟତା ହୋଇଥାଇପାରେ ଯାହା ବର୍ତ୍ତମାନ ସୁଦ୍ଧା ଲୁଚି ରହିଛି। ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଏହି ସଭ୍ୟତା ଏପରି କିଛି ସ୍ଥାନରେ ନିଜର ଆଧାର ପ୍ରତିଷ୍ଠା କରିଛି ଯାହା ମଣିଷଙ୍କ ପାଇଁ କଳ୍ପନା ଯୋଗ୍ୟ ହୋଇ ନ ଥିବା ଅଧ୍ୟୟନରେ କୁହାଯାଇଛି। ସାଧାରଣତଃ ଏହି



ସଭ୍ୟତା ଆଗ୍ନେୟଗିରିର ତଳେ, ଗଭୀର ଜଳ ମଧ୍ୟରେ କିମ୍ବା ଚନ୍ଦ୍ରର ଅନ୍ଧକାର ଅଞ୍ଚଳରେ ଦୀର୍ଘଦିନ ଧରି ରହି ଆସୁଥିଲା ବୋଲି ଗବେଷକମାନେ କହିଛନ୍ତି। ୟୁଏଫ୍‌ଓ ବା ‘ଉଡନ୍ତା ବସ୍ତୁ’ ପୃଥିବୀରେ ରହୁଥିବା ଏଲିଅନଙ୍କୁ ଭେଟିବା ପାଇଁ ଆସୁଥିବା ମହାକାଶ ଯାନ ହୋଇପାରେ ବୋଲି ଏହି ଅଧ୍ୟୟନରେ କୁହାଯାଇଛି। ଏଲିଅନ ଭୂପୃଷ୍ଠରେ ୪ଟି ରୂପରେ ଥାଇପାରନ୍ତି ଏହି ଅଧ୍ୟୟନରେ ଗବେଷକମାନେ ଆକଳନ କରିଛନ୍ତି। ଖାସ୍‌କରି ଏହା ଏକ ପ୍ରାଚୀନ ମାନବ ସଭ୍ୟତା ଯାହା ବହୁ ପୂର୍ବରୁ ବିଲୁପ୍ତ ହୋଇଯାଇଛି ଏବଂ ଏବେ ଏହାର ଅବଶିଷ୍ଟାଂଶ ଏଲିଅନ ଭାବରେ ରହିଥାଇପାରନ୍ତି ବୋଲି ଅଧ୍ୟୟନରେ କୁହାଯାଇଛି। ସେହିପରି ବୈଷୟିକ ଦୃଷ୍ଟିରୁ ଏଲିଅନ ପ୍ରଜାତି ଏକ ଉନ୍ନତ ମାନବ ସଭ୍ୟତା ମଧ୍ୟ ହୋଇଥାଇପାରେ ଯାହା ଗୁପ୍ତ ଭାବେ ବଞ୍ଚି ରହିବାକୁ ପସନ୍ଦ କରିଥାଏ ବୋଲି ଗବେଷକମାନେ କହିଛନ୍ତି।

## ଫୁର୍‌ସତ

# ୨୦ ବର୍ଷ ପାଳନ: ରକ୍ତଦାତାଙ୍କୁ ଧନ୍ୟବାଦ

## ଆଜି ବିଶ୍ୱ ରକ୍ତଦାତା ଦିବସ



ରକ୍ତଦାନ ମହାନ୍ ଦାନ। ମନୁଷ୍ୟ ଶରୀରରେ ରକ୍ତର ଆବଶ୍ୟକତା କେତେ ରହିଛି ତାହା କହିବା ଅନାବଶ୍ୟକ। ବିଶେଷଭାବରେ ଗୁରୁତର ଦୁର୍ଘଟଣାର ଶିକାର ହୋଇଥିବା କିମ୍ବା ଅପରେଶନ ସମୟ ବ୍ୟତୀତ ଆହୁରି କେତେକ ସ୍ଥଳରେ ଆକ୍ରାନ୍ତ ବ୍ୟକ୍ତି ପାଇଁ ରକ୍ତର ଆବଶ୍ୟକତା ପଡ଼ିଥାଏ। ବ୍ଲଡ୍ ଗ୍ରୁପ୍ ଅନୁସାରେ ଯୋଗାଡ଼ କରାଯାଇଥିବା ରକ୍ତ ତାଙ୍କୁ ଯୋଗାଇ ଦିଆଯାଏ। ରକ୍ତ ଦାନ ପାଇଁ ଅନେକ ବ୍ୟକ୍ତି ସ୍ୱତଃ ଆଗେଇ ଆସିଥାଆନ୍ତି। ତେଣୁ ରକ୍ତର ମୂଲ୍ୟ କେତେ ଆମେ ତାହା ଜାଣିବା ନିହାତି ଦରକାର। ଏ ନେଇ ଜନସାଧାରଣଙ୍କୁ ସଚେତନ କରାଇବା ଲାଗି ପ୍ରତିବର୍ଷ ଜୁନ୍ ୧୪ ତାରିଖରେ ପାଳିତ ହୋଇଥାଏ ‘ବିଶ୍ୱ ରକ୍ତଦାତା ଦିବସ’ (ୱାର୍ଲ୍ଡ ବ୍ଲଡ୍ ଡୋନର ଡେ’)। ଉକ୍ତ ଦିବସ ଅବସରରେ ସରକାରୀ ଏବଂ ବେସରକାରୀ ସ୍ତରରେ ଅନେକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ରକ୍ତ ଏବଂ ରକ୍ତଦାନର ମହତ୍ତ୍ୱ ଉପରେ ଲୋକମାନଙ୍କୁ ଏହି ଦିବସରେ ସଚେତନ କରାଯାଏ। ଖାସ୍ କଥା ହେଲା ଚଳିତ ବର୍ଷ ଏହି ଦିବସ ୨୦ ବର୍ଷରେ ପଦାର୍ପଣ କରିଛି। ତେଣୁ ଉକ୍ତ ଦିବସର ବାର୍ତ୍ତା ରହିଛି- ‘୨୦ବର୍ଷ ପାଳନ: ରକ୍ତଦାତାଙ୍କୁ ଧନ୍ୟବାଦ’।

୧୯୦୧ ମସିହାରେ ରକ୍ତ ବିଜ୍ଞାନରେ ଏକ ବୈପ୍ଲବିକ ପରିବର୍ତ୍ତନ ଘଟିଥିଲା। ଡା. କାରଲ ଲ୍ୟାଣ୍ଡଷ୍ଟେନର ବିଭିନ୍ନ ପ୍ରକାରର ଗବେଷଣା କରି ୧୯୦୧ ମସିହାରେ ମନୁଷ୍ୟ ଶରୀରରେ ‘ଏ’, ‘ବି’ ଏବଂ ‘ଓ’ ଗ୍ରୁପ୍‌ର ରକ୍ତ ଉଦ୍ଭାବନ କରିଥିଲେ। ୧୯୦୨ ମସିହାରେ ଡା. ଲ୍ୟାଣ୍ଡଷ୍ଟେନରଙ୍କ ଦୁଇ ଜଣ ଛାତ୍ର ଓ ଅଧସ୍ତନ ବୈଜ୍ଞାନିକ ଡା. ଷ୍ଟରଲି ଏବଂ ଡା. ଡିକାଷ୍ଟେଲୋ ‘ଏବି’ ନାମକ ଚତୁର୍ଥ ରକ୍ତ ଗ୍ରୁପ୍‌ର ଉଦ୍ଭାବନ କରିଥିଲେ। ରକ୍ତ ଗ୍ରୁପ୍‌ର ଆବିଷ୍କାର ପାଇଁ ଡା. ଲ୍ୟାଣ୍ଡଷ୍ଟେନରଙ୍କୁ ୧୯୩୦ରେ ଭେଷଜ ବିଜ୍ଞାନ ଲାଗି ସମ୍ମାନ୍‌ଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ୧୮୬୫ ମସିହା ଜୁନ୍ ୧୪ରେ ଅଷ୍ଟ୍ରିଆର ରାଜଧାନୀ ଭିଏନାଠାରେ ଜନ୍ମ ଗ୍ରହଣ କରିଥିଲେ ଏବଂ ୧୯୪୩ ମସିହାରେ ତାଙ୍କର ଦେହାନ୍ତ ହୋଇଥିଲା। ଡା. ଲ୍ୟାଣ୍ଡଷ୍ଟେନରଙ୍କୁ ସବୁଦିନ ମନେରଖିବା ପାଇଁ ତାଙ୍କର ଜନ୍ମଦିନକୁ ‘ବିଶ୍ୱ ରକ୍ତଦାତା ଦିବସ’ ରୂପେ ପାଳନ କରାଯାଉଛି।

ରକ୍ତଦାନ ଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା-ଏ କଥା ସମସ୍ତେ ହୃଦୟଙ୍ଗମ କରିବା ଦରକାର। ବିଶ୍ୱରେ କୋଟି କୋଟି ରକ୍ତଦାତା ଅଛନ୍ତି। ସେମାନେ ନିଜ ପଟରୁ ଏଭଳି ମହତ୍ କାମ ପାଇଁ ହାତ ବଢ଼ାଇଥାଆନ୍ତି। ସେମାନଙ୍କ ଏଭଳି ମହତ୍ କାମକୁ ଆମେ ଅନୁସରଣ କରିବା ଦରକାର। ରକ୍ତ ଦାନ କରିବା ପୂର୍ବରୁ ସଂପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପୂର୍ବଦିନ ପ୍ରଚୁର ପାଣି ପିଅନ୍ତୁ। ରକ୍ତଦାନକୁ ନେଇ ମନରେ କୌଣସି ଆଶଙ୍କା ଥିଲେ ଅଭିଜ୍ଞ ରକ୍ତରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ। କାରଣ ଏହାପୂର୍ବରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନଗୁଡ଼ିକର ସମାଧାନ ହୋଇଯିବା ଆବଶ୍ୟକ। ରକ୍ତଦାନ କରୁଥିବା ମନରେ ମନକୁ ହାଲକା ରଖନ୍ତୁ। ଆପଣ ଯଦି କୌଣସି ରୋଗରେ ଆକ୍ରାନ୍ତ ତେବେ ରକ୍ତଦାନ କରିବା କେତେ ସମୀଚୀନ ତାହା ବୁଝିନିଅନ୍ତୁ। ରକ୍ତ ଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନାକୁ ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ।

# ଆସୁଛି ‘ବର୍ଡର ୨’



ସନି ଦେଓଲ

**ମୁମ୍ବାଇ:** ୧୯୯୭ରେ ମୁକ୍ତିଲାଭ କରିଥିବା ‘ବର୍ଡର’ ଚଳଚ୍ଚିତ୍ରକୁ ଇତିମଧ୍ୟରେ ୨୭ ବର୍ଷ ବିତିଯାଇଛି। ଏହି ବ୍ଲକ୍‌ବଷ୍ଟର ଚଳଚ୍ଚିତ୍ରରେ ସନି ଦେଓଲ, ଅକ୍ଷୟ ଖାନ୍ନା, ସୁନୀଲ ଶେଟ୍ଟୀଙ୍କ ଭଳି କଳାକାରମାନେ ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ଦର୍ଶକମାନେ ଏହି ଚଳଚ୍ଚିତ୍ରର କାହାଣୀକୁ ଖୁବ୍ ପସନ୍ଦ କରିଥିଲେ। ତେବେ ‘ବର୍ଡର’ ଚଳଚ୍ଚିତ୍ରର ୨୪ ବର୍ଷ ପୂର୍ତ୍ତି ଉପଲକ୍ଷେ ଗୁରୁବାର ବଲିଉଡ୍ ଅଭିନେତା ସନି ଦେଓଲ୍ ପ୍ରଶଂସକଙ୍କୁ ଏକ ଖୁସି ଖବର ଦେଇଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଭାରତର ସବୁଠାରୁ ବଡ଼ ୱାର୍ ଫିଲ୍ମ ‘ବର୍ଡର’ର ସିକ୍ୱେଲ ‘ବର୍ଡର ୨’ ଖୁବ୍‌ଶୀଘ୍ର ପରଦାକୁ ଆସୁଥିବା ନେଇ ଘୋଷଣା କରିଛନ୍ତି। ସେ ଏନେଇ ଏକ ଭିଡିଓ ଶେୟାର କରିଛନ୍ତି, ଯାହା ଅଳ୍ପ ସମୟ ମଧ୍ୟରେ ଭାଇରାଲ ହୋଇପାରିଛି। ୧୯୯୭ ଜୁନ୍ ୧୩ରେ ‘ବର୍ଡର’ ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା, ଯାହା ଗୁରୁବାର ୨୭ ବର୍ଷ ପୂରଣ କରିଛି। ଏହି ଅବସରରେ ସନି ପ୍ରଶଂସକଙ୍କୁ ‘ବର୍ଡର ୨’ର ଉପହାର ଦେଇଛନ୍ତି। ଶେୟାର ହୋଇଥିବା ଏହି ଭିଡିଓରେ ତାଙ୍କର ସ୍ୱର ଶୁଣିବାକୁ ମିଳିଛି। ଭିଡିଓରେ ସନି କହିଛନ୍ତି, ‘‘୨୭ ବର୍ଷ ପୂର୍ବେ ଜଣେ ସୈନିକ ଫେରି ଆସିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେ ଏବେ ତାଙ୍କର ଏହି ପ୍ରତିଶ୍ରୁତିକୁ ପୂରଣ କରିବା ସହ ଭାରତର ମାଟିକୁ ପ୍ରଣାମ ଜଣାଇ ପୁଣି ଆସୁଛନ୍ତି’’।

# ଧାନର ଏମ୍‌ଏସ୍‌ପି ବୃଦ୍ଧି ଅର୍ଥନୀତି ପାଇଁ ଶୁଭ ସଙ୍କେତ

ଭୁବନେଶ୍ୱର,୧୩।୬(ଅନୁରାଧା ମହାରଣା)



ରାଜ୍ୟର କୃଷକମାନଙ୍କ ସଶକ୍ତୀକରଣ ପାଇଁ ଏକ 'ସମୃଦ୍ଧ କୃଷକ ନୀତି' ଆସିବ ଏବଂ ଚାଷୀମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) କୁଇଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯିବ। ବୁଧବାର କ୍ୟାବିନେଟ୍ ବୈଠକରେ ଏପରି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆଗାମୀ ୧୦୦ ଦିନ ମଧ୍ୟରେ ଏହା କାର୍ଯ୍ୟକାରୀ କରାଯିବ। ସୂଚନା ଥାଉ କି, ୨୦୨୩ ଜୁନ୍ ମାସରେ କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨ହଜାର ୪୦ଟଙ୍କାରୁ ୨୧୮୩କୁ ବୃଦ୍ଧି କରିଥିଲେ। ଏ-ଗ୍ରେଡ୍ ଧାନର ମୂଲ୍ୟ କୁଇଣ୍ଟାଲ ପିଛା ୨୨୦୩ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଏହା ପୂର୍ବରୁ ତତ୍କାଳୀନ ବିଜେଡି ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା କରିବାକୁ ଦାବି କରିଆସୁଥିଲେ ମଧ୍ୟ ତାହା ଲାଗୁ ହୋଇପାରି ନ ଥିଲା। ବର୍ତ୍ତମାନ ନୂଆ ସରକାର ଗଠନର ଗୋଟିଏ ଦିନ ମଧ୍ୟରେ ଧାନର ଏମ୍‌ଏସ୍‌ପି ପ୍ରାୟ ୧୦୦୦ଟଙ୍କା ବୃଦ୍ଧି ନେଇ ଘୋଷଣା ଖବର ପ୍ରକାଶ ପରେ କୃଷକମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ସରକାରଙ୍କ ତରଫରୁ ସବ୍‌ସିଡିରେ ବିହନ, ସାର, ଋଣ, ସମବାୟ, ବ୍ୟାଙ୍କ, ଭଣ୍ଡାରଣର ବ୍ୟବସ୍ଥା ଓ ସମୟକ୍ରମେ ସହାୟକ ମୂଲ୍ୟ ସ୍ଥିର ପାଇଁ କମିଟି ଗଠନ, ପ୍ରତିବର୍ଷ ସହାୟକ ମୂଲ୍ୟ ଘୋଷଣା ଓ ଫସଲ କ୍ରୟ, କ୍ରୟ ପାଇଁ ମଣ୍ଡି ଆଦି ପ୍ରତି ସରକାର ଗୁରୁତ୍ୱ ଦେବେ ବୋଲି ଆଲୋଚନା ହେଉଛି। ଏନେଇ ଧାନଚାଷୀ, ଚାଷୀ ନେତାଙ୍କ ଠାରୁ ଆରମ୍ଭ କରି ଅର୍ଥନୀତି ବିଶେଷଜ୍ଞମାନେ ନିଜର ପ୍ରତିକ୍ରିୟା ରଖିଛନ୍ତି।

ଅର୍ଥନୀତି ବିଶେଷଜ୍ଞ ଡ. ମିତାଲି ଚିନାରା କହିଛନ୍ତି, ରାଜ୍ୟର ଅର୍ଥନୀତି ସୁଦୃଢ଼ କରିବା ପାଇଁ ଚାଷୀଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବା ନିହାତି ଆବଶ୍ୟକ। ଏମ୍‌ଏସ୍‌ପି ବୃଦ୍ଧି ନ ହେବା ଦ୍ୱାରା ଚାଷୀମାନେ ବାଧହୋଇ କମ୍ ଦରରେ ଉତ୍ପାଦିତ ଧାନ ବିକନ୍ତି। ଫଳରେ ସେମାନେ ଲାଭବାନ ହୋଇପାରନ୍ତି ନାହିଁ। ଏହା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଅର୍ଥନୀତି ଉପରେ ହିଁ ପ୍ରଭାବ ପକାଇଥାଏ। ଏମ୍‌ଏସ୍‌ପି ବୃଦ୍ଧି ରାଜ୍ୟ ଅର୍ଥନୀତି ପାଇଁ ଶୁଭ ସଙ୍କେତ। ଏହାସହ ଅନ୍ୟାନ୍ୟ ଦିଗ ପ୍ରତି ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି; ଯେପରିକି ମଣ୍ଡିରୁ ଧାନ ଉଠିବା ନେଇ ବ୍ୟାପକ ବନ୍ଦୋବସ୍ତ। ସରକାର ଓ ଚାଷୀଙ୍କ ମଝିରେ ଯେପରି ଦଲାଲମାନଙ୍କ ହସ୍ତକ୍ଷେପ ନ ରୁହେ ସେଥିପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଆବଶ୍ୟକ ସଂଖ୍ୟାରେ ଶୀତଳ ଭଣ୍ଡାର ପ୍ରସ୍ତୁତ ରଖିବା। ସରକାରଙ୍କ ପକ୍ଷରୁ ଲାଗୁ କରାଯିବାକୁ ଥିବା ସମୃଦ୍ଧ କୃଷକ ନୀତି ଲାଗୁ କରାଯିବା ପୂର୍ବରୁ ଏସବୁ ଦିଗ ପ୍ରତି ସରକାର ଦୃଷ୍ଟି ଦେଲେ ଚାଷ ତଥା ଅର୍ଥନୀତି ସୁଦୃଢ଼ ହୋଇପାରିବ। ଧାନ ଚାଷୀ ଅକ୍ଷୟ କୁମାର ପାଣିଗ୍ରାହୀ କହିଛନ୍ତି, ନୂଆ ସରକାରଙ୍କ ଏହି ପଦକ୍ଷେପକୁ ଆମେ ସ୍ୱାଗତ ଚାଷୀକୁଳ ସ୍ୱାଗତ କରୁଛୁ। ମାତ୍ର ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ସରକାର ୧୦୦ ଦିନ ମାଗିଛନ୍ତି। ଏତେବର୍ଷର ଦାବି ପୂରଣ ପାଇଁ ସରକାର ଯେଉଁଠି ପ୍ରତିଶ୍ରୁତି ଦେଇଛନ୍ତି ଯଦି ଆଉ ୧୦୦ ଦିନ ଅପେକ୍ଷା କରିବା ବଡ଼ କଥା ନୁହେଁ। ନୂଆ ସମୃଦ୍ଧ କୃଷକ ନୀତିରେ କୃଷକମାନଙ୍କ ହିତକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୩।୬

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୦୪ (୨୦୪.୩୩) ପଏଣ୍ଟ ବଢ଼ି ୭୬,୮୧୧ (୭୬,୮୧୦.୯୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୭୬ (୭୫.୯୫) ପଏଣ୍ଟ ବୃଦ୍ଧି ଘଟି ୨୩,୩୯୯ (୨୩,୩୯୮.୯୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ରିଲାଏନ୍ସ ଜିଓକୁ ସିଡିପି କ୍ଲାଇମେଟ୍ ଆୱାର୍ଡ

ଭୁବନେଶ୍ୱର,୧୩।୬




ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌କୁ ନିକଟରେ ଆଉ ଏକ ସମ୍ମାନ 'ସିଡିପି କ୍ଲାଇମେଟ୍ ଆୱାର୍ଡ' ଦିଆଯାଇଛି। ବିଶେଷକରି କାର୍ବନ ଫୁଟ୍ ପ୍ରିଣ୍ଟ ହ୍ରାସ କରିବା ଦିଗରେ ଉଲ୍ଲେଖନୀୟ ଅବଦାନ ଓ ପ୍ରୟାସ ପାଇଁ ରିଲାଏନ୍ସ ଜିଓକୁ ୨୦୨୨-୨୩ ବର୍ଷ ପାଇଁ ସିଡିପି କ୍ଲାଇମେଟ୍ ଆୱାର୍ଡ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି କାର୍ବନ ଡିସ୍‌କ୍ଲୋଜର ପ୍ରୋଜେକ୍ଟ ବା ସିଡିପି ପକ୍ଷରୁ ଏହି ପୁରସ୍କାର ଓ ମାନତ୍ୟ ଦିଆଯାଇଥାଏ। ଏପରିକି ରିଲାଏନ୍ସ ଜିଓକୁ ତା'ର ଉଦ୍ୟମ ପାଇଁ ଏଜେନ୍ସି ଏ ରେଟିଂ ପ୍ରଦାନ କରିଛି। ୨୦୧୯ପରଠାରୁ ଜିଓ ପ୍ରଥମ ଥର ପାଇଁ ଏ ରେଟିଂ ପାଇଛି। ଅପରପକ୍ଷରେ ଭାରତୀୟ ଟେଲିକମ୍ କ୍ଷେତ୍ରର ୨ୟ ବୃହତ୍ତମ କମ୍ପାନୀ ଭାରତୀ ଏୟାରଟେଲକୁ ମଧ୍ୟ ବି ରେଟିଂ ମିଳିଛି। ଏ ସମ୍ପର୍କରେ ଜିଓ ମୁଖପାତ୍ର କହିଛନ୍ତି, କାର୍ବନ ଫୁଟ୍ ପ୍ରିଣ୍ଟ ହ୍ରାସ କରିବାରେ ରିଲାଏନ୍ସ ଜିଓ ନେତୃତ୍ୱର ଦୂରଦୃଷ୍ଟି ଏବଂ ପ୍ରତିବଦ୍ଧତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏପରିକି ଜିଓକୁ ଦିଆଯାଇଥିବା ଏ ଗ୍ରେଡ୍ ସ୍ଥିରତା ଏବଂ ଦାୟିତ୍ୱସମ୍ପନ୍ନ କାର୍ଯ୍ୟଧାରା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ସେହିଭଳି ସିଡିପି ଏ ରେଟିଂ କେବଳ ସେହି କମ୍ପାନୀଗୁଡ଼ିକୁ ଦିଆଯାଇଥାଏ, ଯେଉଁମାନେ ପରିବେଶ କ୍ଷେତ୍ରରେ ନେତୃତ୍ୱ ଦେଖାଇଥାନ୍ତି। ଏପରିକି ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ନଷ୍ଟ ହେବା ଏବଂ ଜଳ ନିରାପତ୍ତା ଭଳି ପ୍ରସଙ୍ଗରେ କମ୍ପାନୀକୁ ତା'ର କାର୍ଯ୍ୟ ଏବଂ କାର୍ଯ୍ୟପ୍ରଣାଳୀ ଆଦି ସିଡିପିକୁ ସୂଚିତ କରିବାକୁ ପଡ଼ିଥାଏ।

## କାନାର ବ୍ୟାଙ୍କର କର୍ପୋରେଟ ମିଟ୍

ଭୁବନେଶ୍ୱର,୧୩।୬

କାନାରା ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦରଙ୍କ ବଳିଷ୍ଠ ମାର୍ଗଦର୍ଶନରେ ଏକ କର୍ପୋରେଟ୍ ମିଟ୍ ଭୁବନେଶ୍ୱରର ନୟାପଲ୍ଲୀସ୍ଥିତ କ୍ରାଉନ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୭୦ରୁ ଊର୍ଦ୍ଧ୍ୱ କର୍ପୋରେଟ୍ ଓ ଏମ୍‌ଏସ୍‌ଏମ୍‌ଇ ଗ୍ରାହକ ଭାଗ ନେଇଥିଲେ। କାନାରା ବ୍ୟାଙ୍କର ପ୍ରତିଷ୍ଠାତା ଏ. ସୁବାରାଓ ପାଇଙ୍କୁ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଥିଲା। କାନାରା ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ଉପ-ମହାପ୍ରବନ୍ଧକ ପି.ଠାକୁର ନାଏକ ସମସ୍ତ ଗ୍ରାହକଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଗ୍ଲୋବାଲ ଟ୍ରେଡ୍ ପ୍ରୋସେସିଂ ସେଣ୍ଟର (ମଣିପାଲ)ର ହରିଶଙ୍କର ସିଂ 'ଫରେକ୍ସ ଫର୍ ୟୁ' ଉପରେ ଉପସ୍ଥାପନା ଦେଇଥିବା ସହ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ବାଲସୁବ୍ରମନ୍ୟାନ୍ ପି 'ଏପିଆଇ ବ୍ୟାଙ୍କିଙ୍ଗ୍ ଆଣ୍ଡ କର୍ପୋରେଟ୍ ଏଆଇଏଲ୍ ଆପ୍'ଉପରେ ଉପସ୍ଥାପନା ଦେଇଥିଲେ। କେୟାର ରେଟିଂ ଏଜେନ୍ସିର ବରିଷ୍ଠ ନିର୍ଦ୍ଦେଶକ ପ୍ରିତି ଅଗ୍ରୱାଲ 'ମେଜର ସେକ୍ଟର ରିଲେଭାଣ୍ଟ ଫର ଓଡିଶା ଇକୋନୋମି' ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାନାରା ଏଚ୍‌ଏସ୍‌ବିସି ଲାଇଫ୍ ଇନ୍‌ସ୍ୟୁରାନ୍ସର ଭାଇସ୍ ପ୍ରେସିଡେଣ୍ଟ ବିକାଶ କୁମାର ଗୁପ୍ତା 'ୱେଲ୍‌ଥ ଆଣ୍ଡ୍ ଲିଗାସି ପ୍ଲାନିଂ' ଉପରେ ଉପସ୍ଥାପନା ଦେଇଥିବା ସହ ବରିଷ୍ଠ ପ୍ରବନ୍ଧକ (ମାର୍କେଟିଂ) ସୁମନ ଝା 'କାନାରା ବେତନ ପ୍ୟାକେଜ' ଉପରେ ଉପସ୍ଥାପନା ଦେଇଥିଲେ। ଏହି ବୈଠକରେ ପ୍ରଦାନ କରାଯାଇଥିବା ଉପସ୍ଥାପନାଗୁଡ଼ିକୁ ଲାଭଦାୟକ ମନେକରି କର୍ପୋରେଟ/ଏମ୍‌ଏସ୍‌ଏମ୍‌ଇ ଗ୍ରାହକମାନେ ପ୍ରଶଂସା କରିଥିଲେ। ଭୁବନେଶ୍ୱର ଅଞ୍ଚଳର ଉପମହାପ୍ରବନ୍ଧକ ନେତ୍ରମୋହନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଣେରେ ଜୟଆଲୁକ୍କାସ୍ ଶୋ'ରୁମ୍ ଉଦ୍‌ଘାଟିତ




ଭୁବନେଶ୍ୱର,୧୩।୬(ଅଭୟ ଦାଶ)

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବିଶ୍ୱସ୍ତରୀୟ ଗହଣା ବ୍ରାଣ୍ଡ୍ 'ଜୟଆଲୁକ୍କାସ୍'ର ନୂତନ ଶୋ'ରୁମ୍ ନିକଟରେ ପୁଣେର ପିମ୍ପ୍ରିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କୋହିନୁର ଗ୍ରୁପ୍‌ର ଚେୟାରମ୍ୟାନ ତଥା ଏମ୍‌ଡି କୃଷ୍ଣକୁମାର ଗୋଏଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିନେ ଅଭିନେତା ସୋନାଲି କୁଲକର୍ଣ୍ଣିଙ୍କ ସମେତ କୋହିନୁର ଗ୍ରୁପ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ବିନୀତ ଗୋୟଲ, ଜୟଆଲୁକ୍କାସ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥୋମାସ ମାଥ୍ୟୁ, ସିଓଓ ହେନରୀ ଜର୍ଜ, ରିଟେଲ ମ୍ୟାନେଜର ରାଜେଶ କୃଷ୍ଣନ୍, ଡିଜିଏମ (ମାର୍କେଟିଂ) ଅନିଶ ଭର୍ମିସ ଏବଂ ଆଞ୍ଚଳିକ ପରିଚାଳକ ସୁନୀଲ ପିଏସ୍ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ,'ଜୟଆଲୁକ୍କାସ୍'ର ପିମ୍ପ୍ରି ଆଉଟଲେଟ (ଶୋ'ରୁମ୍)ରେ ବ୍ରାଣ୍ଡର ସମସ୍ତ ପ୍ରକାର ସୁନା, ହୀରା ଓ ମୂଲ୍ୟବାନ ଅଳଙ୍କାର ସମ୍ଭାରର ବ୍ୟାପକ ରେଞ୍ଜ ଉପଲବ୍ଧ ରହିଛି। ଏପରିକି ବ୍ରାଣ୍ଡର ନୂତନ ଡିଜାଇନ ଓ କଲେକ୍ସନଗୁଡ଼ିକ ମଧ୍ୟ ଏଠାରେ ଗ୍ରାହକଙ୍କ ପାଇଁ ଉପଲବ୍ଧ।

## ଜେଏସ୍‌ଏଲ୍‌ର ନୂତନ ଅଭିଯାନ

ଭୁବନେଶ୍ୱର,୧୩।୬

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ପରିସରରେ ବିଶ୍ୱ ଶିଶୁ ଶ୍ରମିକ ବିରୋଧୀ ଦିବସ ପାଳିତ ହୋଇଯାଇଛି। ଜେଏସ୍‌ଏଲ୍‌ର ନୂତନ ଅଭିଯାନ 'ଜଙ୍ଗ୍ ୱାରିୟର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ଜଙ୍ଗ୍ ୱାରିୟର ନାମରେ ଏକ ବ୍ରାଣ୍ଡ ଅଭିଯାନ ଆରମ୍ଭ କରିଛି। କମ୍ପାନୀର ଷ୍ଟେନ୍‌ଲେସ୍ ଏକାଡେମୀ ମାଧ୍ୟମରେ ଫେବ୍ରିକେଟରମାନଙ୍କ ଜୀବନ ଉପରେ ସକାରାତ୍ମକ ପ୍ରଭାବ ଆଣିବା ତଥା ସ୍ଥାୟୀ ସାମାଜିକ ପରିବର୍ତ୍ତନ ପାଇଁ ଦକ୍ଷତା ସୃଷ୍ଟି କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହୋଇଥିଲାବେଳେ ଏହି ପଦକ୍ଷେପ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ବ୍ୟବହାରକୁ ପ୍ରୋତ୍ସାହିତ କରିଥାଏ। ବିଶେଷକରି ଡାଉନଷ୍ଟ୍ରିମ୍ ଶିଳ୍ପ ଅଧୀନରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଫେବ୍ରିକେଟରମାନଙ୍କୁ ମାଗଣାରେ ଫେବ୍ରିକେଶନ ପ୍ରଶିକ୍ଷଣ ପ୍ରଦାନ କରିଥାଏ। ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମେ ବିଶ୍ୱାସକରୁ ଯେ ସମସ୍ତେ ନିଜ ପାଇଁ ଏବଂ ନିଜ ପରିବାର ପାଇଁ ଏକ ସଫଳ ଭବିଷ୍ୟତ ଗଢ଼ିବାର ସୁଯୋଗ ପାଇବାକୁ ଯୋଗ୍ୟ ହୋଇଥିବାବେଳେ ଜଙ୍ଗ୍ ୱାରିୟର ଅଭିଯାନ ହେଉଛି ଏହି ମୂଳ ମୂଲ୍ୟବୋଧର ଏକ ଅଭିବ୍ୟକ୍ତି। ସାମାଜିକ ପ୍ରତିବନ୍ଧକ ବିରୋଧରେ ଲଢୁଥିବା ସମସ୍ତ ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ଏହା ସମର୍ପିତ। ଷ୍ଟେନ୍‌ଲେସ୍ ଏକାଡେମୀ ବ୍ୟକ୍ତିବିଶେଷଙ୍କୁ ସାମାଜିକ ପ୍ରତିବନ୍ଧକ ଦୂରକରି ଆତ୍ମନିର୍ଭରଶୀଳ ହେବା ପାଇଁ ସଶକ୍ତ କରିପାରୁଥିବାରୁ ଆମେ ଗର୍ବ ଅନୁଭବ କରୁଛୁ। ବର୍ତ୍ତମାନ ସୁଦ୍ଧା ଏଥିରେ ୩୨ହଜାରରୁ ଅଧିକ ଫେବ୍ରିକେଟର ସାମିଲ ହୋଇଛନ୍ତି ଏବଂ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ୧୬ହଜାର ଫେବ୍ରିକେଟରଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଆମର ଯୋଜନା ରହିଛି।

## ରାଜ୍ୟ

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବରଷା ରାତି ଶୀତ ପାହାନ୍ତି**
**ଦି'ପହରିଆ ଖରା**
**ଏତିନି ବେଳ ଯେ ବାଡ଼ି କି ଗଲା**
**ସେ ଜିଇଁ ଥାଉଁ ଥାଉଁ ମଲା ।**

ବର୍ଷା ରାତିରେ ଘରୁ ପଦାକୁ ଗୋଡ଼କାଢ଼ିବା ନିରାପଦ ହୋଇନଥାଏ। ସେହିପରି ଶୀତ ଦିନ ଭୋର ସମୟରେ ଏବଂ ଦ୍ୱିପହର ଖରା ବେଳରେ ବାହାରକୁ ଶୌଚ କରିବାକୁ ଯାଉଥିବା ବ୍ୟକ୍ତି ହଇରାଣ ବା ହିନସ୍ତା ଭୋଗିବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବଡ଼ଘର ଝିଅ କିଛି ଖାଏନାହିଁ**
**ବୋହୂଟି ଯେ ଚାନ୍ଦମୁଖୀ**
**ତିନିତଳ ତିନି କଂସା ପଖାଳରେ**
**ମୁହଁଟି ଯାଇଛି ଶୁଖି!**

ଖାଇବା ପିଇବାରେ ହେଳା ନାହିଁ, ଉପରକୁ କିନ୍ତୁ କିଛି ରୁଚୁନଥିବାର ମିଛ ଅଭିନୟ। ଦିନକୁ ତିନି ଓଳି ପେଟ ପୂରେଇ ଖାଉଥିବା ନାରୀ ଅନ୍ୟ ଆଗରେ ନ ଖାଇଥିବା ଭଳି ଅଭିନୟ କରି ମୁହଁ ଶୁଖାଇ ବସି ରହିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଷଠିଘରେ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ମୁଖ୍ୟମନ୍ତ୍ରୀ

ସାକ୍ଷୀଗୋପାଳ,୧୩।୬
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

**୧୦୦ ଦିନ ଭିତରେ 'ସମୃଦ୍ଧ କୃଷକ ନୀତି' ଆଣିବେ ସରକାର**

ଶ୍ରୀମନ୍ଦିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମନ୍ତ୍ରିମଣ୍ଡଳ ସଦସ୍ୟଙ୍କ ସହିତ ଗୁରୁବାର ସକାଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଭୁବନେଶ୍ୱର ଫେରିଛନ୍ତି। ଫେରିବା ବାଟରେ ସେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋ ପରିଦର୍ଶନ କରିଥିଲେ। ଷଠିଘରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗୋପବନ୍ଧୁ ବ୍ୟବହାର କରୁଥିବା ପଲଙ୍କରେ ମୁଣ୍ଡିଆ ମାରି ଓଡ଼ିଶାବାସୀଙ୍କ ସେବା ପାଇଁ ଗୋପବନ୍ଧୁଙ୍କ ଆଶିଷ କାମନା କରିଥିଲେ। ପରେ ପରେ ଗୋପବନ୍ଧୁ ସଂଗ୍ରହାଳୟରେ ଉତ୍କଳମଣିଙ୍କ ସେବା ଓ ତ୍ୟାଗପୂତ ଜୀବନ ସମ୍ପର୍କରେ ସ୍ଥାନିତ କରାଯାଇଥିବା ନିଚ୍ଛକ ପ୍ରତିକୃତି ବୁଲି ଦେଖିଥିଲେ। ପଇଡ଼ ପାଣି ପିଇଥିଲେ ଓ ଗୋପବନ୍ଧୁଙ୍କ ଆତ୍ମୀୟ ଧୀରେନ୍ଦ୍ର ନାଥ ଦାସଙ୍କ ସହିତ ଆଲୋଚନା କରିଥିଲେ। ଆକର୍ଷଣୀୟ ଶିଶୁ ଉଦ୍ୟାନ ବୁଲିବା ସହ ସୁଉଚ୍ଚ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଦେଇଥିଲେ। ଏଥିସହ ସେ ଗ୍ରାମବାସୀ ଓ କେତେଜଣ କୃଷକଙ୍କୁ ଭେଟି ଅଭାବ ଅସୁବିଧା ପଚାରି ବୁଝିଥିଲେ। ସତ୍ୟବାଦୀକୁ ଆସିଥିବା ଫନି ସହାୟତା ଅନୁଦାନ ଫେରିଯିବା, ପାନୀୟ ଜଳ ଯୋଗାଣ, ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟା ସମ୍ପର୍କରେ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆମ ସଂକଳ୍ପ ପତ୍ରରେ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକ ହେଉଛି ପ୍ରଧାନମନ୍ତ୍ରୀ ମୋଦିଙ୍କ ଗ୍ୟାରେଣ୍ଟି। ଏସବୁ ଖୁବ୍‌ଶୀଘ୍ର ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ମାଝି କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ, ରାଜ୍ୟ ସରକାର ୧୦୦ ଦିନ ଭିତରେ 'ସମୃଦ୍ଧ କୃଷକ ନୀତି' ଆଣୁଛି। ଏ ନୀତି ଆସିଲେ କୃଷକ ଭାଇଭଉଣୀଙ୍କ ଅନେକ ସମସ୍ୟାର ସମାଧାନ ହୋଇପାରିବ। ଏହି ଗସ୍ତ ସମୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ଏମ୍‌ପି ଡ. ସମ୍ବିତ ପାତ୍ର, ପ୍ରତାପ ଷଡ଼ଙ୍ଗୀ, ସୁରମା ପାଢ଼ୀ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ସହିତ ଅନ୍ୟ ବିଧାୟକ ଦଳର ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କୁ ଫୁଲତୋଡ଼ା ଦେଇ ଗ୍ରାମବାସୀ ସ୍ୱାଗତ ଜଣାଇଥିଲେ।



ସୁଆଣ୍ଡୋସ୍ଥିତ ଷଠିଘରଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଅନ୍ୟମାନେ।

## ଚୂଡ଼ାରୁ ଖସିଲା ତ୍ରିଶୂଳ

**କୀଚକେଶ୍ୱରୀ ମନ୍ଦିରରେ ବଜ୍ରପାତ**

ବାରିପଦା,୧୩।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ଅଧିଷ୍ଠାତ୍ରୀ ଦେବୀ ଖିଚିଂସ୍ଥିତ ମା'କୀଚକେଶ୍ୱରୀଙ୍କ ମନ୍ଦିରରେ ଗୁରୁବାର ବଜ୍ରପାତ ଘଟି ଚୂଡ଼ାରୁ ତ୍ରିଶୂଳ ଖସିପଡ଼ିଛି। ଏହା ସହିତ ଚୂଡ଼ାରେ ଥିବା କଳସରୁ ପଥର ଖଣ୍ଡ ଖସି ଚଟାଣରେ ପଡ଼ିଛି। ଘଟଣା ସମୟରେ ଉପସ୍ଥିତ ଥିବା ପୂଜକ, ସେବାୟତ ଓ ଶ୍ରଦ୍ଧାଳୁମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ସୂଚନାଯୋଗ୍ୟ, ଅପରାହ୍ନ ସାଢେ ୫ଟାରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ହୋଇଥିଲା। ଏହି ସମୟରେ କୀଚକେଶ୍ୱରୀଙ୍କ ମନ୍ଦିର ଚୂଡ଼ାରେ ବଜ୍ରପାତ ହେବାରୁ ତ୍ରିଶୂଳ ଓ କଳସର କିଛି ଅଂଶ ଖଣ୍ଡବିଖଣ୍ଡିତ ହୋଇ ତଳକୁ ଖସି ପଡ଼ିଥିଲା। ବଜ୍ରପାତରେ ମନ୍ଦିର ପରିସରରେ ଥିବା ଇନଭର୍ଟର ପୋଡ଼ି ଯାଇଥିବା ବେଳେ ବ୍ୟାଟେରି ଫାଟି ଯାଇଛି। ଏପରି ଘଟଣା ୩୦ ବର୍ଷ ପୂର୍ବେ ଘଟିଥିବା ବେଳେ ପୁନର୍ବାର ବଜ୍ରପାତ ହେବା ଦ୍ୱାରା ମନ୍ଦିରର ସୁରକ୍ଷା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମନ୍ଦିରର ସୁରକ୍ଷା ନିମନ୍ତେ ଆର୍ଥିର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରସାଦ ଯୋଜନାରେ ସାମିଲ ଥିବା ଏହି ମନ୍ଦିରର ସୁରକ୍ଷା ଓ ରକ୍ଷଣାବେକ୍ଷଣ ନିମନ୍ତେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୋସିଆଲ୍ ମିଡିଆ (ଏକ୍ସ)ରେ ଜେନା ଅବଗତ କରିଛନ୍ତି।



କୀଚକେଶ୍ୱରୀ ମନ୍ଦିର

## ବଜ୍ରପାତରେ ବୃଦ୍ଧଙ୍କ ମୃତ୍ୟୁ

ଠାକୁରମୁଣ୍ଡା,୧୩।୬
(ତାରାକାନ୍ତ ପଟ୍ଟନାୟକ)


ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ହାତୀଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ସାନମହୁଲଡିହା ଗ୍ରାମରେ ଗୁରୁବାର ବଜ୍ରପାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାଙ୍ଗତା ଜଙ୍କ (୭୦)। ସୂଚନା ଅନୁଯାୟୀ, ଅପରାହ୍ନ ୫ଟାରେ କାଳବୈଶାଖୀ ପ୍ରଭାବରେ ବର୍ଷା,ପବନ ଆରମ୍ଭ ହୋଇଥିଲା। ଏହି ସମୟରେ ମାଙ୍ଗତା ଘର ବାରଣ୍ଡାରେ ବସିଥିଲା ବେଳେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଠାକୁରମୁଣ୍ଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଟ୍ୟାଙ୍କର ଚାପାରେ ୨ ମୃତ

ରାୟଗଡ଼ା,୧୩।୬(ଆଶିଷ ରଞ୍ଜନ ପଣ୍ଡା)

ଏକ ଟ୍ୟାଙ୍କର ମାଡ଼ିଯିବାରୁ ୨ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ରାୟଗଡା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ଭାଲୁରଗୁଡା ଗାଁ ନିକଟରେ ଗୁରୁବାର ରାତି ପ୍ରାୟ ୯ଟାରେ ଏହି ଦୁର୍ଘଟଣା ଘଟିଛି। ମୃତକ ଦ୍ୱୟ ହେଲେ ପୁରେନ୍ଦ୍ର ମହାନନ୍ଦିଆ (୨୯) ଏବଂ ମନୀଷା ବେଗରାଇ। ପୁରେନ୍ଦ୍ରଙ୍କ ଘର କଲ୍ୟାଣସିଂହପୁର ବ୍ଲକ କରପା ପଞ୍ଚାୟତ ଅନ୍ତର୍ଗତ ପାଣ୍ଡ୍ରାପଡା ଗ୍ରାମରେ ହୋଇଥିବାବେଳେ ମନୀଷାଙ୍କ ଘର କୋରାପୁଟ ଜିଲା ବୋରିଗୁମ୍ମା ମାଣିକେଶ୍ୱରୀ ସାହିରେ।

ପୋଲିସ ସୂଚନା ଅନୁଯାୟୀ, ମନୀଷା ସିକରପାଇରେ ଥିବା ହର୍ଷା ଟ୍ରଷ୍ଟ ଏନଜିଓରେ କାମ କରୁଥିଲେ। ପୁରେନ୍ଦ୍ର ଏବଂ ମନୀଷା ସ୍କୁଟି ଯୋଗେ ଜେକେପୁରରୁ ରାୟଗଡ଼ା ଆସୁଥିଲେ। ଭାଲୁରଗୁଡା ଗାଁ ନିକଟରେ ସ୍କୁଟି ଡିଭାଇଡର ସହ ପିଟି ହୋଇଯିବାରୁ ଉଭୟ ରାସ୍ତା ଉପରେ ଛିଟକି ପଡ଼ିଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଟ୍ୟାଙ୍କର ନମ୍ବର (ଓଡି-୧୪-ଏବି-୭୭୨୨) ସେମାନଙ୍କ ଉପରେ ମାଡି ଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ଖବରପାଇ ଚାନ୍ଦିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରକୁ ଅଟକ ରଖିଛି।




ଦୁର୍ଘଟଣାଗ୍ରସ୍ତ ସ୍କୁଟି



ନିର୍ମଳ କୁମାର ମିଶ୍ର

# ଏକ ଯୁଗର ଅବସାନ

**ବାଇଚୁଙ୍ଗ ଭୂତିଆଙ୍କ ପରେ ସୁନୀଲ ଛେତ୍ରୀ ଭାରତୀୟ ଫୁଟ୍‌ବଲକୁ ଏକ ନୂଆ ଦିଗ ଦେଇଥିଲେ। ସେ ଅବସର ନେବା ଫଳରେ ଭାରତୀୟ ଫୁଟ୍‌ବଲରେ ଏକ ଯୁଗର ଅବସାନ ଘଟିଲା ବୋଲି କୁହାଯାଇ ପାରିବ। ସିକନ୍ଦରାବାଦଠାରେ ଜନ୍ମ ନେଇଥିବା ଏହି ମହାନ୍ ଫୁଟ୍‌ବଲର ଅବସର ନେବା ଫଳରେ ଜାତୀୟ ଦଳରେ ଯେଉଁ ଶୂନ୍ୟତା ସୃଷ୍ଟି ହୋଇଛି ତାହା ଭରଣା ହେବାପାଇଁ ସମୟ ଲାଗିବ।**

କ୍ରିକେଟ୍ ପରି ଆମ ଦେଶର ଏକ ଲୋକପ୍ରିୟ ଖେଳ ହେଉଛି ଫୁଟ୍‌ବଲ। ଏହାର ଆଦର ଆମ ଦେଶରେ ପୂର୍ବରୁ ଥିଲା,ଏବେ ମଧ୍ୟ ରହିଛି। କ୍ରିକେଟ୍ ଆଗରେ ଏହାର ଲୋକପ୍ରିୟତା କିଛିମାତ୍ରାରେ କମିଯାଇଥିଲା ମାତ୍ର ହିରୋ ଇଣ୍ଡିଆନ୍ ସୁପର ଲିଗ୍(ଆଇଏସ୍ଏଲ୍) ଆରମ୍ଭ ହେବା ଦିନଠାରୁ ଭାରତର କୋଣ ଅନୁକୋଣରେ ଫୁଟ୍‌ବଲର ଲୋକପ୍ରିୟତା ବେଶ୍ ବଢ଼ିବାକୁ ଲାଗିଲା। ଭାରତୀୟ ଯୁବ ଖେଳାଳିମାନଙ୍କ ସହ ବିଦେଶର କେତେଗୁଡ଼ିଏ ନାମକରା କ୍ଲବ ଓ ଦେଶମାନଙ୍କରୁ ଖେଳାଳି ନିଲାମ ପ୍ରକ୍ରିୟା ଦ୍ୱାରା ସାମିଲ ହୋଇଥିଲେ। ଫ୍ରାଞ୍ଚାଇଜ୍‌ଭିତ୍ତିକ ଲିଗ୍ ମାଧ୍ୟମରେ ଏହାର ଗ୍ଲାମର ବଢ଼ିବା ସହ ଅନେକ ଯୁବଖେଳାଳି ସୃଷ୍ଟି ହେବା ସହିତ ବିଦେଶୀ କୋଚ୍‌ମାନଙ୍କ ପ୍ରଶିକ୍ଷଣରେ ଭାରତୀୟ ଫୁଟ୍‌ବଲ ଏକ ନୂଆ ସୋପାନରେ ପହଞ୍ଚିଥିଲା। ଆଇଏସ୍ଏଲ୍ ଏବଂ ଆଇ ଲିଗ୍ ଏଥିମଧ୍ୟରେ ଅନେକ ଯୁବ ଖେଳାଳି ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି। ୧୯୫୦ ମସିହାରେ ଆମ ଦେଶ ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ଯୋଗଦେଇ ନ ପାରିବା ଆମ ପାଇଁ ସବୁଠାରୁ ଖରାପ ସମୟ ରହିଥିଲା। ଯେଉଁ କେତେଜଣ ଶ୍ରେଷ୍ଠ ଫୁଟ୍‌ବଲ ଖେଳାଳି ବିଶ୍ୱ ଦରବାରରେ ଭାରତର ସମ୍ମାନ ରକ୍ଷା କରିଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ସୁନୀଲ ଛେତ୍ରୀ, ପି.କେ. ବାନାର୍ଜୀ, ସୁବ୍ରତ ପାଲ୍, ଅଲ୍ ଟାଇମ୍ ଗ୍ରେଟ ବାଇଚୁଙ୍ଗ ଭୂତିଆ, ଜେ.ଜେ. ଲାଲପେଲୁଆ, ସାଇଲେନ୍ ମାନ୍ନା, ଗୋଲ୍‌କିପର ଗୁରପ୍ରୀତ ସିଂ ସାନ୍ଧୁ, ତୁଳସୀ ଦାସ ବଳରାମ, ସନ୍ଦେଶ ଜିଙ୍ଘାନ, ମହମ୍ମଦ ସଲିମ, ଜାତିଚାନ୍ଦ ସିଂ, ଧିରଜ ସିଂ, ପ୍ରଣୟ ହାଲ୍‌ଦାର, ଉଦାନ୍ତ ସିଂ, ଆଶିକ୍ କୁରୁନିୟାନ। ଏଥିମଧ୍ୟରୁ ଅନେକ ଖେଳାଳି ଏବେ ମଧ୍ୟ ଭାରତୀୟ ଜାତୀୟ ଦଳର ସଦସ୍ୟ ରହିଛନ୍ତି। ୨୦୧୫ରେ ଭାରତ ଫିଫା ର୍‍ୟାଙ୍କିଙ୍ଗ୍‌ରେ ସର୍ବନିମ୍ନ ୧୭୩ ଓ ୧୯୯୭ରେ ସର୍ବୋଚ୍ଚ ୯୪ରେ ଥିଲା।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତରେ ଆଧୁନିକ ଫୁଟ୍‌ବଲର ସୃଷ୍ଟିକର୍ତ୍ତା ବାଇଚୁଙ୍ଗ ଭୂତିଆଙ୍କ ପରେ ସୁନୀଲ ଛେତ୍ରୀ ଭାରତୀୟ ଫୁଟ୍‌ବଲକୁ ଏକ ନୂଆ ଦିଗ ଦେଇଥିଲେ। ଏବେ ଭାରତୀୟ ଫୁଟ୍‌ବଲରୁ ସେ ଅବସର ନେବା ଫଳରେ ଭାରତୀୟ ଫୁଟ୍‌ବଲ ପୁନର୍ବାର ବିପଥଗାମୀ ହେବାର ଆଶଙ୍କା ସୃଷ୍ଟି ହୋଇଛି। ୧୯୮୪ ମସିହାରେ ତେଲଙ୍ଗାନାର ସିକନ୍ଦରାବାଦଠାରେ ଜନ୍ମ ନେଇଥିବା ଏହି ମହାନ୍ ଫୁଟ୍‌ବଲ ଖେଳାଳି ଅବସର ନେବା ଫଳରେ ଭାରତୀୟ ଜାତୀୟ ଦଳରେ ଯେଉଁ ଶୂନ୍ୟତା ସୃଷ୍ଟି ହୋଇଛି ତାକୁ ଦେଖିଲେ ଆମକୁ ନିଶ୍ଚିତ ବିଶାଦ ଲାଗିବ। ୨୦୦୧ରେ ସିଟି ଫୁଟ୍‌ବଲରୁ କ୍ୟାରିୟର ଆରମ୍ଭକରି ପରେ ବେଙ୍ଗଲର ନାମୀ କ୍ଲବ ମୋହନବାଗାନ ପକ୍ଷରୁ ଖେଳିବା ଆରମ୍ଭ କରିଥିଲେ। ୨୦୦୫ ପର୍ଯ୍ୟନ୍ତ ୧୮ଟି ମ୍ୟାଚ୍ ଏହି କ୍ଲବ ପାଇଁ ଖେଳି ୮ଟି ଗୋଲ ଦେଇଥିଲେ। ପରବର୍ତ୍ତୀ ସମୟରେ ଛେତ୍ରୀ ଏକାଧିକ କ୍ଲବର ମ୍ୟାଚ୍ ଖେଳିବା ସହ ଭାରତରେ ପ୍ରଥମ ଭାବେ ଆରମ୍ଭ ହୋଇଥିବା ଫ୍ରାଞ୍ଚାଇଜ୍‌ଭିତ୍ତିକ ପ୍ରଫେସନାଲ ଲିଗ୍ ଆଇଏସ୍ଏଲ ଖେଳିବା ଆରମ୍ଭ କରିଥିଲେ। ବେଙ୍ଗାଲୁରୁ ଦଳର ଅଧିନାୟକ ରୂପେ ସେ ଖେଳୁଛନ୍ତି। ଅନ୍ତର୍ଜାତୀୟ ଫୁଟ୍‌ବଲରୁ ଅବସର ନେଇଥିଲେ ମଧ୍ୟ ପ୍ରଫେସନାଲ ଲିଗ୍‌ରେ ଖେଳ ଅବ୍ୟାହତ ରଖିବେ ବୋଲି ସେ ଘୋଷଣା କରିଛନ୍ତି। ୨୦୦୪ରେ ୨୦ ବର୍ଷରୁ କମ୍ ଜାତୀୟ ଦଳରେ ସାମିଲ ହେବା ସହ ୨୦୦୫ରେ ଛେତ୍ରୀ ସିନିୟର ଦଳରେ ସାମିଲ ହୋଇଥିଲେ। ପାକିସ୍ତାନ ବିପକ୍ଷରେ ତାଙ୍କର ପ୍ରଥମ ମ୍ୟାଚ୍ ଖେଳିଥିବା ବେଳେ ତାଙ୍କର ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ଜାରି ରଖିଥିଲେ। ୨୦୧୧ ଥିଲା ତାଙ୍କ ପାଇଁ କ୍ୟାରିୟରର ଶ୍ରେଷ୍ଠ ସମୟ। ସେହି ବର୍ଷ ସେ ୧୭ ମ୍ୟାଚ୍ ଖେଳି ୧୩ ଗୋଲ ସ୍କୋର କରିଥିଲେ। କ୍ୟାରିୟରରେ ମୋଟ ୧୫୧ ମ୍ୟାଚ୍‌ରୁ ୯୪ ଗୋଲସ୍କୋର କରିଛନ୍ତି।

୨୦୧୯ ସର୍ବାଧିକ ଅନ୍ତର୍ଜାତୀୟ ଗୋଲ ସ୍କୋରରଙ୍କ ତାଲିକାର ଟପ୍‌ଟେନ୍‌ରେ ସାମିଲ ହୋଇଥିଲେ ଛେତ୍ରୀ। ଅବସର ପରେ ସର୍ବାଧିକ ସ୍କୋରରଙ୍କ ତାଲିକାରେ ତାଙ୍କ ନାମ ଚତୁର୍ଥ ସ୍ଥାନରେ ରହିଛି। ୨୦୦୭, ୨୦୦୯ ଓ ୨୦୧୨ରେ ନେହେରୁ କପ୍ ଓ ୨୦୧୧ରେ ସାଫ୍ କ୍ରୀଡ଼ାରେ ଭାରତକୁ ଚାମ୍ପିୟନ କରାଇଥିଲେ। ଏଏଫ୍‌ସି ଏସିଆନ କପ୍‌କୁ ଯୋଗ୍ୟତା ହାସଲ କରାଇବାରେ ତାଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। କ୍ୟାରିୟରରେ ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ ପାଇଁ ୭ଥର ଏଆଇଏଫ୍ଏଫ୍ ପ୍ଲେୟର ଅଫ୍ ଦି ଇୟର ଯୋଗ୍ୟତା ହାସଲ କରିଥିଲେ। ଏଏଫ୍‌ସି ପକ୍ଷରୁ 'ଏସିଆନ୍ ଫୁଟ୍‌ବଲ ଆଇକନ୍' ଟାଇଟଲ ମଧ୍ୟ ମିଳିଥିଲା।

ଏବେ ସେ ଅନ୍ତର୍ଜାତୀୟ ଫୁଟ୍‌ବଲରୁ ଅବସର ନେଇଛନ୍ତି। ଦୀର୍ଘ ୧୯ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରର ଅନ୍ତ ଘଟିଛି। ବୟସ ୩୯ ହୋଇଥିଲେ ମଧ୍ୟ ଏବେବି ଫିଟ୍ ଅଛନ୍ତି। ବିଦାୟୀ ମ୍ୟାଚ୍ କୁଏଟ୍ ସହ ରହିଥିଲା। ଏହି ମ୍ୟାଚ୍‌ରେ ସେ ଦଳକୁ ଜିତାଇପାରି ନ ଥିଲେ ସତ ମାତ୍ର ଏସିଆନ ସବ୍‌କଣ୍ଟିନେଣ୍ଟ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌କୁ ଡ୍ର ରଖିବାରେ ସକ୍ଷମ ହୋଇଥିଲେ। ଦୁଇ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ପାଇଥିଲେ ମଧ୍ୟ ବିଦାୟୀ ମ୍ୟାଚ୍‌ରେ ବେଶ୍ ଭାବପ୍ରବଣ ହୋଇପଡ଼ିଥିଲେ ଏହି ତାରକା। ଉଭୟ ଦଳର ଖେଳାଳି ତାଙ୍କୁ ଗାର୍ଡ ଅଫ୍ ଅନର ସହ ତାଙ୍କ ବିଦାୟ ଦେବାର ଦୃଶ୍ୟ ସମସ୍ତ ଫୁଟ୍‌ବଲପ୍ରେମୀଙ୍କୁ ବେଶ୍ ନିରାଶ କରିଥିଲା। ଭାରତୀୟ ଫୁଟ୍‌ବଲକୁ ଏକ ନୂତନ ରୂପ ଦେବାରେ ତାଙ୍କର ଭୂମିକା ସବୁଦିନ ପାଇଁ ମନେରହିବ। ଭାରତୀୟ ଦଳକୁ ସେ ବହୁ ସଫଳତାର ଅଧିକାରୀ କରାଇଥିଲେ। ଅନେକ ଯୁବ ଫୁଟ୍‌ବଲ ଖେଳାଳିଙ୍କ ପାଇଁ ସେ ଥିଲେ ପ୍ରେରଣାର ଉତ୍ସ। ତାଙ୍କର ଚମତ୍କାରିତା ଯୋଗୁ ଭାରତ ଗତବର୍ଷ ଫିଫା ର୍‍ୟାଙ୍କିଙ୍ଗ୍‌ରେ ଟପ୍-୧୦୦ରେ ସ୍ଥାନ ପାଇଥିଲା। ୧୯୫୦ରୁ ୧୯୬୨ ମଧ୍ୟରେ ଭାରତୀୟ ଫୁଟ୍‌ବଲ ଯେଉଁ ମାନ୍ୟତା ସୃଷ୍ଟି କରିଥିଲା, ୧୯ ବର୍ଷର କ୍ୟାରିୟରରେ ସେ ଏହି ହୃତଗୌରବକୁ ଫେରାଇ ଆଣିଥିଲେ। ଶେଷ ମ୍ୟାଚ୍‌ରେ ସେ ଯେପରି ପଡ଼ିଆ ମଧ୍ୟରେ ରନିଙ୍ଗ୍, ଚେଜିଂ, ଡିଫେଡିଙ୍ଗ୍, ଡ୍ରିବଲିଙ୍ଗ୍ କରୁଥିଲେ ତାହା ଦେଖିବାର ଥିଲା। ୨ ଦଶନ୍ଧି ଧରି ଭାରତୀୟ ଫୁଟ୍‌ବଲର ମହାନାୟକ ଥିଲେ ସେ। ଯୁଗ ଯୁଗ ଧରି ସେ ଭାରତୀୟ ଫୁଟ୍‌ବଲ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବେ।







**ଦୀର୍ଘ ୯ ବର୍ଷ ଧରି ପ୍ରୋ ହେବା ପରେ ୨ଟି ସିଙ୍ଗଲ୍ସ ଓ ୪ଟି ଡବଲ୍ସ ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରିଥିଲେ ମଧ୍ୟ କୌଣସି ଗ୍ରାଣ୍ଡସ୍ଲାମର ଚତୁର୍ଥ ରାଉଣ୍ଡ ପାର କରି ନ ଥିଲେ। ବର୍ଷେ ପୂର୍ବରୁ ର୍‍ୟାଙ୍କିଙ୍ଗ୍‌ର ଟପ୍ ୧୦୦ ମଧ୍ୟରେ ସାମିଲ ନ ଥିଲେ। ତେବେ ଚମତ୍କାର ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିବାରେ ସେ ସଫଳ ହୋଇଛନ୍ତି।**

## ସଂଘର୍ଷରୁ ସଫଳତା

# ଜସ୍‌ମିନ୍ ପାଓଲିନି

ଇଟାଲୀର ଟେନିସ୍ ଖେଳାଳି ଜସ୍‌ମିନ ପାଓଲିନି। ନିକଟରେ ଶେଷ ହୋଇଥିବା ଟେନିସ୍ ଗ୍ରାଣ୍ଡସ୍ଲାମ ଇଭେଣ୍ଟ ଫ୍ରେଞ୍ଚ୍ ଓପନର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଇଭେଣ୍ଟରେ ପାଓଲିନି ରନର୍‌ଅପ୍ ରହିଛନ୍ତି। ଦୀର୍ଘ ୯ ବର୍ଷ ଧରି ପ୍ରୋ ହେବା ପରେ ପ୍ରଥମଥର ଏକ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ। ଲମ୍ବା କ୍ୟାରିୟରରେ ୨ଟି ସିଙ୍ଗଲ୍ସ ଓ ୪ଟି ଡବଲ୍ସ ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରିଥିଲେ ମଧ୍ୟ କୌଣସି ଗ୍ରାଣ୍ଡସ୍ଲାମର ଚତୁର୍ଥ ରାଉଣ୍ଡ ପାର କରି ନ ଥିଲେ। ବର୍ଷେ ପୂର୍ବରୁ ପାଓଲିନି ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ଟପ୍ ୧୦୦ ମଧ୍ୟରେ ସାମିଲ ନ ଥିଲେ। ତେବେ ଚମତ୍କାର ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିବାରେ ସେ ସଫଳ ହୋଇଛନ୍ତି। ପ୍ରଥମଥର ଟାଇଟଲ ଦୌଡ଼ରେ ସାମିଲ ହେବା ରାସ୍ତାରେ ବିଆଙ୍କା ଆଣ୍ଡ୍ରିସ୍କ୍ୟୁ, ଏଲିନା ରିବାକିନା, ଟିନ୍ ସେନସେସନ ମୀରା ଆଣ୍ଡ୍ରିଭାଙ୍କ ପରି ଖେଳାଳିଙ୍କୁ ପରାସ୍ତ କରିଥିଲେ। ଏହାସହ ସିଙ୍ଗଲ୍ସରେ କ୍ୟାରିୟର ଶ୍ରେଷ୍ଠ ୭ ଓ ଡବଲ୍ସରେ କ୍ୟାରିୟର ଶ୍ରେଷ୍ଠ ୧୪ ନମ୍ବରରେ ରହିଛନ୍ତି ଜସ୍‌ମିନ। ସିଙ୍ଗଲ୍ସରେ ପାଓଲିନ୍‌ଙ୍କ ବିଜୟ-ପରାଜୟ ରେକର୍ଡ ୩୬୭-୨୬୧ ରହିଛି। ଅନ୍ୟ ପକ୍ଷରେ ଡବଲ୍ସରେ ଏହା ୬୭-୬୪ ରହିଛି। ମାତ୍ର ୫ ବର୍ଷ ବୟସରୁ ଟେନିସ୍ ଖେଳିବା ଆରମ୍ଭ କରିଥିଲେ ଜସ୍‌ମିନ। ଇଟାଲୀର କାଷ୍ଟେଲନୁଭୋ ଡି ଗାର୍ଫଗ୍ନାରେ ତାଙ୍କର ଜନ୍ମ। ପିତା ଇଟାଲୀର ହୋଇଥିବା ବେଳେ ମା' ପୋଲାଣ୍ଡ ବାସିନ୍ଦା। ବାପା ଓ ମାମୁଙ୍କ ପରାମର୍ଶରେ ମାତ୍ର ୫ ବର୍ଷ ବୟସରୁ ମିରାଫ୍ୟୁମ ଟେନିସ୍ କ୍ଲବରେ ଅଭ୍ୟାସ କରିଥିଲେ। ୧୫ ବର୍ଷ ବୟସରେ ଟ୍ରେନିଂ ପାଇଁ ପିସାକୁ ସ୍ଥାନାନ୍ତରିତ ହୋଇଥିଲେ। ୨୦୧୫ ମସିହାରେ ୧୯ ବର୍ଷୀୟା ଜସ୍‌ମିନ ପ୍ରୋ ଟ୍ୟାଗ୍ ହାସଲ କରିଥିଲେ। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ତାଙ୍କୁ ସଫଳତା ମିଳି ନ ଥିଲା। ୨୦୧୫ରୁ ୨୦୧୭ ମଧ୍ୟରେ ସେ ଗୋଟିଏହେଲେ ଟାଇଟଲ ହାସଲ କରିପାରି ନ ଥିଲେ। ଜୁନ୍ ୨୦୧୭ରେ ପ୍ରଥମଥର ପାଇଁ ମାର୍ସେଲି ଓପନରେ ବିଜୟୀ ହୋଇଥିଲେ।

୨୦୧୮-୨୦ ମଧ୍ୟରେ ପାଓଲିନି ଫେଡେରେଶନ କପ୍‌ରେ ଇଟାଲୀ ପକ୍ଷରୁ ପ୍ରଥମଥର ଖେଳିଥିଲେ। ବିଭିନ୍ନ ଗ୍ରାଣ୍ଡସ୍ଲାମ ଯୋଗ୍ୟତା ପର୍ଯ୍ୟାୟ ଖେଳୁଥିବା ଜସ୍‌ମିନ ୨୦୨୦ରେ ପ୍ରଥମଥର ଅଷ୍ଟ୍ରେଲିଆନ ଓ ୟୁଏସ୍ ଓପନ ମୁଖ୍ୟ ଡ୍ର'ରେ ସାମିଲ ହୋଇଥିଲେ। ୨୦୨୧ରେ ପାଓଲିନି ଟପ୍ ୧୦୦ ମଧ୍ୟରେ ସାମିଲ ହୋଇଥିବା ବେଳେ ୨୦୨୨ରେ ଟପ୍-୫୦ ମଧ୍ୟରେ ପ୍ରବେଶ କରିଥିଲେ। ୨୦୨୩ରେ ଟପ୍ ୩୦ ମଧ୍ୟରେ ପ୍ରବେଶ କରିବା ସହ ଇଟାଲୀର ଏକ ନମ୍ବର ମହିଳା ଖେଳାଳିର ମାନ୍ୟତା ପାଇଥିଲେ। ତେବେ ୨୦୨୪ ତାଙ୍କ ପାଇଁ ରହିଥିଲା ସଫଳତମ ବର୍ଷ। ୨୦୨୪ରେ ପ୍ରଥମଥର ଏକ ଗ୍ରାଣ୍ଡସ୍ଲାମର ୪ର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ ଚତୁର୍ଥ ରାଉଣ୍ଡରେ ସେ ପ୍ରବେଶ କରିଥିଲେ। ପରେ ଫ୍ରେଞ୍ଚ ଓପନରେ ସଫଳତାର ଶିଖର ଛୁଇଁଥିଲେ। ଉଭୟ ମହିଳା ସିଙ୍ଗଲ୍ସ ଓ ଡବଲ୍ସରେ ସେ ଫାଇନାଲରେ ପ୍ରବେଶ କରିବା ସହ ଇତିହାସ ରଚିଥିଲେ। ୯ ବର୍ଷ ପରେ ପ୍ରଥମ ଇଟାଲୀ ଖେଳାଳି ଭାବେ ସେ ଏକ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ। ଆଗକୁ ପ୍ୟାରିସ୍ ଅଲିମ୍ପିକ୍ସ ଆସୁଥିବା ବେଳେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଭାଗ ନେବେ ଜସ୍‌ମିନ। ପ୍ରଥମ ଥର ଅଲିମ୍ପିକ୍ସ ପରି ଇଭେଣ୍ଟରେ ପଦାର୍ପଣରେ କରୁଥିବା ବେଳେ ପଦକ ଆଶାୟୀ ମଧ୍ୟ ରହିଛନ୍ତି।

## ଅନବିଲିଭେବଲ

କ୍ରମାଗତ ଥାର୍ଡ ୱିନ୍ ସହ ଇଣ୍ଡିଆ
ସୁପର ଆଠରେ ଦେଖ
ଅର୍ଶଦୀପ ଅନବିଲିଭେବଲ ବୋଲିଂରେ
ଭାଙ୍ଗିଲା ୟୁଏସଏ ବେକ
ସୂର୍ଯ୍ୟ ଦୁବେ ପାଇଁ ଥାକ
ଗୁଡ୍ ବ୍ୟାଟିଂ ଦେଲା ଏ ଅପର୍ଚ୍ୟୁନିଟି
ଟିମ୍ ଇଣ୍ଡିଆ ଗୁଡ୍ ଲକ୍।

ଟାର୍ଗେଟ୍ ଥିଲା ଓନ୍ଲି ୧୨୦ ରନ୍
ସମ୍ମୁଖରେ ଯଶପ୍ରୀତ୍
ବାବର ରିଜୱାନ ଇଫତିଖାର ସହ
ଫକର, ଶଦାବ ହତ
କମ୍ପେୟାର କର ମିତ
ପାଣ୍ଡ୍ୟା, ବୁମ୍‌ରାଙ୍କ ଅନବିଲିଭେବଲ
ବୋଲିଂ ୱିନ ଦେଲା ସତ।



ପ୍ରଥମ ଭାରତୀୟ ଭାବେ ୟୁଏଫ୍‌ସିରେ
ଜିତି କଲା ଇତିହାସ
ଭାରତର ପୂଜା ତୋମାର ଦେଶର
ପ୍ରଥମ ମହିଳା କୁଶ
ନିଜେ ହସେ ବାଣ୍ଟେ ହସ
ଅନବିଲିଭେବଲ ସଫଳତା ପାଏ
ଦୃଢ଼ମନା ରଚେ ଯଶ।

-ସୁବାସ ଚନ୍ଦ୍ର ପ୍ରଧାନ





## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜ୍ୟ ମହିଳା ଚେସ୍: ଯଶିତା ଚାମ୍ପିୟନ

**ଭୁବନେଶ୍ୱର, ୧୩।୬ (ତପନ ସ୍ୱାଇଁ)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ସ୍ଥାନୀୟ ପ୍ରଚେଷ୍ଟା (ପ୍ରଫେଶନାଲ ଚେସ୍ ଟ୍ରେନିଂ ଏକାଡେମୀ) ପରିସରରେ ରାଜ୍ୟ ମହିଳା ଚେସ୍ ଚାମ୍ପିୟନଶିପ୍ ଗୁରୁବାର ଶେଷ ହୋଇଛି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଟପ୍ ସିଡ୍ ଯଶିତା ରାଉତ ଚାମ୍ପିୟନ ହୋଇଛନ୍ତି। ଯଶିତା ଓ ସ୍ମାରକୀ ମହାନ୍ତି ୬ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଥିଲେ। ତେବେ ଟାଇବ୍ରେକରରେ ଯଶିତା ପ୍ରଥମ ଓ ସ୍ମାରକୀ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୬ଷ୍ଠ ରାଉଣ୍ଡ ସୁଦ୍ଧା ଟୁର୍ନାମେଣ୍ଟ ଲିଡରଥିବା ପ୍ରତ୍ୟାଶା ଜେନାଙ୍କୁ ୭ମ ରାଉଣ୍ଡରେ ହରାଇ ଯଶିତା ଏହି ସଫଳତା ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରତ୍ୟାଶା, ଜୟଲକ୍ଷ୍ମୀ ସାହୁ, ବିଜୟଲକ୍ଷ୍ମୀ ବାରିକ, ଜ୍ୟୋତିକା ସାହୁ (ସମସ୍ତେ ୫.୫ ପଏଣ୍ଟ ଲେଖାଏ), ଶ୍ରଦ୍ଧା ସ୍ମରଣିକା ନନ୍ଦ, ପି. ସାଇରୂପା, ସୁହାନା ଜେନା ଓ ଈଶାନି ଦାସ (ସମସ୍ତେ ୫ ପଏଣ୍ଟ) ଟପ୍-୧୦ ଫିନିଶ୍ କରିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ୯୧ ମହିଳା ଖେଳାଳି ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ, ଯାହାକି ମହିଳା ଚେସ୍ ଚାମ୍ପିୟନଶିପ୍‌ରେ ଏକ ରେକର୍ଡ।

ଉଦ୍‌ଯାପନୀ ଉତ୍ସବରେ ପ୍ରଚେଷ୍ଟାର ନିର୍ଦ୍ଦେଶକ ତଥା ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ମୁଖ୍ୟ ଅତିଥି, ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ସିଦ୍ଧାର୍ଥ ଶଙ୍କର ସାହୁ ଏବଂ ଅଲିମ୍ପିଆନ ଲାଜରୁସ ବାର୍ଲା ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶୀର୍ଷ ସ୍ଥାନରେ ଥିବା ଯଶିତା, ସ୍ମାରକୀ, ପ୍ରତ୍ୟାଶା ଓ ଜୟଲକ୍ଷ୍ମୀ ଆସନ୍ତା ଜାତୀୟ ଚାମ୍ପିୟନଶିପ୍‌ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଚାମ୍ପିୟନ ଯଶିତା ଓ ତୃତୀୟ ସ୍ଥାନରେ ରହିଥିବା ପ୍ରତ୍ୟାଶା ସମ୍ପ୍ରତି ‘ପ୍ରଚେଷ୍ଟା’ରେ ଟ୍ରେନିଂ ନେଉଛନ୍ତି। ଅନ୍ତର୍ଜାତୀୟ ଆର୍ବିଟର ଭବେଶ ମହାନ୍ତି ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ସୂର୍ଯ୍ୟକାନ୍ତ ବିଷୋୟୀ ଓ ସନ୍ଦୀପ ସାମନ୍ତରାୟ ତାଙ୍କୁ ସହଯୋଗ କରିଥିଲେ।



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ପୁରସ୍କୃତ କ୍ରୀଡ଼ାବିତ୍।

# ବୋପାନ୍ନାଙ୍କ ପାର୍ଟନର ହେବେ ବାଲାଜୀ

**ନୂଆଦିଲ୍ଲୀ, ୧୩।୬ (ପି.ଟି.)**

ପ୍ୟାରିସ ଅଲିମ୍ପିକ୍ସ ପୁରୁଷ ଡବଲ୍ସ ଇଭେଣ୍ଟରେ ରୋହନ ବୋପାନ୍ନାଙ୍କ ପାର୍ଟନର ହୋଇ ଖେଳିବେ ଏନ୍. ଶ୍ରୀରାମ ବାଲାଜୀ। ସର୍ବଭାରତୀୟ ଟେନିସ ଆସୋସିଏଶନ (ଆଇଟା) ତରଫରୁ ଗୁରୁବାର ଏ ବିଷୟ ସ୍ପଷ୍ଟ କରାଯାଇଛି। ଭାରତର ୪୪ ବର୍ଷୀୟ ଭେଟରାନ ଖେଳାଳି ବୋପାନ୍ନା ଏକ ଅଲିମ୍ପିକ ପଦକ ପାଇଁ ଶେଷ ଥର ଚେଷ୍ଟା କରିବେ। ପୂର୍ବତନ ଡେଭିସ କପ୍ ଅଧିନାୟକ ନନ୍ଦନ ବଲଙ୍କ ଅଧ୍ୟକ୍ଷତାରେ ସିଲେକ୍ସନ କମିଟି ପ୍ୟାରିସ ଗେମ୍ସ ପାଇଁ ବୋପାନ୍ନା ଓ ବାଲାଜୀଙ୍କୁ ଭାରତର ଡବଲ୍ସ ଯୋଡ଼ି ଭାବେ ଘୋଷଣା କରିଛି। ୟୁକି ଭାମ୍ବ୍ରୀ ହେଉଛନ୍ତି ଭାରତର ନମ୍ବର ୨ ଡବଲ୍ସ ଯୋଡ଼ି ସେ ମଧ୍ୟ ଦୌଡ଼ରେ ଥିଲେ। ମାତ୍ର ବାଲାଜୀ ଏବେ ଜବରଦସ୍ତ ଫର୍ମରେ ରହିଥିବାରୁ ତାଙ୍କୁ ବୋପାନ୍ନାଙ୍କ ପାର୍ଟନର ଭାବେ ମନୋନୀତ କରାଯାଇଥିଲା।

# ପି.ଟି. ଉଷାଙ୍କୁ ଭେଟିଲେ କ୍ରୀଡ଼ା ମନ୍ତ୍ରୀ


ପି.ଟି. ଉଷାଙ୍କୁ ଭେଟିବା ଅବସରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ।

**ନୂଆଦିଲ୍ଲୀ, ୧୩।୬ (ପି.ଟି.)**

ନବ ନିଯୁକ୍ତ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପି. ଟି. ଉଷାଙ୍କୁ ଭେଟିଛନ୍ତି। ଏହି ଅବସରରେ ସେ ଉଷାଙ୍କଠାରୁ ଭାରତର ଅଲିମ୍ପିକ ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝିଥିଲେ। ମାଣ୍ଡବ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧୀନରେ ନୂଆ ଏନ୍‌ଡିଏ ସରକାରରେ ଜୁନ୍ ୯ ତାରିଖରେ ଅନୁରାଗ ଠାକୁରଙ୍କ ସ୍ଥାନରେ କ୍ରୀଡ଼ା ମନ୍ତ୍ରଣାଳୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏକ ଘଣ୍ଟା ଧରି ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନୂଆ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ଼୍‌ସେ, କ୍ରୀଡ଼ା ସଚିବ ସୁଜାତା ଚତୁର୍ବେଦୀ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ମହାନିର୍ଦ୍ଦେଶକ ସନ୍ଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅଲିମ୍ପିକ୍ସ ପାଇଁ ଖେଳାଳିମାନଙ୍କ ପ୍ରସ୍ତୁତି କ୍ଷେତ୍ରରେ ସରକାରଙ୍କ ତରଫରୁ ଯଥାସମ୍ଭବ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ନୂଆ କ୍ରୀଡ଼ାମନ୍ତ୍ରୀ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଆଇଓଏ ସଭାପତି ଉଷା ସୂଚନା ଦେଇ କହିଥିଲେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଇତିମଧ୍ୟରେ ଭାରତର ୯୭ ଆଥଲେଟ ଯୋଗ୍ୟତା ଅର୍ଜନ କରିସାରିଲେଣି। ପ୍ୟାରିସ ଅଲିମ୍ପିକ୍ସରେ ଦେଶରୁ ୧୧୫ରୁ ୧୨୦ ଆଥଲେଟ ପ୍ରତିନିଧିତ୍ୱ କରିପାରନ୍ତି। ପ୍ୟାରିସ ଅଲିମ୍ପିକ୍ସ ଚଳିତବର୍ଷ ଜୁଲାଇ ୨୬ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

**ଅଲିମ୍ପିକ ପ୍ରସ୍ତୁତି**

# ଓଡ଼ିଶାକୁ ୮ ସ୍ୱର୍ଣ୍ଣ ସହ ୧୯ ପଦକ

**ଭୁବନେଶ୍ୱର, ୧୩।୬ (ତପନ ସ୍ୱାଇଁ)**

**ଖେଲୋ ଇଣ୍ଡିଆ ମହିଳା ଉଶୁ ଲିଗ୍**

କର୍ଣ୍ଣାଟକର ବାଗଲକୋଟରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ଉଶୁ ଲିଗ୍ (ସାଉଥ୍‌ଜୋନ)ରେ ଓଡ଼ିଶା ପ୍ରତିଯୋଗୀମାନେ ୮ ସ୍ୱର୍ଣ୍ଣ ସହ ମୋଟ ୧୯ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୩ ରୌପ୍ୟ ଓ ୮ ବ୍ରୋଞ୍ଜ ପଦକ ସାମିଲ। ଏହା ବ୍ୟତୀତ ସାଣ୍ଡା ଇଭେଣ୍ଟରେ ଦ୍ୱିତୀୟ ରନରଅପ୍ ଟ୍ରଫି ହାସଲ କରିଛି ଓଡ଼ିଶା। ଇତିଶ୍ରୀ ପ୍ରିୟଦର୍ଶିନୀ, ସୁମନ ପାତ୍ର, ସ୍ୱେତାରାଣୀ ମହନ୍ତ, ସବିତା ମୁଣ୍ଡା, ମଞ୍ଜୁ ମୁଣ୍ଡା, ଜ୍ୟୋସ୍ନାରାଣୀ ଜେନା, ଜ୍ୟୋସ୍ନାରାଣୀ ମୁଦୁଲି ଓ କୌସିକା ରାଉତରାୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ନୁପୁର ପଟ୍ଟନାୟକ. ପାୟଲ ପଟ୍ଟନାୟକ, ରାଉଡି ମାରାଣ୍ଡି ରୌପ୍ୟ ପାଇଥିବାବେଳେ ରୀତା ସେଠୀ, ଅନୁସୟା ବାରିକ, ଅନ୍ୱେଷ ପଲାଇ, ମାମାଲି ଜେନା, ଦିବ୍ୟକାନ୍ତି ଓରାମ, ପି. ପଦ୍ମା, ଅର୍ପିତା ପ୍ରଧାନ ଓ ଲକ୍ଷ୍ମୀ ମୁଣ୍ଡା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜଜ୍ ଏବଂ ଅନୁରାଧା ଦୋରା, ସୁସ୍ମିତ କୁମାର ପଣ୍ଡା ଓ ଈଶ୍ୱର ଚନ୍ଦ୍ର ମହନ୍ତ ଜଜ୍ ଦାୟିତ୍ୱ ନିର୍ବାହ କରିଥିଲେ। ସାଣ୍ଡାରେ କେରଳ ଚାମ୍ପିୟନ ହୋଇଥିବାବେଳେ ତାମିଲନାଡୁ ଓ ଓଡ଼ିଶା ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି। ସେହିପରି ତାଉଲୁରେ ତାମିଲନାଡୁ, କେରଳ ଓ କର୍ଣ୍ଣାଟକ ପ୍ରଥମ ୩ ସ୍ଥାନରେ ରହିଛନ୍ତି। ତାମିଲନାଡୁ ଓଭରଅଲ୍ ଚାମ୍ପିୟନ ହୋଇଛି।

# ଭାରତୀୟ ଦଳରେ କିଟ୍ ଛାତ୍ରୀ କ୍ରିତି

**ଭୁବନେଶ୍ୱର, ୧୩।୬ (ତପନ ସ୍ୱାଇଁ)**

**୧୮ ବର୍ଷରୁ କମ୍ ମହିଳା ଭଲିବଲ**

ଏସିଆନ ଭଲିବଲ କନ୍‌ଫେଡେରେଶନ (ଏଭିସି) ଆନୁକୂଲ୍ୟରେ ୧୮ ବର୍ଷରୁ କମ୍ ଏସିଆନ ମହିଳା ଭଲିବଲ ଚାମ୍ପିୟନଶିପ୍ ଚଳିତ ମାସ ୧୬ରୁ ୨୩ ପର୍ଯ୍ୟନ୍ତ ଥାଇଲାଣ୍ଡର ନାଖୋଁ ପାଥୋମରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ କ୍ରିତି ତିୱାରୀ। ମେ’ ୨୮ରୁ ଜୁନ୍ ୧୨ ପର୍ଯ୍ୟନ୍ତ ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ସାଉଥ୍ ସେଣ୍ଟରରେ ଅନୁଷ୍ଠିତ ଭାରତୀୟ ଦଳର କୋଚିଂ କ୍ୟାମ୍ପରେ ସେ ଯୋଗ ଦେଇଥିଲେ। ସେ ସ୍ପୋର୍ଟ୍ସ କୋଟାରେ କିଟ୍ ବିଶ୍ୱବିଦ୍ୟାଳୟରେ (ସମାଜ ବିଜ୍ଞାନ ବିଏ ପ୍ରଥମ ବର୍ଷ) ଅଧ୍ୟୟନ କରୁଛନ୍ତି। ପୂର୍ବରୁ ୨୦୨୩-୨୪ରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଚାମ୍ପିୟନଶିପ୍‌ରେ କିସ୍ ବିଶ୍ୱବିଦ୍ୟାଳୟକୁ ବ୍ରୋଞ୍ଜ ପଦକ ଜିତାଇବାରେ କ୍ରିତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।


କ୍ରିତି ତିୱାରୀ

ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ କ୍ରିତିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।

# ଦିବ୍ୟାଙ୍କୁ ବିଶ୍ୱ ଜୁନିୟର ଚେସ୍ ଟାଇଟଲ

**ଗାନ୍ଧୀନଗର, ୧୩।୬ (ପି.ଟି.)**


ବୁଲ୍‌ଗାରିଆର ବେଲେସ୍ଲାଭା କ୍ରାଷ୍ଟେଭାଙ୍କୁ ପରାସ୍ତ କରି ଭାରତର ଦିବ୍ୟା ଦେଶମୁଖ ବିଶ୍ୱ ଜୁନିୟର ବାଳିକା ଚେସ୍ ଚାମ୍ପିୟନଶିପ୍ ଟାଇଟଲ ଜିତିଛନ୍ତି। ଏହି ବିଜୟ ଦ୍ୱାରା ଇଣ୍ଟରନ୍ୟାଶନାଲ ମାଷ୍ଟର ଦିବ୍ୟା ସମ୍ଭାବ୍ୟ ୧୧ରୁ ୧୦ ପଏଣ୍ଟ ଅର୍ଜନ କରିପାରିଥିଲେ। ଗିଫ୍ଟ ସିଟିରେ ସେ ଆର୍ମେନିଆର ମାରିଅମ୍ ମିକିର୍ତଚ୍ୟାନ୍‌ଙ୍କଠାରୁ ଅଧା ପଏଣ୍ଟ ଆଗରେ ରହିଥିଲେ। ପ୍ରତିଯୋଗିତାର ଏକ ଏକତରଫା ମୁକାବିଲାରେ ରକ୍ଷିତା ରବିଙ୍କ ପଦକ ଆଶାକୁ ମିକିର୍ତଚ୍ୟାନ୍ ଧୂଳିସାତ କରିଦେଇଥିଲେ। ଆଜରେବୈଜାନର ଆୟାନ ଆଲ୍ଲାହ ଭର୍ଦ୍ଦିୟେଭା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେ ରୁଷିଆର ନର୍ମାନ କିସେନ୍ୟାଙ୍କୁ ହରାଇ ତାଙ୍କ ପଏଣ୍ଟ ସଂଖ୍ୟାକୁ ୮.୫ରେ ପହଞ୍ଚାଇଥିଲେ। ଓପନ ବିଭାଗରେ କାଜାଖସ୍ତାନର ନୋଗରବେକ୍ କାଜିବେକ୍ ପୂର୍ବଦିନ ଏକକ ଅଗ୍ରଣୀ ଲାଭ କରିଥିବା ଆର୍ମେନିଆର ମାମିକନ ଘରବାୟାନଙ୍କୁ ପରାସ୍ତ କରି ଟାବ୍ରେକ୍‌ରେ ଆର୍ମେନିଆର ଏମିନ୍ ଓହାନିଆନଙ୍କ ଆଗରେ ଟାଇଟଲ ବିଜୟୀ ହୋଇଥିଲେ। ଡାନିଏଲ କ୍ୱିଜନଙ୍କ ବିପକ୍ଷରେ ଭଲ ଖେଳି ମଧ୍ୟ ଓହାନିଆନ ଟାଇବ୍ରେକ୍ ପଏଣ୍ଟ ହାସଲ କରିବାରେ ସମର୍ଥ ହୋଇ ପାରି ନ ଥିଲେ। ଉଭୟେ ୮.୫ ପଏଣ୍ଟ ଅର୍ଜନ କରିଥିଲେ। ଓହାନିଆନଙ୍କୁ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ସର୍ବିୟାର ଲ୍ୟୁକ୍ ବୁଡିସାଭଲଜେଭିଚ୍ (୮ପଏଣ୍ଟ) ଟାଇ ବ୍ରେକ୍ ପଏଣ୍ଟ ସହ ଜର୍ମାନୀର ତୋବାଇସ କୋଏଲଙ୍କ ଆଗରେ ତୃତୀୟ ହୋଇଥିଲେ। ଭାରତୀୟଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଗ୍ରାଣ୍ଡମାଷ୍ଟର ପ୍ରଣବ ଆନନ୍ଦ ଆର୍ମେନିଆର ଆର୍ସେନ ଦାଭତିୟାନଙ୍କ ବିପକ୍ଷରେ ବିଜୟ ହାସଲ କରି ୭.୫ ପଏଣ୍ଟ ସହ ୧୦ମ ସ୍ଥାନ ଅଧିକାର କରିଥିଲେ। ଅନ୍ୟ ଜଣେ ଆଦିତ୍ୟ ସାମନ୍ତ ୧୧ଶ ସ୍ଥାନ ଅଧିକାର କରିଥିବା ବେଳେ ଅଞ୍ଜୁ ଶାସ୍ତ୍ରୀ ଦ୍ୱାଶଦ ସ୍ଥାନରେ ରହିଥିଲେ। କିନ୍ତୁ ଏହି ଦିନଟି ନାଗପୁର ବାସିନ୍ଦା ୧୮ ବର୍ଷୀୟା ଦିବ୍ୟାଙ୍କ ନାମରେ ରହିଥିଲା।

# ପ୍ରଣୟ, ସମୀର ବର୍ମା କ୍ୱାର୍ଟରଫାଇନାଲରେ

**ସିଡ୍‌ନୀ, ୧୩।୬ (ପି.ଟି.)**


ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ୍.ଏସ୍. ପ୍ରଣୟ ଓ ସମୀର ବର୍ମା ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବତନ ବିଶ୍ୱର ନମ୍ବର ୱାନ ୫ମ ସିଡ୍ ପ୍ରଣୟ ଇସ୍ରାଏଲର ମିଶା ଜିଲ୍‌ବରମାନଙ୍କୁ ୨୧-୧୭, ୨୧-୧୫ରେ ହରାଇଥିଲେ। ବର୍ମା ସିଙ୍ଗାପୁରର ଲୋ କିନ୍ ୟୁଙ୍କୁ ୨୧-୧୪, ୧୪-୨୧, ୨୧-୧୯ରେ ପରାସ୍ତ କରିଥିଲେ। ପ୍ରଣୟ ପରବର୍ତ୍ତୀ ରାଉଣ୍ଡରେ ଦ୍ୱିତୀୟ ସିଡ୍ ଜାପାନର କୋଡାଇ ନାରୋଏକାଙ୍କୁ ଭେଟିବାକୁ ଥିବା ବେଳେ ବର୍ମା ଶୁକ୍ରବାର ଚାଇନିଜ ତାଇପେର ଚୁନ୍-ୟି ଲିନଙ୍କ ସହ ମୁକାବିଲା କରିବେ। ତେବେ କିରଣ ଜର୍ଜ ୭ମ ସିଡ୍ ଜାପାନର କେଣ୍ଟା ନିଶିମୋତୋଙ୍କଠାରୁ ୨୦-୨୨, ୬-୨୧ରେ ହାରିଯାଇଛନ୍ତି। ଭାରତର ମହିଳା ଶଟଲରଙ୍କ ମଧ୍ୟରେ ୮ମ ସିଡ୍ ଆକର୍ଷୀ କାଶ୍ୟପ ୨୧-୧୬, ୨୧-୧୩ରେ ଅଷ୍ଟ୍ରେଲିଆର କାଇ କ୍ୱି ବର୍ନିସ ଟେଓଙ୍କୁ ୨୧-୧୬, ୨୧-୧୩ରେ ପରାସ୍ତ କରି କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। କିନ୍ତୁ ଅନୁପମା ଉପାଧ୍ୟାୟ ପରାଜିତ ହୋଇଛନ୍ତି।


# Classified Everyday
0674-2580101, 2549949


AUTOMOBILE

**SALE**

14 years, already renewal registration, Wagnor in good running condition for Sale. Contact. 9437015037. D-61963


REAL ESTATE

**SALE**

**Plot for sale near Trisulia, CISF Campus CDA, RERA Approved. (RP/07/2023/01069), (www.rera.odisha.gov.in). Contact- 7008513309.** D-472

Duplex project at Retang Medical, Station, C.V. Raman, Tamando, Bhubaneswar. 7008459987. D-75957

**Duplex sale at Bhubaneswar @ 57,00,000/-. Only contact- 9777433701, 9090545126.** D-75964

**ଭୁବନେଶ୍ୱର ନଖରା, Synergy College ନିକଟବର୍ତ୍ତୀ 30 feet road ଥାଇ Boundarywall, Electricity ଥାଇ plot ମିଳୁଅଛି। 6370354458, 8018242542.** D-503

**Developed Gharabari, Electric, Boundary ପ୍ଲଟ୍ ବାଳକାଟି ଏବଂ ଗୁଡ଼ିଆପୋଖରୀରେ କିଣନ୍ତୁ। 7008492511.** D-484


FOR RENT

Two Shoproom (10’x10’) near Bijupatnaik College main road Jayadev Vihar, Bhubaneswar. Contact- 9938511622. D-499

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

Monalisa massage Club: All types body massage with hiprofile smart lady rooms service available. 9708545108. D-481

**Relax, Refresh your body, mind at Saikrupa Spa with best therapies. 8984068077.** D-416

Newly open Jyoti SPA positively health benefits (Expert therapist). 8458067955. D-76125

Newly open health benefits SPA special offer @ 999 Bapujinagar. 8018429809. D-76126

Fully relaxed body massage trained therapist. Central SPA. 9556483961. D-75752

**Full body massage experience, good looking therapist @999 (Bhubaneswar). 9078484455.** D-426

**AFFIDAVIT**

By virtue of an affidavit before the Executive Magistrate, Talcher. I, Jayakrishna Sahoo do hereby declare that the correct name of my father is Palau Sahoo which has been recorded in my Aadhaar Card, Education Certificate, DL, Bank Passbook, but in my PAN Card my father name has been recorded as Saranga Sahu. I want to change my name & Date of Birth from Jayakrushna Sahu (05.05.1969) to Jayakrishna Sahoo (25.05.1967) and changed my father name from Saranga Sahu to Palau Sahoo. Henceforth, I shall be known as Jayakrishna Sahoo, S/o. Palau Sahoo for all future purposes. D-497

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

I, SHAIKH ZAHARUL HOSSAIN, S/o- SHAIKH SAJJAD HOSSAIN resident of MAHESWARPUR, P.O.- BRAHMA BARADA, DIST.- JAJPUR, PIN-755005, ODISHA declare by this affidavit SL No.- 1770 dated 10.06.2024 that now onwards I shall be known as SHAIKH ZAHURUL HOSSAIN for all future purposes. D-500

**ମନେ ପଡ଼ନ୍ତି**

**ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ କାଳନ୍ଦୀ ଚନ୍ଦ୍ର ଦାସ**

ଆବିର୍ଭାବ: ୦୧।୧୦।୧୯୫୭
ତିରୋଧାନ: ୦୪।୦୬।୨୦୨୪

ଆଜି ଆପଣଙ୍କ ମୃତ୍ୟୁବାସର ଏକାଦଶ ଦିନରେ ଆପଣଙ୍କର ସମର୍ପଣମୂଳକ ଜୀବନକୁ ସ୍ମରଣ କରୁଅଛୁ। ଆପଣଙ୍କର ସେହି ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

**ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।**

ଧ-୪୯୮

# ୱିମ୍ବଲଡନ ପୁରସ୍କାର ରାଶି ବୃଦ୍ଧି

**ଲଣ୍ଡନ,୧୩।୬(ଏପି):** ୱିମ୍ବଲଡନ ପୁରସ୍କାର ରାଶିର ପରିମାଣ ରେକର୍ଡ ୫୦ ନିୟୁତ ପାଉଣ୍ଡ(ପ୍ରାୟ ୬୪ ନିୟୁତ ଡଲାର)କୁ ବୃଦ୍ଧି କରାଯାଇଛି। ପ୍ରତ୍ୟେକ ପୁରୁଷ ଓ ମହିଳା ସିଙ୍ଗଲ୍ସ ଚାମ୍ପିୟନ ୨.୭ ନିୟୁତ ପାଉଣ୍ଡ (୩.୪୫ ନିୟୁତ ଡଲାର) ଲେଖାଏ ପାଇବେ। ଅଲ୍ ଇଂଲଣ୍ଡ କ୍ଲବ ଅଫିସିଆଲଙ୍କ ପକ୍ଷରୁ ଗୁରୁବାର ଏ ବିଷୟ ଘୋଷଣା କରାଯାଇଛି। ଗତବର୍ଷ ପୁରସ୍କାର ରାଶିଠାରୁ ୫.୩ ନିୟୁତ ପାଉଣ୍ଡ (୬.୮ ଡଲାର) ଅର୍ଥାତ୍ ୧୧.୯% ପ୍ରତିଶତ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ୧୦ ବର୍ଷ ପୂର୍ବେ ଏହି ଗ୍ରାସ୍ କୋର୍ଟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ପ୍ରତିଯୋଗୀମାନଙ୍କ ଲାଗି ଯେତିକି ପରିମାଣରେ ପୁରସ୍କାର ରାଶି ବ୍ୟବସ୍ଥା ଥିଲା ଏହା ଦ୍ୱିଗୁଣିତ ହୋଇଛି। ଅର୍ଥାତ୍ ଏ ବାବଦରେ ୨୫ ନିୟୁତ ପାଉଣ୍ଡ (୩୨ ନିୟୁତ ଡଲାର) ବ୍ୟବସ୍ଥା କରାଯାଇଛି। ଅଲ୍ ଇଂଲଣ୍ଡ କ୍ଲବର ନୂଆ ଚେୟାରମ୍ୟାନ ଦେବୋରା ଜିଭାନ୍ସ କହିଛନ୍ତି ଚଳିତ ବର୍ଷ ଟିକେଟର ଚାହିଦା ଯେତେ ରହିଛି ତାହା ଟୁର୍ନାମେଣ୍ଟ ଇତିହାସରେ କେବେ ଦେଖିବାକୁ ମିଳି ନ ଥିଲା। ଏଥର ୨୦୨୪ରେ ବିଜେତାଙ୍କ ପୁରସ୍କାର ରାଶି ୩,୫୦,୦୦୦ ପାଉଣ୍ଡ(୪,୫୦,୦୦୦ ଡଲାର) କରାଯାଇଛି। ଅର୍ଥାତ୍ ୧୪.୯% ବୃଦ୍ଧି କରାଯାଇଛି। ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ପରାଜିତ ପ୍ରତ୍ୟେକ ଖେଳାଳି ୬୦,୦୦୦ ପାଉଣ୍ଡ (ପ୍ରାୟ ୭୬,୦୦୦ ଡଲାର) ଲେଖାଏ ପାଇବେ। ୨୦୨୩ରେ ଏହାର ପରିମାଣ ୫୫,୦୦୦ (୭୦,୦୦୦ ଡଲାର) ରହିଥିଲା। କ୍ୱାଲିଫାଇଂ ଇଭେଣ୍ଟ ଲାଗି ପୁରସ୍କାର ରାଶି ୧୪.୯% ବୃଦ୍ଧି କରାଯାଇଛି। ଏହାର ପରିମାଣ ୪.୮ନିୟୁତ ପାଉଣ୍ଡ (ପ୍ରାୟ ୬ ନିୟତ ଡଲାର) ବ୍ୟବସ୍ଥା କରାଯାଇଛି।

# ସୁପର-୮ରେ ୱେଷ୍ଟଇଣ୍ଡିଜ

**ତ୍ରିନିଦାଦ,୧୩।୬(ପି.ଟି.)**

ଶେର୍ଫାନ୍ ରଦରଫୋର୍ଡଙ୍କ ବିସ୍ଫୋରକ ବ୍ୟାଟିଂ ଓ ଅଲଜାରି ଯୋଶେଫଙ୍କ ଘାତକ ବୋଲିଂ ବଳରେ ନ୍ୟୁଜିଲାଣ୍ଡକୁ ୧୩ ରନ୍‌ରେ ହରାଇ ଟି୨୦ ବିଶ୍ୱକପର ସୁପର-୮ରେ ପ୍ରବେଶ କରିଛି ୱେଷ୍ଟଇଣ୍ଡିଜ୍। ସହ ଆୟୋଜକ ୱେଷ୍ଟଇଣ୍ଡିଜ୍ ୩ ମ୍ୟାଚ୍‌ରୁ କ୍ରମାଗତ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ଲଗାତର ପରାଜୟ ବରଣ କରିଥିବା ନ୍ୟୁଜିଲାଣ୍ଡ ବିଦାୟ ଦ୍ୱାରରେ ପହଞ୍ଚିଛି। ୨୦ ଓଭରରେ ୱେଷ୍ଟଇଣ୍ଡିଜ୍ ୯ ଉଇକେଟ ହରାଇ ୧୪୯ ଏବଂ ନ୍ୟୁଜିଲାଣ୍ଡ ୯ ଉଇକେଟରେ ୧୩୬ ରନ୍ କରିଥିଲା।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ୍ ୩୦ ରନ୍‌ରେ ଦଳ ୫ ଉଇକେଟ ହରାଇ ସଂଘର୍ଷ କରୁଥିଲା। ଟ୍ରେଣ୍ଟ ବୋଲ୍ଟ, ଟିମ୍ ସାଉଦି ଓ ଲୋକି ଫର୍ଗୁସନ ଘାତକ ବୋଲିଂ କରିଥିଲେ। ତେବେ ଶେର୍ଫାନ୍ ରଦରଫୋର୍ଡ ଚମତ୍କାର ବ୍ୟାଟିଂ କରି ୬୮ ରନରେ ଅପରାଜିତ ରହିବାସହ ଦଳର ସ୍କୋରକୁ ୧୪୯ରେ ପହଞ୍ଚାଇ ଥିଲେ। ଶେଷ ଯାଏ ଅପରାଜିତ ଥିବା ରଦରଫୋର୍ଡ ୩୯ ବଲ୍ ଖେଳି ୨ ଚୌକା ଓ ୬ ଛକା ସହ ୬୮ ରନ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ସର୍ବାଧିକ ୩ଟି, ଟିମ୍ ସାଉଦି, ଲୋକି ଫର୍ଗୁସନ୍ ୨ଟି ଲେଖାଏ ଓ ଜିମି ନିଶାମ ଓ ମିଚେଲ୍ ସାଣ୍ଟନର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୫୦ ରନ୍ ବିଜୟ ଲକ୍ଷ୍ୟର ପିଛା କରୁଥିବା ନ୍ୟୁଜିଲାଣ୍ଡ ମଧ୍ୟ ୩୯ ରନ୍‌ରେ ୩ ଓ ୬୩ ରନ୍‌ରେ ୫ ଉଇକେଟ ହରାଇ ଦଳ ସଙ୍କଟରେ ପଡିଥିଲା। ଉଇକେଟକିପର ଗ୍ଲେନ୍ ଫିଲିପ୍ସ ୪୦ ରନ୍ କରିଥିଲେ ମଧ୍ୟ ଏହା ଯଥେଷ୍ଟ ନ ଥିଲା। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଅଲଜାରି ଯୋଶେଫ୍ ୪ ଓ ଗୁଡାକେଶ ମୋତି ୩ ଉଇକେଟ ନେଇଥିଲେ। ଅକିଲ ହୋସେନ ଓ ଆନ୍ଦ୍ରେ ରସେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ରଦରଫୋର୍ଡଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।



ପ୍ଲେୟର ଅଫ୍ ଦି ମ୍ୟାଚ ଶେର୍ଫାନ୍ ରଦରଫୋର୍ଡ।

**ଟି୨୦ ବିଶ୍ୱକପ**

(ଆଜିର ମ୍ୟାଚ)

**ଆଫଗାନିସ୍ତାନ ବନାମ ପିଏନ୍‌ଜି**

ସ୍ଥାନ: ତ୍ରିନିଦାଦ

ସମୟ: ସକାଳ ୬ଟା

**ଆମେରିକା ବନାମ ଆୟର୍ଲାଣ୍ଡ**

ସ୍ଥାନ: ଫ୍ଲୋରିଡ଼ା

ସମୟ: ରାତି ୮ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୪୯/୯ (ଶେର୍ଫାନ୍ ରଦରଫୋର୍ଡ-୬୮*, ନିକୋଲସ ପୁରନ-୧୭, ଅକିଲ ହୋସେନ୍-୧୫, ଟ୍ରେଣ୍ଟ ବୋଲ୍ଟ-୩/୧୬, ଟିମ୍ ସାଉଦି-୨/୨୧, ଲୋକି ଫର୍ଗୁସନ୍-୨/୨୭)। ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୩୬/୯ (ଗ୍ଲେନ୍ ଫିଲିପ୍ସ-୪୦, ଫିନ୍ ଆଲେନ୍-୨୬, ମିଚେଲ ସାଣ୍ଟନର-୨୧*, ଅଲଜାରି ଯୋଶେଫ-୪/୧୯, ଗୁଡାକେଶ ମୋତି-୩/୨୫, ଅକିଲ ହୋସେନ-୧/୨୧)।

# ୱିମ୍ବଲଡନ ଖେଳିବେନି ନାଡାଲ

**ଲଣ୍ଡନ, ୧୩।୬ (ପି.ଟି.)**

ରାଫାଲ ନାଡାଲ ୱିମ୍ବଲଡନରୁ ଓହରିଯିବେ। ଏହା ତାଙ୍କଠାରୁ ଆଶା କରାଯାଉଥିଲା ମଧ୍ୟ। ସେ ଚଳିତବର୍ଷ ପ୍ୟାରିସ ଅଲିମ୍ପିକ୍ସକୁ ଅଗ୍ରାଧିକାର ଦେବାକୁ ସ୍ଥିର କରିଛନ୍ତି। ଏହା ପୂର୍ବରୁ ପ୍ରସ୍ତୁତିର ଅଂଶବିଶେଷ ସେ ସୁଇଡେନର ବସ୍‌ଷ୍ଟାଡ୍‌ରେ ଏକ କ୍ଲେ କୋର୍ଟ ଟୁର୍ନାମେଣ୍ଟ ଖେଳିବେ। ୨୨ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଗୁରୁବାର କହିଛନ୍ତି ଯେ, ସେ କେବଳ କ୍ଲେକୋର୍ଟରେ ସୀମିତ ରହିବାକୁ ଚାହୁଁଛନ୍ତି। ଅଲ୍ ଇଂଲଣ୍ଡ କ୍ଲବରେ ଖେଳିବାକୁ ହେଲେ ତାଙ୍କୁ ଗ୍ରାସ୍‌କୋର୍ଟରେ ଅଭ୍ୟାସ କରିବାକୁ ହୋଇଥାନ୍ତା ଏବଂ ପରେ କ୍ଲେକୁ ଫେରିବାକୁ ପଡ଼ିଥାନ୍ତା। ତାଙ୍କ ଶରୀର ପାଇଁ ଶ୍ରେଷ୍ଠ ହେଉଛି ସର୍ଫେସ ପରିବର୍ତ୍ତନ ନ କରିବା। ଅଲିମ୍ପିକ୍ସର ଟେନିସ ପ୍ରତିଯୋଗିତା ଜୁଲାଇ ୨୭ରୁ ରୋଲାଣ୍ଡ ଗାରୋସଠାରେ ଆରମ୍ଭ ହେବ, ଯେଉଁଠାରେ କି ଫ୍ରେଞ୍ଚ ଓପନ ଖେଳାଯାଇଥାଏ। ନାଡାଲ ସେଠାରେ ରେକର୍ଡ ୧୪ଥର ଟାଇଟଲ ବିଜୟୀ ହୋଇପାରିଛନ୍ତି। ସେ ଅଲିମ୍ପିକ୍ସରେ ସିଙ୍ଗଲ୍ସ ବ୍ୟତୀତ କାର୍ଲୋସ ଅଲକାରାଜଙ୍କୁ ସାଥୀ କରି ଡବଲ୍ସ ଖେଳିବେ।














Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ##Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22). ^^Based on offers from empaneled dealers on Wheels of Trust platform. Available at select dealerships. For more details please visit your nearest authorised Hero outlet. ^^^Finance scheme is at the sole discretion of the financer. *The offer is valid on select scooter models in select cities only, till stocks last, and is subject to change without any prior notice. **Ex-showroom price of Pleasure LX variant in Bhubaneswar. T&Cs. Terms and Conditions apply.

Exchange Powered By Wheels of Trust^^ SCAN FOR BEST RESALE VALUE

**Authorised Dealers: Bhubaneswar: Rohan Hero,** Ph: 9289922474, **Bharat Hero,** Ph: 9289922180, **DD Hero,** Ph: 0674-2747448 / 9439650824, **Arundhati Hero,** Ph: 9289923183, **Cuttack: JMG Hero,** Ph: 9289922178, **Sunny Hero,** Ph: 9289922697, **Essen Hero,** Ph: 9289923078, **Angul: Parbati Hero,** Ph: 9289922902, **Balasore: Neelam Hero,** Ph: 9289922519, **Baripada: Aditya Hero,** Ph: 7799766370, **Bhadrak: Sanjib Hero,** Ph: 9289922608, **Chandikhol: S. K. Hero,** Ph: 9289922900, **Jajpur Road: Soumik Hero,** Ph: 9289922611, **Jaleswar: Sai Hero,** Ph: 9289922844, **Jatni: Vishal Hero,** Ph: 9289922984, **Keonjhar: Supreme Hero,** Ph: 9289922182, **Nayagarh: Bhagabati Hero,** Ph: 9289922687, **Puri: Sanjib Hero,** Ph: 9289923107, **Behrampur: Lakshmi Motors, Dharma Nagar,** Ph: 9289923187, **Lakshmi Automotives, Gajapati Nagar,** Ph: 9289922184, **Jeypore: Supreme Hero,** Ph: 9289922183, **Phulbani: Narayani Hero,** Ph: 9289922991, **Raygada: Ajit Hero,** Ph: 9289922819, **Bargarh: Aakash Hero,** Ph: 9289922181, **Bhawanipatna: Arundhati Hero,** Ph: 9289922837, **Bolangir: Arundhati Hero,** Ph: 9289923033, **Jharsuguda: Vijaylaxmi Hero,** Ph: 9289922595, **Rourkela: Dua Hero,** Ph: 9289922179, **Sambalpur: Sri Shyam Hero,** Ph: 9289922484, **Sonepur: Jai Jawan Hero,** Ph: 9289922800, **Sundergarh: Robotech Hero,** Ph: 9289923063, **Dhenkanal: Som Hero,** Ph: 9289922614, **Talcher: Tarini Hero,** Ph: 9289922736, **Authorized HeroSure Dealers: Bhubaneshwar: Arundhati Motobikes,** Ph: 7682841658, **Rourkela: Dua Motors,** Ph: 6372753989, **Jeypore: Supreme Sales,** Ph: 8144822656.


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ